# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୦/୨୦୨୪ (୨୦ ପୃଷ୍ଠା) Bhubaneswar, Tuesday, February 20/2024 Page 20 ₹ 7.00

୫୦ଶ ଭାଗ ୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 88 ମୂଲ୍ୟ₹୭/-



ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

DSPL - 674



# ପଟ୍ଟା ପ୍ରଦାନ ସମାରୋହ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

ଦ୍ୱାରା

## ଶୁଭାରମ୍ଭ

୨୦ ଫେବୃଆରୀ ୨୦୨୪

**"ରାଜ୍ୟରେ ସିକିମ୍ ସ୍ୱତ୍ୱ ଭାବେ ରେକର୍ଡ ହୋଇଥିବା ଜମିର ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସ୍ୱତ୍ୱର ପଟ୍ଟା ପ୍ରଦାନ ଏକ ଲୋକାଭିମୁଖୀ ପଦକ୍ଷେପ ।"**

- ସିକିମ୍ ସ୍ୱତ୍ୱଧାରୀ ଚାଷୀମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ ପାଇଁ ଓଡ଼ିଶା ଭୂସଂସ୍କାର ଆଇନ୍, ୧୯୬୦ର ଆବଶ୍ୟକୀୟ ସଂଶୋଧନ କରାଯାଇଛି ।
- ଏହା ଦ୍ୱାରା ରାଜ୍ୟରେ ୨.୫୪ ଲକ୍ଷ ସିକିମ୍ ସ୍ୱତ୍ୱାଧିକାରୀ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯିବ ।
- ସିକିମ୍ ଚାଷୀମାନେ ତାଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ ଓ ହସ୍ତାନ୍ତର ଯୋଗ୍ୟ ଅଧିକାର ପାଇବେ ।

**ଆଇନ୍‌ର ହେଲା ସଂଶୋଧନ**
**ସିକିମ୍ ସ୍ୱତ୍ୱଧାରୀଙ୍କୁ ପଟ୍ଟା ବଣ୍ଟନ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

OIPR-24001/13/0115/2324

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୦/୨୦୨୪ Bhubaneswar, Tuesday, February 20/2024



5T | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

DSPL - 677





ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

ଦ୍ୱାରା

ବରଗଡ଼ ଜିଲ୍ଲାରେ

୧୬୭୭ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ

୧୦୬ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ୧୦୦ ଶଯ୍ୟାବିଶିଷ୍ଟ କର୍କଟ ରୋଗ ଚିକିତ୍ସା କେନ୍ଦ୍ର

୨୨ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟରେ ନୃସିଂହନାଥ ପୀଠର ବିକାଶ ଓ ରୂପାନ୍ତରଣ

୩୪୨ କୋଟି ୬୯ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟରେ ୫୯ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ

୨୬୩ କୋଟି ୩୩ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟରେ ୨୧ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

୨୦ ଫେବୃଆରୀ ୨୦୨୪ ॥ କନାପାଲି, ବିଜେପୁର





ଜିଲ୍ଲା ପ୍ରଶାସନ, ବରଗଡ଼ ॥ ସୂଚନା ଓ ଲୋକ ସମ୍ପର୍କ ବିଭାଗ

OIPR-24042/13/0001/2324

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୦/୨୦୨୪ Bhubaneswar, Tuesday, February 20/2024

**ଶୀତକାଳୀନ କ୍ରୀଡ଼ାରେ ଭାଗନେବେ ରଞ୍ଜିତା**
ଜମ୍ମୁ-କଶ୍ମୀରର ଗୁଲମାର୍ଗରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାରେ ଭାଗନେବେ ଓଡ଼ିଶାର 'ସ୍ନୋ ଗର୍ଲ' ରଞ୍ଜିତା ବେହେରା।
୧୩

୦୮
**ରିତେଶ୍‌ଙ୍କ ଆଗାମୀ ପ୍ରୋଜେକ୍ଟ 'ରାଜା ଶିବାଜୀ'**
ଛତ୍ରପତି ଶିବାଜୀ ମହାରାଜାଙ୍କ ଜୀବନୀ ଉପରେ ଆଧାରିତ ରହିଛି 'ରାଜା ଶିବାଜୀ' ଚଳଚ୍ଚିତ୍ର। ରିତେଶ୍ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି।

# କେନ୍ଦ୍ରର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ

## ସି୨+୫୦% ସୂତ୍ରରେ ଏମ୍ଏସ୍‌ପି ଲାଗୁ କରିବାକୁ ଏସ୍‌କେଏମ୍‌ର ଦାବି

ନୂଆଦିଲ୍ଲୀ,୧୯।୨(ପି.ଟି.)



ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ରେ ଚାଷୀଙ୍କଠାରୁ ସରକାର ଡାଲି, ମକା ଏବଂ ତୁଳା କିଣିବେ ବୋଲି କେନ୍ଦ୍ର ଦେଇଥିବା ପ୍ରସ୍ତାବକୁ କୃଷକ ୟୁନିୟନଗୁଡ଼ିକର ସର୍ବୋଚ୍ଚ ସଂଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପ୍ରତ୍ୟାଖ୍ୟାନ କରିଦେଇଛି। ସରକାରଙ୍କ ପ୍ରସ୍ତାବରେ ସ୍ୱଷ୍ଟତା ନାହିଁ। ଏହା ଚାଷୀମାନଙ୍କ ସ୍ୱାର୍ଥ ବିରୋଧୀ। ମୁଖ୍ୟ ଦାବିଗୁଡ଼ିକରୁ ଦୃଷ୍ଟି ହଟାଇବା ପାଇଁ ସରକାର ଏଭଳି ପ୍ରସ୍ତାବ ଦେଇଥିବା କହି ଏସ୍‌କେଏମ୍ ଏହାର ସମାଲୋଚନା କରିଛି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଉପରୋକ୍ତ ଫସଲ ସମେତ ମୋଟ ୨୩ଟି ଫସଲ କ୍ରୟ ଉପରେ ଏମ୍ଏସ୍‌ପିରେ ଆଇନଗତ ଗ୍ୟାରେଣ୍ଟି ଦିଆଯିବାକୁ କୃଷକ ସଂଗଠନ କହିଛି। ବର୍ତ୍ତମାନର ପ୍ରଚଳିତ ଏ୨+ଏଫ୍ଏଲ୍+୫୦% ସୂତ୍ର ପରିବର୍ତ୍ତେ ସ୍ୱାମୀନାଥନ କମିଶନଙ୍କ ସୂତ୍ର ସି୨+୫୦% ଏମ୍ଏସ୍‌ପି ଲାଗୁ କରାଯିବା ଉପରେ କୃଷକ ସଂଗଠନ ଜୋର୍ ଦେଇଛି। ଏ୨+ଏଫ୍ଏଲ୍+୫୦% ସୂତ୍ର ହେଲା କୃଷକ ଚାଷକାର୍ଯ୍ୟରେ ଖର୍ଚ୍ଚ କରିଥିବା ମୋଟ ଅର୍ଥ, ନିଜ ପରିବାରର ଶ୍ରମ ସହିତ ଅଧିକ ୫୦ ପ୍ରତିଶତ ମିଶାଇ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିବା। ସେହିପରି ସି୨+୫୦% ସୂତ୍ର ହେଉଛି କୃଷିରେ ବ୍ୟୟ ଅର୍ଥ, ପରିବାର ସଦସ୍ୟଙ୍କ ଶ୍ରମ, ଜମିର ଭଡ଼ା, ନିଜ ପୁଞ୍ଜିର ସୁଧ ସହ ଅଧିକ ୫୦ ପ୍ରତିଶତ ମିଶାଇ ଏମ୍ଏସ୍‌ପି ଧାର୍ଯ୍ୟ କରିବା। ଏହା ବ୍ୟତୀତ କୃଷକମାନଙ୍କ ଅନ୍ୟାନ୍ୟ ଦାବିଗୁଡ଼ିକ ପୂରଣ କରାଯିବା ପାଇଁ ଏସ୍‌କେଏମ୍ କହିଛି।

ରବିବାର ରାତିରେ କେନ୍ଦ୍ରମନ୍ତ୍ରୀ ଏବଂ କୃଷକ ନେତାମାନଙ୍କ ଚତୁର୍ଥ ପର୍ଯ୍ୟାୟ ଆଲୋଚନାରେ ସରକାରଙ୍କ ପକ୍ଷରୁ ୫ ବର୍ଷ ପାଇଁ ସରକାରୀ ଏଜେନ୍ସି ଦ୍ୱାରା ଏମ୍ଏସ୍‌ପିରେ ଡାଲି, ମକା ଏବଂ କପା କିଣିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ପ୍ରସ୍ତାବ ଉପରେ ଅନ୍ୟ ଚାଷୀମାନଙ୍କ ସହିତ ଆଲୋଚନା କରାଯିବା ସହ କୃଷି ଏବଂ ଆଇନ ବିଶେଷଜ୍ଞମାନଙ୍କ ପରାମର୍ଶ ନିଆଯିବ। ଏହା ପରେ କେନ୍ଦ୍ରକୁ ନିଷ୍ପତ୍ତି ଜଣାଇ ଦିଆଯିବ ବୋଲି ରବିବାର ରାତିରେ କୃଷକ ସଂଗଠନ କହିବା ସହ ଦିଲ୍ଲୀ ଚଲୋ ଅଭିଯାନ ୨୧ ପର୍ଯ୍ୟନ୍ତ ସ୍ଥଗିତ ରହିବ ବୋଲି କହିଥିଲା। ଏମ୍ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ସହ ସ୍ୱାମୀନାଥନ୍ ☞ପୃଷ୍ଠା-୯

# ବିଦେଶରେ ଚାକିରି ଦେବା ନାଁରେ ଠକେଇ, ୩ ଗିରଫ

## ୯୨ ପାସ୍‌ପୋର୍ଟ, ୨୦ ପର୍ଯ୍ୟଟକ ଭିଜା ଜବତ

ବ୍ରହ୍ମପୁର,୧୯।୨
(ସୁବାସ ଚନ୍ଦ୍ର ପାଢ଼ୀ)

କେନିଆରେ ଭଲ ଦରମାରେ ଚାକିରି ପାଇଁ ଏକ କମ୍ପାନୀର ନିଯୁକ୍ତିପତ୍ର ଯୋଗାଇ ଦିଆଯାଉଥିଲା। ପାସପୋର୍ଟ କରିବାକୁ ଜଣଙ୍କ ପିଛା ୨୫ରୁ ୪୦ହଜାର ଟଙ୍କା ଓ ଭିଜା ପାଇଁ ୪୮,୫୦୦ଟଙ୍କା ଆଦାୟ କରାଯାଉଥିଲା। ମାତ୍ର ଯେଉଁ ଭିଜା ମିଳିଲା ତାହା ନିଯୁକ୍ତି ପାଇଁ ନୁହେଁ, ପର୍ଯ୍ୟଟକ ପାଇଁ ଉଦ୍ଦିଷ୍ଟ ଥିଲା। ଏଭଳି ଠକାମି ଅଭିଯୋଗ ଆସିବା ପରେ ଗୋସାଣିନୂଆଗାଁ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଳନ୍ଥରା ଥାନା କୁଠାରସିଂ ଗାଁର ମୂଳବାସିନ୍ଦା ସିଏଚ. ମୋହନ ରେଡ୍ଡୀ, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲା କାଶିଗୁଡା ଥାନା ଅଞ୍ଚଳର ପି. ସୀମାଞ୍ଚଳମ ଏବଂ ଟି.ଦିଲେଶ୍ୱର ରାଓ। ଅଭିଯୁକ୍ତମାନଙ୍କଠାରୁ ୯୨ ପାସପୋର୍ଟ, କେନିଆ ସରକାରଙ୍କ ଦ୍ୱାରା ପ୍ରଣିତ ୨୦ ଟୁରିଷ୍ଟ ଭିଜା, କେତେଜଣ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ** ଗୃହିଣୀଙ୍କ ଅବଦାନ



GOOD LUCK
All
HSC Examinees
2024
ଧରିତ୍ରୀ
DHARITRI



DSPL - 677
ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା
ରାଜ୍ୟର ୯୬ ଲକ୍ଷ
ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ପରିବାର ପିଛା,
୧୦୦୦ ଟଙ୍କା
ଜୀବିକା ସହାୟତା ରାଶି ପ୍ରଦାନର
ଶୁଭାରମ୍ଭ



୨୦ ଫେବୃଆରୀ ୨୦୨୪ ॥ ସକାଳ ୧୦ଟା
ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି, ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ରୟ କରିବାରେ ସହାୟକ ହେବା ନିମନ୍ତେ ନବୀନ ଓଡ଼ିଶା ସର୍ବଦା ସଂକଳ୍ପବଦ୍ଧ । ଜନମଙ୍ଗଳ ପାଇଁ ଆସନ୍ତୁ ସର୍ବଦା ତତ୍ପର ହେବା ଆଉ ଗର୍ବରେ କହିବା
"ଆମ ଓଡ଼ିଶା ନବୀନ ଓଡ଼ିଶା"



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ
OIPR-07001/13/0014/2324

ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ୨୦ ଫେବୃଆରୀ, ୨୦୨୪

**ଆଜିର ମନ୍ତବ୍ୟ**
"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି କୃଷକ, ଶ୍ରମିକ, ଦଳିତ, ଆଦିବାସୀ ଏବଂ ପଛୁଆବର୍ଗଙ୍କ ପାଇଁ ନୁହେଁ। ଏହି ଗ୍ୟାରେଣ୍ଟି କେବଳ ତାଙ୍କ ବନ୍ଧୁ ତଥା ଦେଶର ୨-୩ ଜଣ ଧନୀ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ।
– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୩୭ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କେନ୍ଦ୍ର, ସମୟ: ସକାଳ ୯ଟା।
- ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ହେଲ୍ଥ ସ୍କ୍ରିନିଂ କ୍ୟାମ୍ପ, ସ୍ଥାନ: ବାର୍ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ମୂଳନିବାସୀ ୟୁନାଇଟେଡ ଫୋରମ ଓଡ଼ିଶା ଓ ସମସ୍ତ ସହଯୋଗୀ ସଙ୍ଗଠନ ପକ୍ଷରୁ ରାଜ୍ୟସ୍ତରୀୟ ଆମ ଅଧିକାର ସମାବେଶ ଓ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ୪ନଂ. ୱାର୍ଡ ଅଧୀନ ହରିଦାସପୁରସ୍ଥିତ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅତିରୁଦ୍ର ମହାଯଜ୍ଞର ଜଳଯାତ୍ରା ଓ ଅଗ୍ନି ସ୍ଥାପନା, ସ୍ଥାନ: ବାଲିଅନ୍ତା ବେଣୁପୁରସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୁତି, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୧୯ତମ ଓଡ଼ିଶା ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ-୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।
- ସଂଭାବନାର ଗୀତିନାଟ୍ୟ ସଙ୍ଗୀତ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ -୨୦୨୪, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶ୍ରୀ ଗଣେଶ ମହାପ୍ରଭୁଙ୍କ ନୂତନ ମନ୍ଦିର ଏବଂ ପ୍ରାଣ ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ନିମାପଡ଼ା ଗୋଲେଇ ଛକ, ସମୟ: ପ୍ରାତଃ ୫ଟା।
- ଆମ ଓଡ଼ିଆ ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୂଆ ସୋମେଶ୍ୱରପୁର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯକ୍ରମ, ସ୍ଥାନ: ପିପିଲିର ବଡତରା, ସମୟ: ପୂର୍ବାହ୍ନ ୧୧ଟା। ସ୍ଥାନ: ବେଦପୁର, ସମୟ: ଅପରାହ୍ନ ୧ଟା। ସ୍ଥାନ: ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତ, ସମୟ: ଅପରାହ୍ନ ୨ଟା।
- ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୭ଟା ୩୦।
- ସାକ୍ଷୀଗୋପାଳ ଠାକୁରଙ୍କ ଗଜଉଦ୍ଧାରଣ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୮ଟା।

## କଟକ

- ଶ୍ରୀଶ୍ରୀ ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ନେମାଳ ମହାପୁରୁଷଙ୍କ ପୀଠ, ସମୟ: ପ୍ରାତଃ ୪ଟା।
- ହଜରତ ମୁସଲେହ ମଉଦ ଦିବସ, ସ୍ଥାନ:ଜାମା ମସଜିଦ ପଙ୍କାଳ, ତିଗିରିଆ, ସମୟ: ପ୍ରାତଃ ୪ଟା ୩୦।
- କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩ର ନୂତନ କୋଠା ଉଦ୍‌ଘାଟନ, ସ୍ଥାନ: ଏନ୍‌ଡିଆର୍‌ଏଫ, ମୁଣ୍ଡଳି, ସମୟ: ପୂର୍ବାହ୍ନ ୧୧ଟା।
- କଟକ ଜିଲାର ସିକିମ୍ ବାସିନ୍ଦାଙ୍କୁ ଜମିପଟ୍ଟା ବିତରଣ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୨ଟା ୩୦ ମିନିଟ୍।
- କଟକ ଦେଉଳସାହି ବାସିନ୍ଦାଙ୍କ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ: ମା' ସ୍ୱର୍ଣ୍ଣଦେବୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା ୫୦ ।
- ଅହମ୍ମଦିଆ ମୁସ୍‌ଲିମ୍ ଜମାତ୍ ପକ୍ଷରୁ ମୁସ୍‌ଲେଃ ମୌଦ ଦିବସ ପାଳନ, ସ୍ଥାନ: ମଙ୍ଗଳାବାଗସ୍ଥିତ କମଲପାଟନା, ସମୟ: ସନ୍ଧ୍ୟା ୬ଟା
- ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: କଟକ ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ହାବେଳିପଡ଼ିଆ, ଖୋର୍ଦ୍ଧା, ସମୟ: ଅପରାହ୍ନ ୨ଟା ୩୦।
- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ରପଡା ନୂଆସାହି, ବେଗୁନିଆ, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣ, ଗହିରଗାଡିଆ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧଳାପଥର ଗ୍ରାମ, ସମୟ: ସକାଳ ୮ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ଅଷ୍ଟାଦଶ ସ୍ୱଜନ୍ମ ନକ୍ଷତ୍ରାଦି ପୂଜା ଓ ସାର୍ବଜନୀନ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଜଟଣୀ ଗାଁ ହାଟବଜାର, ସମୟ: ଅପରାହ୍ନ ୫ଟା ୩୦।
- ଅଷ୍ଟପ୍ରହର ହରିନାମ ଯଜ୍ଞ, ସ୍ଥାନ: ରାଧାବଲ୍ଲଭ ଦେବଙ୍କ ପୀଠ ବଡ଼ପଦର, ବେଗୁନିଆ ଉପକଣ୍ଠ, ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବାଲିଆପାଳ ବ୍ଲକ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ପ୍ରତିଷ୍ଠା ଉତ୍ସବ ପାଳନ, ସ୍ଥାନ: ଗୁରୁକୁଳ ଭବନ, କରୁଆପଡ଼ା, ବାଲିଆପାଳ, ସମୟ: ସକାଳ ୯ଟା।
- ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ନିଧିପଣ୍ଡାଠାରେ ଗାଡ଼ି ଚାଳକମାନଙ୍କ ଚକ୍ଷୁ ପରୀକ୍ଷା ନିମନ୍ତେ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଭିଜନ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ନିଧିପଣ୍ଡା ଭାରତ ପେଟ୍ରୋଲ ପମ୍ପ ପରିସର, ସମୟ:ପୂର୍ବାହ୍ନ ୧୦ଟା ୩୦।
- ମା' ଗଡ଼ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଅବସରରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: ବାସୁଦେବପୁର ମା' ଗଡ଼ଚଣ୍ଡୀ ମନ୍ଦିର ପରିସର, ବାଲିଆପାଳ, ସମୟ:ମଧ୍ୟାହ୍ନ ୧୨ଟା।
- ସିକିମ୍ ପଟ୍ଟା ବଣ୍ଟନ ମେଳା, ସ୍ଥାନ: ପଦ୍ମାବତୀ ପାର୍କ ଆଣ୍ଡ ରିସୋର୍ଟ, ପାଛୁଡ଼ିଆ, ଯୁଝେଷ୍ଟିପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା
- ସ୍ରଷ୍ଟାର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୨୪ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ସାହିତ୍ୟ ଓ ସାଂସ୍କୃତିକ ପରିଷଦର ୬୫ଷ୍ଠ ବାର୍ଷିକ ଉତ୍ସବ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,ବାରିପଦା ସମୟ:ଅପରାହ୍ନ ୩ଟା।
- ରାଜ୍ୟପାଳ ରଘୁବର ଦାସଙ୍କ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିର ପରିଦର୍ଶନ, ସ୍ଥାନ: ବାରିପଦା,ସମୟ: ଅପରାହ୍ନ ୩ଟା।
- ଜଗଦ୍ଧାତ୍ରୀ ଓ କୁମାର ଉତ୍ସବ କମିଟି ପକ୍ଷରୁ କ୍ୟାରମ ଏବଂ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ:ବାରିପଦା ରଥ ପଡ଼ିଆ ଦେଉଳ ସାହି, ସମୟ:ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ କଳସଯାତ୍ରା, ସ୍ଥାନ:ସାରସକଣା, ସମୟ: ସକାଳ ୯ଟା।
- ରାଜ୍ୟପାଳଙ୍କ ମଡ଼େଲ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ ଓ ଅଭିଭାବକ କର୍ମଚାରୀଙ୍କ ସହ ଆଲୋଚନା, ସ୍ଥାନ: ଶୁଳିଆପଦା ବ୍ଲକ କୁଚିଡିହୀ ଅଙ୍ଗନୱାଡି କେନ୍ଦ୍ର,ସମୟ:ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଶୁଳିଆପଦା ବ୍ଲକ, କୁଚିଡିହୀ,ସମୟ: ପୂର୍ବାହ୍ନ ୧୦ଟା୨୦।
- ବଡ଼ଢେଙ୍କିଆ ଗ୍ରାମବାସୀ ଓ ଚାଷୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ବଡ଼ଢେଙ୍କିଆ,ସମୟ: ଅପରାହ୍ନ ୧ଟା ୩୦।
- ବାବା ବଟେଶ୍ୱର ମନ୍ଦିର ପ୍ରତିଷ୍ଠା, ସ୍ଥାନ: କୁଳିଅଣା ବ୍ଲକ କଳାବାଡ଼ିଆ,ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମୋରଡ଼ା ବ୍ଲକର ଗଡ଼ିଆ ପଞ୍ଚାୟତ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା(ସହରୀ) କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମଠ ପାର୍କ, ଅଁଳାଡୁବା ବସ୍ତି, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀନାରାୟଣଙ୍କ ପୂଜା, ସ୍ଥାନ: ବଡ଼ସାହି ବ୍ଲକ ପାଉଁଶିଆ ଭୀମମେଳା ପଡ଼ିଆ,ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜୈବିକ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସେଣ୍ଟ୍ରାଲ ସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଯୋଜନା ସଚେତନତା ଶିବିର, ସ୍ଥାନ: ଆରୁହା, ବରଣୁଆ ଓ ନରସିଂହପୁର ପଞ୍ଚାୟତ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ସାହାପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ବାମନବିନ୍ଧା ଓ ହରସିଂପୁର ପଞ୍ଚାୟତ, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।
- ପାଲା ପରିବେଷଣ, ସ୍ଥାନ: ଭବାନୀଶଙ୍କର ମହାଦେବ ମନ୍ଦିର ପରିସର, ଭୈରବପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଆଦିବାସୀଙ୍କ ମାଗେ ପର୍ବ ସମାପନ ଉତ୍ସବ, ସ୍ଥାନ: ବଲାଣି ବସ୍ତି, କେନ୍ଦୁଝର, ସମୟ: ସକାଳ ୮ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ବ୍ଲକ୍ ଚେମେଣା ଓ ଖିରିରେଇଟାଙ୍ଗିରି ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ସାମୂହିକ ବିବାହ, ସ୍ଥାନ: ଗୀତା ଭବନ , ସମୟ:ସକାଳ ୯ଟା।
- ସ୍ମାର୍ଟ ଶ୍ରେଣୀ ଗୃହ ଉଦ୍‌ଘାଟନ, ସ୍ଥାନ:ଆଇଟିଆଇ,ସମୟ: ପୂର୍ବାହ୍ନ ୧୦ଟା୩୦।
- ଯୁବ ମହୋତ୍ସବ ଉମଙ୍ଗ ଉଦ୍‌ଯାପନୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦।
- ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ,ସ୍ଥାନ: ମାନସ ଭବନ, ସମୟ: ଅପରାହ୍ନ ୪ଟା।
- ଆଇଜର କ୍ୟାମ୍ପସକୁ ପ୍ରଧାନମନ୍ତ୍ରୀଙ୍କ ଆଭାସୀ ମାଧ୍ୟମରେ ଲୋକାର୍ପିତ କାର୍ଯ୍ୟକ୍ରମ, ସ୍ଥାନ:ରଙ୍ଗେଇଲୁଣ୍ଡା ବ୍ଲକର ଲୌଡ଼ିଗାଁ, ସମୟ:ପୂର୍ବାହ୍ନ ୧୦ଟା୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- କାୟାକଳ୍ପ ଦଳର ଡାକ୍ତରଖାନା ପରିଦର୍ଶନ, ସ୍ଥାନ: ସୋରଡ଼ା, ବଡ଼ଗଡ଼, ସମୟ: ମଧ୍ୟାହ୍ନ ୧୨ ଟା।
- ଖଲ୍ଲିକୋଟ ରାଣୀଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟ ଖେଳ ପଡ଼ିଆ, ଖଲ୍ଲିକୋଟ, ସମୟ: ମଧ୍ୟାହ୍ନ ୧୨ଟା୧୫।
- ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପନ ଉତ୍ସବ, ସ୍ଥାନ: ବୁଗୁଡା ତଳ ଓଡ଼ିଆ ସାହି, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କ.ନୂଆଗାଁ ବ୍ଲକ ସର୍ଢିଗୁଡ଼ା, ସମୟ: ସକାଳ ୯ଟା।

## ଗଜପତି

- ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ। ସ୍ଥାନ: ନିୟନ୍ତ୍ରିତ ବଜାର କମିଟି,ଗଜପତି, ସମୟ:ପୂର୍ବାହ୍ନ ୧୦ଟା।
- ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ଜୀବିକା ମିଶନ କାର୍ଯ୍ୟକ୍ରମ। ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବ୍ଲକ୍ ପେଣ୍ଠା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ହିତାଧିକାରୀଙ୍କୁ ଭଉଚ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବ୍ଲକର ବଡ଼ ଆଲୁବାଡି, ବଡ଼ ଇରୁକୁବାଡ଼ି, ବୈରାଗି ହାଲୁଆ, ଚାନ୍ଦିଲି ଓ ଦୁର୍ଗାପାଡୁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉତ୍ସବ ଅନନ୍ତ - ୧.୦, ସ୍ଥାନ: ବିକ୍ରମପୁର, ଗୁଣପୁର, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ୧୪ତମ ଜିଲା ପରିଷଦ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଆଡମିନିଷ୍ଟ୍ରେଟିଭ୍ ବିଲ୍ଡିଂର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ସୁନାବେଡ଼ାସ୍ଥିତ କ୍ୟାମ୍ପସ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଟାସ୍କ ଫୋର୍ସ ବୈଠକ, ସ୍ଥାନ: ସିଡିଏମ୍‌ଓ ସଭାଗୃହ, ସମୟ: ଅପରାହ୍ନ ୪ଟା।
- ନୂଆ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ, ସ୍ଥାନ: କୁନ୍ଦୁରା ବ୍ଲକର କେରିମିଟି ଓ ଅସନା ପଞ୍ଚାୟତ, ସମୟ: ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର

- ଦିଶା ବୈଠକ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା୩୦।

## ସମ୍ବଲପୁର

- ଆସ୍ଥା ସ୍ୱତନ୍ତ୍ର ଟ୍ରେନ୍‌ର ଶୁଭାରମ୍ଭ, ସ୍ଥାନ: ସମ୍ବଲପୁର ରେଲଷ୍ଟେଶନ, ସମୟ: ସକାଳ ୭ଟା ୪୫।
- ରୋବୋଟିକ ସେଣ୍ଟରର ଶୁଭାରମ୍ଭ, ସ୍ଥାନ: ପାବପାଲି, ସମୟ: ସକାଳ ୮ଟା ୪୫।
- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ହାଇସ୍କୁଲସ୍ତରୀୟ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଦକ୍ଷତା ବିକାଶ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମାଞ୍ଚିପାଲି ପୋଲିସ ଫାଣ୍ଡି ନିକଟ, ସମୟ: ସକାଳ ୯ଟା ୪୫।
- ଫୁଟ୍‌ବଲ ଫର ସ୍କୁଲ କାର୍ଯ୍ୟକ୍ରମ, ସ୍ଥାନ: ଗୋଶାଳାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶିଷ୍ଟ କବି ଓ ପଶ୍ଚିମ ଓଡ଼ିଶାର ଐତିହ୍ୟକୁ ନେଇ ପୋଷ୍ଟାଲ ଷ୍ଟାମ୍ପ ଉନ୍ମୋଚନ, ସ୍ଥାନ: ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ରାଷ୍ଟ୍ରୀୟ ଉଦ୍ୟମିତା ବିକାଶ ପରିଯୋଜନା ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୩ଟା ୪୫।

## ବଲାଙ୍ଗୀର

- କୋଶଳ ରାଜ୍ୟ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ:ପୂର୍ବାହ୍ନ ୧୦ଟା।
- ୟୁଥ କନେକ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଆଇନ ମହାବିଦ୍ୟାଳୟ ପାଖ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।
- ଆଗଲପୁର ବ୍ଲକ ମୁରଶୁଣ୍ଡି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ଟା୩୦।
- ଆମ ଓଡ଼ିଶା ନବୀନ ଓଡିଶା ସଚେତନତା ସଭା, ସ୍ଥାନ: ଖପ୍ରାଖୋଲ ବ୍ଲକ ରେଙ୍ଗାଲି ଓ ଦମାଇପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଆସ୍ଥା ସ୍ୱତନ୍ତ୍ର ଟ୍ରେନ ଯାତ୍ରା, ସ୍ଥାନ: ରାଉରକେଲା ରେଲଷ୍ଟେଶନ, ସମୟ: ସକାଳ ୭ଟା ୩୦।
- ଇସ୍ପାତ ସିନର୍ଜୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସେକ୍ଟର-୬, ସମୟ: ସକାଳ ୯ଟା।
- ସ୍ୱତନ୍ତ୍ର ରେଳ ମଣ୍ଡଳ ପାଇଁ ଦାବିପତ୍ର ପ୍ରଦାନ, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କୁକୁଡ଼ା ଗେଟ୍ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ, ସ୍ଥାନ: ରାଉରକେଲା, ସମୟ: ଅପରାହ୍ନ ୨ଟା।
- ଜନନୀ ଯାତ୍ରା, ସ୍ଥାନ: ଦକ୍ଷିଣ ରାଉରକେଲା, ସମୟ: ଅପରାହ୍ନ ୨ଟା।
- ଭୋଟର ସଚେତନତା ଶିବିର ଉଦ୍‌ଯାପିତ, ସ୍ଥାନ: ବେଦବ୍ୟାସ, ସମୟ: ଅପରାହ୍ନ ୩ଟା।

## ସୁନ୍ଦରଗଡ଼

- ନୂତନ ଶାଖା ପୋଷ୍ଟ ଅଫିସ୍ ଉଦ୍‌ଘାଟନ, ସ୍ଥାନ: ବଡ଼ଗାଁ ପୋଷ୍ଟ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ମେଡିସିନ୍ ଦୋକାନ ଉଦ୍‌ଘାଟନ, ସ୍ଥାନ: ବଡ଼ଗାଁ ନର୍ସିଂ କଲେଜ ପରିସର, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ନଳିଆଖଣ୍ଡି (ବାନ୍ଧୁଟିକ୍ରା), ବରଗଡ଼, ସମୟ: ସକାଳ ୮ଟା।
- ଚିନିକଲ କର୍ମଚାରୀ ସଂଘର ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାରାୟଣ ପ୍ରବଚନ, ସ୍ଥାନ: କନ୍ଦାଗାଡ଼ ଜଗନ୍ନାଥ ମନ୍ଦିର, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବିଜେପୁର ମିନି ଷ୍ଟାଡ଼ିୟମ, ସମୟ: ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି

- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଗ୍ରାମପଞ୍ଚାୟତ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା

- ପ୍ରଥମ ଗଣ୍ଡୱାନା କପ୍ କ୍ରିକେଟ-୨୦୨୪ ଉଦ୍‌ଯାପିତ, ସ୍ଥାନ: କୋମନା ବ୍ଲକ ବାଲିଖମା କ୍ରିକେଟ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ଭର୍ଚୁଆଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିଭୂମି ସ୍ଥାପନ, ସ୍ଥାନ: ଖଡ଼ିଆଳ ରାଜା ଏଟି ହାଇସ୍କୁଲ ଖେଳ ପଡ଼ିଆ, ନୂଆପଡ଼ା ନ୍ୟାଶନାଲ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ ଶିବିର, ସ୍ଥାନ: ସଦର ବ୍ଲକ ଗୋଡଫୁଲା ଓ ଭାଲେଶର ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ ଶିବିର, ସ୍ଥାନ: କୋମନା ବ୍ଲକ ପାଲସିପାଣି, ଗଣ୍ଡାମେର ଓ ଟିକ୍ରାପଡ଼ା ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତର କୁରୁକୁପା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ , ସ୍ଥାନ: କୁରୁକୁପା ଉପରପଡ଼ା ମଣ୍ଡପ, ସମୟ: ସକାଳ ୯ଟା।
- ହରଭଙ୍ଗା ବ୍ଲକର ପୁରୁଣାକଟକ ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣାକଟକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର ଲୁଇସିଂ ମା' ମହାଲକ୍ଷ୍ମୀ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଲୁଇସିଂ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ବୌଦ୍ଧ ବ୍ଲକ ବାଉଁଶୁଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡାସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତୀ, ସ୍ଥାନ: ମା' ସମଲେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କ୍ୟାମ୍ପସ୍ ଉଦ୍‌ଘାଟନ, ସ୍ଥାନ: ପାଣିସିଆଲି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଇଙ୍କଫେଷ୍ଟ ଆଲୋଚନାଚକ୍ର 'ସାମ୍ପ୍ରତିକ ଜୀବନଶୈଳୀ ଓ ମାନସିକ ସ୍ୱାସ୍ଥ୍ୟ', ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ବିନିକା ପାପକ୍ଷୟ ଘାଟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଷଷ୍ଠ ଦିନରେ ଶ୍ରୀବିଗ୍ରହଙ୍କ ମଣ୍ଡପେ ପୂଜାବିଧି ଓ ହନୁମାନ ଚାଳିଶା ପାଠ, ସ୍ଥାନ: ପାପକ୍ଷୟ ଘାଟ, ସମୟ: ସକାଳ ୭ଟା।
- ତରଭା ବ୍ଲକ ଚାରଭଟାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଚାରଭଟା ପଞ୍ଚାୟତ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ନବନିଯୁକ୍ତ ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଗାନ୍ଧୀମନ୍ଦିର ଢେଙ୍କାନାଳ, ସମୟ:ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୭ଟା୧୦।
- ନିର୍ବାଚନ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦.୩୦।
- ମା' ଫଟାକାଞ୍ଜିଆ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଜନ୍ମ ଜୟନ୍ତୀ, ସ୍ଥାନ: କଣିହାଁ ପ୍ରଜାମଣ୍ଡଳ ଭବନ, ସମୟ: ଅପରାହ୍ନ ୩ଟା।
- ସିକିମ ରୟତ ପଟ୍ଟା ବଣ୍ଟନ, ସ୍ଥାନ: ଅନୁଗୋଳ ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ସାତକୋଶିଆ ନାଟ୍ୟ ମହୋତ୍ସବ, ସ୍ଥାନ: ଆର୍ଯ୍ୟାବର୍ତ୍ତ ପ୍ରେକ୍ଷାଳୟ ନାଲକୋ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ ପରିଚାଳନା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସିକିମ ରୟାତ ପଟ୍ଟା ବଣ୍ଟନ ଉତ୍ସବ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏରଡ଼ଙ୍ଗା ଓ ବରାଗୋଳ ପଞ୍ଚାୟତ କାର୍ଯ୍ୟାଳୟ, ରଘୁନାଥପୁର, ସମୟ: ସକାଳ ୯ଟା।
- ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଏରସମା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବାଲିକୁଦା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ପଠାଣି ସାମନ୍ତ କପ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ଲିଗ ମ୍ୟାଚରେ ଇଟାମାଟି ବନାମ ବାଇଗୁଣିଆ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ।
- ଭାନୁମତି ଦେବୀଙ୍କର ପ୍ରଥମ ବାର୍ଷିକୀ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଘଣାଶାଳିଆର ହଟିଆପଲ୍ଲୀ, ସମୟ: ସକାଳ ୭ଟା୩୦।
- ମୁଁ ବି ସମର୍ଥ କିଶୋରୀ ସମ୍ପର୍କିତ ସଚେତନତା କର୍ମଶାଳା, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଭୈମୀ ଏକାଦଶୀ ଅବସରରେ ନୀଳମାଧବ ମନ୍ଦିରରେ ମହାଦୀପ ଦର୍ଶନ, ସ୍ଥାନ: ଖଣ୍ଡପଡା ବ୍ଲକ କଣ୍ଟିଲୋ, ସମୟ: ରାତ୍ର ୯ଟା୩୦।
- ବିଶ୍ୱଶାନ୍ତି ମହାଯଜ୍ଞରେ ତୀର୍ଥ ଜଳ ଆବାହନ ଓ ଘୃତାହୁତି ଆରମ୍ଭ, ସ୍ଥାନ: ନୂଆଗାଁ ବ୍ଲକର କୋରଡ଼ାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପାଟୁଲିସାହି ପ୍ରିମିୟର ଲିଗ୍ କ୍ରିକେଟର ୨ୟ ଦିବସ, ସ୍ଥାନ: ନୂଆଗାଁ ବ୍ଲକ ମହିପୁରର ପାଟୁଲିସାହି କ୍ଲବ ସମ୍ମୁଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ ଟା।
- ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଶିଖରପୁର ପଞ୍ଚାୟତ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସାନଅଢ଼ଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଖମୋଲ ଓ ଇନ୍ଦାଲୋ ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବଡିଘର ଓ ତେରଗାଁ ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପରକୁଳା ଓ ମେହେନନଗର ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ପାଇକା ନଦୀ ତିଖିରିଠାରୁ ବରିପଲ୍ଲା ପର୍ଯ୍ୟନ୍ତ ରାସ୍ତାର ଉଦ୍‌ଘାଟନ, ସ୍ଥାନ: ତିଖିରି, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବ୍ୟାସ ମାରାଥନ, ସ୍ଥାନ: ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୬ଟା।
- ଶ୍ରୀ ଶ୍ରୀ ନୃସିଂହ ମହାପ୍ରଭୁଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା, ସ୍ଥାନ:ବଡ଼ଚଣାବାରୀ, ସମୟ: ସକାଳ ୮ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଧର୍ମଶାଳା ବ୍ଲକ୍ କଦମପାଳ ପଞ୍ଚାୟତ ବୁଢିଜାଗୁଲାଇପୀଠ, ମଙ୍ଗଳପୁର ପଞ୍ଚାୟତ କାର୍ଯ୍ୟାଳୟ, ଦେଓଦା ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆ, ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁର ଖେଳ ପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଧାରଣା, ସ୍ଥାନ: ଦଶରଥପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ପିଡିଏସ୍ ହିତାଧିକାରୀମାନଙ୍କୁ ଲାଇଭହୁଡ୍ ସହାୟତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖଇରାବାଦ ରିଟେଲ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ରସୁଲପୁର ବ୍ଲକ ବନ୍ଧଡ଼ିହ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ବଡ଼ଚଣା,ମାଣ୍ଡୁକା ପଞ୍ଚାୟତ ପଦ୍ମନାଭପୁର ମେଳଣ ପଡ଼ିଆ ଏବଂ ଦଶରଥପୁର ବ୍ଲକର ରାହାଶୋଇ, କମାରଡ଼ିହି, ଜାଫରପୁର ପଞ୍ଚାୟତ ଅଫିସ ସମୟ: ପୂର୍ବାହ୍ନ ୧୧ଟା ।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ ଅର୍ଥଙ୍ଗା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ଅପରାହ୍ନ ୨ଟା।
- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ ଚନ୍ଦନେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଶୁକଳେଶ୍ୱର ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଜିଲା ପ୍ରଶାସନ ପକ୍ଷରୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ଅପରାହ୍ନ ୫ଟା।
- ବ୍ୟାସ ସରୋବର ମହୋତ୍ସବ-୨୦୧୪ ଉଦଘାଟନ ସମାରୋହ, ସ୍ଥାନ: ବ୍ୟାସନଗର ବ୍ୟାସ ସରୋବର ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପୂର୍ବରୁ ଯଦି କିଛି ସମସ୍ୟା ରହିଥାଏ ତାହା ମଧ୍ୟ ଅପରାହ୍ନରେ ସୁଧୁରିଯିବ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ, ମରାମତି, ଯାନ୍ତ୍ରିକ ଜିନିଷ କିଣାବିକା, ସବୁ କିଛି ପାଇଁ ଭଲ। କିନ୍ତୁ ପଡ଼ୋଶୀ, ସହକର୍ମୀଙ୍କ କାମରେ ସତର୍କତାର ସହ କିଛି କହିବା କିମ୍ବା କରିବା ଭଲ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବୃଷ**
ସକାଳୁ ବନ୍ଧୁଙ୍କ ସମ୍ପର୍କରେ କିଛି ଅର୍ଥ କିମ୍ବା ଖୁସି ଖବର ପାଇବେ। କର୍ମକ୍ଷେତ୍ରକୁ ଯିବା ବାଟରେ ଅଜଣା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଆଲୋଚନା ପରିସରରେ କୌଣସି ନୂଆ କାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ। ଆଜିର ଭ୍ରମଣ ରାଜନୀତି, ପ୍ରଶାସନ, ସାହିତ୍ୟ ଓ ସଙ୍ଗଠନ ପାଇଁ ଭଲ।

**ମିଥୁନ**
ଦୀର୍ଘଦିନରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ଲଢ଼େଇ ଜାରି ରଖିବାକୁ ପଡ଼ିବ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରୁ ଅଶାନ୍ତି ଲାଗିରହିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବାରୁ ଚିନ୍ତିତ ରହିପାରନ୍ତି।

**କର୍କଟ**
ଯେତେ ଭଲ କାମ କଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କଚେରି ମାମଲା କିମ୍ବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ବନ୍ଧୁବାନ୍ଧବ ସୁବିଧାବାଦୀ ଗୁଣରେ ଶୋଷଣ କରିବେ, ଏଣୁ ବୁଝିବିଚାରି କାମ କରନ୍ତୁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ**
କର୍ମକ୍ଷେତ୍ରରେ ନୂଆ କାମ ହାତକୁ ନେଇ ଏହାକୁ ଆଗେଇନେବେ। ଦେହ ଭଲ ରହିବ, ମାତ୍ର ସାମୟିକ ଦୁର୍ବଳତାଜନିତ କ୍ଲାନ୍ତିବୋଧ କରିବେ। ଅଧିକାଂଶ ସମୟ ସହକର୍ମୀ କିମ୍ବା ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ହାତ ମିଳାଇ କାମ କରିପାରନ୍ତି। ପରିବାର ମଧ୍ୟରେ ପରସ୍ପରକୁ ଦୋଷ ଦେଇ ଅଶାନ୍ତି ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି।

**କନ୍ୟା**
ବିଳମ୍ବରେ କାମ ସମ୍ପନ୍ନ ହେଉଥିବାରୁ ଆଜିର ପରିସ୍ଥିତିରେ ଧୈର୍ଯ୍ୟଚ୍ୟୁତି ଘଟିପାରେ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ। ଭୁଲ୍ ବୁଝାମଣା କାରଣରୁ ଘରୋଇ କଳହକୁ ନେଇ ଅଶାନ୍ତି ଦେଖାଦେଇପାରେ। ଆନୁଷ୍ଠାନିକ କାମରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ତୁଳା**
ଯେତେ ଚୁପ୍ ରହିଲେ ମଧ୍ୟ ପରିବାର ଭିତରେ ପ୍ରଶଂସା ସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟହେବେ।

**ବିଛା**
କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା କରିବେ। ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ସାମାଜିକ ସ୍ତରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ବ୍ୟବସାୟ, ପରିବହନ, ରାଜନୀତି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ।

**ଧନୁ**
ଆଜିର ଆନୁଷ୍ଠାନିକ କାମରେ ସମ୍ପର୍କୀୟଙ୍କ ସାହାଯ୍ୟ ଅବଶ୍ୟ ମିଳିବ। ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। ଆଗାମୀ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କୌଣସି ବ୍ୟକ୍ତିଙ୍କ ସରଳକଥାକୁ ଆଧାରକରି ଖୁବ୍ ଆଶାବାଦୀ ହେବେ।

**ମକର**
କର୍ମକ୍ଷେତ୍ରରେ ନିଜର ଅବହେଳାରୁ କେତେକ ସୁଯୋଗ ହାତଛଡ଼ା ହୋଇପାରେ। ଆତ୍ମୀୟମାନଙ୍କ ସହ ମତପାର୍ଥକ୍ୟ ହେବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ବ୍ୟବସାୟ ଓ ବାଣିଜ୍ୟ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ନିଜ ଆଶା ଅନୁଯାୟୀ କାମରେ ପ୍ରବୃତ୍ତ ରହିଲେ ସଫଳତା ପାଇବେ।

**କୁମ୍ଭ**
ସାମାଜିକ ସ୍ତରରେ ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତାକରି ବ୍ୟସ୍ତ ହୋଇପାରନ୍ତି। ଫେରିବା ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କାରଣରୁ ବ୍ୟସ୍ତତା ବୃଦ୍ଧିପାଇବ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ସାମୟିକ ଶାରୀରିକ ଅସୁସ୍ଥତା ମାନସିକ ଅଶାନ୍ତି ସୃଷ୍ଟି କରିପାରେ।

**ମୀନ**
ପରିବାର ମଧ୍ୟରେ ଯେତେ ପ୍ରକାର ମନ ନେଇ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରି ପାରିବେ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ବନ୍ଧୁଙ୍କ ପରାମର୍ଶକ୍ରମେ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

ଆଜି ମାଘ ଶୁକ୍ଳ ପକ୍ଷର ସ୍ମାର୍ତ୍ତସମ୍ମତ ଭୈମୀ (ବଡ଼) ଏକାଦଶୀ ମଙ୍ଗଳବାର, ଫେବୃଆରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, କପୋତେଶ୍ୱର ଓ ବ୍ୟାସ ସରୋବର ଯାତ୍ରା, ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ଭକ୍ତ ଦାସିଆଙ୍କ ତିରୋଧାନ ତିଥି। ରାଶି ନକ୍ଷତ୍ର-ଦିବା ଘ.୧୨।୧୩ ପର୍ଯ୍ୟନ୍ତ ଆର୍ଦ୍ରା/ମିଥୁନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୦୮ ଗତେ, ଘ.୧୦।୫୧ ମଧ୍ୟେ, ଘ.୦୧।୦୯ ଗତେ, ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୨ ମି. ଗତେ, ଘ.୦୪।୧୮ ମି. ମଧ୍ୟେ ରାହୁକାଳ ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୦/୨୦୨୪ | Bhubaneswar, Tuesday, February 20/2024 | ପୃଷ୍ଠା-୧




# ବିନାନୁମତିରେ ବଦଳିପାରିବନି ଆପାର୍ଟମେଣ୍ଟ ମାଲିକ ସଂଘ ବାଇ-ଲ

ଭୁବନେଶ୍ୱର,୧୯।୨(ଅନିଲ ଦାସ)



ଉନ୍ନୟନ କର୍ତ୍ତୃପକ୍ଷ, ଉପଜିଲାପାଳ କ୍ଷମତାପ୍ରାପ୍ତ ଅଧିକାରୀ ନିଯୁକ୍ତ

ବହୁ ପ୍ରତୀକ୍ଷା ପରେ ଆପାର୍ଟମେଣ୍ଟ ମାଲିକମାନଙ୍କୁ ସୁରକ୍ଷା ଦେବା ସକାଶେ ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନ-୨୦୨୩ କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ରାଜ୍ୟରେ ଥିବା ୮ଟି ଉନ୍ନୟନ କର୍ତ୍ତୃପକ୍ଷ (ଡେଭେଲପ୍‌ମେଣ୍ଟ ଅଥରିଟି) ଅଞ୍ଚଳ ପାଇଁ ସମ୍ପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସଚିବ ଏବଂ ଏହା ବାହାରେ ଥିବା ଅଞ୍ଚଳ ପାଇଁ ଉପଜିଲାପାଳଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀ(କମ୍ପିଟେଣ୍ଟ ଅଥରିଟି) ଭାବେ ନିଯୁକ୍ତି ଦେଇଛନ୍ତି। ଆଇନକୁ କାର୍ଯ୍ୟକାରୀ କରିବା କିମ୍ବା କୌଣସି ସମସ୍ୟା ଦେଖାଦେଲେ ଉକ୍ତ ଅଧିକାରୀଙ୍କ ନିକଟରେ ଆବେଦନ କରାଯାଇପାରିବ। ଏ ନେଇ ନିକଟରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ଆପାର୍ଟମେଣ୍ଟ ମାଲିକ ସଂଘର ବାଇ-ଲ ଅନୁଯାୟୀ ଆପାର୍ଟମେଣ୍ଟ ପରିଚାଳିତ ହେବ। ତେବେ ବାଇ-ଲ'କୁ ସଂଘ ମନଇଚ୍ଛା ବଦଳାଇପାରିବେ ନାହିଁ। ସେଥିପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ନେବା ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ହେବ। ନୂଆ ବ୍ୟବସ୍ଥା ଅନୁଯାୟୀ ବିଲ୍‌ଡର କିମ୍ବା ପ୍ରମୋଟର କ୍ରେତାମାନଙ୍କୁ ଅକୁପାନ୍ସି ସାର୍ଟିଫିକେଟ ଦେବାର ୩୦ ଦିନ ମଧ୍ୟରେ ସଂଘକୁ କମନ ଏରିଆର ସମସ୍ତ ମୂଳ ପ୍ରମାଣପତ୍ର ଦେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହିତ କ୍ରେତାଙ୍କଠାରୁ ସିକ୍ୟୁରିଟି, ଆଡ୍‌ଭାନ୍ସ ଆକାରରେ ନେଇଥିବା ସମସ୍ତ ଅର୍ଥ ୩୦ ଦିନ ମଧ୍ୟରେ ଫେରାଇବେ। ରିୟଲଇଷ୍ଟେଟ ଅଧିନିୟମ(ବିନିୟମ ଓ ଉନ୍ନୟନ) ଆଇନ-୨୦୧୬ ☞ପୃଷ୍ଠା-୯

# 'ଲୋକଙ୍କ ଇଚ୍ଛାରୁ ଲକ୍ଷ୍ମୀ ଯୋଜନା'

## ଆଉ ୫ ଜିଲାରେ ଲକ୍ଷ୍ମୀ ବସ୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୨(ଅନିଲ ଦାସ)




- ୫ ଜିଲାର ୭୦୦ ପଞ୍ଚାୟତରେ ୨୦୫ ବସ୍ ଚାଲିଲା
- ୨୧ ସୁଦ୍ଧା ରାଜ୍ୟର ସବୁ ଜିଲାରେ ଚାଲିବ
- ୨୫ରୁ ସମ୍ବଲପୁରରୁ ପୁରୀକୁ ଦୈନିକ ଚାଲିବ

ଶ୍ରୀଜଗନ୍ନାଥ ଏକ୍ସପ୍ରେସ: ୫-ଟି ଅଧ୍ୟକ୍ଷ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସି ଜରିଆରେ ସୋମବାର ସୁବର୍ଣ୍ଣପୁର, କଟକ, ଝାରସୁଗୁଡା, କନ୍ଧମାଳ ଏବଂ ସମ୍ବଲପୁର ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଉକ୍ତ ୫ ଜିଲାର ୭୦୦ ପଞ୍ଚାୟତରେ ୨୦୫ ବସ୍ ଚଳାଚଳ ଆରମ୍ଭ କରିଛି। ଏହାଦ୍ୱାରା ୪୪ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମ ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ। ଲୋକଙ୍କ ଇଚ୍ଛାକୁ ମୁଁ ସମ୍ମାନ ଦିଏ, ମୋ ସରକାରର ସବୁ କାର୍ଯ୍ୟକ୍ରମ ଲୋକମତ ଭିତ୍ତିରେ ଆଧାରିତ। ଲକ୍ଷ୍ମୀ ଯୋଜନା ମଧ୍ୟ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇଛି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ଜିଲା ଗସ୍ତ କରିଥିଲେ। ସେହି ସମୟରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲା। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଲକ୍ଷ୍ମୀ ଯୋଜନା ଶୁଭାରମ୍ଭ ପରେ ସୁବର୍ଣ୍ଣପୁର ଜିଲାର ୧୦୨ ପଞ୍ଚାୟତରେ ୫୮ ବସ୍ ଚାଲିଲା। ଏଥିରେ ୫ ଲକ୍ଷ ୭୩ ହଜାର ଲୋକ ଉପକୃତ ହୋଇଥିବାବେଳେ କଟକର ୨୬୧ ପଞ୍ଚାୟତରେ ୪୮ ବସ୍ ଚଳାଚଳ ଯୋଗୁ ୧୮ ଲକ୍ଷ ୩୭ ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ଝାରସୁଗୁଡ଼ାର ୭୬ ପଞ୍ଚାୟତରେ ୧୬ ବସ୍ ଚାଲିବା ଦ୍ୱାରା ୫ ଲକ୍ଷ ୬୨ ହଜାର ଲୋକ ଉପକୃତ ହୋଇଥିବାବେଳେ କନ୍ଧମାଳର ୧୬୪ ପଞ୍ଚାୟତରେ ୫୨ ବସ୍ ଚାଲିବା ଦ୍ୱାରା ୭ ଲକ୍ଷ ୩ ହଜାର ଏବଂ ସମ୍ବଲପୁର ଜିଲାରେ ୯୭ ପଞ୍ଚାୟତରେ ୩୧ ବସ୍ ଚାଲିବା ଦ୍ୱାରା ୭ ଲକ୍ଷ ୨୮ ହଜାର ଲୋକ ଉପକୃତ ହୋଇଛନ୍ତି। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧ ହଜାରରୁ ଅଧିକ ବସ୍ ଚାଲିବ। ଏହି ଯୋଜନାରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ଲାଗି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ସମ୍ବଲପୁରଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଲକ୍ଷ୍ମୀ ବସ୍ କେବଳ ଏକ ବସ୍ ସେବା ନୁହେଁ, ଗ୍ରାମାଞ୍ଚଳ ମହିଳାଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କର ଏକ ସଫଳତମ ପ୍ରଚେଷ୍ଟା। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ପଦ୍ମନାଭ ବେହେରା, କଟକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ଚନ୍ଦ୍ରସାରଥି ବେହେରା, ଝାରସୁଗୁଡାରେ ବିଧାୟିକା ଦୀପାଳି ଦାସ, ବିଧାୟିକା ଅଳକା ମହାନ୍ତି, ☞ପୃଷ୍ଠା-୯

# ଆଜିଠୁ ମାଟ୍ରିକ୍ ପରୀକ୍ଷା: ସହଯୋଗ କରିବେ ଶିକ୍ଷକ

ଭୁବନେଶ୍ୱର,୧୯।୨
(ଅସମାପିକା ସାହୁ)

ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ପରୀକ୍ଷାରେ ମାଧ୍ୟମିକ ଶିକ୍ଷକମାନେ ସହଯୋଗ କରିବେ। ଦୀର୍ଘଦିନର ଆନ୍ଦୋଳନକୁ ସ୍ଥଗିତ ରଖି ପରୀକ୍ଷା ପରିଚାଳନାରେ ସହଯୋଗ କରିବା ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସୋମବାର ସରକାରଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନେଇଛି। ଏ ନେଇ ସଂଘ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ବିଭାଗ ପକ୍ଷରୁ ଆମକୁ ଆଲୋଚନା ପାଇଁ ଡକାଯାଇଥିଲା। ଖୁବ୍‌ଶୀଘ୍ର ଦାବି ପୂରଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଫେବୃଆରୀ ଶେଷ ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ପାଇଯିବ ବୋଲି ଆଶା କରୁଛୁ। ତେଣୁ ଆମେ ରାଜ୍ୟସ୍ତରୀୟ ଆନ୍ଦୋଳନକୁ ସ୍ଥଗିତ ରଖୁଛୁ। ପରୀକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ କରିବୁ। କିନ୍ତୁ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ କେବଳ ପ୍ରତୀକାତ୍ମକ ଆନ୍ଦୋଳନ ଜାରି ରହିବ। ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଜିଲାୱାରି ଧାରଣା ଚାଲିବ। ଯେଉଁ ଶିକ୍ଷକଙ୍କର ପରୀକ୍ଷା ଡ୍ୟୁଟି ଅଛି ସେମାନେ କାର୍ଯ୍ୟରେ ଯୋଗଦେବେ। ଯେଉଁମାନଙ୍କର ଡ୍ୟୁଟି ନାହିଁ, ସେମାନେ ଏହି ଧାରଣାରେ ବସିବେ ବୋଲି ଦାଶ ସୂଚନା ଦେଇଛନ୍ତି। ☞ପୃଷ୍ଠା-୯






ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା

-ଭୈମୀ ଏକାଦଶୀ(ବଡ଼) ଉପବାସ, ବ୍ୟାସ ସରୋବର ମେଳା, ବରାହ ଦ୍ୱାଦଶୀ ଓ ହଳ ନିଷେଧ



# ଗୃହିଣୀଙ୍କ ଅବଦାନ

ପରିବାରରେ ଗୃହିଣୀଙ୍କ ଅବଦାନକୁ ନେଇ ଗତ ସପ୍ତାହରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ପୁରୁଷକେନ୍ଦ୍ରିକ ସମାଜ ପାଇଁ ଏହା ମଧ୍ୟ ଏକ ସଚେତନାତ୍ମକ ବାର୍ତ୍ତା। ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଥିଲେ ଯେ, ପରିବାରର ଜଣେ ଆଖିଦୃଶିଆ ଆୟକାରୀ ବ୍ୟକ୍ତିଙ୍କଠାରୁ ଜଣେ ଗୃହିଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ଗୃହିଣୀଙ୍କ କାର୍ଯ୍ୟ ଓ ଅବଦାନକୁ ଗଣନା କରାଯାଏ ତାହା ଆର୍ଥିକ ମୂଲ୍ୟରେ ପରିଣତ କରିବା ଅତ୍ୟନ୍ତ କଷ୍ଟକର। ଏଥିସହିତ ଶୀର୍ଷ ଅଦାଲତ କହିଥିଲେ ଯେ, କୌଣସି ଦୁର୍ଘଟଣାଜନିତ କ୍ଷତିପୂରଣ ଦାବିରେ ଗୃହିଣୀଙ୍କ କାର୍ଯ୍ୟ, ଶ୍ରମ ଏବଂ ତ୍ୟାଗକୁ ଆଧାର କରି ସେମାନଙ୍କ ଆନୁମାନିକ ଆୟକୁ ଟ୍ରିବ୍ୟୁନାଲ ଓ କୋର୍ଟଗୁଡ଼ିକ ହିସାବ କରିବା ଦରକାର। ଉଲ୍ଲେଖନୀୟ ଯେ, ଉତ୍ତରାଖଣ୍ଡରେ ୨୦୦୬ ମସିହାରେ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ସ୍ୱାମୀ ଓ ନାବାଳକଙ୍କୁ କ୍ଷତିପୂରଣ ବାବଦରେ ୨.୫ ଲକ୍ଷ ଟଙ୍କା ଦେବା ଲାଗି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅସନ୍ତୁଷ୍ଟ ପରିବାର ଅଧିକ କ୍ଷତିପୂରଣ ପାଇଁ ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ କୋର୍ଟ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ। ପ୍ରାରମ୍ଭରୁ ମହିଳାଙ୍କ ଆନୁମାନିକ ଆୟକୁ ଜଣେ ଦିନମଜୁରିଆ ଆୟଠାରୁ କମ୍ କରି ବିଚାର କରିଥିଲା ଟ୍ରିବ୍ୟୁନାଲ । କିନ୍ତୁ ଟ୍ରିବ୍ୟୁନାଲ ଆଦେଶରେ କୌଣସି ତ୍ରୁଟି ନ ଥିଲା ବୋଲି ହାଇକୋର୍ଟ ଦର୍ଶାଇଥିଲେ। ହାଇକୋର୍ଟଙ୍କ ଏଭଳି ରାୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ସୁପ୍ରିମକୋର୍ଟ କହିଥିଲେ ଯେ, ଜଣେ ଦିନମଜୁରିଆ ଆୟଠାରୁ ଜଣେ ଗୃହିଣୀଙ୍କ ଆୟକୁ କିଭଳି କମ୍ ବୋଲି ଦେଖାଯିବ। ସୁପ୍ରିମ୍‌କୋର୍ଟ ଗୃହିଣୀଙ୍କ ସମୟ ଓ ପରିବାର ପ୍ରତି ସମର୍ପିତ କାର୍ଯ୍ୟଗୁଡ଼ିକୁ ସ୍ପଷ୍ଟ କରିବା ସହ ସୂଚିତ କରିଥିଲେ ଯେ,ସେସବୁକୁ ଅଣଦେଖା କରାଯିବା ଉଚିତ ନୁହେଁ । ଏହାବ୍ୟତୀତ କ୍ଷତିପୂରଣ ରାଶିକୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ ୬ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଯୁକ୍ତିକୁ ଦେଖିଲେ ମନେହୁଏ ଯେ, ନିମ୍ନ ଅଦାଲତଗୁଡ଼ିକ ପରିବାରରେ ଗୃହିଣୀଙ୍କ ଅବଦାନକୁ ଆକଳନ କରିବାରେ ସକ୍ଷମ ହୋଇପାରୁନାହାନ୍ତି। ଦେଖିବାକୁ ଗଲେ କେବଳ ଅଦାଲତ ନୁହେଁ, ଏହି ରୋଗାକ୍ରାନ୍ତ ଚିନ୍ତାଧାରା ସମଗ୍ର ଭାରତୀୟ ସମାଜକୁ ଗ୍ରାସ କରିଥିବାରୁ ଆମ ଦେଶର ପରିସ୍ଥିତି ଆଜି ଏହିଭଳି ହୋଇଛି। ପରିବାରରେ ମହିଳାଙ୍କ ସ୍ଥିତିର ବାସ୍ତବତାକୁ ଦେଖିଲେ ଜଣାଯାଏ ଯେ, ଲିଙ୍ଗଗତ ଅସମାନତା କାରଣରୁ ସେମାନଙ୍କ କାର୍ଯ୍ୟର ମୂଲ୍ୟାୟନ ପ୍ରତି ଗୁରୁତ୍ୱ ଦିଆଯାଇପାରୁନାହିଁ।

**ଗୃହିଣୀଙ୍କ ସହନଶୀଳ ତଥା ଦୀର୍ଘ ସମୟର କଠିନ ଶ୍ରମର ମୂଲ୍ୟକୁ ବୁଝିଲେ ସମସ୍ତଙ୍କ ପାଇଁ ଏକ ସମ୍ମିଳିତ, ସମ୍ମାନଜନକ ଓ ପାତରଅନ୍ତରବିହୀନ ସମାଜ ଗଠନ ସମ୍ଭବ ହୋଇପାରିବ। ସେମାନଙ୍କ ସାମାଜିକ ଓ ଆର୍ଥିକ ଅବଦାନ ସମ୍ପର୍କରେ ଶୀର୍ଷ ଅଦାଲତଙ୍କ ଏବକାର ରାୟ ହୁଏତ ଏ ଦିଗରେ ସମାଜକୁ ପ୍ରେରିତ କରିବ ବୋଲି ଆଶା କରାଯାଏ।**

ଜଣେ ଗୃହିଣୀ ପିଲାଙ୍କ ଯତ୍ନ ଓ ପାଠପଢ଼ା, ଘରକାମ, ରୋଷେଇ, ମାର୍କେଟିଂ କିମ୍ବା ବ୍ୟବସାୟିକ କାର୍ଯ୍ୟରେ ସହଯୋଗ କରିଥାନ୍ତି। ଏଥିସହିତ ସମଗ୍ର ପରିବାରରେ ଭାବଗତ ସମନ୍ୱୟ ରକ୍ଷା କରିବାରେ ଅଧିକାଂଶ ଗୃହିଣୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥାଏ। ଅନେକ ଗରିବ ପରିବାରରେ ଏସବୁ କାମ ସହ ସେମାନଙ୍କ ଉପରେ ଦୈନିକ ରୋଜଗାରର ବୋଝ ନ୍ୟସ୍ତ ଥାଏ। ଗ୍ରାମାଞ୍ଚଳରେ ମହିଳାମାନେ ଚାଷକାମରେ ଲିପ୍ତ ରୁହନ୍ତି। ଗୃହପାଳିତ ପଶୁଙ୍କ ରକ୍ଷଣାବେକ୍ଷଣ ମଧ୍ୟ ସେମାନଙ୍କର ଦାୟିତ୍ୱ। ଏହିଭଳି ହିସାବ କଲେ ଗୃହିଣୀଙ୍କ ଅସରନ୍ତି କାର୍ଯ୍ୟ ଯାହା ପାଇଁ ୨୪ ଘଣ୍ଟିଆ ଦିନ ଯଥେଷ୍ଟ ହୁଏ ନାହିଁ। କହିବାକୁ ଗଲେ ଏକ ଭଲ ପରିବାର ଓ ସମାଜ ଗଠନରେ ଗୃହିଣୀଙ୍କ ଅତୁଳନୀୟ ଅବଦାନ ରହିଛି। ଦେଶର ଅର୍ଥ ବ୍ୟବସ୍ଥାରେ ସେମାନଙ୍କ ଶ୍ରମର ଅବଦାନ ମଧ୍ୟ ରହୁଛି। ନ୍ୟାଶନାଲ ସାମ୍ପଲ ସର୍ଭେ ଅର୍ଗାନାଇଜେଶନ ତଥ୍ୟ ଅନୁଯାୟୀ ଭାରତରେ ୧୬ କୋଟି ମହିଳା ଗୃହିଣୀ ଭାବେ କାର୍ଯ୍ୟରତ। ଜଣେ ମହିଳା ଦୈନିକ ହାରାହାରି ୨୯୭ ମିନିଟ୍ ପରିବାର ପାଇଁ କାମ କରୁଥିବାବେଳେ ଜଣେ ପୁରୁଷ ଏଥିପାଇଁ ମାତ୍ର ୩୧ ମିନିଟ୍ ସମୟ ଦିଅନ୍ତି। କିନ୍ତୁ ସବୁବେଳେ ପରିବାରରେ ପୁରୁଷମାନେ କେତେ କାମ କରୁଛନ୍ତି ତାହାର ଆକଳନ କରାଯାଉଥିବାବେଳେ ମହିଳାଙ୍କ କାର୍ଯ୍ୟକୁ ଗୌଣ ଦୃଷ୍ଟିରେ ଦେଖାଯାଇଥାଏ। କାର୍ଯ୍ୟର ଆର୍ଥିକ ଓ ସାମାଜିକ ମୂଲ୍ୟାୟନ ନ ହେବା ଯୋଗୁ ଜଣେ ଗୃହିଣୀ କିମ୍ବା ସାମଗ୍ରିକ ଭାବେ ମହିଳା ସମାଜ ପ୍ରତି ଅସମାନତା ମାନସିକତା ସୃଷ୍ଟି ହେଉଛି। ଏହା ମଧ୍ୟ ଘରୋଇ ହିଂସାର କାରଣ ପାଲଟୁଛି। ଅସମାନତା ଏତେ ମାତ୍ରାରେ ସମାଜର ଅସ୍ଥିମଜ୍ଜାଗତ ହୋଇଯାଇଛି ଯେ,ଏହାକୁ ଦୂର କରିବା କଷ୍ଟକର। କିନ୍ତୁ ସମାଧାନ ରହିଛି ଆମ ହାତରେ। ଗୃହିଣୀଙ୍କ ଅବୈତନିକ କାର୍ଯ୍ୟର ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିପାଇଁ ପରିବାରରେ ସେମାନଙ୍କ ଅବଦାନ, ସମାଜରେ ସେମାନଙ୍କ ଅଧିକାରକୁ ସମ୍ମାନ ଜଣାଇବାକୁ ହେବ। ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଓ ପୁରୁଷପ୍ରାଧାନ୍ୟ ବିଚାରଧାରାରେ ପରିବର୍ତ୍ତନ ସହ ସମାନତାକୁ ଉତ୍ସାହିତ କରୁଥିବା ଶିକ୍ଷା ବ୍ୟବସ୍ଥା ଜରୁରୀ। ଗୃହିଣୀଙ୍କ ସହନଶୀଳ ତଥା ଦୀର୍ଘ ସମୟର କଠିନ ଶ୍ରମର ମୂଲ୍ୟକୁ ବୁଝିଲେ ସମସ୍ତଙ୍କ ପାଇଁ ଏକ ସମ୍ମିଳିତ, ସମ୍ମାନଜନକ ଓ ପାତରଅନ୍ତରବିହୀନ ସମାଜ ଗଠନ ସମ୍ଭବ ହୋଇପାରିବ। ସେମାନଙ୍କ ସାମାଜିକ ଓ ଆର୍ଥିକ ଅବଦାନ ସମ୍ପର୍କରେ ଶୀର୍ଷ ଅଦାଲତଙ୍କ ଏବକାର ରାୟ ହୁଏତ ଏ ଦିଗରେ ସମାଜକୁ ପ୍ରେରିତ କରିବ ବୋଲି ଆଶା କରାଯାଏ।

# ଓଡ଼ିଆଙ୍କ ଅସ୍ମିତା ବି ସରକାରୀ



ସହଦେବ ସାହୁ

ଫେବୃଆରୀ ୩ରୁ ୫ (୨୦୨୪) ଜନତା ମଇଦାନରେ ରାଜ୍ୟ ସରକାର 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ କରିଥିଲେ। ବିଶ୍ୱ ଶବ୍ଦର ବ୍ୟବହାର ଆମକୁ ଚକିତ କରିଦେଇଛି। ପୃଥିବୀ ସୌରମଣ୍ଡଳର ଏକ ଗ୍ରହ, ସୌରମଣ୍ଡଳ ତ ଆକାଶଗଙ୍ଗା ତାରକାମଣ୍ଡଳର ସୂର୍ଯ୍ୟ ନାମକ ଏକ ତାରକାର ବଳୟ, ପୁଣି ଆକାଶଗଙ୍ଗା ତ ବିଶ୍ୱର ଅସଂଖ୍ୟ ତାରକାମଣ୍ଡଳ ଭିତରୁ ଗୋଟିଏ। ଏପରି ଦେଖିଲେ ପୃଥିବୀ ବିଶ୍ୱର ଏକ ଅଣୁମାତ୍ର, କିନ୍ତୁ ଆମ ପାଇଁ ପ୍ରକାଣ୍ଡ ସ୍ଥାନ। ତହିଁରେ ୧୯୫ ପାଖାପାଖି ଦେଶ, ତହିଁରୁ ଚାରି ପାଞ୍ଚଟି ଦେଶରେ ସୀମିତ କୌଣସି ସମ୍ମିଳନୀକୁ ବିଶ୍ୱ ସମ୍ମିଳନୀ କହିବା କି? ତାହା ଅନ୍ତର୍ରାଷ୍ଟ୍ରୀୟ ବା ଆନ୍ତର୍ଜାତିକ ସମ୍ମିଳନୀ: ବିଶ୍ୱ ଶବ୍ଦ ଲାଗିବ ନାହିଁ। ପ୍ରବାସୀ ଓଡ଼ିଆମାନେ ଯୋଗଦେଲେ ଭାଷାର ବିକାଶ ଘଟେ ନାହିଁ। ସେମାନେ ତ ନିଜ ମାତୃଭୂମି (ତେଣୁ ମାତୃଭାଷା) ଖୋରାକ ଯୋଗାଇ ପାରିବ ନାହିଁ ଭାବି ବିଦେଶ ପଳାଇଛନ୍ତି, ସେମାନଙ୍କ ପରବର୍ତ୍ତୀ ପିଢ଼ି ଓଡ଼ିଆକୁ ଜୀବିକାର୍ଜନର ବିଫଳ ଭାଷା ବୋଲି ତାକୁ ଭୁଲିଯିବେ। ସେମାନେ ଯେଉଁ ଦେଶରୁ ଆସିଲେ ବି ଓଡ଼ିଆ ଭାଷାର ଅସ୍ମିତା ପ୍ରସାରଣରେ ଗଣାଯିବା କଥା ନୁହେଁ। ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚାଇନା ଭଳି ବଡ଼ ବଡ଼ ଦେଶର କୌଣସି ପ୍ରାଚ୍ୟ ଭାଷା ବିଶାରଦ ଆସିଥିଲେ ସମ୍ମିଳନୀକୁ ଅଧିକ ଅନ୍ତର୍ଜାତୀୟ କରିଥା'ନ୍ତା, ଯଥା ଜାପାନରେ ମହାଭାରତ ଉପରେ ଗବେଷଣା କରୁଥିବା ଓଡ଼ିଆ।

ସାଇନ୍‌ବୋର୍ଡ ଲେଖୁଥିବା ସ୍ୱଳ୍ପ ଶିକ୍ଷିତ ଚିତ୍ରକର ଭଳି ସରକାରଙ୍କ ଇଲେକ୍‌ଟ୍ରୋନିକ୍ ବିଭାଗ ଯେଉଁ ୱେବ୍‌ସାଇଟ୍ ତିଆରି କଲେ, (ଯେପରି ଆଗକାଳରେ ବାଟା ଜୋତା ଦୋକାନ ନ ଥିଲେ କୌଣସି ସ୍ଥାନ ସହର ନାମବାଚ୍ୟ ହେଉ ନ ଥିଲା, ଆଜିକାଲି ୱେବ୍‌ସାଇଟ୍ ନ ଥିବା କୌଣସି କାର୍ଯ୍ୟକ୍ରମ ଅନୁଷ୍ଠାନ ପଦବାଚ୍ୟ ହୁଏ ନାହିଁ), ତା'ର ନାଁ 'ଓଡ଼ିଆ ଭାଷା' ସମ୍ମିଳନୀ ନ ହୋଇ ହୋଇଛି 'ଓଡ଼ିଆ' ସମ୍ମିଳନୀ (worldodiaconference.org)।ଅବଶ୍ୟ ଗୁଗଲରେ ଓଡ଼ିଆ ଭାଷା ସମ୍ମିଳନୀ ସମ୍ପର୍କରେ ଖୋଜିଲେ ଏ ସାଇଟ୍‌ଟି ବି ମିଳିଯିବ, କିନ୍ତୁ ତାହା ଭାଷା ସମ୍ମିଳନୀ ନ ଦର୍ଶାଇ ଓଡ଼ିଆଙ୍କ ସମ୍ମିଳନୀ ନାମ ଦେଖାଇବ। 'ଅଣଓଡ଼ିଆ' କାହିଁକି ସେ ୱେବ୍‌ସାଇଟ୍ ଭିତରକୁ ପଶିବ? ପୁଣି ସେହି ୱେବ୍‌ସାଇଟ ଅଧୀନରେ ଥିବା ବିଭିନ୍ନ ପରିଚ୍ଛେଦ ତ ସହଜରେ ଖୋଲୁନାହିଁ, 'ଓଡ଼ିଆମାନେ' ସମ୍ମିଳନୀ ସମ୍ପର୍କରେ ବିବରଣୀ ପାଇବେ ନାହିଁ, ବାହାର ଲୋକେ ବିଶ୍ୱ ଓଡ଼ିଆ (ଭାଷା) ସମ୍ମିଳନୀ ବିଷୟରେ ବିଶେଷ କିଛି ସୂଚନା ପାଇବେ ନାହିଁ। କ'ଣ କ'ଣ ହେଉଛି ବା ହୋଇଗଲାଣି ତାହା ବି ସେ ସାଇଟ୍‌ରେ ମିଳୁନାହିଁ। କେବଳ ଆମ ରାଜ୍ୟରେ ଓଡ଼ିଆ କାଗଜଗୁଡ଼ିକରେ ଓ ଆମ ଦେଶରେ ପ୍ରସାରିତ ଓଡ଼ିଶାକୁ ଆସୁଥିବା




କେତେକ ଇଂଲିଶ୍ ଖବରକାଗଜରେ ସରକାରଙ୍କ ବିଜ୍ଞାପନ ଜରିଆରେ (ବିଜ୍ଞାପନ ପାଇଥିବା ଖବରକାଗଜର ସାମ୍ବାଦିକମାନଙ୍କ ପରିବେଷିତ ଖବରରୁ) କିଛି କିଛି ଜାଣିହେଉଛି। ସେହିଭଳି ଟେଲିଭିଜନ ଚାନେଲ୍‌ଗୁଡ଼ିକରେ ବାହାରିଥିବା ସରକାରୀ ପରବେଷିତ ଖବରରୁ କିଛି କିଛି ତଥ୍ୟ ମିଳିଛି। ଯେଉଁ ପାଞ୍ଚ ଛଅଟି ଦେଶରୁ ଓଡ଼ିଆ ଭାଷା ଜ୍ଞାନଥିବା ବକ୍ତାମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା, ସେ ଦେଶଗୁଡ଼ିକରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ଦେଖାଉଥିବା ଲୋକେ ଅଛନ୍ତି ତ! ପ୍ରବାସୀ ଓଡ଼ିଆମାନେ ସମ୍ପର୍କୀୟ ଓଡ଼ିଆଙ୍କଠାରୁ ଉଡ଼ା ଖବର ପାଇଥିବେ। ତେଣୁ ୱେବ୍‌ସାଇଟ୍ କରିବା ବୃଥା। ଭାରତ ସରକାରଙ୍କ ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ (ଏନ୍‌ଆଇସି) ମାଗଣାରେ ହଷ୍ଟିଂ କରୁଛି ବୋଲି ଆମ ରାଜ୍ୟ ସରକାର ଯେଉଁ ସାଇଟ୍‌ଟିଏ କରିଦେଲେ, ତହିଁରେ ଆରମ୍ଭର ପୃଷ୍ଠାଟି ଖୋଲିଦେଲେ। ଓଡ଼ିଶାର ଜନସଂଖ୍ୟା ୨୦୨୩ ଅପ୍ରେଲ ପହିଲାରେ ୪,୬ ୩,୭୩,୦୦୦ ବା ୪ କୋଟି ୬୪ ଲକ୍ଷ ହୋଇଥିଲେ ବି ୱେବ୍‌ସାଇଟ୍‌ର ଉପକ୍ରମଣିକାରେ କୁହାଯାଇଛି 'ଓଡ଼ିଆ ଭାଷା ଆମ ଓଡ଼ିଶା ପରିବାରର ସାଢ଼େ ଚାରି କୋଟି ଲୋକଙ୍କ ସାମୂହିକ ପରିଚୟ।' ଓଡ଼ିଶାରେ ପ୍ରାୟ କୋଟିଏ ୯୦ ଲକ୍ଷ ଲୋକ ଓଡ଼ିଆ ନ କହି (ସେମାନଙ୍କ ମାତୃଭାଷା ନୁହେଁ ବୋଲି) ବେଶ୍ ସୁରୁଖୁରୁରେ ଚଳିପାରୁଛନ୍ତି– ଓଡ଼ିଆ ସେମାନଙ୍କ ପରିଚୟ ନୁହେଁ। ସରକାରୀ କାମରେ ଓଡ଼ିଆ ବ୍ୟବହାର ଉପରେ ଗୁରୁତ୍ୱ ନ ଥିବାରୁ ଓଡ଼ିଶାବାସୀ ହୋଇ ମଧ୍ୟ ଅନେକେ ଓଡ଼ିଆ ବ୍ୟବହାର କରୁନାହାନ୍ତି, ସେମାନଙ୍କର ଭାଷା ପ୍ରତି ନେଣଦେଣ ନାହିଁ। ଓଡ଼ିଆ ଭାଷା ସେମାନଙ୍କ 'ପରିଚୟ' ବୋଲି କେମିତି କହିବା?

ପ୍ରଚାର କରାଗଲା ଯେ ଏ ପ୍ରକାର ସମ୍ମିଳନୀ ଓଡ଼ିଆ ଅସ୍ମିତା ବଢ଼ାଇବ ; ଏ ସମ୍ମିଳନୀକୁ ଆସୁଥିବା ଯୁବ ପିଢ଼ି ଭାଷା ପ୍ରତି ଆଗ୍ରହୀ ହେବେ ଓ ପ୍ରାଚୀନ କଥା ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ। ଏପରି କହୁଥିବା ସରକାର ଯଦି ୨୦୦୦ରୁ ନ ହେଲେ ବି ୨୦୧୪ରୁ ଏପରି କରିଆସୁଥାଆନ୍ତେ, ଓଡ଼ିଆ ଅସ୍ମିତା ଖୁବ୍ ଉଚ୍ଚକୁ ଉଠିଯାଆନ୍ତାଣି। ସରକାରୀ କାର୍ଯ୍ୟାଳୟରେ ଓ ସରକାରଙ୍କ ସହ ଯୋଗାଯୋଗରେ ତ ଓଡ଼ିଆ ବ୍ୟବହାର ହେଉନାହିଁ, ୨୩ ବର୍ଷ ବିତିଗଲାଣି, ବୁଦ୍ଧିଜୀବୀମାନେ କ'ଣ ଜାଣିନାହାନ୍ତି ଯେ ସାହିତ୍ୟରେ ପୁରସ୍କାର ପାଇଥିବା ବ୍ୟକ୍ତିମାନେ ସେମାନଙ୍କ ଗୋଷ୍ଠୀ ଭିତରେ ପ୍ରଶଂସା ପାଇଥା'ନ୍ତି, ସେମାନେ ଭାଷାର ପ୍ରସାର ଦିଗରେ କିଛି କରନ୍ତି ନାହିଁ, ଅଧିକାର ଓ ପ୍ରଶଂସା ସାବ୍ୟସ୍ତ କରିବା ଦିଗରେ ସେମାନେ ଲାଗିଥାଆନ୍ତି। ସାଧାରଣ ଓଡ଼ିଆ ପ୍ରଶାସନର ଦ୍ୱାରସ୍ଥ ହେବା ପାଇଁ ଜଣେ ଅଧେ ଟାଉଟର ବା ମଧ୍ୟସ୍ଥି ବ୍ୟବହାର କରିବାକୁ ବାଧ୍ୟ, କାରଣ ଇଂରାଜୀରେ ଆପିଲ କଲେ ଶୀଘ୍ରତର ସମାଧାନ ହେଉଛି ; ଏଠି ତ ମାତୃଭାଷା ସରକାରୀ ଭାଷା ନୁହେଁ। ସରକାରଙ୍କ ସହିତ ଯୋଗାଯୋଗ କରିବାର ମାଧ୍ୟମ କରିବା ପାଇଁ ଓଡ଼ିଆ ଭାଷାଭାଷୀଙ୍କୁ ଏକତ୍ର କରିବାର ଚେଷ୍ଟାରୁ ତ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା: ସ୍ୱତନ୍ତ୍ର ପ୍ରଦେଶ ହେଲା ପରେ ୧୧ ବର୍ଷ ଭିତରେ ଆମ ଦେଶ ସ୍ୱାଧୀନ ହୋଇଗଲା ତ ଆମେ ଓଡ଼ିଆକୁ ପ୍ରଶାସନର ଭାଷା କରିପାରିଲୁ ନାହିଁ, ତା'ର ମୁଖ୍ୟ କାରଣ ଆମ ରାଜନେତାମାନଙ୍କ ରାଜନୀତି। ଏବେ ବି ସରକାରୀ ସାହାଯ୍ୟ ଆବଶ୍ୟକ କରୁଥିବା ଓଡ଼ିଆଟିଏ ତା'ର କଥିତ ଓଡ଼ିଆରେ ଆବେଦନ କଲେ କେହି ଶୁଣୁନାହିଁ ବୋଲି କୋର୍ଟ କଚେରିରେ ରାଇଟର (ଲେଖକ) ପଦ ରହିଛି। ଇଂରେଜମାନେ ୧୮୩୫ରେ ଇଂରେଜକୁ ସରକାରୀ ଭାଷା କରିଦେଲେ, ୧୧୨ ବର୍ଷର ଇଂରେଜ ଶାସନ ଆମ ରକ୍ତମଜ୍ଜାଗତ କରିଦେଲା ; ଓଡ଼ିଆରେ ଲେଖିବା ପାଇଁ ଆମେ ଏବେ ବି ଇଂରାଜୀରେ ଭାବୁଛୁ ବୋଲି କେତେକ ଓଡ଼ିଆ ଆଇଏଏସ୍ ଅଫିସର କହନ୍ତି। ୧୯୩୬ରୁ ୨୦୨୪ ଅଠାଅଶୀ ବର୍ଷ ବିତିଥିଲେ ବି ଓଡ଼ିଆ ଆମ ରକ୍ତମାଂସର ଭାଷା ହୋଇପାରିନାହିଁ ; ଏହି ବର୍ଷରୁ ମାତୃଭାଷାରେ ନିମ୍ନ, ପ୍ରାଥମିକ ଓ ସେକେଣ୍ଡାରୀ ସ୍ତରର ପାଠପଢ଼ା ହେବ ବୋଲି ଯାହା କୁହାଯାଉଛି, ତାହା ସଫଳ ହେଲେ ଓଡ଼ିଆ ଭାଷା ଅନ୍ତର୍ଜାତୀୟ ଭାଷା ହୋଇପାରେ।

ଭାଷାର ବ୍ୟବହାର ରାଜଧାନୀରୁ ପ୍ରସାରିତ ହେଲେ ସହଜରେ ସରକାରୀ ଭାଷା ହୋଇପାରେ। ତା' ମାନେ ନୁହେଁ ଯେ ଭୁବନେଶ୍ୱରିଆ ହିଁ ଓଡ଼ିଆ ଭାଷାର ଅସ୍ମିତା ପାଇଁ କାମ କରିବେ। ଡାକଘରେ, ରେଳ ଷ୍ଟେସନରେ, ବ୍ୟାଙ୍କରେ ଓ ଶିକ୍ଷାୟତନରେ ଫର୍ମ ପୂରଣ ପାଇଁ ଓଡ଼ିଆ ପୃଷ୍ଠା ଥିଲେ ବି ଶିକ୍ଷିତ ଓଡ଼ିଆ ଇଂରାଜୀ ପୃଷ୍ଠାକୁ ପୂରଣ କରୁଥିବା ଯାଏ, ସରକାରୀ ଅଧିକାରୀମାନେ ଆବେଦନ ପତ୍ର ଓଡ଼ିଆରେ ଚାହୁଁ ନଥିବା ଯାଏ ଅର୍ଥାତ୍ ଓଡ଼ିଆକୁ ହୀନ ମନେକରୁଥିବା ଯାଏ ଓ ସେପରି ଅଧିକାରୀମାନଙ୍କୁ ସରକାରରେ ଥିବା ରାଜନେତାମାନେ ତାଗିଦା ନ କରିବା ଯାଏ, ଓଡ଼ିଆ ସାହିତ୍ୟରେ ଭାରତର ଶ୍ରେଷ୍ଠ ପୁରସ୍କାର ପାଇ ମଧ୍ୟ ପାଠକସଂଖ୍ୟା ବଢ଼ାଇବାରେ ନ ଲାଗିଲେ ଓଡ଼ିଆ ଭାଷା ସମୃଦ୍ଧ ହେବ ନାହିଁ। ପୁରସ୍କୃତ ବହିକୁ ଏବେ ତ ଶୂନ ଦଶମିକ ୦୦୧ ଠୁ ବି କମ୍ ପାଠକ ପଢୁଛନ୍ତି, ତାହା ଦିନେ ଡୋରିବନ୍ଧା ହୋଇ ପୂଜାପୋଥି ହୋଇ ରହିବ। ପୁରାତନ ବା ପ୍ରାଚୀନ ଗ୍ରନ୍ଥ ଯେପରି ରାଜାନୁଗ୍ରହରୁ ସୃଷ୍ଟି ହୋଇଥିଲା, ଏବେ ସେହିପରି ସରକାରୀ– ଅନୁଗ୍ରହ ମିଳିଲେ ପଠନଯୋଗ୍ୟ (ପୂଜାଯୋଗ୍ୟ ନୁହେଁ) ରଚନା ବିକଶିତ ହୋଇପାରିବ ଓ ଓଡ଼ିଆ ଭାଷା ଅନ୍ତର୍ଜାତୀୟ ସ୍ତରର ହୋଇପାରିବ।

sahadevas@yahoo.com

# ପରୀକ୍ଷା ପାଇଁ ପ୍ରସ୍ତୁତି



ଡା. ସମ୍ରାଟ କର

ପରୀକ୍ଷା ପୂର୍ବରୁ ଓ ପରୀକ୍ଷା ସମୟରେ କିପରି ପ୍ରସ୍ତୁତ ହେବ ଜାଣିବା ଦରକାର। ପ୍ରଥମେ ଖାଇବା ଓ ଶୋଇବା ବିଷୟରେ ଆଲୋଚନା କରିବା। ଶୋଇବାର ପ୍ରାୟ ଅଧ ଘଣ୍ଟାଏ ପୂର୍ବରୁ ପଢ଼ିବା କଥା ନୁହେଁ। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଅଭ୍ୟାସ କର। ଠିକ୍ ଭାବେ ନ ଶୋଇଲେ, ଭାବନା ଠିକ୍ ହେବନାହିଁ। ପ୍ରଶ୍ନର ଉତ୍ତର ଭାବିକି ଲେଖିବାରେ ଅସୁବିଧା ହେବ। ମଧ୍ୟାହ୍ନ ଓ ରାତ୍ରିଭୋଜନର ଅଧ ଘଣ୍ଟାରୁ ଘଣ୍ଟାଏ ମଧ୍ୟରେ ପାଠ ପଢ଼ ନାହିଁ। ଏହି ସମୟରେ ପାକସ୍ଥଳୀକୁ ଅଧିକ ଓ ମସ୍ତିଷ୍କକୁ ଟିକିଏ କମ୍ ରକ୍ତ ସଞ୍ଚାଳନ ହୁଏ। ନିଦୁଆ ଲାଗେ। ପାଠ ମନେ ରହେ ନାହିଁ। ନିଜେ ନିଜକୁ ପ୍ରଶ୍ନ କରି ସୂଚୀ ପ୍ରସ୍ତୁତ କର। କେଉଁ ପାଠ ଅଛି? କେଉଁଟା ଗୁରୁତ୍ୱପୂର୍ଣ୍ଣ ପାଠ? କ'ଣ ମନେ ରହୁନାହିଁ? ପାଠଟି ବୁଝିକରି ମନେରଖିବା ପାଇଁ କେତେ ସମୟ ଲାଗିବ? ଏହାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ସମୟ ହାତରେ ରଖ। ନିଜର ସ୍କୁଲ, ଟିଉସନ୍, ଖାଇବା ଓ ଖେଳିବା ଇତ୍ୟାଦିରେ କେତେ ସମୟ ଯାଉଛି ଲେଖିରଖ। ତେଣୁ ଦିନର କେଉଁ ସମୟରେ କେତେ ପାଠ ପଢ଼ିବ ଜାଣିପାରିବ। ଗୃହିଣୀ ଓ ଚାକିରି କରି ପାଠ ପଢୁଥିବା ପିଲାମାନେ ଘରକାମ, ଅଫିସକାମ ଓ ପିଲାକାମ ସାରି ପଢ଼ି ବସନ୍ତୁ। ତା'ହେଲେ ମନ ଅସ୍ଥିର ହେବନାହିଁ। ପାଠରେ ମନ ଲାଗିବ। ପାଠପଢ଼ା ପରିବେଶକୁ ଠିକ୍ ରଖ। ପାଖରେ ଖାତା, ପେନ୍, ପେନ୍‌ସିଲ ଓ ଘଣ୍ଟାକୁ ରଖିବ। ବହିଗୁଡ଼ିକ ଠିକ୍ ଜାଗାରେ ଶୃଙ୍ଖଳିତ କରି ରଖିଲେ କାଢ଼ିବା ସମୟରେ ସହଜ ହେବ। ଏକାଥରକେ ଚାରି ପାଞ୍ଚଘଣ୍ଟା ବସି ପାଠ ପଢ଼ ନାହିଁ। ପ୍ରାୟ ୪୫ ମିନିଟ୍‌ରୁ ୧ ଘଣ୍ଟା ପଢ଼ିବା ପରେ ପାଞ୍ଚ ଦଶ ମିନିଟ୍‌ର ବ୍ରେକ୍ ନିଅ। ଏହି ସମୟରେ ଅଲଗା କିଛି କର। ପରୀକ୍ଷା ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତି : (କ) ଶେଷ ଦଶ ବର୍ଷର ପରୀକ୍ଷା ପ୍ରଶ୍ନ ଆଣି ପାଖରେ ରଖ। କେଉଁ ପ୍ରକାର ପ୍ରଶ୍ନ ପଡୁଛି ଲକ୍ଷ୍ୟ କର। ବର୍ତ୍ତମାନ ନିଜକୁ ପ୍ରଶ୍ନ କର ଯେ କେଉଁ ପ୍ରକାର ପଢ଼ିବ ଓ କିପରି? ନିଜ ପାଖରେ କ'ଣ ଅଛି? ବହି, ଟେଷ୍ଟପେପର ଓ ନୋଟସ୍ ଆଦିକୁ ଶୃଙ୍ଖଳିତ ଭାବେ ରଖ। (ଖ) ଯେ କୌଣସି ବିଷୟ ପଢ଼ିବା ସମୟରେ ଏହାର ଶିରୋନାମା ବା ଶୀର୍ଷରେ ଉଲ୍ଲେଖିତ ବିଷୟରେ ଥିବା ମୁଖ୍ୟ ଭାବନା ଭଲଭାବେ ବୁଝ ଓ ମନେରଖ। ଧୀରେ ଧୀରେ ବାକି ପାଠ ମଧ୍ୟ ମନେରହିବ। (ଗ) ଯେଉଁ ବିଷୟଟିକୁ ପଢ଼ିଲ, ସେ ବିଷୟଟିକୁ ପରେ ମନେ ପକାଅ, ଲେଖ ଓ ବନ୍ଧୁମାନଙ୍କ ସହିତ ଆଲୋଚନା କର। (ଘ) କେତେ ବୁଝିଲ ଓ ମନେ ରଖିଲ ଏହା ନିଜେ ନିଜକୁ ପ୍ରଶ୍ନ କର। ଆଉଥରେ ବିଷୟଟିକୁ ପଢ଼।

ପରୀକ୍ଷା ସମୟରେ ପିଲାମାନେ ଅଭିଯୋଗ କରନ୍ତି ଯେ, ମନ ଅସ୍ଥିର ରହୁଛି ଓ ପାଠ ମନେ ରହୁନାହିଁ। ପାଠ ପଢ଼ିବା ସମୟରେ ମନ ଅସ୍ଥିର ହୋଇପଡ଼େ। ବାହାରୁ ଦେଖିଲେ ଲାଗେ ଯେପରି ପିଲାଟି ପାଠ ପଢୁଛି। ମାତ୍ର ସେ ଖେଳ କଥା, ସାଙ୍ଗମାନଙ୍କ କଥା ଓ ଟିଭି କାର୍ଯ୍ୟକ୍ରମ ବିଷୟରେ ଭାବୁଥାଏ। ମନ ଅସ୍ଥିରତାର ମୁଖ୍ୟ କାରଣ ହେଉଛି ମାନସିକ ଚାପ। ଶାନ୍ତ ପରିବେଶରେ ପଢ଼। ଭଲ ଭାବେ ତାଲିକା ଓ ସୂଚୀ ପ୍ରସ୍ତୁତ କରି ସେଇ ଅନୁସାରେ ପାଠ ପଢ଼। ମନ ଅସ୍ଥିର ହେଲେ ନିଜେ ନିଜକୁ କୁହ ନା ମୁଁ ଏଥର ପାଠ ପଢ଼ିବି। କେତେ ଜଣ ପିଲା ପରୀକ୍ଷା ପୂର୍ବରୁ ଅତ୍ୟଧିକ ଛାନିଆ ହୋଇ ପାଠ ପଢ଼ନ୍ତି ନାହିଁ କିମ୍ବା ପାଠ ଭୁଲି ଯାଆନ୍ତି। ଭଲକରି ପାଠ ମନେଥିଲେ ମଧ୍ୟ ପରୀକ୍ଷାରେ ଲେଖିପାରନ୍ତି ନାହିଁ। ପରୀକ୍ଷା ପୂର୍ବରୁ ଅଳ୍ପ ଛାନିଆ ହେଲେ ଭଲ। ପାଠ ପଢ଼ାରେ ମନ ଲାଗିବ ଓ ମନେରଖିବା ସହଜ ହେବ। ମାତ୍ର ଅତ୍ୟଧିକ ଛାନିଆ କେବଳ ନିଜ ପାଇଁ ହିଁ ଖରାପ। ପରୀକ୍ଷା ବିଷୟରେ ଅତ୍ୟଧିକ ଭାବିଲେ ମନରେ ଛାନିଆ ପଶେ। ଯଥା – ପାଠ କିପରି ପଢ଼ିବି? କିପରି ମନେରଖିବି? ପ୍ରଶ୍ନ କଅଣ ପଡ଼ିବ? ପରୀକ୍ଷା ଫଳ କଅଣ ହେବ? ପରୀକ୍ଷା ଫଳ ଦେଖି ଅନ୍ୟମାନେ କଅଣ ଭାବିବେ ଓ କହିବେ? ଅଧିକାଂଶ ପିଲା ଅଭିଯୋଗ କରନ୍ତି ଯେ, ସ୍ମରଣ ଶକ୍ତି ବ୍ୟାଘାତ ହେଉଛି। ପରୀକ୍ଷା ପୂର୍ବରୁ ଭଲ କରି ପାଠପଢ଼ି ମନେରଖିଥିଲେ ମଧ୍ୟ କିଛି ପାଠ ମନେନାହିଁ ଓ ପରୀକ୍ଷାରେ ଫେଲ୍ ହେବେ।



ଛାନିଆ ହେବା କିପରି କମ୍ କରିବ? ପ୍ରଥମେ ମନେରଖିବା ଉଚିତ ଯେ, ପରୀକ୍ଷା ପୂର୍ବଦିନ ଠିକ୍ ଭାବେ ଖାଇବ ଓ ଶୋଇବ। ଅନ୍ୟଦିନଠାରୁ ଅଧିକ ବା କମ୍ ନୁହେଁ। ମନରୁ ଦୁଶ୍ଚିନ୍ତା ଦୂରକରି ଖୁସି ରହିବାକୁ ଚେଷ୍ଟା କରିବ। ପରୀକ୍ଷା ଦିନ ସକାଳେ ଅତି ତରତର ହୋଇ ଗାଧୋଇବା, ଖାଇବା ଉଚିତ ନୁହେଁ। ପ୍ରତିଦିନ ଯେପରି କର, ପରୀକ୍ଷାଦିନ ମଧ୍ୟ ସେହିପରି କରିବ। ଯେଉଁ ପିଲାମାନେ ଅତ୍ୟଧିକ ଛାନିଆ ହୁଅନ୍ତି ବା କରାନ୍ତି, ସେମାନଙ୍କଠାରୁ ଦୂରେଇ ରହିବ। ନିଜକୁ ନିଜେ ବୁଝାଅ ଓ ସାହସ ଦିଅ ମୁଁ ହୁଏତ ସବୁ ଉତ୍ତର ଜାଣି ନ ଥାଇପାରେ। ମୋର ହୁଏତ ପରୀକ୍ଷାରେ ସବୁ ମନେ ନ ପଡ଼ିପାରେ। ମୁଁ ପଢ଼ିଥିବା ପାଠ ଛଡ଼ା, ବାହାରୁ କିଛି ପ୍ରଶ୍ନ ପରୀକ୍ଷାରେ ପଡ଼ିପାରେ। ଏହା ସାଧାରଣ କଥା ଓ ସମ୍ଭବପର। ସବୁ ଠିକ୍ ହେବ। ପରୀକ୍ଷା ହଲକୁ ଆଗରୁ ଯାଇ ନିଜର ଚେୟାର ଖୋଜି ମନକୁ ସ୍ଥିର କରି ବସ। ମନକୁ ଶାନ୍ତ ରଖି ପରୀକ୍ଷା ପ୍ରଶ୍ନ ପଢ଼ିବା ଆରମ୍ଭ କର। ଯେଉଁ ପ୍ରଶ୍ନର ଉତ୍ତର ଭଲ ଭାବେ ଆସୁଛି, ତାହାକୁ ପ୍ରଥମେ ଲେଖିବା ପୂର୍ବରୁ ଉତ୍ତରର ସଂକ୍ଷିପ୍ତ ବିବରଣୀ ମନରେ ଭାବିନିଅ। ପରୀକ୍ଷା ସମୟରେ ନିଜକୁ ସାହସ ଦିଅ। ନିଜକୁ ନିଜେ କୁହ 'ମୁଁ ଭଲକରି ଲେଖୁଛି। ଯାହା ପଢ଼ିଛି ସବୁ ମନେଅଛି। ମୁଁ ମୋର ସବୁଠାରୁ ଭଲ ଉତ୍ତର ପରୀକ୍ଷାରେ ଦେଉଛି।' ପରୀକ୍ଷା ହଲ୍‌ରେ ପୂରା ସମୟ ବସ। ସମୟ ବଳିଲେ ଆଉ ଥରେ ପଢ଼। ଆମେ ଅଜାଣତରେ ଭୁଲ୍ ଲେଖିଥାଇପାରୁ। ସେଗୁଡ଼ିକ ସଜାଡ଼ି ଠିକ୍ କରିପାରିବ। ଗୋଟିଏ ବିଷୟରେ ପରୀକ୍ଷା ସାରିବା ପରେ, ସେହି ପରୀକ୍ଷା ଉପରେ ଅଧିକ ଆଲୋଚନା କର ନାହିଁ। ମନ ଛାନିଆ ଲାଗିପାରେ। ପରବର୍ତ୍ତୀ ବିଷୟର ପରୀକ୍ଷା ପାଇଁ ଚିନ୍ତା କର।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ**
**ମୋ : ୯୧୩୨୪୩୩୩୩୩**

## ଏଇ ଭାରତରେ

ଗଣପତି ଭଟ୍ଟ ପେସାରେ ଜଣେ କୃଷକ। କିନ୍ତୁ ସେ ନିଜସ୍ୱ ଜ୍ଞାନକୌଶଳରେ ଏକ ଟ୍ରିସ୍କୁଟର ନିର୍ମାଣ କରିଛନ୍ତି। ଟେକ୍‌ନିକାଲ କିମ୍ବା ଇଞ୍ଜିନିୟରିଂ ନ ପଢ଼ି ଏଭଳି ମେଶିନ ନିର୍ମାଣ କରି ସେ ଏକ ସ୍ୱତନ୍ତ୍ର ପରିଚିତି ପାଇପାରିଛନ୍ତି। ଗଣପତି ରହୁଛନ୍ତି ମାଙ୍ଗାଲୁରରେ। ତାଙ୍କ ଦ୍ୱାରା ନିର୍ମିତ ଟ୍ରିସ୍କୁଟରଟି ଗଛ ଚଢୁଛି ଓ ଏହା ଉପରେ ବସି ଲୋକେ ଆରାମରେ ଗୁଆ ତୋଳିପାରୁଛନ୍ତି। ଖୁବ୍ କମ୍ ସମୟରେ ଏହା ଗୁଆଗଛର ଶୀର୍ଷରେ ପହଞ୍ଚିପାରୁଛି। ସ୍କୁଟରଟି ନିର୍ମାଣ କରିବା ପରେ ଗୁଆଚାଷୀମାନଙ୍କୁ ଅଧିକ ଶ୍ରମିକଙ୍କ ଉପରେ ନିର୍ଭର କରିବାକୁ ପଡୁନାହିଁ। ଏହି ମେଶିନରେ ଦିନକୁ ୩୦୦ ଗୁଆଗଛରୁ ଗୁଆ ତୋଳାଯାଇପାରୁଛି। ଜଣେ ଶ୍ରମିକ ୪ଜଣଙ୍କ କାର୍ଯ୍ୟ କରିପାରୁଛି। ଫଳରେ କମ୍ ଶ୍ରମଶକ୍ତିରେ ଅଧିକ ଲାଭ ମିଳୁଛି। ଏହି ମେଶିନରେ ବସିବା ଲାଗି ଏକ ସିଟ୍, ସିଟ୍‌ବେଲ୍ଟ, ମୋଟର ଏବଂ ଗଛ ଉପରକୁ ଚଢ଼ିବା ଲାଗି ଚକ ଲଗାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଫେବୃଆରୀ ୧୯୭୫

- ଦାବି ପୂରଣ ହେବା ପରେ ରାଜ୍ୟ ବିଦ୍ୟୁତ୍ ବୋର୍ଡର ରାଉରକେଲା ଶାଖା କର୍ମଚାରୀଙ୍କ ଧର୍ମଘଟ ପ୍ରତ୍ୟାହୃତ।
- ୨୪୦୦ ଜଣ ସଭ୍ୟବିଶିଷ୍ଟ ରାଜ୍ୟ ମେଡିକାଲ ସର୍ଭିସ ଆସୋସିଏସନର ଆହ୍ୱାନ କ୍ରମେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଡାକ୍ତରମାନଙ୍କ ସମୂହ ଛୁଟି ଆନ୍ଦୋଳନ।
- ବିଶ୍ୱର ବୟସ୍କା ମହିଳା ହାଫାଫ୍ ଲାଜୁରିୟାଙ୍କ ୧୪୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

କିଣିଥିଲା ଛତାଟିଏ
ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା
ତାଗଦା କରିଛି ସୁଧ !
–(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 2 | 3 | 8 | | 6 | | |
| | | | 1 | | 5 | | | |
| | | | | | | | | 4 |
| | | | 5 | | 2 | | | 6 |
| | | | 4 | | | | 7 | 1 |
| | | | | 3 | 7 | | | |
| | 6 | 3 | 2 | | 8 | 4 | | |
| 9 | | | | | | 8 | | |
| | | 4 | | | 3 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 7 | 9 | 8 | 3 | 2 | 4 |
| 8 | 4 | 7 | 5 | 3 | 2 | 6 | 9 | 1 |
| 2 | 3 | 9 | 6 | 1 | 4 | 8 | 7 | 5 |
| 3 | 7 | 2 | 1 | 8 | 5 | 9 | 4 | 6 |
| 6 | 8 | 4 | 3 | 7 | 9 | 5 | 1 | 2 |
| 5 | 9 | 1 | 4 | 2 | 6 | 7 | 3 | 8 |
| 4 | 1 | 3 | 8 | 5 | 7 | 2 | 6 | 9 |
| 7 | 2 | 8 | 9 | 6 | 1 | 4 | 5 | 3 |
| 9 | 6 | 5 | 2 | 4 | 3 | 1 | 8 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତମାଖୁ ସେବନରୁ ନିବୃତ୍ତ ରୁହନ୍ତୁ

ମହାଶୟ,

ତମାଖୁ ସେବନ କ୍ୟାନ୍‌ସରର ପ୍ରମୁଖ କାରଣ। ଏହାର ଅତ୍ୟାଧିକ ସେବନ ମୁଖ କର୍କଟ ଠାରୁ ଆରମ୍ଭକରି ରକ୍ତ କର୍କଟ ହେବାର ନଜିର ରହିଛି। ବିଷକୁ ପାନକଲେ ଏହା ଶରୀର ଭିତରେ ଯେପରି ଅମୃତ ସୃଷ୍ଟି କରିବ ନାହିଁ, ତମାଖୁ ଠିକ୍ ସେହିପରି। ଏହା ମୃତ୍ୟୁମୁଖକୁ ନିଶ୍ଚୟ ଟାଣିନେବ । ବହୁ ବିଶିଷ୍ଟ କଳାକାର ଆଜି ତମାଖୁର ଅଭ୍ୟାସରେ ପଡ଼ି ଭୟଙ୍କର କର୍କଟ ରୋଗରେ ପୀଡ଼ିତ ହୋଇଛନ୍ତି। ସରକାରଙ୍କ ଅନେକ ସତର୍କତା ପଦକ୍ଷେପ ସତ୍ତ୍ୱେ ଲୋକମାନେ ତମାଖୁ ସେବନରୁ ବିରତ ହେଉନାହାନ୍ତି। ତମାଖୁ କେତେ ପରିବାରକୁ ନଷ୍ଟ କରିଛି ତାହାର ହିସାବ ନାହିଁ। ନିଜ ଜୀବନ ନିଜ ହାତରେ।

**–ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଶିକ୍ଷା ମନ୍ତ୍ରଣାଳୟ
ଭାରତ ସରକାର

# ବିକଶିତ ଭାରତ ଅଭିମୁଖେ ଏକ ବିରାଟ ଉଡ଼ାଣ



## ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଦେଶକୁ ୧୩,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉପହାର

ମାନ୍ୟବର ପ୍ରଧାନମନ୍ତ୍ରୀ

**ଶ୍ରୀ ନରେନ୍ଦ୍ର ମୋଦୀ**

ସାରା ଦେଶରେ

**୧୩,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିବେ**

(୨୫ କେନ୍ଦ୍ରୀୟ ବିଦ୍ୟାଳୟ, ୧୯ ଜବାହର ନବୋଦୟ ବିଦ୍ୟାଳୟ, ୧୨ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ୧୦ ଆଇଆଇଟି, ୫ ଆଇଆଇଆଇଟି, ୩ ଆଇଆଇଏମ୍, ୨ ଆଇଆଇଏସ୍‌ଇଆର୍, ୪ ଏନ୍‌ଆଇଟି, ୧ ଏଆଇସିଟିଇ ଓ ୨ ଦକ୍ଷତା ବିକାଶ ଅନୁଷ୍ଠାନ)

ଏବଂ

**ପିଏମ୍ ଉଷା** ଅଧୀନରେ

**୭୮ ଗୋଟି ବିଶ୍ୱବିଦ୍ୟାଳୟ** ପାଇଁ **୩,୬୦୦ କୋଟି ଟଙ୍କା** ମୂଲ୍ୟର ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିବେ

| ୬,୯୦୦ କୋଟି ଟଙ୍କା | ୩,୦୦୦ କୋଟି ଟଙ୍କାର | ୩,୪୦୦ କୋଟି ଟଙ୍କାର |
| --- | --- | --- |
| ରାଷ୍ଟ୍ର ପାଇଁ ଉତ୍ସର୍ଗୀକରଣ | ଉଦ୍‌ଘାଟନ | ଶିଳାନ୍ୟାସ |

ସାରା ଦେଶର ବିଦ୍ୟାର୍ଥୀମାନଙ୍କ ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରିବା ଅଭିମୁଖେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଶିକ୍ଷାନୁଷ୍ଠାନଗୁଡ଼ିକର ରାଷ୍ଟ୍ରବ୍ୟାପୀ ସମ୍ପ୍ରସାରଣ

ଦେଶର ପ୍ରତ୍ୟେକ କୋଣ ଅନୁକୋଣ ଗୁଣବତ୍ତାସମ୍ପନ୍ନ ଶିକ୍ଷା ଦ୍ୱାରା ଲାଭାନ୍ୱିତ ହେବ

**ଗରିମାମୟ ଉପସ୍ଥିତି**

**ଶ୍ରୀ ମନୋଜ କୁମାର ସିହ୍ନା**
ମାନ୍ୟବର ଉପ-ରାଜ୍ୟପାଳ
ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ଶ୍ରୀ ଡା. ଜିତେନ୍ଦ୍ର ସିଂ**
ମାନ୍ୟବର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ

**ଶ୍ରୀ ଯୁଗଲ କିଶୋର ଶର୍ମା**
ମାନ୍ୟବର ସାଂସଦ (ଲୋକସଭା)
ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ଶ୍ରୀ ଗୁଲାମ ଅଲୀ ଖଟାନା**
ମାନ୍ୟବର ସାଂସଦ (ରାଜ୍ୟସଭା)
ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

cbc 21201/13/0008/2324

ସ୍ଥାନ - ଜାମ୍ମୁ | ଫେବୃଆରୀ ୨୦, ୨୦୨୪, ମଙ୍ଗଳବାର | ସମୟ - ପୂର୍ବାହ୍ନ ୧୧.୦୦ ଘଟିକା










DD NEWS ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

## ଆଜିଠୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ




# ଭବିଷ୍ୟତ ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୨ (ଅସମାପିକା ସାହୁ)




**ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ ଆରମ୍ଭ**

- ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ପ୍ରମୁଖ ସଂସ୍ଥା ସହିତ ଏମ୍ଓୟୁ ସ୍ୱାକ୍ଷର
- 'ସ୍କିଲ୍ଡ ଇନ୍ ଓଡ଼ିଶା' ଇଣ୍ଟର୍ନଶିପ୍, ନାନୋ ୟୁନିକର୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ

ବର୍ତ୍ତମାନ ସମୟରେ ପ୍ରଯୁକ୍ତିବିଦ୍ୟା ସହିତ ତାଳ ଦେଇ ଆମକୁ ଆମର ସାମାଜିକ ଓ ଅର୍ଥନୈତିକ ଧାରାକୁ ସମୃଦ୍ଧ କରିବାକୁ ହେବ। ଭବିଷ୍ୟତ ଲାଗି ଆମ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସରକାରଙ୍କ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଦୁଇଦିନିଆ 'ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀ' ସୋମବାର ସ୍ଥାନୀୟ ଏକ ହୋଟେଲରେ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଲେ, ଏହି ସମ୍ମିଳନୀ ଆମ ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ, ଦ୍ରୁତ ଅଭିବୃଦ୍ଧି, ଭବିଷ୍ୟତ ଲାଗି ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତି ଏବଂ ଯୁବପିଢ଼ିଙ୍କ ଲାଗି ନୂତନ ତଥା ବ୍ୟାପକ ନିଯୁକ୍ତି ସମ୍ଭାବନା ସୃଷ୍ଟି ଦିଗରେ ବିଶେଷ ସହାୟକ ହେବ। ରୂପାନ୍ତରଣ ଆମ ପାଇଁ କେବଳ ଏକ ନୂଆ ବାଟ ନୁହେଁ, ଏହା ଏକ ଆବଶ୍ୟକତା। ପ୍ରମୁଖ ଶିଳ୍ପ ନେତୃତ୍ୱ ଏବଂ ବିଭିନ୍ନ ଅଂଶୀଦାରମାନେ ଏକାଠି ହୋଇ ଭବିଷ୍ୟତର ମାନବ ସମ୍ବଳ ଲାଗି ଅପାର ସମ୍ଭାବନା ତଥା ଓଡ଼ିଶା ପାଇଁ ଅସୀମ ସମୃଦ୍ଧି ସୃଷ୍ଟି ଲାଗି ରାସ୍ତା ପ୍ରସ୍ତୁତ କରିବା ଏଭଳି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ କହିଲେ, ଆଜି ସ୍କିଲ୍ଡ-ଇନ୍-ଓଡ଼ିଶା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ୍ ହୋଇଥିବାବେଳେ ଓଡ଼ିଶା ଏକ ପ୍ରମୁଖ ଦକ୍ଷତା ବିକାଶ କେନ୍ଦ୍ର ଭାବେ ପରିଗଣିତ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଶିଖର ସମ୍ମିଳନୀ ଦେଶ ବିଦେଶର ନିଯୁକ୍ତିଦାତା ଏବଂ ନିବେଶକଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ। ଏହି ଅବସରରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗକୁ ବ୍ୟାପକ କରିବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ପ୍ରମୁଖ ସଂସ୍ଥା ସହିତ ଏମ୍ଓୟୁ ସ୍ୱାକ୍ଷର କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ 'ସ୍କିଲ୍ଡ ଇନ୍ ଓଡ଼ିଶା' ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଏବଂ ନାନୋ ୟୁନିକର୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏବେ ବିଦେଶରେ ଓଡ଼ିଶାର ଯୁବପିଢ଼ିଙ୍କ ନିଯୁକ୍ତି ସୁଯୋଗ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ଏବେ ଏକ ରିକ୍ରୁଟମେଣ୍ଟ ଏଜେନ୍ସି ଭାବେ କାମ କରିବ। ଏନେଇ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଲକା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ।

ଉଦ୍‌ଘାଟନୀ ଦିବସର ବିଭିନ୍ନ ଅଧିବେଶନରେ ଓଡ଼ିଶାର ଅଭିବୃଦ୍ଧି, ଶିଳ୍ପ ସମ୍ଭାବନା ଏବଂ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ଆଦି ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଦେଶ ବିଦେଶରୁ ଆସିଥିବା ବିଭିନ୍ନ ଶିଳ୍ପ କ୍ଷେତ୍ର, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ନିଯୁକ୍ତି ଓ ମାନବ ସମ୍ବଳ ବିକାଶ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। ସେମାନଙ୍କ ସହ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ, ବିଶେଷକରି ଦକ୍ଷତା ବିକାଶ କ୍ଷେତ୍ର ସହ ଜଡ଼ିତ ପ୍ରଶାସକ ଓ ପ୍ରଶିକ୍ଷକମାନେ ଯୋଡ଼ି ହୋଇଛନ୍ତି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର ଏବଂ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ସିଇଓ ରେଘୁ ଜି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ 'ଷ୍ଟ୍ରାଟେଜି ଆଣ୍ଡ୍ ଆକ୍ସନ ପ୍ଲାନ୍ ଫର୍ ଡିଜିଟାଲ ସ୍କିଲିଂ' ବିଷୟରେ ଏକ ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ସେହିପରି 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମର ସଫଳତାକୁ ନେଇ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା।

# ବିଶ୍ୱସ୍ତରୀୟ ହେବ ହରେକୃଷ୍ଣ ମହତାବ ଲାଇବ୍ରେରି

ଭୁବନେଶ୍ୱର, ୧୯।୨ (ଅନିଲ ଦାସ)

- ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ସବୁ ପୁସ୍ତକର ହେବ ଡିଜିଟାଇଜେଶନ
- ବାପୁଜୀନଗରଠାରେ ସନ୍ଥକବି ଭୀମଭୋଇ ପାଠାଗାର ଉଦ୍‌ଘାଟିତ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱରସ୍ଥିତ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ବିଶ୍ୱସ୍ତରୀୟ ଲାଇବ୍ରେରିରେ ପରିଣତ କରିବାକୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ମିଳିତ ଆନୁକୂଲ୍ୟରେ ଗ୍ରନ୍ଥାଗାରକୁ ରୂପାନ୍ତରୀକରଣ କରିବା ପାଇଁ ରାଜ୍ୟ ସରକାର ଏହି ପ୍ରୟାସ ଆରମ୍ଭ କରିଛନ୍ତି। ଏଥିସହ ଭୁବନେଶ୍ୱରର ବାପୁଜୀନଗରଠାରେ ଅବସ୍ଥିତ ଇଣ୍ଟିଗ୍ରେଟେଡ୍ ପବ୍ଲିକ୍ ସର୍ଭିସ ସେଣ୍ଟର (ଆଇପିଏସ୍‌ସି)ରେ ସନ୍ଥକବି ଭୀମ ଭୋଇଙ୍କ ନାମରେ ଏକ ପାଠାଗାରକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହାଦ୍ୱାରା ରାଜ୍ୟରେ ଗ୍ରନ୍ଥାଗାର ଅଭିଯାନ ଆରମ୍ଭ ହେଲା। ରାଜ୍ୟର ସବୁ ସ୍ଥାନ ସହ ଭୁବନେଶ୍ୱରର ପ୍ରତ୍ୟେକ ଜୋନ୍‌ରେ ଗ୍ରନ୍ଥାଗାର ପ୍ରତିଷ୍ଠା କରାଯିବ।

ଓଡ଼ିଶାର ସାହିତ୍ୟିକ ଏବଂ ସାଂସ୍କୃତିକ ଐତିହ୍ୟ ପାଇଁ ଜଣାଶୁଣା ଏହି ଗ୍ରନ୍ଥାଗାରର ଉପଲବ୍ଧତା ଏବଂ ଯୁବଗୋଷ୍ଠୀଙ୍କୁ ପୁସ୍ତକ ପଠନ ପାଇଁ ଅଧିକ ପ୍ରେରଣା ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ବ୍ୟାପକ ନବୀକରଣ ପ୍ରକଳ୍ପକୁ ହାତକୁ ନେଇଛନ୍ତି। ଅତ୍ୟାଧୁନିକ ଭିତ୍ତିଭୂମି ଜରିଆରେ ଏହି ଗ୍ରନ୍ଥାଗାରର ବିକାଶ କରି ଏହାକୁ ଅନ୍ତର୍ଜାତୀୟ ମାନଦଣ୍ଡରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏଠାରେ ଏକ ଆହାର କେନ୍ଦ୍ର ଏବଂ ମିଶନ ଶକ୍ତି କାଫେ ମଧ୍ୟ ଖୋଲିବ। ଏପରି କି ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ନୂତନ ଭାବରେ ପରିକଳ୍ପନା କରାଯାଇଥିବା ଏହି ଲାଇବ୍ରେରିରେ ଥିବା ସମସ୍ତ ପୁସ୍ତକର ଡିଜିଟାଇଜେଶନ୍ ପାଇଁ ମଧ୍ୟ ଯୋଜନା ରହିଛି। ଏହାଦ୍ୱାରା ଜଣେ ଯେକୌଣସି ସମୟରେ ନିଜ ମୋବାଇଲ ମାଧ୍ୟମରେ ଏଠାରେ ଥିବା ବହିଗୁଡ଼ିକୁ ପଢ଼ିପାରିବ। ଏଥିସହିତ ଦୈନିକ ପ୍ରାୟ ୫୦୦ ଛାତ୍ରୀଛାତ୍ର ଏକା ସାଙ୍ଗରେ ପୁସ୍ତକ ଅଧ୍ୟୟନ କରିବାର ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି।

ଏଥିସହିତ ଖଣି ନିଗମ ଦ୍ୱାରା ବାପୁଜୀନଗରଠାରେ ଥିବା ସନ୍ଥକବି ଭୀମ ଭୋଇ ପାଠାଗାରକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ସର୍ବସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି। ପରିଦର୍ଶକଙ୍କ ବିଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ସୁବିଧା ସହିତ ଏକ ଆହାର କେନ୍ଦ୍ର ନିର୍ମାଣ କରାଯାଇଛି। ଏହି ପାଠାଗାରରେ ଦୈନିକ ପ୍ରାୟ ୨୦୦ ଆସନର ବ୍ୟବସ୍ଥା ରହିଛି। ସେହିପରି ଭୁବନେଶ୍ୱର ମହାନଗର ନିଗମର ୬ଟି ଜୋନ୍‌ରେ ଅତ୍ୟାଧୁନିକ ପାଠାଗାର ଓ ପଠନ ଗୃହ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଦ୍ୱାରା ପାଠାଗାରକୁ ନେଇ ଜନ ଆନ୍ଦୋଳନ ସୃଷ୍ଟି କରିବା ନିମନ୍ତେ ସରକାରଙ୍କ ଲକ୍ଷ୍ୟ ହାସଲ ହୋଇପାରିବ। ଅଧିକ ସଂଖ୍ୟାରେ ଜନସାଧାରଣ ବିଶେଷ କରି ଯୁବବର୍ଗ ଏବଂ ଛୋଟ ପିଲା ମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ସମସ୍ତ ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ, ବିଭାଗୀୟ ଶାସନ ସଚିବ ସୁଜାତା କାର୍ତ୍ତିକେୟ ଓ ନିର୍ଦ୍ଦେଶକ ଦିଲୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର ଲୋକାର୍ପଣ କରିବେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୯।୨ (ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ସମ୍ବଲପୁରରେ ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟରର ଲୋକାର୍ପଣ କରିବେ। ଏହାସହ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସନ୍ଥକବି ଭୀମ ଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ୬ଟି ଡାକ ଟିକେଟର ଉନ୍ମୋଚନ ସହ ୪୨ଟି ଡାକଘର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଧର୍ମେନ୍ଦ୍ର ପ୍ରଥମେ ସମ୍ବଲପୁର ରେଳ ଷ୍ଟେଶନରେ ସମ୍ବଲପୁର-ଦର୍ଶନ ନଗର-ସମ୍ବଲପୁର ଆସ୍ଥା ସ୍ୱତନ୍ତ୍ର ଟ୍ରେନର ଶୁଭାରମ୍ଭ କରିବେ। ସମ୍ବଲପୁର ଭେଦିକ ଆନ୍ତର୍ଜାତିକ ସ୍କୁଲରେ ରୋବୋଟିକ୍ ସେଣ୍ଟରର ଲୋକାର୍ପଣ କରିବେ। ଏହାପରେ ମାଝିପାଲିଠାରେ ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନ କରିବା ନେଇ କାର୍ଯ୍ୟସୂଚୀ ରହିଛି। ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଉଦ୍‌ଘାଟିତ ଓ ଶିଳାନ୍ୟାସ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଡ଼ି ହେବେ। ସେହିପରି ପ୍ରଧାନମନ୍ତ୍ରୀ ସମ୍ବଲପୁର ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ବହୁମୁଖୀ ସଭାଗୃହର ଶିଳାନ୍ୟାସ, ଫୁଟବଲ ଫର୍ ସ୍କୁଲ(ଏଫ୍‌ଏସ୍) କାର୍ଯ୍ୟକ୍ରମର ଶୁଭାରମ୍ଭ ବ୍ୟତୀତ ଦେଶବ୍ୟାପୀ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟର ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିବେ।

# ୫,୫୧,୬୧୧ ଛାତ୍ରୀଛାତ୍ର ଦେବେ ମାଟ୍ରିକ୍ ପରୀକ୍ଷା

କଟକ, ୧୯।୨ (କାର୍ତ୍ତିକ ସାହୁ)

ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ରହିଛି। ଏଥର ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ୍, ୭୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩୦୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ରାଜ୍ୟର ମୋଟ୍ ୩୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳର ୨୨ଟି ଥାନାରେ ନୋଡାଲ କେନ୍ଦ୍ର କରାଯାଇଛି। ନୋଡାଲ କେନ୍ଦ୍ରଗୁଡ଼ିକୁ ୨୪ ଘଣ୍ଟିଆ ସୁରକ୍ଷାବଳୟ ସମେତ ସିସିଟିଭି ନଜରରେ ରଖାଯାଇଛି। ପ୍ରଥମଥର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ଭିଲାନ୍ସର ଉପଯୋଗ କରି ସିଧାସଳଖ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମୁଖ୍ୟାଳୟରୁ କେତେକ କେନ୍ଦ୍ରରେ ପରୀକ୍ଷା ପରିଚାଳନାକୁ ନିୟନ୍ତ୍ରଣ କରାଯାଉଛି। ଅସାଧୁ ଉପାୟ ଅବଲମ୍ବନକୁ ରୋକିବା ପାଇଁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ଲାଗୁ କରାଯାଇଛି। ବୋର୍ଡ ପକ୍ଷରୁ ୪୧ ସ୍କ୍ୱାଡ୍, ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୭୨ଟି ସ୍କ୍ୱାଡ୍ କରାଯାଇଛି। ଏହାବାଦ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଧିକାରୀମାନେ ମଧ୍ୟ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରିଚାଳନା ବ୍ୟବସ୍ଥା ତଦାରଖ କରିବେ। ରାଜ୍ୟର ୫୬ କେନ୍ଦ୍ରରେ ଆସନ୍ତା ମାର୍ଚ୍ଚ ୧୪ରୁ ଖାତା ଆରମ୍ଭ ହେବ। ୧୫ ଦିନ ମଧ୍ୟରେ ଖାତା ଦେଖା ସରିବ ବୋଲି ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି କହିଛନ୍ତି।

ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ପ୍ରବେଶ ଉପରେ ରୋକ ଲଗାଯାଇଥିବାବେଳେ ପରିଚାଳନା ବ୍ୟବସ୍ଥାକୁ ପୂର୍ବାପେକ୍ଷା ଅଧିକ କଡ଼ାକଡ଼ି କରାଯାଇଛି। ସକାଳ ୭ଟା ୩୦ ମିନିଟ୍‌ରେ ପରୀକ୍ଷା କେନ୍ଦ୍ରର ଫାଟକ ଖୋଲାଯାଇ ପରୀକ୍ଷାର୍ଥୀମାନଙ୍କୁ ଯାଞ୍ଚ ପରେ ଭିତରକୁ ପ୍ରବେଶ ଅନୁମତି ଦିଆଯିବ। ୮ଟା ୩୦ ମିନିଟ୍‌ରେ ପରୀକ୍ଷାର୍ଥୀମାନଙ୍କୁ ଓଏମ୍ଆର ସିଟ୍ ପ୍ରଦାନ କରାଯିବ। ୯ଟାରେ ପରୀକ୍ଷା ଆରମ୍ଭ ହେବ। ଚଳିତବର୍ଷ ମଧ୍ୟ ପରୀକ୍ଷା କାର୍ଯ୍ୟରେ ନିୟୋଜିତ ଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ ମୋବାଇଲ ସାଙ୍ଗରେ ନେଇ ପରୀକ୍ଷା ହଲକୁ ଯାଇପାରିବେ ନାହିଁ।

# ବିଶ୍ୱର ଆଶା, ଆକାଂକ୍ଷା ପୂରଣ କରିବେ ଆମ ଯୁବପିଢ଼ି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୯।୨ (ସୁନିତ୍ ମିଶ୍ର)



ଦିଲ୍ଲୀସ୍ଥିତ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ଷ୍ଟଡିଜ(ଭିପ୍ସ)ର ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଡିଗ୍ରୀଧାରୀ।

ବିଶ୍ୱର କଲ୍ୟାଣ ଓ ସମୃଦ୍ଧି ପାଇଁ ଆମର ଗଭୀର ସଭ୍ୟତାର ମୂଲ୍ୟବୋଧକୁ ଆମ ଯୁବପିଢ଼ି ଆଗକୁ ନେବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ଦିଲ୍ଲୀସ୍ଥିତ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ଷ୍ଟଡିଜ(ଭିପ୍ସ)ର ୨୪ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର ଡିଗ୍ରୀ ଓ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ସମାବର୍ତ୍ତନ ଛାତ୍ରୀଛାତ୍ରଙ୍କ ଜୀବନରେ ଏକ ନୂଆ ଯାତ୍ରାର ଆରମ୍ଭ। ଭିପ୍ସ ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରୀଛାତ୍ର ବିଶେଷତଃ ଭାରତର ଯୁବବର୍ଗଙ୍କଠାରୁ ବିଶ୍ୱ ଅନେକ ଅପେକ୍ଷା ରଖିଛି। ଛାତ୍ରୀଛାତ୍ରମାନେ ବଡ଼ ସ୍ୱପ୍ନ ଦେଖିବେ, ବଡ଼ ଇଚ୍ଛା ରଖିବେ ଏବଂ ବଡ଼ ସଫଳତା ହାସଲ କରିବା ସହ ବିଶ୍ୱର ଆଶା ଓ ଆକାଂକ୍ଷାକୁ ପୂରଣ କରିବେ ବୋଲି ବିଶ୍ୱାସ ଅଛି। ଆମର ଅମୃତପିଢ଼ି ଅଧିକ ପ୍ରତିଭାବାନ୍। ସେମାନେ ସେମାନଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ନେଇ ବେଶ୍ ସଚେତନ। ଆଗାମୀ ଦିନରେ ଭାରତ ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ। ଏହି ସମୟରେ ଭାରତ ଶିଳ୍ପ ବିପ୍ଳବ ୪.୦ର ନେତୃତ୍ୱ ନେବ। ଏହି ସମୟରେ ଆମ ଯୁବପିଢ଼ିଙ୍କ ଦାୟିତ୍ୱ ଅଧିକ। କେନ୍ଦ୍ର ସରକାର ସର୍ବଦା ଯୁବ ଆକାଂକ୍ଷାକୁ ସାକାର କରିବା, ଯୁବ ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ଉର୍ଜାକୁ ବିକଶିତ ଭାରତର ଲକ୍ଷ୍ୟ ହାସଲରେ ନିୟୋଜିତ କରିବାରେ ଏକ ସହାୟକ ଭାବେ କାର୍ଯ୍ୟ କରୁଛନ୍ତି। ଯୁବପିଢ଼ିଙ୍କ କାନ୍ଧରେ ଭାରତ ସମୃଦ୍ଧ ଓ ସମ୍ପନ୍ନ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ସମାବର୍ତ୍ତନ ସମାରୋହରେ ଯୋଗଦେବା ପାଇଁ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀର ଉଦ୍ୟୋଗ ଭବନରୁ ପିତମପୁରା ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବା ସହ କିଛି ଛାତ୍ରୀଛାତ୍ର ଓ ନାଗରିକଙ୍କ ସହ କଥା ହୋଇଛନ୍ତି। ମେଟ୍ରୋ ଯାତ୍ରାର ଅନୁଭୂତିକୁ ପ୍ରଶଂସା କରିବା ସହ ସେ କହିଛନ୍ତି, ସ୍ୱଚ୍ଛ ଓ ଆରାମଦାୟକ ଥିବା ଦିଲ୍ଲୀ ମେଟ୍ରୋ ଦିଲ୍ଲୀବାସୀଙ୍କ ଲାଇଫଲାଇନ୍ ଅଟେ। ଦ୍ରୁତ ଓ ସ୍ଥାୟୀ ସହରୀ ପରିବହନ ସୁବିଧା ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ସହରରେ ନାଗରିକଙ୍କ ଜୀବନଯାପନକୁ ସୁଗମ କରିଥିବା ସେ କହିଛନ୍ତି।

**ବାର୍ତ୍ତା**



DSPL - 676

ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୪ ହାଇସ୍କୁଲ୍ ସାର୍ଟିଫିକେଟ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୨୦ ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଛାତ୍ରଛାତ୍ରୀମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍। ଏତଦ୍ ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ବାର୍ତ୍ତା**



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ମାସ ୨୦ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ/ରାଜ୍ୟ ମୁକ୍ତ ବିଦ୍ୟାଳୟ/ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି। ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ। ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି।

ସୁଦାମ ମାର୍ଣ୍ଡି

OIPR-27004/13/0073/2324

**୬ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ**

କଟକ ସଦର, (ସୁଶାନ୍ତ କୁମାର ଜେନା): ବିଭିନ୍ନ ଦାବି ନେଇ କିଶନନଗର ତହସିଲ କାର୍ଯ୍ୟାଳୟର ସମସ୍ତ ସୁପରଭାଇଜର ଓ ରାଜସ୍ୱ ନୀରିକ୍ଷକ ସୋମବାର ଆନ୍ଦୋଳନକୁ ଓହ୍ଲାଇ ଦିନତମାମ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଚାକିରି ସମ୍ବନ୍ଧୀୟ ୬ ଦଫା ଦାବି ପୂରଣ ପାଇଁ ରାଜ୍ୟ ସଂଘର ଡାକରାରେ କ୍ଷେତ୍ରୀୟ କର୍ମଚାରୀମାନେ ଧାରଣାରେ ସାମିଲ ହୋଇଛନ୍ତି। ସଂଘ ସଭାପତି ଯୋଗୀନାଥ ମହାନ୍ତି, ସମ୍ପାଦକ ପ୍ରଭାତ କୁମାର ବେହେରାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲୁ ରହିଛି।






ଘରେ ଘରେ ଲକ୍ଷ୍ମୀବସ କାର୍ଯ୍ୟକ୍ରମକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରିବାବେଳେ କଟକ ବାଲିଯାତ୍ରା ତଳ ପଡିଆରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ। ସଭାରେ ଉପସ୍ଥିତ ମହିଳାମାନେ।

## ସଂକ୍ଷେପରେ

### ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କଟକ ସଦର, ୧୯।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କଳପଡ଼ା ଓ କୁଳସରିତୁଆଁ ପଞ୍ଚାୟତରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଥିବାବେଳେ ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ସମର ବେହେରା, ଶରତ କୁମାର ରାୟ, ଡ. ଶୁଭାଶିଷ ଶତପଥୀ ଉପସ୍ଥିତ ଥିଲେ। କଳପଡ଼ା ପଞ୍ଚାୟତରେ ବିଧାୟକଙ୍କ ପ୍ରତିନିଧି ବିଭୁତି ଭୂଷଣ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସବିତା ମାଝୀ, ସମିତି ସଭ୍ୟା ପିଙ୍କି ଭୋଇ, କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଗା ପ୍ରସାଦ ମହାପାତ୍ର, ପ୍ରଭାରୀ ସୁଦର୍ଶନ ଜେନାଙ୍କ ଉପସ୍ଥିତିରେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ଚାଷୀ, ସାମାଜିକ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସରପଞ୍ଚ ସରୋଜ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି କୁଳସରିତୁଆଁ ପଞ୍ଚାୟତରେ ସରପଞ୍ଚ ବନମାଳୀ ବିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତି ସଭ୍ୟ ଦିଲ୍ଲୀପ ବିହାରୀ, ବିପ୍ରଚରଣ ଭୋଳ, ପୂର୍ବତନ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ନାଥ ବେହେରା, ପ୍ରମୋଦ ରାଉତ, ଜିଆରଏସ୍ ଅକ୍ଷୟ କୁମାର ଶତପଥୀ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ତ୍ରିଲୋଚନ ଦଳାଇ ସଭା ପରିଚାଳନା କରିଥିବାବେଳେ ଚିନ୍ମୟ ଭୋଳ ଧନ୍ୟବାଦ ଦେଇଥିଲେ।

### ଚାନ୍ଦ କ୍ଲବ୍ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

କଟକ,୧୯।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସେମିନାରି ଛକସ୍ଥିତ ଚାନ୍ଦ କ୍ଲବ କମ୍ୟୁନିଟି ସେଣ୍ଟର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିମସାହି ପଞ୍ଚାୟତ କମିଟି ସର୍ଦ୍ଦାର ସେକ୍ ମସୁର ଅଲ୍ଲୀ, ସଭାପତି ସେକ୍ ରମ୍‌ଜାନ୍ ଅଲ୍ଲୀ, ସମ୍ପାଦକ ସେକ୍ ଏରଫାନ୍, ଆଇନଜୀବୀ ସେକ୍ ଆକ୍‌ମଲ, ସେକ୍ ଏହସାନ, ସେକ୍ ତାଜୁଉଦ୍ଦିନ, ସେକ୍ କଲାମ, ସୟଦ ଇମ୍‌ତିଆଜ ଅହମ୍ମଦ, ସେକ୍ ସରିଫ, ସେକ୍ ପିଣ୍ଟୁଙ୍କ ସମେତ ସାହି ମୁରବୀ ଓ ଯୁବକ ଉପସ୍ଥିତ ରହିଥିଲେ।

### ବସ୍ ଷ୍ଟପ୍ ଉଦ୍‌ଘାଟିତ

କଟକ ସଦର, ୧୯।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ବିଦ୍ୟାଧରପୁରଠାରେ ଲକ୍ଷ୍ମୀ ବସ୍‌ଷ୍ଟପ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମାତ୍ର ସ୍ଥାନୀୟ ଲୋକମାନେ ଅଭିଯୋଗ କରି ସ୍ଥାନଟି କଟକ ସଦର ନିର୍ବାଚନ ମଣ୍ଡଳୀ କିମ୍ବା ବ୍ଲକ ଅଞ୍ଚଳ ହୋଇ ନ ଥିବାରୁ ସୂଚନା ଫଳକରେ ସଦର ଶବ୍ଦ ହଟାଇବା ପାଇଁ ଜିଦ୍ ଧରିଥିଲେ। ଶେଷରେ ବ୍ଲକ କର୍ତ୍ତୃପକ୍ଷ ଶବ୍ଦଟି ହଟାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ଏହି ବସ୍‌ଷ୍ଟପ୍‌କୁ କଟକ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବାସ ଚନ୍ଦ୍ର ରାୟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ରୁମାନା ଜାଫ୍ରୀ, ସହକାରୀ ଯନ୍ତ୍ରୀ ସତ୍ୟରଞ୍ଜନ ମିଶ୍ର, ବିତ୍ତୀୟ ଅଧିକାରୀ ସରିଚିକା ବିଶ୍ୱାଳ, ମିଶନଶକ୍ତି ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ସଂଯୋଜକ ଶରତ କୁମାର ରାୟ ପ୍ରମୁଖ ଯୋଗଦେଇଥିଲେ। ଦୁଇଟି ରୁଟ୍‌ରେ ଚଳାଚଳ କରିବାକୁ ଥିବା ଲକ୍ଷ୍ମୀ ବସ୍ ଏହିଠାରେ ଅଟକିବ।

# ପୁଣି ଧାରଣାରେ ବସିଲେ ଇଣ୍ଟିଗ୍ରେଟେଡ୍ ବି.ଏଡ୍. ବିଦ୍ୟାର୍ଥୀ

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାର ପର୍ସନଙ୍କୁ ସ୍ମାରକପତ୍ର**

କଟକ,୧୯।୨ (କାର୍ତ୍ତିକ ସାହୁ)




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ଡିଗ୍ରୀ ପାଠ୍ୟକ୍ରମରେ ଅଧ୍ୟୟନରତ ବିଦ୍ୟାର୍ଥୀମାନେ ସୋମବାର ପୁଣିଥରେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଜାତୀୟ ସ୍ତରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ବି.ଏଡ୍. ପାଠ୍ୟକ୍ରମରେ ଡିଗ୍ରୀଧାରୀଙ୍କୁ ଚାକିରି ଦେବାବେଳେ ଅବୈଧ ଘୋଷଣା କରାଯିବା ପ୍ରସଙ୍ଗରେ ସେମାନେ ଆନ୍ଦୋଳନ କରିଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିକଟରେ ଇଣ୍ଟିଗ୍ରେଟେଡ୍ ବି.ଏଡ୍. ଛାତ୍ରୀଛାତ୍ରମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଉପସ୍ଥାପନ କରି ସମାଧାନର ବାଟ ବାହାର କରିବା ପାଇଁ ଦାବି ହୋଇଛି। ବିଦ୍ୟାର୍ଥୀମାନେ ଏହି ମର୍ମରେ ଏକ ସ୍ମାରକପତ୍ର ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ଚେୟାର ପର୍ସନ ପ୍ରଫେସର ଲୁନା ସାମନ୍ତଙ୍କୁ ପ୍ରଦାନ କରିଛନ୍ତି।

ସୂଚନାନୁସାରେ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ବି.ଏଡ୍. ଶିକ୍ଷାପ୍ରାପ୍ତ ବିଦ୍ୟାର୍ଥୀମାନେ ଡିଗ୍ରୀ ହାସଲ ପରେ ଜାତୀୟ ସ୍ତରୀୟ ନିଯୁକ୍ତିରୁ କ୍ରମାଗତ ବଞ୍ଚିତ ହେଉଛନ୍ତି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ସୁନାମ ଉପରେ ଭରସା କରି ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହେଉଛି। କେନ୍ଦ୍ରୀୟ ଅଧିକାରୀମାନଙ୍କ ଦ୍ୱାରା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବି.ଏଡ୍. ପାଠ୍ୟକ୍ରମକୁ ଅବୈଧ ଦର୍ଶାଯିବା ପଛରେ ରହିଥିବା ନିର୍ଦ୍ଦିଷ୍ଟ କାରଣ ବାହାର କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଛାତ୍ରୀଛାତ୍ରମାନେ ବାରମ୍ବାର ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏହି ପାଠ୍ୟକ୍ରମ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଟିଚର ଏଜୁକେଶନ ଦ୍ୱାରା ମାନ୍ୟତାପ୍ରାପ୍ତ। ରାଜ୍ୟ ସରକାର ଏହି ଆଧାରରେ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମେତ ୬ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ଇଣ୍ଟିଗ୍ରେଟେଡ୍ ବି.ଏଡ୍.କୁ ପାଠ୍ୟକ୍ରମ ଭାବେ ଅନୁମୋଦନ ଦେଇଥିଲେ। ଏବେ ସେହି ଛାତ୍ରୀଛାତ୍ରମାନେ ନିଜ ଭବିଷ୍ୟତ ଅନ୍ଧକାର ହେଲା ଭଳି ସାମ୍ନା କରୁଥିବା ସମସ୍ୟାର ସମାଧାନ ରାଜ୍ୟ ସରକାର କରନ୍ତୁ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା କିଶନ କୁମାର ମିଶ୍ର, ଦିବ୍ୟ ପ୍ରିୟଦର୍ଶିନୀ, ଶୁଭ୍ରାଂଶୁ ପାଢ଼ୀ, ଶ୍ରେୟାଶି ମିଶ୍ର ପ୍ରମୁଖ ଛାତ୍ରୀଛାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଏଭଳି ସମସ୍ୟାକୁ ନେଇ ଗତ ୭ ତାରିଖରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟାର୍ଥୀମାନେ ଧାରଣାରେ ବସିଥିଲେ। ହେଲେ ସମସ୍ୟା ସମାଧାନର ବାଟ ବାହାରିପାରି ନ ଥିଲା।




୫ଦଫା ଦାବି ନେଇ ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚ ପକ୍ଷରୁ ସୋମବାର କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ମାର୍ଚ୍ଚ ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୧୯।୨ (କାର୍ତ୍ତିକ ସାହୁ)

ହାଇକୋର୍ଟ ସମେତ ଜିଲାସ୍ତରୀୟ ସିଭିଲ କୋର୍ଟ ଓ ତାଲୁକସ୍ତରୀୟ ବିଭାଗୀୟ କୋର୍ଟ ପରିସରରେ ଆସନ୍ତା ମାର୍ଚ୍ଚ ୯ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ସମସ୍ତ ପ୍ରକାର ପ୍ରାକ୍ ବିଚାରାଧୀନ (ଦେୱାନୀ ଓ ଫୌଜଦାରି ସାଲିସଯୋଗ୍ୟ) ମାମଲା, ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ୍ ବାଉନ୍ସ ମାମଲାଗୁଡ଼ିକର ଆପୋସ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମାମଲା ନୁହେଁ, କଚେରିରେ ଦାୟର ହୋଇ ନ ଥିବା ବ୍ୟାଙ୍କଋଣ ବିବାଦ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ପାରିବାରିକ ବିବାଦ ମାମଲା ଆଦି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। କୌଣସି ବିଚାରାଧୀନ ମାମଲାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହେଲେ ଆଗରୁ ପଇଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ। ଏଥିପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ। ଲୋକ ଅଦାଲତର ରାୟ ବୈଧ ଓ ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ। ଜନସାଧାରଣ ଜିଲା ବା ତାଲୁକସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରି ବିସ୍ତୃତ ସୂଚନା ପାଇପାରିବେ ବୋଲି କଟକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ



ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମୀ।

ଫୁଲନଖରା,୧୯।୨(ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୪ନମ୍ବର ୱାର୍ଡର ନଖରା ଗ୍ରାମସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୱାର୍ଡ କଂଗ୍ରେସ କମିଟି ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କଂଗ୍ରେସ କର୍ମୀ ଗଣେଶ ପ୍ରସାଦ ଦାଶ ଯୋଗଦେଇ ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ବୈଠକ କରି କର୍ମୀମାନଙ୍କୁ ସଙ୍ଗଠିତ କରିବାକୁ କହିଥିଲେ। ଏଥିସହ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀ ବଂଶୀଧର ଭୋଳ, ଗୋପାଳ ଚନ୍ଦ୍ର ସାହୁ, କେଦାରନାଥ ଜେନା, ସଙ୍ଗଠକ ହରିହର ସାହୁ, ଧ୍ରୁବ ଚରଣ ସାହୁ, ଭୁବନେଶ୍ୱର ବ୍ଲକ ସଭାପତି ବ୍ରହ୍ମାନନ୍ଦ ସାହୁ, ୱାର୍ଡ ସଭାପତି ପ୍ରଭାସ ଭୋଇ, ଉପସଭାପତି ହୃଦାନନ୍ଦ ସାହୁ, ଗୋଲକ ଚନ୍ଦ୍ର ସାହୁ, କାମାକ୍ଷା ଚନ୍ଦ୍ର ସ୍ୱାଇଁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ପକ୍ଷରୁ ଚୟନ ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ସ୍ଥିର କରାଯାଇଥିଲା।

# ମା' ଶିବାନୀ ଦେବୀଙ୍କ ବାର୍ଷିକ ଉତ୍ସବ

ଚୌଦ୍ୱାର,୧୯।୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ୧୭ନଂ. ୱାର୍ଡସ୍ଥିତ ମା' ଶିବାନୀ ଦେବୀଙ୍କ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା, ହୋମଯଜ୍ଞ, ନାମ ସଂକୀର୍ତ୍ତନ, ବିଶ୍ୱଶାନ୍ତି ଯଜ୍ଞ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ମୋହନ ନାୟକ ଓ କର୍ତ୍ତ୍ରୀ ଭାବେ ସୁକାନ୍ତି ନାୟକ ପୂଜାରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୂର୍ବତନ ନଗରପାଳ ପ୍ରେମ୍‌ଚାନ୍ଦ ନାୟକ, କାଉନସିଲର ଆଶୁତୋଷ ଦାସ, ସଭାନେତ୍ରୀ କବିତାରାଣୀ ଲେଙ୍କା, ବିମଳ କୁମାର ବେଉରା, ପତିତପାବନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ କାଉନ୍‌ସିଲର ଗିରିଧାରୀ ଦଳେଇ, ହଂସଚରଣ ସାହୁ, ଆରାଧନା ପଟ୍ଟନାୟକ, ନିକୁଞ୍ଜ ପଣ୍ଡା, ସୁପ୍ରିୟା ଦାସ, ଯଦୁମଣି ଦଳାଇ, ଦେବେନ୍ଦ୍ର ଦାସ, ବିଭୂକଲ୍ୟାଣ ମହାନ୍ତି, କୌଶଲ୍ୟା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସିଡ୍ ପୀଡ଼ିତାଙ୍କୁ ଚିକିତ୍ସା ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ

କଟକ,୧୯।୨(କାର୍ତ୍ତିକ ସାହୁ)

ଜଗତ୍‌ସିଂହପୁର ଜିଲାର ଜଣେ ମହିଳାଙ୍କୁ ଏସିଡ୍ ଆକ୍ରମଣ ମାମଲାର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ କୁମାର ବେଦାନ୍ତଙ୍କ ଜାମିନ ମାମଲାର ଶୁଣାଣି ହାଇକୋର୍ଟରେ ହୋଇଥିଲା। ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି କରିଥିଲେ। ସୁପ୍ରିମକୋର୍ଟଙ୍କ ଆଦେଶ ମୁତାବକ ଏସିଡ ପୀଡ଼ିତାଙ୍କ ନିମନ୍ତେ କ'ଣ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ରହିଛି ସେ ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୀଡିତାଙ୍କୁ ଏସ୍‌ସିବି ମେଡିକାଲରେ ପ୍ଲାଷ୍ଟିକ୍ ସର୍ଜରି ଭଳି ଉନ୍ନତ ଚିକିତ୍ସା ଯୋଗାଇଦେବେ। ସେଠାରେ ଏହି ବ୍ୟବସ୍ଥା ନ ଥିଲେ ଅନ୍ୟ ହସ୍ପିଟାଲରେ ପ୍ଲାଷ୍ଟିକ୍ ସର୍ଜରି ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ରହିଛି। ଆସନ୍ତା ୨୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ୨୦୦୯ରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁରରେ ପ୍ରମୋଦିନୀ ରାଉଳଙ୍କୁ ଏସିଡ୍ ଆକ୍ରମଣ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ସନ୍ତୋଷ କୁମାର ବେଦାନ୍ତଙ୍କ ସମେତ ଅନ୍ୟଜଣଙ୍କୁ ପୋଲିସ ଗିରଫ କରିଥିଲା। ୨୦୨୨ରେ ଅତିରିକ୍ତ ସେସନ୍ସ କୋର୍ଟ ମାମଲାର ରାୟ ପ୍ରକାଶ କରି ୨ଅଭିଯୁକ୍ତଙ୍କୁ ୧୪ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଭାଜପା ପକ୍ଷରୁ ଗାଁକୁ ଚାଲ ଅଭିଯାନ

ଖୁଣ୍ଟୁଣୀ,୧୯।୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ଭାଜପା ପକ୍ଷରୁ ଛଅଗାଁ ଏବଂ ଗୁରୁଡିଝାଟିଆ ପଞ୍ଚାୟତରେ ଗାଁକୁ ଚାଲ ଅଭିଯାନ ଶୁଭାରମ୍ଭ ହୋଇଛି। ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆଠଗଡ଼ ଅଞ୍ଚଳର ନେତା ବ୍ରଜେନ୍ଦ୍ର ରାୟ ଯୋଗଦେଇ ଛଅଗାଁ ଓ ଗୁରୁଡିଝାଟିଆ ପଞ୍ଚାୟତର କୋଲଥପଙ୍ଗି ଗ୍ରାମର ପ୍ରତ୍ୟେକ ଲୋକଙ୍କ ଘରକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୧୦ବର୍ଷ ଶାସନ କାଳରେ ହୋଇଥିବା ଜନ କଲ୍ୟାଣକାରୀ କାର୍ଯ୍ୟ ବିଷୟରେ ବୁଝାଇଥିଲେ। ଏହି ଅଭିଯାନରେ ଭାଜପା ଖୁଣ୍ଟୁଣୀ ମଣ୍ଡଳ ସଭାପତି ଉମେଶ ଚନ୍ଦ୍ର ସାମଲ, ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି, ଜିଲା ଉପ ସଭାପତି ବିଚିତ୍ରାନନ୍ଦ ଜେନା, ସମ୍ପାଦିକା ହେମ ମଞ୍ଜରୀ ଭଞ୍ଜଦେଓ, ସନ୍ତୋଷ କୁମାର ବେହେରା, କୃଷକ ମୋର୍ଚ୍ଚା ସଭାପତି ଅମରେନ୍ଦ୍ର ରାଉତ, ପୂର୍ବତନ ମଣ୍ଡଳ ସଭାପତି ଦେବେନ୍ଦ୍ର ସାହୁ, ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ବିଜୟ ରାଉତ, ଅଲେଖ ସାହୁ, ନାରୀନେତ୍ରୀ ପ୍ରତିମା ରାଉତ, ଜ୍ୟୋତ୍ସ୍ନାରାଣୀ ରାଉତ, ପ୍ରଦୀପ୍ତ କୁମାର ସ୍ୱାଇଁ, ଭାଜପା ମିଡିଆ ସେଲ୍ ସଂଯୋଜକ ପରେଶ ରଞ୍ଜନ ସାହୁଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

# 'ପ୍ରଜ୍ଞାର ଅଧୀଶ୍ୱରୀ ହେଉଛନ୍ତି ମା' ଶାରଳା'

**ମା' ଶାରଳା ସଦନର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ**

କଟକ,୧୯।୨ (କାର୍ତ୍ତିକ ସାହୁ)

ମା' ଶାରଳା ହେଉଛନ୍ତି ପ୍ରଜ୍ଞାର ଅଧୀଶ୍ୱରୀ। ଏହି କାରଣରୁ ଝଙ୍କଡ଼ ଶାରଳା ପୀଠ ଓଡ଼ିଶାର ବାଣୀପୀଠ ବୋଲି ବଙ୍ଗାଳୀ ସାହିତ୍ୟିକ ମା' ଶାରଳା ସଦନର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ବିଚାରପତି ରଘୁବୀର ଦାଶ ମତପ୍ରକାଶ କରିଛନ୍ତି। ବନ୍ଦେ ଉତ୍କଳ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକ ଯୋଗଦେଇ କରୁଣାମୟୀ ମା' ଶାରଳା ଓଡ଼ିଶା ଶକ୍ତି ଉପାସନାର ପ୍ରାଚୀନତମ ଦେବୀ ବୋଲି କହିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆଇନଜୀବୀ ଦେବସ୍ମାନ ଦାସ ଅଧକ୍ଷତା କରି ଉତ୍କଳ ଭାରତୀ ମା' ଶାରଳା ଶକ୍ତି ଓ ଜ୍ଞାନର ଦେବୀ ବୋଲି କହିଥିଲେ। ଏହି ଅବସରରେ ଡ. ଅର୍ଚ୍ଚନା ନାୟକଙ୍କୁ ମା' ଶାରଳା ସମ୍ମାନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଡ. ଗୋବିନ୍ଦ ଭୂୟାଁଙ୍କୁ ଆଦିକବି ସାରଳା ଦାସ ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ହେମେନ୍ଦ୍ର ନାରାୟଣ ଦାସ ସମ୍ବର୍ଦ୍ଧିତ ସାଧକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ହାଇକୋର୍ଟରେ ଅତିରିକ୍ତ ସରକାରୀ ଓକିଲ ବିଜୟ କୁମାର ରଗଡ଼, ଆଇନଜୀବୀ ପ୍ରଣୟ ଦାଶ, ଆଇନଜୀବୀ ଆଦ୍ୟାଶକ୍ତି ପ୍ରିୟା, ବ୍ରଜଭୂଷଣ ସାହୁ ମାନପତ୍ର ପାଠ କରିଥିଲେ। ପ୍ରଫେସର ଡ. ସୁଦର୍ଶନ ପଟ୍ଟନାୟକ ଅତିଥିଙ୍କୁ ସ୍ୱାଗତ ଓ ରାଜୀବ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ୮୩ ଅଭିଯୋଗ ସମାଧାନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ

**ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି**

କଟକ,୧୯।୨ (କାର୍ତ୍ତିକ ସାହୁ)




ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୁଣାଣିରେ ମୋଟ୍ ୮୩ଟି ଅଭିଯୋଗ ଶୁଣାଣି କରାଯାଇ ସମାଧାନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ସେଥିଧରେ ୭୧ଟି ବ୍ୟକ୍ତିଗତ ଓ ୧୨ଟି ସାମୁହିକ ଅଭିଯୋଗ ରହିଥିଲା। ଜିଲାପାଳ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରି ୨୧ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶିବୋ ଟୋପୋ, ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଡିସିପି ରାକେଶ ଚନ୍ଦ୍ର ପାଲ ପ୍ରମୁଖ ଉପସ୍ଥିତ ରହି ଶୁଣାଣିରେ ସହାୟତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା, ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର କର, ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ବିଭୁ ରଞ୍ଜନ ଦାସ, ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ଇଂ. ପ୍ରଭାସ କୁମାର ମାଝୀ, ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ–୨) ଅନୁପ କୁମାର ବେହେରା, ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ଇଂ. ଅଭିମନ୍ୟୁ ଦାସ, ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ଅଶୋକ କୁମାର ସାହୁ, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ତରୁଣ କୁମାର ମହାନ୍ତି, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, କଟକ ବନଖଣ୍ଡ ଏସିଏଫ୍ ସୌଭାଗ୍ୟ କୁମାର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଡେପୁଟି କଲେକ୍ଟର ହେମନ୍ତ ନାରାୟଣ ମହାନ୍ତିଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଏବଂ ଯନ୍ତ୍ରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲାପାଳ ପ୍ରତ୍ୟେକ ସୋମବାର ବିଭିନ୍ନ ବ୍ଲକ ଏବଂ ଉପଖଣ୍ଡରେ ଯୁଗ୍ମ ଜନଅଭିଯୋଗ ଶୁଣାଣି କରିଆସୁଛନ୍ତି। ଏଥିସହ ତ୍ୱରିତ ସମାଧାନ ନିମନ୍ତେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି।

## ଆକ୍ରମଣ କରି ଲୁଟ୍ ମାମଲା, ୨ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ପୂର୍ବ ବିବାଦକୁ କେନ୍ଦ୍ରକରି ଜଣେ ଶ୍ରମିକଙ୍କୁ ଏକ କାଠଫାଳିଆରେ ଆକ୍ରମଣ କରିବା ସହ ତାଙ୍କଠାରୁ ଟଙ୍କା ଓ ସୁନାମୁଦି ନେଇଯିବା ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପୁରୁଣା ଷ୍ଟେଶନ ବଜାରର ଏଲ. ପ୍ରଭାସ ଓ ଉଦୟ ଦାସ। ଅପରାଧରେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ପଠାଇ ଦିଆଯାଇଛି। କେ. ଲକ୍ଷ୍ମୀନାରାୟଣଙ୍କ ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି।

# କାର୍ଯ୍ୟକାରୀ ହେଉନି ମାଗଣା ମହାପ୍ରସାଦ ବଣ୍ଟନ ବ୍ୟବସ୍ଥା

ପୁରୀ, ୧୯।୨ (ଅଜିତ୍ ମହାନ୍ତି)

**ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ**

- ୫ ବର୍ଷ ହେଲା ନିଷ୍ପତ୍ତିରେ ଅଟକିଛି
- ଶ୍ରୀମନ୍ଦିର ବଜେଟରେ ବ୍ୟୟବରାଦ ହୋଇଥିଲା



ଅନେକ ବାଦ ବିବାଦ ପରେ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି କ୍ରମେ ଅର୍ପଣ ରଥରେ ସଂଗୃହୀତ ହୋଇଥିବା ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ ସୁଆର ମହାସୁଆର ସେବକମାନେ ଉକ୍ତ ଚାଉଳରୁ କାନିକା ଓ ଖେଚୁଡ଼ି ପ୍ରସ୍ତୁତ କରି ଭକ୍ତଙ୍କୁ ବିତରଣ କରୁଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ମାଗଣାରେ ମହାପ୍ରସାଦ ପାଇ ଅତ୍ୟନ୍ତ ଖୁସି ହେଉଛନ୍ତି। ତେବେ ଅର୍ପଣ ଚାଉଳ ସରିଯିବା ପରେ ମାଗଣା ମହାପ୍ରସାଦ ବଣ୍ଟନ ବନ୍ଦ ହୋଇଯାଇପାରେ। ପୂର୍ବରୁ ବିଭିନ୍ନ ମଠରେ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ପ୍ରଦାନ କରାଯାଉଥିଲା। ଯାହା ବର୍ତ୍ତମାନ ବନ୍ଦ ହୋଇଯାଇଛି। ଫଳରେ ଭକ୍ତମାନେ ଅନେକ ସମୟରେ ଅର୍ଥାଭାବରୁ ମହାପ୍ରସାଦ ପାଇବାରୁ ବଞ୍ଚିତ ହେଉଛନ୍ତି। ଭକ୍ତମାନେ ଯେପରି ମାଗଣାରେ ମହାପ୍ରସାଦ ପାଇପାରିବେ ସେଥିପାଇଁ ୨୦୧୮-୧୯ରେ ଶ୍ରୀମନ୍ଦିର ବଜେଟରେ ଦେଢ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ତେବେ ଶ୍ରୀମନ୍ଦିର ପ୍ରଶାସନ ଆନ୍ତରିକତା ଅଭାବରୁ ଏପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିପାରିନାହିଁ। ଫଳରେ ଭକ୍ତମାନେ ମାଗଣା ମହାପ୍ରସାଦ ପାଇପାରୁନାହାନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। କାହା ସ୍ୱାର୍ଥରେ ଜାଣିଶୁଣି ଏହି ବ୍ୟବସ୍ଥାକୁ ଅଣଦେଖା କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଆଗରୁ ଭକ୍ତଙ୍କ ହାତରେ କାଣିଚାଏ ମହାପ୍ରସାଦ ଦିଆଯାଉଥିବାବେଳେ ୨୦୧୯ରେ ଖଲିଦନାରେ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ତେଣୁ ଖଲିଦନା କିଣାଯାଇଥିଲା। ଭକ୍ତଙ୍କୁ ମାଗଣା ମହାପ୍ରସାଦ ଯୋଗାଇଦେବା ପାଇଁ କିଛିବର୍ଷ ତଳେ ବାଲେଶ୍ୱର ଜିଲାର ଜଣେ ଶିକ୍ଷାବିତ ୨୦ ଲକ୍ଷ ଟଙ୍କା ଦାନ ଦେଇଥିଲେ। ଏହି ଅର୍ଥରାଶିକୁ ବ୍ୟାଙ୍କରେ ଡିପୋଜିଟ କରାଯାଇ ତା'ର ସୁଧ ଅର୍ଥରେ ମହାପ୍ରସାଦ ଦେବା ପାଇଁ ସେ ନିବେଦନ କରିଥିଲେ। ତେବେ ଅଦ୍ୟାବଧି ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଆନ୍ତରିକତା ଦେଖାଉନାହିଁ। ସେହିପରି କିଛି ବର୍ଷ ପୂର୍ବେ ଶ୍ରୀମନ୍ଦିରରେ ମାଗଣା ମହାପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ତରଫରୁ ଦୁଇଟି ବଡ଼ ଆଟିକାରେ ମହାପ୍ରସାଦ ବାଇଶି ପାହାଚ ନିକଟରେ ବଣ୍ଟନ କରାଯାଉଥିଲା। କିନ୍ତୁ ସମୟକ୍ରମେ ତାହା ବନ୍ଦ ହୋଇଯାଇଛି। ତାହାକୁ ପୁନର୍ବାର ଆରମ୍ଭ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏନେଇ ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ବିଭିନ୍ନ ଧର୍ମପୀଠ ଓ ମନ୍ଦିରରେ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟାଯାଉଛି। ଚାରିଧାମ ମଧ୍ୟରୁ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମ ହେଉଛି ମହାପ୍ରଭୁଙ୍କ ଭୋଜନ କ୍ଷେତ୍ର ଭାବେ ବିବେଚିତ। ପିଲାବେଳେ ଦେଖିବାକୁ ପାଇଥିଲି, ବିଭିନ୍ନ ମଠରେ ଭକ୍ତଙ୍କୁ ମହାପ୍ରସାଦ ବିତରଣ କରାଯାଉଥିଲା। ମାତ୍ର କିଛି ବର୍ଷ ଦେଖିବାକୁ ମିଳୁଛି ଯେ, ଭକ୍ତଙ୍କୁ ଆଉ ମହାପ୍ରସାଦ ବଣ୍ଟନ କରାଯାଉନାହିଁ। ତେବେ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯିବା ଉଚିତ। ଏ ନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ମହାସୁଆର ମତ ଦେଇଛନ୍ତି। ସେହିପରି ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ପୂର୍ବରୁ ଅନେକ ମଠରେ ଗରିବ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯାଉଥିଲା। ମାତ୍ର ତାହା ଏବେ ବନ୍ଦ ହୋଇଯାଇଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ସରକାର ଏଥିରେ ହସ୍ତକ୍ଷେପ କରି ପରମ୍ପରା ରକ୍ଷା କରିବା ଉଚିତ୍। ଏନେଇ ସେ ପ୍ରଶାସନ ସହ ଆଲୋଚନା କରିବେ ବୋଲି ଦାସ ମହାପାତ୍ର କହିଛନ୍ତି। ବର୍ଷ ସାରା ମାଗଣାରେ ମହାପ୍ରସାଦ ବଣ୍ଟନ କରାଗଲେ ଭକ୍ତମାନେ ଉପକୃତ ହୁଅନ୍ତେ ବୋଲି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ବିହାରରୁ ଆସିଥିବା ଆଶୁତୋଷ କୁମାର ମତବ୍ୟକ୍ତ କରିଛନ୍ତି। ତେବେ ମାଗଣା ମହାପ୍ରସାଦ ବଣ୍ଟନ ନିଷ୍ପତ୍ତି କେବେ କାର୍ଯ୍ୟକାରୀ ହେବ ତାହାକୁ ଭକ୍ତମାନେ ବ୍ୟଗ୍ରତାର ସହ ଚାହିଁବସିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## 'ନିଜ ପାଇଁ ଭାବିଲା ବେଳର' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

ଗୋଧୂଳି ସାହିତ୍ୟ ସଂସଦ ଭୁବନେଶ୍ୱର ଆନୁକୁଲ୍ୟରେ ଜାତୀୟ ଅଭିଲେଖାଗାରରେ ଲେଖିକା ଡ. ମନସ୍ୱିନୀ ଦାଶଙ୍କ ଗଳ୍ପ ପୁସ୍ତକ 'ନିଜ ପାଇଁ ଭାବିଲା ବେଳର' ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଡ. ଅଲେଖ ଚନ୍ଦ୍ର ପଢିଆରୀ, ସମ୍ମାନିତ ଅତିଥିଭାବେ ପ୍ରାବନ୍ଧିକ ଡ. ସତ୍ୟନାରାୟଣ ମିଶ୍ର, ସମୀକ୍ଷକ ଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ, ସଂସଦର ସଭାପତି ଶିବ ସୁନ୍ଦର ପଟ୍ଟନାୟକ ଯୋଗଦେଇଥିଲେ। ସମ୍ପାଦିକା ବିମଳା ସିଂହ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ମତ ରଖିଥିଲେ। ଡ. ଅଲେଖ ଚନ୍ଦ୍ର ପଢିଆରୀ, ସତ୍ୟନାରାୟଣ ମିଶ୍ର, ଶରତ ଚନ୍ଦ୍ର ରଥ ଯୋଗଦେଇଥିଲେ। ଜୀବନକୁ ଖୋଜିବାର ସୂକ୍ଷ୍ମ ଦୃଷ୍ଟି ପୁସ୍ତକଟିକୁ ପାଠକୀୟ ଆଦୃତି ଆଣି ଦେବ ବୋଲି ମତ ରଖିଥିଲେ। ସମ୍ପାଦିକା ସିଂହ ସ୍ୱାଗତ ଭାଷଣ, ସାହିତ୍ୟିକ ଚନ୍ଦ୍ରକାନ୍ତ ପଣ୍ଡା ମଞ୍ଚ ପରିଚାଳନା ଓ ଚନ୍ଦ୍ରକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ୧୦.୦୪ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ବାଲିଅନ୍ତା, ୧୯।୨ (ନୀଳମାଧବ ସାହୁ)

ବେଆଇନ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ କୁମ୍ଭାରପଡ଼ା ଥାନା ଅଞ୍ଚଳର ଶଙ୍କର ଭୋଇ(୨୦)। ପୋଲିସ ତାଙ୍କଠାରୁ ୧୦.୦୪ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ ୭୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଲିଅନ୍ତା ସାଇଫନ ଛକ ଛକରେ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ନିର୍ଦ୍ଦେଶକ୍ରମେ ଏକ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ବେଆଇନ ବ୍ରାଉନସୁଗାର ବିକ୍ରି କରୁଥିବା ଶଙ୍କରଙ୍କୁ କାବୁ କରିଥିଲା। ଶଙ୍କର ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ବିକ୍ରି କରୁଥିବା ସ୍ୱୀକାର କରିଥିଲେ।

## ଯୋଗାଯୋଗ ମନ୍ତ୍ରଣାଳୟର ସହଲେଖା ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୯।୨ (ଅନୁରାଧା ମହାରଣା)

ଭାରତ ସରକାରଙ୍କ ଜାତୀୟ ସଂଚାର ବିତ୍ତ ସଂସ୍ଥାନରେ ଭାରତୀୟ ଡାକ ଓ ଟେଲି ଯୋଗାଯୋଗ ଆକାଉଣ୍ଟ୍ସ ଓ ବିତ୍ତୀୟ ସେବାର ସହଲେଖା ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନ ପରିସରରେ ଆରମ୍ଭ ହୋଇଛି। ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିବା ସହିତ ସାରା ଭାରତରୁ ଯୋଗ ଦେଇଥିବା ୪୦ଜଣ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଯୋଜନା ଓ ସମନ୍ୱୟ ବିଭାଗ ପ୍ରମୁଖ ସଚିବ ଚିତ୍ରା ଅରମୁଗମ ଦେଶର ନିରନ୍ତର ବିକାଶ ସାଧନ ଲକ୍ଷ୍ୟ ହାସଲରେ ଡାକ ଓ ଟେଲି ଯୋଗାଯୋଗର ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ। 'ବନ୍ଦେ ଉତ୍କଳ ଜନନୀ' ଗାନ ପୂର୍ବକ ପ୍ରଶିକ୍ଷଣ ସଭା ଆରମ୍ଭ ହୋଇଥିଲା। ରାଜ୍ୟର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉପରେ ସମ୍ବଳିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। କୋର୍ସ ସଂଯୋଜକ ଭାନୁମଙ୍ଗଳ ଦାସ ପ୍ରଶିକ୍ଷଣ ପାଠ୍ୟକ୍ରମର ସୂଚୀ ସମ୍ବନ୍ଧରେ ଅଧିକାରୀମାନଙ୍କୁ ବିସ୍ତୃତ ଧାରଣା ଦେଇଥିଲେ। ପ୍ରଶିକ୍ଷଣାର୍ଥୀଙ୍କୁ ଓଡ଼ିଶାର ଐତିହ୍ୟ ପରମ୍ପରା ତଥା ବିଶ୍ୱରେ ସ୍ୱୀକୃତି ଲାଭ କରିଥିବା ରାଜ୍ୟର ବିପର୍ଯ୍ୟୟ ପରିଚାଳନା ମଡେଲ ସମ୍ପର୍କରେ ଧାରଣା ଦିଆଯିବା ସହ ରାଜ୍ୟର ପ୍ରସିଦ୍ଧ ଐତିହାସିକସ୍ଥଳୀକୁ ପରିଦର୍ଶନ କରିବେ।

## ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ, ଶଶିଭୂଷଣ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

ସ୍ୱାଧୀନତା ସଂଗ୍ରାମୀ, କୃଷକନେତା ଗୌରାଙ୍ଗ ଚରଣ ଦାସ ଓ ସଂଗ୍ରାମୀ ଶଶିଭୂଷଣ ଦାସଙ୍କ ଶ୍ରାଦ୍ଧୋତ୍ସବ ସୋମବାର ସନ୍ଧ୍ୟାରେ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଗୌରାଙ୍ଗ ଦାସଙ୍କ ତ୍ୟାଗ, ସଂକଳ୍ପ, ନିଷ୍ଠା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ କୃଷି ଓ କୃଷକର ଉନ୍ନତି ପାଇଁ ସେ ସଂଗ୍ରାମ ଜାରି ରଖିଥିଲେ ବୋଲି ପଞ୍ଚାନନ କହିଥିଲେ। ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଲେ, ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସ କଟକ ଜିଲା ଜିଲା ବୋର୍ଡ଼ ଅଧ୍ୟକ୍ଷ ଥିବା ସମୟରେ ବହୁ ଜନମଙ୍ଗଳ କାର୍ଯ୍ୟ ହାତକୁ ନେଇଥିଲେ। ପ୍ରଦ୍ୟୁମ୍ନ ଶତପଥୀ କହିଲେ, ଆଜିର ଯୁବପିଢ଼ିଙ୍କ ପାଖରେ ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ଭୂମିକା ଉପରେ କୌଣସି ଐତିହାସିକ ତଥ୍ୟ ନାହିଁ। ଫଳରେ ଆମର ଉତ୍ତରପିଢ଼ି ଆଜି ପଥଭ୍ରଷ୍ଟ। ଇତିହାସକୁ ଅନୁଧ୍ୟାନ କଲେ ହିଁ ଆମର ଭବିଷ୍ୟତ ସୁଖମୟ ହେବ ବୋଲି ମତ ଦେଇଥିଲେ। ପୂର୍ବତନ ପ୍ରଶାସକ ତଥା ଗାନ୍ଧିବାଦୀ ଜୟନ୍ତ ଦାସ, ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ. ବୁଦ୍ଧଦେବ ମିଶ୍ର, ପ୍ରଫେସର ଡ. ବସନ୍ତ ଦାସ ପ୍ରମୁଖ ଦୁଇ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ତମ୍ଭକାର ତୁଷାରକାନ୍ତ ଶତପଥୀ ସ୍ୱାଗତ ଭାଷଣ ଓ ସୀତାବଲ୍ଲଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସେବାକୁ ବ୍ରତ ଭାବେ ପାଳନ କରିବାକୁ ପରାମର୍ଶ




କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ଶିବିରରେ ଛାତ୍ରୀଙ୍କ ଗହଣରେ ଅତିଥିମାନେ।

ଭୁବନେଶ୍ୱର, ୧୯।୨ (ଅସମାପିକା ସାହୁ)

କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀମାନଙ୍କୁ ସେବାକୁ ବ୍ରତ ଭାବରେ ପାଳନ କରିବା ପାଇଁ ଉତ୍ସାହିତ କରିଥିଲେ। କମଳା ନେହେରୁ ମହାବିଦ୍ୟାଳୟ ଗଣିତ ବିଭାଗର ଅଧ୍ୟାପକ ଡ. ରମାକାନ୍ତ ମହାପାତ୍ର, ଆଇଏଏମ୍‌ଏସ୍‌ର ଅଧ୍ୟାପକ ରଘୁନାଥ ମଣ୍ଡଳ ଏବଂ ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରୋଗ୍ରାମ କୋର୍ଡିନେଟର ଡ. ସୁଶାନ୍ତ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ. ମଧୁସ୍ମିତା ଦାଶଙ୍କ ତତ୍ତ୍ୱାବଧାନରେ ଏହି ସ୍ୱତନ୍ତ୍ର ଶିବିରରେ ବିଭିନ୍ନ ସମାଜ ଗଠନମୂଳକ ଓ ସେବାକାର୍ଯ୍ୟ କରାଯାଇଥିଲା। ସ୍ୱେଚ୍ଛାସେବୀଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଲା। ରେଡକ୍ରସ୍‌ର କୋର୍ଡିନେଟର ଡ. ବେଦୁଲା ରାମଲକ୍ଷ୍ମୀ ସ୍ୱେଚ୍ଛାସେବୀଙ୍କୁ ସ୍ୱତନ୍ତ୍ର ଭାବରେ କ୍ରୀଡ଼ା ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ।

## ୨୬ରେ ବିଏମ୍‌ସି ଅଫିସ ଘେରିବେ ସଫେଇ କର୍ମଚାରୀ

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ସଫେଇ କର୍ମଚାରୀ ଏବଂ ଡିଏଲ୍‌ଆର/କାଜୁଆଲ ଶ୍ରମିକମାନେ ପୁଣି ଆନ୍ଦୋଳକୁ ଓହ୍ଲାଇବେ। ଦୀର୍ଘ ୧୦ରୁ ୨୫ ବର୍ଷ ଧରି କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ରେଗୁଲାର ନିଯୁକ୍ତି ଦେବା, ବକେୟା ଇପିଏଫ୍ ଟଙ୍କା ତୁରନ୍ତ ଡିପୋଜିଟ୍ କରିବା, ସମସ୍ତଙ୍କ ପାଇଁ ଇଏସ୍‌ଆଇ ସ୍କିମ୍ ଲାଗୁ କରିବା, ଜାତୀୟ ଛୁଟି ପ୍ରଦାନ କରିବା, ରିଟାର୍ଡମେଣ୍ଟ ବେନିଫିଟ ଓ ଗ୍ରାଚ୍ୟୁଇଟି ପ୍ରଦାନ, ଆଉଟ୍‌ସୋର୍ସିଂ ଠିକାଦାରୀ ଉଚ୍ଛେଦ କରି ସମସ୍ତ କର୍ମଚାରୀଙ୍କୁ ବିଏମ୍‌ସି ଅଧୀନକୁ ଆଣିବା, ଡ୍ରାଇଭରଙ୍କୁ ସ୍କିଲ୍ ୱାର୍କର ମଜୁରୀ ପ୍ରଦାନ ଆଦି ବିଭିନ୍ନ ଦାବିନେଇ ଆସନ୍ତା ୨୬ ତାରିଖରେ ବିଏମ୍‌ସି ମୁଖ୍ୟାଳୟ ଘେରାଉ କରାଯିବ। ସିଆଇଟିୟୁ ସହବନ୍ଧିତ ବିଏମ୍‌ସି ୱାର୍କର୍ସ ୟୁନିୟନ ସଭାପତି ତଥା ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ସୋମବାର ଶ୍ରମିକ ଭବନରେ ଆୟୋଜିତ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ଏହି ନିଷ୍ପତି ନିଆଯାଇଛି। ୨୫ ତାରିଖରେ ସାରା ରାଜ୍ୟର ବିଭିନ୍ନ ମହାନଗର ନିଗମ, ଏନଏସିରେ କାର୍ଯ୍ୟରତ ସଫେଇ କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହେବ। ଏହି ଲଢେଇ ରାଜ୍ୟରେ ଶ୍ରମିକଙ୍କ ହକ୍ ଦାବି ହାସଲ ପାଇଁ ଚାଲିବ ବୋଲି ବିଷ୍ଣୁ ସୂଚନା ଦେଇଛନ୍ତି। ବୈଠକର ସିଆଇଟିୟୁର ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ନାୟକ ସଫେଇ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ହାସଲ ପାଇଁ ଆନ୍ଦୋଳନକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ସଂଘର ବରିଷ୍ଠ ଉପସଭାପତି ସତ୍ୟାନନ୍ଦ ବେହେରା, ବଳରାମ ନାୟକ, ସାଧାରଣ ସମ୍ପାଦକ ଗୁରୁବାରି ନାୟକ ଏବଂ ସମସ୍ତ କାର୍ଯକାରୀ କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଦୁଇଦିନ ପରେ ବି ପୋଲିସ ହାତ ଖାଲି

**ଆପାର୍ଟମେଣ୍ଟରୁ ସିରିଜ ଚୋରି ଘଟଣା**



ବାଳକାଟୀ, ୧୯।୨ (ମନୋଜ ମଣ୍ଡଳ)

ବାଲିଅନ୍ତା ଥାନା ଅଧୀନ ଗଡ଼ଶ୍ରୀରାମପୁରସ୍ଥିତ 'ବର୍ଷା ରିଭେରା' ଆପାର୍ଟମେଣ୍ଟରେ ସିରିଜ୍ ଚୋରି ଘଟଣାକୁ ଦୁଇ ଦିନ ବିତିଥିବାବେଳେ ପୋଲିସ ହାତ ଖାଲି ରହିଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରାଯାଇ ନ ଥିବାବେଳେ ଆପାର୍ଟମେଣ୍ଟର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ସହର ଭିତରେ ଆତଙ୍କ ଖେଳାଉଥିବା ଚୋରମାନେ ଏବେ ଉପକଣ୍ଠକୁ ଟାର୍ଗେଟ କରିବା ଘଟଣା ସ୍ଥାନୀୟ ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। ସମ୍ପୃକ୍ତ ଆପାର୍ଟମେଣ୍ଟ ବାସିନ୍ଦା କହିଛନ୍ତି, ଚୋରମାନେ ଆପାର୍ଟମେଣ୍ଟର ପଛ ପାର୍ଶ୍ୱର ଉଚ୍ଚ ପାଚେରି ଡେଇଁ ବେସ୍‌ମେଣ୍ଟକୁ ଆସିଥିଲେ। ବେସ୍‌ମେଣ୍ଟର ଛାତ ତଳେ ସିସିଟିଭି ତାର କାଟି ଶିଡି ଯୋଗେ ଉପର ମହଲାକୁ ଯାଇ ଚୋରି କରିଛନ୍ତି। ତେବେ ଆପାର୍ଟମେଣ୍ଟ ବାସିନ୍ଦାଙ୍କ ଦୈନନ୍ଦିନ କାମ କରିବାକୁ ଆସୁଥିବା ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ଅଭିଯୁକ୍ତ ମିଳିପାରନ୍ତେ ବୋଲି ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚୋରମାନେ ଶନିବାର ବିଳମ୍ବିତ ରାତିରେ ୫ ଫ୍ଲାଟ୍‌ର ତାଲା ଭାଙ୍ଗି ପ୍ରାୟ ୬୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି।

# ଏଚ୍‌ଆଇଭି ସଂକ୍ରମିତଙ୍କୁ ମୁଖ୍ୟସ୍ରୋତକୁ ଆଣିବାରେ ଅଭିଯୋଗ ଶୁଣାଣି ଅଧିକାରୀଙ୍କ ଗୁରୁଦାୟିତ୍ୱ ରହିଛି

ଭୁବନେଶ୍ୱର, ୧୯।୨ (ଅନୁରାଧା ମହାରଣା)

**ଡାକ୍ତରଙ୍କ ପାଇଁ ଓସାକ୍ସର କର୍ମଶାଳା**

ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଏଚ୍‌ଆଇଭି ସଂକ୍ରମିତଙ୍କ ଅଧିକାର ସୁରକ୍ଷା ସହ ଘୃଣା ଭେଦଭାବ ଶୂନ୍ୟ ସୁସ୍ଥ ବାତାବରଣ ସୃଷ୍ଟି କରି ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା କ୍ଷେତ୍ରରେ ଅଭିଯୋଗ ଶୁଣାଣି ଅଧିକାରୀଙ୍କର ଗୁରୁତ୍ୱ ଦାୟିତ୍ୱ ରହିଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଆଞ୍ଚଳିକସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ଅଭିଯୋଗ ଶୁଣାଣି ଅଧିକାରୀଙ୍କ କର୍ମଶାଳାକୁ ଉଦ୍‌ଘାଟନ କରି ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ)ର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଏହା କହିଛନ୍ତି। ସେ କହିଛନ୍ତି, ଏଚ୍‌ଆଇଭି ଏଡସ୍ ପ୍ରତିରୋଧ ଏବଂ ନିୟନ୍ତ୍ରଣ ସହ ସଂକ୍ରମିତ ବ୍ୟକ୍ତିଙ୍କ ଅଧିକାର ସୁରକ୍ଷା ପାଇଁ ୨୦୧୮ରେ ଏଚ୍‌ଆଇଭି ଏବଂ ଏଡସ୍ (ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଅଧିନିୟମ-୨୦୧୭ରେ ଲାଗୁ କରାଯାଇଛି। ରାଜ୍ୟର ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ୩୫୦ଜଣ ଡାକ୍ତର ଅଭିଯୋଗ ଶୁଣାଣି ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ସଂକ୍ରମିତ ବ୍ୟକ୍ତିଙ୍କ କୌଣସି ଅଭିଯୋଗ ଥିଲେ ଅଧିକାରୀମାନେ ଆଇନ ଅନୁଯାୟୀ ଉଚିତ ପଦକ୍ଷେପ ନେବାର ପ୍ରାବଧାନ ରହିଛି। ପ୍ରାକ୍ ସାବଧାନତା ସରଞ୍ଜାମ ବ୍ୟବହାର କରି ଜଣେ ସଂକ୍ରମିତ ବ୍ୟକ୍ତିର ଅସ୍ତ୍ରୋପଚାର ଡାକ୍ତରମାନେ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓସାକ୍ସର ସହ-ନିର୍ଦ୍ଦେଶକ ଇଂ. ଅଜୟ କୁମାର ପାତ୍ର ଏଡସ୍‌ର ମୌଳିକ ତଥ୍ୟ ଉପସ୍ଥାପନ କରିଥିଲେ। ଏଚଆଇଭି ସଂକ୍ରମିତଙ୍କ ରାଜ୍ୟସ୍ତରୀୟ ସଂଗଠନ କେଏନ୍‌ପି ପ୍ଲସ୍‌ର ସଭାପତି ପ୍ରଭାସିନୀ ପ୍ରଧାନ କିପରି ଏଚ୍‌ଆଇଭି ସଂକ୍ରମିତ ହେଲେ ସେସମ୍ପର୍କରେ ଅନୁଭୂତି ରଖିଥିଲେ। କର୍ମଶାଳାରେ ଓସାକ୍ସର ବରିଷ୍ଠ ଅଧିକାରୀଙ୍କ ସହ ଖୋର୍ଦ୍ଧା, ପୁରୀ, ନୟାଗଡ, ଯାଜପୁର, ଅନୁଗୋଳ ଏବଂ ଢେଙ୍କାନାଳ ଆଦି ଜିଲାରୁ ଅଭିଯୋଗ ଶୁଣାଣି ଅଧିକାରୀମାନେ ଯୋଗଦେଇଥିଲେ।

## ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ




ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମୀ।

ଫୁଲନଖରା, ୧୯।୨ (ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୪ ନମ୍ବର ୱାର୍ଡରେ ନଖରା ଗ୍ରାମସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୱାର୍ଡ କଂଗ୍ରେସ କମିଟି ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କଂଗ୍ରେସ କର୍ମୀ ଗଣେଶ ପ୍ରସାଦ ଦାଶ ଯୋଗଦେଇ ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ବୈଠକ କରି କର୍ମୀମାନଙ୍କୁ ସଙ୍ଗଠିତ କରିବାକୁ କହିଥିଲେ। ଏଥିସହ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀ ବଂଶୀଧର ଭୋଳ, ଗୋପାଳ ଚନ୍ଦ୍ର ସାହୁ, କେଦାରନାଥ ଜେନା, ସଙ୍ଗଠକ ହରିହର ସାହୁ, ଧ୍ରୁବ ଚରଣ ସାହୁ, ଭୁବନେଶ୍ୱର ବ୍ଲକ ସଭାପତି ବ୍ରହ୍ମାନନ୍ଦ ସାହୁ, ୱାର୍ଡ ସଭାପତି ପ୍ରଭାସ ଭୋଇ, ଉପସଭାପତି ହୃଦାନନ୍ଦ ସାହୁ, ଗୋଲକ ଚନ୍ଦ୍ର ସାହୁ, କାମାକ୍ଷା ଚନ୍ଦ୍ର ସ୍ୱାଇଁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ପକ୍ଷରୁ ଚୟନ ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ସ୍ଥିର କରାଯାଇଥିଲା।

## ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ କଲମ ଛାଡ଼ ଆନ୍ଦୋଳନ

ବାଳକାଟୀ, ୧୯।୨ (ମନୋଜ ମଣ୍ଡଳ)

ବିଭିନ୍ନ ଦାବି ନେଇ ବାଲିଅନ୍ତା ତହସିଲର ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମ ଛାଡ଼ ଆନ୍ଦୋଳନରେ ବାଲିଅନ୍ତା ତହସିଲଦାରଙ୍କ କାର୍ଯାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏଥିଯୋଗୁ ବିଭିନ୍ନ ରାଜସ୍ୱ ଓ ପ୍ରମାଣ ପତ୍ର କାଗଜାତ କାମ ଠପ୍ ହୋଇଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲା ରାଜସ୍ୱ ସଂଘ ସଭାପତି ଦୁଃଖିଶ୍ୟାମ ସ୍ୱାଇଁ ଓ ସମ୍ପାଦକ ଆଲୋକ ଜେନାଙ୍କ ନେତୃତ୍ୱରେ ତହସିଲର ୮ଜଣ ରାଜସ୍ୱ ନିରୀକ୍ଷକଙ୍କ ସମେତ ସହକାରୀ ରାଜସ୍ୱ ନିରୀକ୍ଷକ ଓ କ୍ଷେତ୍ର ପରିଦର୍ଶକମାନେ କଲମ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସଂଘର ୬ ଦଫା ଦାବି ପୂରଣ ନେଇ ଅଧିକାରୀମାମନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସ୍ୱାଇଁ ସୂଚନା ଦେଇଛନ୍ତି। ପୂର୍ବରୁ ସଂଘ କଳା ବ୍ୟାଜ୍ ପିନ୍ଧି ଏହି ଦାବି ପାଇଁ ପ୍ରତିବାଦ କରିଥିଲା। ଏନେଇ ଆଲୋଚନା ମଧ୍ୟ ହୋଇଥିଲା। ଆନ୍ତରିକତାର ଅଭାବ ଯୋଗୁ କୌଣସି ପଦକ୍ଷେପ ନ ନେବାରୁ ବାଧ୍ୟ ହୋଇ କଲମ ଛାଡ଼ ଆନ୍ଦୋଳନ ଆରମ୍ଭ କରିଥିବା ସମ୍ପାଦକ ଜେନା ସୂଚନା ଦେଇଛନ୍ତି।




କଲମ ଛାଡ଼ ଆନ୍ଦୋଳନରେ ବସିଥିବା ରାଜସ୍ୱ କ୍ଷେତ୍ର ଅଧିକାରୀ।

# ପୁଣି ବନ୍ଦ ହେଲା 'କାର୍ ଖାନା'

- ଭେଣ୍ଡିଂଜୋନ୍ ଭଡ଼ାରେ ନେଇ ଚଳାଇଥିଲେ ବେପାର
- ୨ ମୂଳ ମାଲିକଙ୍କୁ ସୋ-କଜ୍ ନୋଟିସ୍ ଦେଲା ବିଏମ୍‌ସି

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)




ବିଏମ୍‌ସି ଭେଣ୍ଡିଂ ଜୋନ୍‌ରେ ଖୋଲିଥିବା କାର୍‌ଖାନାକୁ ସିଲ୍ କରାଯାଇଛି।

ପୁଣି ଥରେ ବନ୍ଦ ହେଲା 'କାର୍‌ଖାନା'। ଆଇଜି ପାର୍କ ରାସ୍ତାକଡ଼ରେ କାର୍‌ରେ ଖାଦ୍ୟ ଆଣି ବିକ୍ରି କରି ଚର୍ଚ୍ଚାକୁ ଆସିଥିଲେ ଦୁଇ ଯାଆ ରଶ୍ମିତା ଓ ନେହା ପାଣିଗ୍ରାହୀ। କମ୍ ଦାମ୍‌ରେ ଘରୋଇ ତଥା ଭଲ ଖାଦ୍ୟ ହୋଇଥିବାରୁ ଲୋକେ ଏହାକୁ ପସନ୍ଦ କରୁଥିଲେ। କାର୍ ଯୋଗେ ଖାଦ୍ୟ ଆଣି ପାର୍କ କଡ଼ରେ ବିକ୍ରି କରିବାରୁ ଏହାର ନାଁ 'କାର୍‌ଖାନା' ରଖାଯାଇଥିଲା। ତେବେ ବିନା ଟ୍ରେଡ୍ ଲାଇସେନ୍ସରେ ବେପାର କରୁଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ସେମାନଙ୍କୁ ୫ ହଜାର ଫାଇନ କାଟି ବେପାର ବନ୍ଦ କରାଇଥିଲା। ତେବେ କିଛିଦିନ ତଳେ ସ୍ମାର୍ଟ ଜନପଥ କଡ଼ରେ ଥିବା ଭେଣ୍ଡିଂ ଜୋନ୍ ନଂ. ୮୯ ଓ ୯୦କୁ ଭଡ଼ାରେ ନେଇ ବେପାର ଆରମ୍ଭ କରିଥିଲେ ଦୁଇ ଯାଆ। ମାତ୍ର ପୁଣିଥରେ ବିଏମସି ଉକ୍ତ 'କାର୍‌ଖାନା' ପୋଷ୍ଟର ଲାଗିଥିବା ୨ ଭେଣ୍ଡିଂଜୋନ୍‌କୁ ସିଲ୍ କରିଛି। କାର୍‌ଖାନା ନାଁରେ ୨ ଯାଆ ଚଳାଉଥିବା ଦୋକାନକୁ ବନ୍ଦ କରାଯିବା ସହ ଏହି ୨ ଭେଣ୍ଡିଂ ଜୋନର ମୂଳ ମାଲିକଙ୍କୁ ନୋଟିସ ଜାରି ହୋଇଥିବା ବିଏମ୍‌ସି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଜନପଥ କଡ଼ରେ ଥିବା ଭେଣ୍ଡିଂ ଜୋନ୍ ପଲିସି ଅନୁଯାୟୀ, ବିଏମସି ଦ୍ୱାରା ହସ୍ତଗତ ଭେଣ୍ଡିଂ ଜୋନକୁ ବିନା ଅନୁମତିରେ କେହି ଭଡ଼ାରେ ଲଗାଇପାରିବେ ନାହିଁ। ପୂର୍ବରୁ ବହୁ ଲୋକ ଜନପଥ କଡ଼ରେ ଥିବା ଭେଣ୍ଡିଂଜୋନ ହାତେଇବା ସହ ଭଡ଼ା ସୂତ୍ରରେ ନେବା ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ନିୟମ ନ ଥିବାରୁ ତାଙ୍କୁ ଏନେଇ ଅନୁମତି ମିଳୁନାହିଁ। ଏଭଳି କ୍ଷେତ୍ରରେ ବିଏମସି ପକ୍ଷରୁ କାରଖାନାକୁ କୌଣସି ଭେଣ୍ଡିଂଜୋନ ଆବଣ୍ଟନ କରାଯାଇ ନଥିବାବେଳେ ଏହାକୁ ବେଆଇନ ଭାବେ ଭଡ଼ା ସୂତ୍ରରେ ନେଇ ବ୍ୟବସାୟ କରୁଥିଲେ। ଅଭିଯୋଗ ପାଇବା ପରେ ଉକ୍ତ ୨ଭେଣ୍ଡିଂ ଜୋନକୁ ସିଲ୍ କରାଯାଇଛି। ଏଥିସହ ଭେଣ୍ଡିଂଜୋନ୍‌ର ମୂଳ ମାଲିକ ଯଥାକ୍ରମେ ଧଳେନ୍ଦ୍ର ଓଝା ଓ ଅଜୟ ଦାସଙ୍କୁ ବିଏମସି ସୋ-କଜ୍ ନୋଟିସ ଜାରି କରିଥିବା ବିଏମସି ମାର୍କେଟ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ଉଭୟ ଭେଣ୍ଡିଂଜୋନ ମାଲିକ ବିଏମସି ପକ୍ଷରୁ ରଖାଯାଇଥିବା ସର୍ତ୍ତ ଖିଲାପ କରିଛନ୍ତି। ତେଣୁ ବିଏମସି କାହିଁକି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ ନାହିଁ ବୋଲି ଉତ୍ତର ରଖିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ନ ରଖିଲେ ଉକ୍ତ ଭେଣ୍ଡିଂଜୋନ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ, ସମ୍ପୃକ୍ତ ଭେଣ୍ଡିଂଜୋନ୍‌କୁ ବିଏମସି ପୁନର୍ବାର ନିଜ ଅଧୀନକୁ ଆଣିବ। ଏଥିସହ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ଏଠାରେ ଥଇଥାନ କରାଯିବ। ତେବେ ଶନିବାରଠାରୁ କାର୍ ଖାନାକୁ ସିଲ୍ କରାଯାଇଥିବାବେଳେ ଏଯାବତ୍ ଏନେଇ କୌଣସି ଉତ୍ତର ହସ୍ତଗତ ହୋଇ ନ ଥିବା ସୂଚନା ମିଳିଛି। ସେହିପରି ଘଟଣା ନେଇ ସମ୍ପୃକ୍ତ ୨ଯାଆଙ୍କର ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ବଡ଼ମଠ ମହନ୍ତଙ୍କୁ ମହାମଣ୍ଡଳେଶ୍ୱର ଉପାଧି



କଣାସ, ୧୯।୨ (ବିଭୂତି ଭୂଷଣ ତ୍ରିପାଠୀ): କଣାସ ବଡମଠର ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜଙ୍କୁ ମହାମଣ୍ଡଳେଶ୍ୱର ଉପାଧିରେ ଭୂଷିତ କରାଯାଇଛି। ସୋମବାର ଆୟୋଜିତ ଏହି ଉତ୍ସବରେ ଟିଲାଦ୍ୱାରା ଗାଦ୍ୟାଚାର୍ଯ୍ୟ ମଙ୍ଗଳ ମଠାଧିଶ୍ୱର ଯଜ୍ଞସମ୍ରାଟ ୧୦୦୮ ମାଧବାଚାର୍ଯ୍ୟ ମହାରାଜା ମଲାଡ ବମ୍ବେ, ବାରହଭାଇ ଦାଡିଲା ଖାଲାସା ମହନ୍ତ ରାମକୃଷ୍ଣ ଦାସ ଜୀ, ପାପୁଡ଼ିଆ ମଠ, ପୁରୀ, ଶ୍ରୀକ୍ଷେତ୍ର ଚତୁଃ ସମ୍ପ୍ରଦାୟ ସନ୍ଥ ସମିତିର ଅଧ୍ୟକ୍ଷ ଡ. ରାମଚରଣ ଦାସଜୀ, ନେବଳଦାସ ମଠ ପୁରୀ, ଅଯୋଧ୍ୟା, ବୃନ୍ଦାବନ, ହରିଦ୍ୱାର, ଚିତ୍ରକୁଟ, ମହାରାଷ୍ଟ୍ର, ସୌରାଷ୍ଟ୍ର, ରାଜସ୍ଥାନର ଶତାଧିକ ମହାମଣ୍ଡଳେଶ୍ୱରମାନେ ଉପସ୍ଥିତ ହୋଇ ବଡ଼ମଠ ମହନ୍ତଙ୍କୁ ମହାମଣ୍ଡଳେଶ୍ୱର ଉପାଧିରେ ଭୂଷିତ କରାଇଥିଲେ। ଏଥିରେ ତାଙ୍କର ପଟ୍ଟଶିଷ୍ୟ ମହନ୍ତ ସନାତନ ଦାସ ଜୀଙ୍କୁ କଣାସ ବଡ଼ମଠର ଉତ୍ତରାଧିକାରୀ ଭାବେ ସ୍ୱୀକୃତି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

### ଭାରତୀୟ ଚିକିତ୍ସକ ସଂଘର କେନ୍ଦ୍ରୀୟ କାର୍ଯ୍ୟକାରୀ ସଭ୍ୟ ବାନାମ୍ବର ସେନାପତି



ପୁରୀ, ୧୯।୨ (ଅଜିତ୍ ମହାନ୍ତି) କିଛିଦିନ ପୂର୍ବେ ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖାର ନିର୍ବାଚନ ଶେଷ ହୋଇଛି। ଏହି ନିର୍ବାଚନରେ ପୁରୀର ଡା. ବାନାମ୍ବର ସେନାପତିଙ୍କୁ ସଂଘର କେନ୍ଦ୍ରୀୟ କାର୍ଯ୍ୟକାରୀ ସଭ୍ୟ ଭାବେ ପୁନର୍ବାର ନିର୍ବାଚିତ କରାଯାଇଛି। ସେ ୨ବର୍ଷ ପାଇଁ ଅର୍ଥାତ ୨୦୨୬ ମସିହା ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ସୂଚନାଯୋଗ୍ୟ, ଡା. ସେନାପତି ପୂର୍ବରୁ ପୁରୀ ଜିଲାର ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ସେ ଏବେ ସଂଘର ପୁରୀ ଶାଖା ସମ୍ପାଦକ ରହିଛନ୍ତି।

# ମ୍ୟାନ୍‌ଗ୍ରୋଭ୍ ରିଟ୍ରିଟ୍ ଉଦ୍‌ଘାଟିତ

## ପ୍ରକୃତି ଉପଭୋଗ କରିବେ ପର୍ଯ୍ୟଟକ

ଅସ୍ତରଙ୍ଗ, ୧୯।୨ (ପ୍ରଦୀପ୍ତ କୁମାର ଦୀକ୍ଷିତ): ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ଗଙ୍ଗାଦେବୀ ମୁହାଣ ନିକଟରେ ଅତ୍ୟାଧୁନିକ ଆକର୍ଷଣୀୟ ମ୍ୟାନ୍‌ଗ୍ରୋଭ ରିଟ୍ରିଟ୍‌କୁ ସୋମବାର କ୍ରୀଡ଼ା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ବେହେରା କହିଥିଲେ ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏବଂ ଐତିହାସିକ ପୃଷ୍ଠଭୂମିରେ ସମୃଦ୍ଧ ଅସ୍ତରଙ୍ଗ ଅଞ୍ଚଳ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିଛି। ମ୍ୟାନ୍‌ଗ୍ରୋଭ ରିଟ୍ରିଟ୍ ଯୋଗୁ ଏଠାକୁ ଦେଶବିଦେଶର ପର୍ଯ୍ୟଟକଙ୍କ ସୁଅ ଛୁଟିବ। ଫଳରେ ଓଡ଼ିଶାର ପର୍ଯ୍ୟଟନ ଭିତ୍ତିଭୂମି ଅଧିକ ସୁଦୃଢ ହେବା ସହ ପୁରୀ ଜିଲାର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ସଞ୍ଜୀବ କୁମାର, ପୁରୀ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ପି. ରାମସ୍ୱାମୀ, ସହକାରୀ ବନସଂରକ୍ଷକ ଉତ୍ତମ କୁମାର ଗଡ଼ନାୟକ, ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର, ଅତିରିକ୍ତ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ମଞ୍ଚାସୀନ ଉପସ୍ଥିତ ଥିଲେ। ସେହିପରି ୧ ନମ୍ବର ଜୋନ ଜିଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଏମ୍‌ପି ପ୍ରତିନିଧି ଚମ୍ପକ ବାରିକ, ବନପାଳ ବଳରାମ ସାହୁ, ସବିର ସାହୁ, ବିରଜା ମହାପାତ୍ର ଏବଂ ବନରକ୍ଷୀ ସୋନାଲି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ବନ ବିଭାଗ ପକ୍ଷରୁ ମ୍ୟାନଗ୍ରୋଭ ରିଟ୍ରିଟ୍ ତଥା ନେଚର କ୍ୟାମ୍ପ ନିର୍ମାଣ ହୋଇଛି। ହେନ୍ତାଳ ବଣ ଓ ପୀରଜାହାନିଆ ବେଳାଭୂମି ବୁଲିବା ସହ ଶାଖା ଲୁଣା ନଦୀରେ ବୋଟିଂର ମଜା ନେଇପାରିବେ ପର୍ଯ୍ୟଟକ। ସେହିପରି ନାଲି କଙ୍କଡ଼ା, ଡଲ୍‌ଫିନଙ୍କ ଜଳକ୍ରୀଡ଼ା, ହରିଣଙ୍କ ବିଚରଣ, ବିରଳ କଇଁଛ ଦେଖିବାର ସୁଯୋଗ ମିଳିବ। ରୁଚିକର ଖାଦ୍ୟ ସାଙ୍ଗକୁ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ପରି ଟଟକା ସାମୁଦ୍ରିକ ଖାଦ୍ୟ ଖାଇବାର ମଜା ପାଇପାରିବେ ପର୍ଯ୍ୟଟକ। ଏଠାରେ ୧୦ଟି କଟେଜ୍‌ରେ ରାତ୍ରିଯାପନ ସୁବିଧା ରହିଛି।



ମ୍ୟାନ୍‌ଗ୍ରୋଭ୍ ରିଟ୍ରିଟ୍‌କୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରୁଛନ୍ତି ।

# ଯୁବକଙ୍କୁ ହତ୍ୟା କରାଯାଇଥିଲା

■ ମୃତଦେହକୁ ଅଟୋ ଚାଳକ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ିଯିବା ଘଟଣା
■ ଜଣେ ଗିରଫ

ବ୍ରହ୍ମଗିରି, ୧୯।୨ (ସ୍ୱାଧୀନ ଚମ୍ପତିରାୟ): ବ୍ରହ୍ମଗିରି ଥାନା ଅଧୀନ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗତ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହକୁ ଜଣେ ଅଟୋଚାଳକ ଛାଡ଼ିଚାଲିଯିବା ଘଟଣା ବେଶ୍ ଚର୍ଚ୍ଚା ଧରିଥିଲା। ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରିବାରେ ଉକ୍ତ ଯୁବକଙ୍କୁ ହତ୍ୟା କରାଯାଇଥିବାବେଳେ ଯୁବକ ଜଣଙ୍କ କୋଲକାତା ପୂର୍ବ ବର୍ଦ୍ଧମାନ ଜୁବାଇ ଗ୍ରାମର ଅଜୟ ହେମ୍ବ୍ରମ ବୋଲି ଜଣାପଡ଼ିଛି। କୋଲକାତା ପୋଲିସ ଏହି ହତ୍ୟା ମାମଲାରେ ସମ୍ପୃକ୍ତ କୋଲକାତାର ଅର୍ଜୁନ ଟୁଡୁଙ୍କୁ ରବିବାର ଗିରଫ କରିଥିବାବେଳେ ଅନ୍ୟ ଜଣେ ବ୍ରହ୍ମଗିରି ଥାନା ଅଧୀନ ଗୋଲାସାହିର ପାପୁନ ଦେ ଫେରାର ଅଛନ୍ତି। ଏନେଇ ବ୍ରହ୍ମଗିରି ଥାନାରେ ପୋଲିସ ନଂ.୫୮/୨୪ରେ ଏକ ମାମଲା ରୁଜୁ କରିଛି।

ସୂଚନା ଅନୁଯାୟୀ, ଅଜୟଙ୍କୁ ଅର୍ଜୁନ ଏବଂ ପାପୁନ ଅପହରଣ କରିନେଇ ଏକ କୋଠରିରେ ରଖିଥିଲେ। ସେଠାରେ ତାଙ୍କୁ ୩ ଦିନ ଧରି ଶାରୀରିକ ନିର୍ଯାତନା ଦେବା ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ନିମନ୍ତେ ପାପୁନ କାଠୁଆରେଡ଼ି ଛକ ନିକଟରୁ ଏକ ଅଟୋରେ ଅଜୟଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଅଟୋଚାଳକ ମୃତ ଯୁବକଙ୍କୁ ସେଠାରେ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ବ୍ରହ୍ମଗିରି ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ପରେ ଘଟଣାର ତଦନ୍ତ ଚଳାଇଥିଲା।

# ସର୍ବଭାରତୀୟ ଡାକ ସାଂସ୍କୃତିକ ପ୍ରତିଯୋଗିତା: ସମୀକ୍ଷାଙ୍କ କମାଲ୍

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ) ଆସାମର ଗୌହାଟିଠାରେ ସୋମବାର ୩୬ତମ ଅଖିଳ ଭାରତୀୟ ଡାକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତନାଟ୍ୟମ୍ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଓଡ଼ିଶାର ସମୀକ୍ଷା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗତତାରେ ସେ ଓଡ଼ିଶା ଡାକ ସର୍କଲକୁ ପ୍ରତିନିଧିତ୍ୱ କରିଥିଲେ। ବରିଷ୍ଠ ବିଭାଗରେ ମୋଟ ୬ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସମୀକ୍ଷା ପୂର୍ବ ଭାରତରୁ ଏକମାତ୍ର ପ୍ରତିଯୋଗୀ ଥିଲେ। ଅନ୍ୟ ୫ଜଣ ଦକ୍ଷିଣ ଭାରତରୁ ଆସିଥିଲେ। ପୂର୍ବରୁ ସେ ସର୍ବଭାରତୀୟସ୍ତରରେ ଓଡ଼ିଶୀ ପ୍ରତିଯୋଗୀ ଭାବେ କନିଷ୍ଠ ଓ ବରିଷ୍ଠ ବିଭାଗରେ ମଧ୍ୟ ପ୍ରଥମ ହୋଇ ଓଡ଼ିଶା ଡାକ ସର୍କଲକୁ ପ୍ରତିନିଧିତ୍ୱ କରିଛନ୍ତି। ଚଳିତବର୍ଷ ସେ ଭାରତନାଟ୍ୟମ୍ ନୃତ୍ୟ ଦ୍ୱାରା ବିଚାରକଙ୍କ ସମେତ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ପାରିଥିଲେ। ସମୀକ୍ଷାଙ୍କ ଘର ପୁରୀ ଜିଲା ପିପିଲି ବ୍ଲକ ଅଲାରପୁର ଗ୍ରାମରେ। ତାଙ୍କ ବାପା ରବିନାରାୟଣ ମହାନ୍ତି ବ୍ରହ୍ମପୁର ଡିଭିଜନ୍‌ରେ ପୋଷ୍ଟାଲ ମେଲ୍ ଗାର୍ଡ ଭାବେ କାର୍ଯ୍ୟରତ ଥିବାବେଳେ ମା' ସୁମିତ୍ରା ମହାପାତ୍ର ଜଣେ ଗୃହିଣୀ।



# ଭାରତନାଟ୍ୟମ୍ ନୃତ୍ୟରେ ଦର୍ଶକ ବିଭୋର



ଉତ୍ସବରେ କଳାକାରମାନେ ଭାରତ ନାଟ୍ୟମ ନୃତ୍ୟ ପରିବେଷଣ କରୁଛନ୍ତି ।

## କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ

କୋଣାର୍କ, ୧୯।୨ (ଜ୍ୟୋତିରାଜ ମହାନ୍ତି): ପଦ୍ମଶ୍ରୀ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ମାନସ ସନ୍ତାନ ଅର୍କବିହାରସ୍ଥିତ କୋଣାର୍କ ନାଟ୍ୟମଣ୍ଡପଠାରେ ୩୮ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ-୨୦୨୪ ସୋମବାର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ଥିବା ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ନିକଟରୁ ଘଣ୍ଟ ମର୍ଦ୍ଦଳର ତାଳେ ତାଳେ ଆଜ୍ଞାମାଳ ଆସିବା ପରେ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଶୁଭାରମ୍ଭ ହୋଇଥିଲା। ଅତିଥି ଭାବେ ସୃଜନ ଅନୁଷ୍ଠାନର ବିଶିଷ୍ଟ ଗୁରୁ ରତିକାନ୍ତ ମହାପାତ୍ର, ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସ୍ତ୍ରୀ ସୁଲୋଚନା ପ୍ରଧାନ, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କୋଣାର୍କ ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ନାଟ୍ୟମଣ୍ଡପ ସଭାପତି ଡ. ରମଣି ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ନିମାପଡ଼ା ନୃତ୍ୟାଳୟ ଅନୁଷ୍ଠାନ ପକ୍ଷରୁ ପଞ୍ଚଦେବ ସ୍ତୁତି ପରିବେଷିତ ହୋଇଥିଲା। ପରେ ପରେ ବିଶିଷ୍ଟ ବଂଶୀବାଦକ ଅଭିରାମ ନନ୍ଦଙ୍କ ଦ୍ୱାରା ବଂଶୀ ବାଦନ କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଏହି ବଂଶୀ ବାଦନ ସହ ତବଲାରେ ଗୁରୁ କୁଳମଣି ସାହୁ ସହଯୋଗ କରିଥିଲେ। ପରେ ପରେ ଭୁବନେଶ୍ୱରସ୍ଥିତ ଶ୍ରୀଜନ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଗୁରୁ ରତିକାନ୍ତ ମହାପାତ୍ର ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ କୋଲକାତାର ବିଶିଷ୍ଟ ଭାରତନାଟ୍ୟମ୍ ଗୁରୁ ଅର୍ପିତା ସେନ୍ ଓ ସାଥୀ କଳାକାରମାନଙ୍କ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣରେ ଦର୍ଶକ ବିମୋହିତ ହୋଇଥିଲେ। କାର୍ଯ୍ୟକ୍ରମକୁ କୋଣାର୍କ ନାଟ୍ୟମଣ୍ଡପ ଉପସଭାପତି ପ୍ରସନ୍ନ ବେଉରିଆ, ବିଷ୍ଣୁ ସାସ୍‌ମଲ, ଉମେଶ ସ୍ୱାଇଁ ଓ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ଓଡ଼ିଶୀ ନୃତ୍ୟାଭିନୟ ପ୍ରଶିକ୍ଷଣ କର୍ମଶାଳା

ପୁରୀ, ୧୯।୨ (ଅଜିତ୍ ମହାନ୍ତି): କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଏବଂ ସାଂସ୍କୃତିକ ଅନୁଷ୍ଠାନ 'ସୁଧା'ର ମିଳିତ ଆନୁକୂଲ୍ୟରେ ବାଲିନୋଳିଆ ସାହିସ୍ଥିତ ରତ୍ନାକର ଯୁଜିୟୁପି ବିଦ୍ୟାଳୟରେ ଓଡ଼ିଶୀ ନୃତ୍ୟ ଅଭିନୟ ପ୍ରଶିକ୍ଷଣ ଓ ନୃତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଳାକାରମାନେ ଓଡ଼ିଶୀ ନୃତ୍ୟ ଓ ଅଭିନୟ ମାଧ୍ୟମରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ବ୍ୟବହାରିକତା ତଥା ଶାସ୍ତ୍ରୀୟ ଓ ପାରମ୍ପରିକ କୌଶଳ ବିଷୟରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷିତ କରାଇଥିଲେ। କର୍ମଶାଳାକୁ ସୁଧା ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ପରିଚାଳନା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ପାତ୍ର ସହଯୋଗ କରିଥିଲେ।

## ବୃକ୍ଷରୋପଣ କାର୍ଯ୍ୟକ୍ରମ

ପୁରୀ ୧୯।୨ (ଅଜିତ୍ ମହାନ୍ତି) ଓଡ଼ିଶା ଯୁବ ଚେତନା ସଙ୍ଗଠନ ଏବଂ ସନ୍ଥ ସମାବେଶ ଭୁବନେଶ୍ୱରର ମିଳିତ ସହଯୋଗରେ ପୁରୀ ଷ୍ଟାଡିୟମ ନିକଟ ପଡ଼ିଆରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ସ୍ୱାମୀ ବଲ୍ଲଭାନନ୍ଦ, ଦଣ୍ଡିସ୍ୱାମୀ ନାରାୟଣ ସରସ୍ୱତୀ, ପ୍ରଫେସର କାନନ ପାଣିଗ୍ରାହୀ, ଅଧ୍ୟାପକ ସୁଶିଲ ମିଶ୍ର ଓ ପଣ୍ଡିତ ହରିହର ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଭୟ ସଙ୍ଗଠନ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଥିବା ବୃକ୍ଷକୁ ଜଳଦାନ କରାଯିବ ।

# ୨ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ : ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ, ୧୯।୨ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ବାରିକ) ସତ୍ୟବାଦୀ ପୋଲିସ ସୋମବାର ସକାଳେ ପାଟ୍ରୋଲିଂ ସମୟରେ ୨୦ଗ୍ରାମ୍ ବ୍ରାଉନ ସୁଗାର ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ। ଏଥିସହ ୩୮୦ ଟଙ୍କା, ମୋବାଇଲ ଫୋନ, ବିକ୍ରି ପାଇଁ ତିଆରି ହୋଇଥିବା ଛୋଟ ଛୋଟ ପୁଡ଼ିଆ ମଧ୍ୟ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଅହମ୍ମଦପୁର କେନାଲ ବନ୍ଧ ସାହି ଗ୍ରାମର ସୁଦାମ ଗାଗରାଏ।

ସୂଚନା ଅନୁଯାୟୀ, ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସତ୍ୟବାଦୀ ଥାନା ସବ୍‌ଇନ୍ସପେକ୍ଟର ଦୀପ୍ତିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଅହମ୍ମଦପୁର-ବାସୁକେରା ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସ୍ଥାନୀୟ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ନିକଟରେ ସୁଦାମ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ତାଙ୍କୁ ଜେରା ସହ ଯାଞ୍ଚ କରିଥିଲେ। ସୁଦାମଙ୍କ ନିକଟରୁ ୨୦ ଗ୍ରାମର ବ୍ରାଉନ ସୁଗାର, ଟଙ୍କା ଓ ମୋବାଇଲ ଫୋନ୍ ପ୍ରଭୃତି ମିଳିଥିଲା। ଏ ନେଇ ସତ୍ୟବାଦୀ ଥାନାରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରଯାଇଛି। ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ରହିଛନ୍ତି କି ନାହିଁ ସେ ନେଇ ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି। ଆଗାମୀ ଦିନରେ ନିଶା ମାଫିଆଙ୍କ ବିରୋଧରେ ଚଢାଉ ଜୋରଦାର ଜାରି ରହିବ ବୋଲି ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ପ୍ରକାଶ କରିଛନ୍ତି।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

# ବର୍ଷେ ହେବ ବସିପାରୁନି ପଞ୍ଚାୟତ ସମିତି ବୈଠକ

## ଗୋପ ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ଗୋପ, ୧୯।୨ (ଭାରତୀ ଭୂଷଣ ଉପାଧ୍ୟାୟ): ଗୋପ ବ୍ଲକରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ପଞ୍ଚାୟତ ସମିତି ବୈଠକ ବସିପାରୁ ନ ଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏପରି ଅବସ୍ଥା ସୃଷ୍ଟି ହେଉଥିବା ସାଧାରଣରେ ମତ ପ୍ରକାଶ ପାଇଛି।

୩ ବିଧାନସଭା ନିର୍ବାଚନମଣ୍ଡଳୀ ଓ ୨ଟି ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଗୋପ ବ୍ଲକ ରହିଛି। ଏହି ବ୍ଲକ ପ୍ରତି ରାଜନୈତିକ ନେତାଙ୍କ ଅଣଦେଖା ସାଙ୍ଗକୁ ପ୍ରଶାସନିକ ଅଧିକାରୀମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ସରକାରଙ୍କ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁନାହିଁ। ସରକାରୀ ନିୟମ ଅନୁଯାୟୀ, ପ୍ରତ୍ୟେକ ଦୁଇ ମାସରେ ଥରେ ପଞ୍ଚାୟତ ସମିତି ବୈଠକ ବସି ବ୍ଲକ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ପରେ ନିଷ୍ପତ୍ତି ନିଆଯାଇଥାଏ। କିନ୍ତୁ ଗୋପ ବ୍ଲକରେ ୨୦୨୨ ନଭେମ୍ବର ୧୧ରେ ଶେଷ ପଞ୍ଚାୟତ ସମିତି ବୈଠକ ହୋଇଥିଲା। ସେହି ଦିନଠାରୁ ଆଉ ସମିତି ବୈଠକ ବସିପାରିନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ୨୦୨୩ ନଭେମ୍ବର ୧୭ ଓ ଡିସେମ୍ବର ୧୨ରେ ପଞ୍ଚାୟତ ସମିତି ବୈଠକ ଡକାଯାଇଥିଲେ ମଧ୍ୟ ୩୧ଟି ପଞ୍ଚାୟତର ସମିତି ସଭ୍ୟା ସଭ୍ୟମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ହିସାବ ମାଗିବା ସହିତ ସରକାରୀ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ୍ କରାଗଲେ ବୈଠକକୁ ଯିବୁ ବୋଲି କହିଥିଲେ। ସେଥିପାଇଁ ଏହି ସମିତି ବୈଠକ ବସି ପାରୁ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ କହିଛନ୍ତି, ସେପରି କିଛି ଅଭିଯୋଗ ମୋ ନିକଟରେ ନାହିଁ। ସରକାରୀ ନିୟମ ଭିତରେ ରହି ମୁଁ କାର୍ଯ୍ୟ କରିବି। ତଥାପି ଖୁବ୍‌ଶୀଘ୍ର ପଞ୍ଚାୟତ ସମିତି ବୈଠକ ବସିବ ବୋଲି ବିଡିଓ ପ୍ରକାଶ କରିଥିଲେ।

# ୬ ଦଫା ଦାବି ନେଇ ଆର୍‌ଆଇଙ୍କ ଧାରଣା

ଗୋପ, ୧୯।୨ (ଭାରତୀ ଭୂଷଣ ଉପାଧ୍ୟାୟ): ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଡାକରାରେ ଗୋପ ତହସିଲ ଅଧୀନ ୧୪ଟି ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ମାନେ ୬ ଦଫା ଦାବି ନେଇ ତହସିଲ ସମ୍ମୁଖରେ ସୋମବାର ଧାରଣାରେ ବସିଥିଲେ। ଗୋପ ତହସିଲ କାର୍ଯ୍ୟାଳୟ ଅଧୀନ ଗୋପ ରାଜସ୍ୱ ନୀରିକ୍ଷକ ତଥା ସଂଘ ସଭାପତି ଜି ରଶ୍ମିତା ପ୍ରଧାନଙ୍କ ନେତୃତ୍ୱରେ ସର୍କଲରେ କାର୍ଯ୍ୟରତ ୨୨ ଜଣ କର୍ମଚାରୀଙ୍କ ସମେତ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ ଓ ସହକାରୀ ରାଜସ୍ୱ ନୀରିକ୍ଷକ ଧାରଣାରେ ସାମିଲ ହୋଇଥିଲେ। ଫଳରେ ରାଜସ୍ୱ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କାର୍ଯ୍ୟାଳୟକୁ ଆସିଥିବା ଲୋକେ ଫେରିଥିବା ଦେଖିବାକୁ ମିଳିଥିଲେ। ଏପରି ଅଭିଯୋଗ ସମ୍ପର୍କରେ ସଂଘ ସଭାପତି ପ୍ରଧାନଙ୍କୁ ପଚାରିବାରେ, ରାଜ୍ୟ ସଂଘ ଡାକରାରେ ଏହି ଧାରଣା ଦିଆଯାଇଛି। ଯେ ପର୍ଯ୍ୟନ୍ତ ସରକାର ଆମ ଦାବି ଗ୍ରହଣ କରି ନାହାନ୍ତି ସେ ପର୍ଯ୍ୟନ୍ତ ଆସ ସଂଘ ଧାରଣାରେ ବସିବେ ବୋଲି କହିଥିଲେ।




ତହସିଲ କାର୍ଯ୍ୟାଳୟ ଆଗରେ ରାଜସ୍ୱ ନିରୀକ୍ଷକମାନେ ଧାରଣା ଦେଇଛନ୍ତି ।

# ମୁକ୍ତେଶ୍ୱର ମନ୍ଦିରରୁ ଚୋରି ଘଟଣାରେ ୩ ଗିରଫ

## ପୂର୍ବରୁ ଧରାପଡ଼ିଥିଲେ ୨

■ ଶିବ, ପାର୍ବତୀ ମୂର୍ତ୍ତି ସମେତ ସୁନା ଅଳଙ୍କାର ଜବତ
■ ସବୁ ମନ୍ଦିରରେ ସିସିଟିଭି ଲଗାଇବାକୁ ପୋଲିସର ପରାମର୍ଶ

ପୁରୀ, ୧୯।୨ (ଅଜିତ୍ ମହାନ୍ତି) ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ବସ୍‌ଷ୍ଟାଣ୍ଡ ନିକଟ ଆଶ୍ରମ ଛକରେ ଥିବା ବାବା ମୁକ୍ତେଶ୍ୱର ମନ୍ଦିରରୁ ଚୋରି ଘଟଣାରେ ପୁରୀ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏଥିସହ ମନ୍ଦିରରୁ ଚୋରି ହୋଇଥିବା ମୂଲ୍ୟବାନ ଶିବ ଓ ପାର୍ବତୀ ମୂର୍ତ୍ତି ସମେତ ସୁନା ଅଳଙ୍କାର ଜବତ କରାଯାଇଛି। ପୂର୍ବରୁ ଏହି ଘଟଣାରେ ଜଡ଼ିତ ଥିବା ୨ ଅଭିଯୁକ୍ତଙ୍କୁ ଅନ୍ୟ ଏକ ମାମଲାରେ ଗିରଫ କରାଯାଇଥିଲା। ଗିରଫ ୫ ଅଭିଯୁକ୍ତ ହେଲେ ରଞ୍ଜନ କୁମାର ପ୍ରଧାନ, ଗୁଣମଣି ପ୍ରଧାନ, ଜିତେନ୍ଦ୍ର କାହଲ୍, ବିକାଶ ବେହେରା ଏବଂ ସୁଶୀଲ ପ୍ରଧାନ। ପୂର୍ବରୁ ଗିରଫ ହୋଇଥିବା ବିକାଶ ଓ ସୁଶୀଲଙ୍କୁ ପୋଲିସ ରିମାଣ୍ଡରେ ଆଣି ପଚରାଉଚରା କରିବ। ଫଳରେ ଅଧିକ ତଥ୍ୟ ମିଳିପାରିବ ବୋଲି ଏକ ଖବରଦାତା ସମ୍ମିଳନୀରେ ପୁରୀ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ଏସ୍‌ପି ମିଶ୍ର କହିଛନ୍ତି ଯେ, ମୁକ୍ତେଶ୍ୱର ମନ୍ଦିରରୁ ଠାକୁରଙ୍କ ମୂର୍ତ୍ତି ଓ ଅଳଙ୍କାର ଚୋରି ହୋଇଥିବା ନେଇ ଗତ ୧୩ ତାରିଖରେ ତାଳବଣିଆ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ. ୧୬/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଲୋକଙ୍କ ଭାବାବେଗ ସହ ଏହି ମାମଲା ଜଡ଼ିତ ଥିବାରୁ ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଶେଷରେ ଘଟଣାରେ ସମ୍ପୃକ୍ତ ଥିବା ୫ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇଛି। ଅନ୍ୟ ୨ ଅଭିଯୁକ୍ତଙ୍କୁ ପୂର୍ବରୁ ଅନ୍ୟ ଏକ ମାମଲାରେ ସଦର ଥାନା ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ଅଭିଯୁକ୍ତମାନେ ମୁକ୍ତେଶ୍ୱର ମନ୍ଦିର ଫାଟକ ତାଲା ଭାଙ୍ଗି ଶିବ ଏବଂ ପାର୍ବତୀଙ୍କ ପିତ୍ତଳ ପ୍ରତିମା, ସୁବର୍ଣ୍ଣ, ରୁପା ଅଳଙ୍କାର ଏବଂ ଏକ ସାଉଣ୍ଡ ମେଶିନ୍ ଚୋରି କରିଥିଲେ। ସେମାନେ ଚୋରି ମୂର୍ତ୍ତିଗୁଡ଼ିକୁ ବାଲିପୁଟର ଗୁନାମଣି ପ୍ରଧାନ ଏବଂ ସାଉଣ୍ଡ ମେଶିନ୍ ସହିତ ସୁନା, ରୁପା ଅଳଙ୍କାରଗୁଡ଼ିକୁ ଜିତେନ୍ଦ୍ର କହଲଙ୍କୁ ବିକ୍ରି କରି ଯଥାକ୍ରମେ ୧୨୦୦ ଓ ୩୫୦୦ ଟଙ୍କା ପାଇଥିଲେ। ଅଭିଯୁକ୍ତ ରଞ୍ଜନ କୁମାର ପ୍ରଧାନଙ୍କ ସମେତ କ୍ରେତା ଗୁଣମଣି ପ୍ରଧାନ ଓ ଜିତେନ୍ଦ୍ର କାହଲଙ୍କୁ ଗିରଫ କରାଯାଇଛି। ସମସ୍ତ ଚୋରି ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି। ଶିବ, ପାର୍ବତୀଙ୍କ ପିତ୍ତଳ ପ୍ରତିମା ୧୮ କେଜି, ଉଚ୍ଚତା -୧୭ ଇଞ୍ଚ, ଗୋଲ୍ଡ ଲକେଟ ୪ଟି, ରୁପା ବଳା ୧ଟି, ଯୁଗଳ ରୁପା ଅଳଙ୍କାର, ୨ଟି ରୁପା ରିଙ୍ଗ୍, ୨ଟି ରୁପା ମୁକୁଟ, ଲକେଟ୍ ସହିତ ୧ଟି ରୁପା ଶୃଙ୍ଖଳା, ସାଉଣ୍ଡ୍ ମେଶିନ ଜବତ ହୋଇଛି। ତେବେ ପୁରୀରେ ଅନେକ ମଠ, ମନ୍ଦିର ରହିଥିବାରୁ ମନ୍ଦିର କମିଟି ସହ ଆଲୋଚନା କରାଯାଇ ସିସିଟିଭି ଲଗାଇବାକୁ ପରାମର୍ଶ ଦିଆଯିବା ସହ ସମସ୍ତଙ୍କୁ ସଚେତନ କରାଯିବ। ସେହିପରି ଐତିହ୍ୟସମ୍ପନ୍ନ ମନ୍ଦିରଗୁଡ଼ିକରେ ମନ୍ଦିର କମିଟି ପକ୍ଷରୁ ପ୍ରାଇଭେଟ ସିକ୍ୟୁରିଟି ଗାର୍ଡ ମୁତୟନ କରାଯିବାକୁ କୁହାଯିବ। ଏହାଦ୍ୱାରା କ୍ରାଇମକୁ ରୋକାଯାଇପାରିବ। ପୋଲିସ ସହ ମନ୍ଦିର କମିଟି କର୍ମକର୍ତ୍ତାଙ୍କ ଆଲୋଚନା କରିବାକୁ ସବୁ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ପି ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୧୯।୨(ଅଜିତ୍ ମହାନ୍ତି):** ଶ୍ରୀମନ୍ଦିରରେ ରବିବାର ଶ୍ରୀବିଗ୍ରହମାନଙ୍କର ବଡ଼ ମହାସ୍ନାନ ହୋଇଥିବାବେଳେ ସୋମବାର ପୁଣିଥରେ ବଡ଼ ମହାସ୍ନାନ ହୋଇଛି। ସନ୍ଧ୍ୟା ଆଳତି ନୀତି ସମୟରେ ଭିତରକାଠ ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ନୀତି ସମେତ ଭକ୍ତଙ୍କ ଦର୍ଶନ ଓ କବାଟ ବନ୍ଦ କରାଯାଇଥିଲା।ପରେ ବଡ଼ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ମହାସ୍ନାନ କରାଯାଇଥିଲା। ସନ୍ଧ୍ୟା ୭ଟା ୪୫ରେ ଧୁଆଧୋଇ ହୋଇ ଚୂନପାଣି ପଡ଼ିଥିଲା। ୮ଟାରେ ସିଂହାସନ ଧୁଆ, ୮ଟା ୩୦ରେ ମହାସ୍ନାନ ପୂଜା ଆରମ୍ଭ ହୋଇ ୮ଟା ୪୦ରେ ଶେଷ ହୋଇଥିଲା। ୯ଟାରେ ମଇଲମ ହୋଇ ୯ଟା ୨୫ରେ ବେଶ କରାଯାଇଥିଲା। ରାତି ୯ଟା ୩୦ରେ ସନ୍ଧ୍ୟା ଆଳତି ସରିଥିଲା। ବଡ଼ମହାସ୍ନାନ ପରେ ଅନ୍ୟାନ୍ୟ ନୀତି ହୋଇ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା। ତେବେ ଏଥିପାଇଁ ଅନ୍ୟାନ୍ୟ ନୀତିରେ ପ୍ରାୟ ୨ଘଣ୍ଟା ବିଳମ୍ବ ଘଟିଥିଲା।

### ଗାଡି ଧକ୍କାକୁ କେନ୍ଦ୍ର କରି ଯୁବକଙ୍କୁ ଖଣ୍ଡା ଚୋଟ, ୨ ଗିରଫ

**ଭୁବନେଶ୍ୱର,୧୯।୨(ସୂର୍ଯ୍ୟକାନ୍ତ ବେହେରା):** ଗାଡି ଧକ୍କାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ରାସ୍ତାରେ ଅଟକାଇ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ ଘଟଣାର ଏୟାରଫିଲ୍ଡ ଥାନା ପୋଲିସ ଆକ୍ରମଣକାରୀ ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱରର ରାଜେଶ ବେହେରା ଓ ସୋମନାଥ ସାହୁ। ଉଭୟଙ୍କଠାରୁ ନମ୍ବର ନ ଥିବା ସ୍କିଡ୍ ବାଇକ ଜବତ କରାଯାଇଛି। ଏହି ମାମଲାରେ ଏବେବି ଏକାଧିକ ବ୍ୟକ୍ତି ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ଜଗନ ସାହୁ ନାମକ ଯୁବକଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସର୍ବଭାରତୀୟ ଡାକ ସାଂସ୍କୃତିକ ପ୍ରତିଯୋଗିତାରେ କମାଲ୍ ଦେଖାଇଲେ ସମୀକ୍ଷା

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)- ଆସାମର ଗୌହାଟିଠାରେ ସୋମବାର ୩୬ତମ ଅଖିଳ ଭାରତୀୟ ଡାକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତନାଟ୍ୟମ୍ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଓଡ଼ିଶାର ସମୀକ୍ଷା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗତତାରେ ସେ ଓଡ଼ିଶା ଡାକ ସର୍କଲକୁ ପ୍ରତିନିଧିତ୍ୱ କରିଥିଲେ। ବରିଷ୍ଠ ବିଭାଗରେ ମୋଟ ୬ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସମୀକ୍ଷା ପୂର୍ବ ଭାରତରୁ ଏକମାତ୍ର ପ୍ରତିଯୋଗୀ ଥିଲେ। ଅନ୍ୟ ୫ଜଣ ଦକ୍ଷିଣ ଭାରତରୁ ଆସିଥିଲେ। ପୂର୍ବରୁ ସେ ସର୍ବଭାରତୀୟସ୍ତରରେ ଓଡ଼ିଶୀ ପ୍ରତିଯୋଗୀ ଭାବେ କନିଷ୍ଠ ଓ ବରିଷ୍ଠ ବିଭାଗରେ ମଧ୍ୟ ପ୍ରଥମ ହୋଇ ଓଡ଼ିଶା ଡାକ ସର୍କଲକୁ ପ୍ରତିନିଧିତ୍ୱ କରିଛନ୍ତି। ଚଳିତବର୍ଷ ସେ ଭାରତନାଟ୍ୟମ୍ ନୃତ୍ୟ ଦ୍ୱାରା ବିଚାରକଙ୍କ ସମେତ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ପାରିଥିଲେ। ସମୀକ୍ଷାଙ୍କ ଘର ପୁରୀ ଜିଲା ପିପିଲି ବ୍ଲକ ଅଲାରପୁର ଗ୍ରାମରେ। ତାଙ୍କ ବାପା ରବିନାରାୟଣ ମହାନ୍ତି ବ୍ରହ୍ମପୁର ଡିଭିଜନ୍‌ରେ ପୋଷ୍ଟାଲ ମେଲ୍ ଗାର୍ଡ ଭାବେ କାର୍ଯ୍ୟରତ ।

# ସହରରୁ ହଟୁନି ଅଳିଆ, ବଢୁଛି ଅସନ୍ତୋଷ

**ଖୋର୍ଦ୍ଧା,୧୯।୨(ପ୍ରଭାତ ପାଣିଗ୍ରାହୀ)**



ସମବାୟ ଛକ ତହସିଲ ଅଫିସ ନିକଟରେ ଗଦା ହୋଇଥିବା ଅଳିଆ।



ସାମନ୍ତରାପୁର ସ୍କୁଲ ନିକଟରେ ଅଳିଆ ପଡ଼ିରହିଛି।

ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷ ସ୍ଥାନ ହାସଲ ଲାଗି ଖୋର୍ଦ୍ଧା ପରିଷଦ ପକ୍ଷରୁ ବହୁ ଅର୍ଥ ଖର୍ଚ୍ଚ କରାଯାଉଛି। ସହରରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ। କୌଣସି ସ୍ଥାନରେ ଅଳିଆ ରହିବାକୁ ଦିଆଯିବ ନାହିଁ। ଏଥିଲାଗି ରୋଡ ମ୍ୟାପ ପ୍ରସ୍ତୁତ କରାଯାଇଛି ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡି ରହୁଥିବା ଦେଖିବାକୁ ମିଳିଛି। ସାହି ଗଳିକନ୍ଦିରେ ଅଳିଆ ଜମାହୋଇ ପରିବେଶକୁ ପ୍ରଦୂଷିତ କରୁଛି। ଅଳିଆ ଗଦାରୁ ଗୋରୁ, ବୁଲା କୁକୁର ଖାଦ୍ୟ ଲାଳସାରେ ଅଳିଆଗୁଡିକୁ ଏଣେତେଣେ ପକାଉଛନ୍ତି। ଫଳରେ ଅଳିଆ ଜମା ହୋଇ ରହୁଥିବା ସ୍ଥାନରେ ଆବର୍ଜନାମୟ ହୋଇ ରହୁଛି। ଦୁର୍ଗନ୍ଧ ହେବାରୁ ଉକ୍ତ ରାସ୍ତାଦେଇ ଯାଉଥିବା ଲୋକେ ନାକରେ କପଡା ନ ଦେଲେ ଯାଇହେଉ ନ ଥିବା କହୁଛନ୍ତି। ସକାଳ ୮ଟା ପର୍ଯ୍ୟନ୍ତ ସହରରୁ ଅଳିଆ ହଟୁ ନ ଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ଟ୍ରାଫିକ ଛକ, ସମବାୟ ଛକ, ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ, ରାଧାବଲ୍ଲଭ ସାହି ରାସ୍ତା, ନୂଆବସଷ୍ଟାଣ୍ଡ ରୋଡରେ ଥିବା ପରିତ୍ୟକ୍ତ ପୋଖରୀ ନିକଟରେ ପାହାଡ ଭଳି ଅଳିଆ ଗଦା ହୋଇ ରହୁଛି। ସମାନ ଦୃଶ୍ୟ ରହିଛି ନୂଆବସଷ୍ଟାଣ୍ଡ। ଅନେକ ୱାର୍ଡରେ ଅଳିଆ ଆବର୍ଜନା ଉଠାଯାଉ ନ ଥିବା ଅଭିଯୋଗ ହେଉଛି। ଗୁରୁଜଙ୍ଗ, ଶ୍ରୀରାମନଗର ହାଉସିଂବୋର୍ଡ, ନୂଆବସଷ୍ଟାଣ୍ଡ ପରିସର, ଗୀତାଭବନ ପଡିଆ, ଖ୍ରୀଷ୍ଟିଆନ ସାହି, ମସଜିଦ୍ ସମ୍ମୁଖ ରାସ୍ତା, ଜରି ପୋଖରୀ ପାର୍ଶ୍ୱ ରାସ୍ତା, ନୂଆବସଷ୍ଟାଣ୍ଡ ରୋଡରେ ରହିଥିବା ଏକ ପରିତ୍ୟକ୍ତ ପୋଖରୀ ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି। ସେଠାରେ ରହିଥିବା ଦୋକାନ,ବଜାର ଏବଂ ଘରୁ ବାହାରୁଥିବା ଅଳିଆ ଆବର୍ଜନା ସେଥିରେ ପଡିବା ଫଳରେ ପାହାଡ ଉଚ୍ଚର ଅଳିଆ ଗଦା ହୋଇ ରହିଛି। ଡେଙ୍ଗୁ, ମ୍ୟାଲେରିଆକୁ ଆମନ୍ତ୍ରଣ କରୁଛି। ସେହିପରି ଟିଏଲସି ରୋଡ ପାର୍ଶ୍ୱରେ ରହିଥିବା ଖଣି ପୋଖରୀ ମଧ୍ୟ ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି।

ପ୍ରକାଶ ଯେ, ୫୦ହଜାର ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଛି। ସେଥିରୁ ୨୦ଟି ୱାର୍ଡ ଘରୋଇକରଣ କରାଯାଇଛି। ଏଥିବାବଦକୁ ପୌର ପ୍ରଶାସନ ପକ୍ଷରୁ ମାସିକ ଲକ୍ଷାଧିକ ଟଙ୍କା ଠିକା ସଂସ୍ଥାକୁ ଦିଆଯାଉଛି। ଦୈନିକ ନିୟମିତ ଠିକା ସଂସ୍ଥା ଦ୍ୱାରା ଅଳିଆ ଉଠୁଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ଏଥିଲାଗି ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ତେବେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବିଭିନ୍ନ ସ୍ଥାନରେ ଅଳିଆପଡି ରହୁଛି। ଏନେଇ ପୌର ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଗୋଟିଏ ପଟେ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ଶୀର୍ଷ ସ୍ଥାନ ଲାଗି ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ଚାଲିଛି। ସହର କାନ୍ଥବାଡରେ ସ୍ୱଚ୍ଛ ଖୋର୍ଦ୍ଧା-ସୁସ୍ଥ ଖୋର୍ଦ୍ଧାର ବାର୍ତ୍ତା ଦିଆଯାଇଛି। ତେବେ ଠିକା ସଂସ୍ଥା ଉପରେ ଅଳିଆ ଉଠାଇବା କାମ ଟେକି ଦେଇ ପ୍ରଶାସନ କର୍ତ୍ତୃପକ୍ଷ ଚୁପ ବସିଛନ୍ତି। ଅଳିଆ ଉଠୁଛି କି ନାହିଁ, କେଉଁ ସ୍ଥାନରୁ ଅଳିଆ ଉଠାଯାଉଛି ତାହା ପ୍ରଶାସନ ନିକଟରେ ଖବର ନାହିଁ। ଫଳରେ ଠିକା ସଂସ୍ଥା କେବଳ ସହର ମଖ୍ୟ ରାସ୍ତାକୁ ବାଦ୍ ଦେଲେ ସାହି ଗଳିକନ୍ଦିରେ ପଡୁଥିବା ଅଳିଆ ଉଠାଇବା ପ୍ରତି ଗୁରୁତ୍ୱ ଦେଉ ନ ଥିବା ସାହି ବାସିନ୍ଦା କହିଛନ୍ତି। ପୌର ପ୍ରଶାସନ ଅଧୀନରେ ୨୦୪ଜଣ ଠିକା କର୍ମଚାରୀ, ୧୭ଜଣ ସ୍ୱଚ୍ଛ ସାଥୀ, ୨ଜଣ ସୁପରଭାଇଜର କାର୍ଯ୍ୟରତ ଅଛନ୍ତି। ଠିକା ସଂସ୍ଥା ଅଧୀନରେ ୧୭୪ଜଣ କାର୍ଯ୍ୟରତ ଥିବା ବେଳେ ଅନ୍ୟମାନେ ପୌର ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଛନ୍ତି। ସହରରୁ ଦୈନିକ ୧୪ରୁ ୧୬ଟନ ଓଦା ଓ ଶୁଖିଲା ଅଳିଆ ଆବର୍ଜନା ବାହାରୁଛି। ଅଳିଆ ଉଠାଇବା ଲାଗି ଏସଏଚ୍‌ଜି ଗ୍ରୁପ ଜରିଆରେ ୬ଟି ବ୍ୟାଟେରି ଚାଳିତ ଅଳିଆବୁହା ଗାଡି, ୩୦ଟି ଟ୍ରାଇସାଇକେଲ, ୪ଟି ଟ୍ରାକ୍ଟର ନିୟୋଜନ କରାଯାଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହା ସତ୍ତ୍ୱେ ସହର ଗଳି କନ୍ଦିରେ ଅଳିଆ ପଡି ରହୁଥିବା ଦେଖିବାକୁ ମିଳିଛି। ସହରବାସୀଙ୍କ ଟ୍ୟାକ୍ସରେ ଠିକା ସଂସ୍ଥାକୁ ପୋଷା ଚାଲିଛି। ସହରରୁ ଅଳିଆ ହଟୁନି, କିନ୍ତୁ ଠିକା ସଂସ୍ଥାକୁ ପୌର ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଦିଆଯାଉଛି। ପୌର ପ୍ରଶାସନ ଉକ୍ତ ସଂସ୍ଥାକୁ ଅନୁକମ୍ପା ଦେଖାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବ କହିଛନ୍ତି, ସହରର ସ୍ୱଚ୍ଛତା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି। ଘର ଅଳିଆ ଏଣେତେଣେ ନ ପକାଇ କେବଳ ଅଳିଆ ଗାଡିକୁ ଦେବା ଲାଗି ନିବେଦନ କରାଯାଉଛି। ସହର ସ୍ୱଚ୍ଛତା ପାଇଁ ସହରବାସୀଙ୍କ ସହଭାଗିତା ଜରୁରୀ।

**ଖୋର୍ଦ୍ଧା ସହର**

- ସକାଳ ୮ଟା ପର୍ଯ୍ୟନ୍ତ ଅଳିଆ ପଡ଼ିରହୁଛି
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

### ମ୍ୟାନ୍‌ଗ୍ରୋଭ୍ ରିଟ୍ରିଟ୍ ଉଦ୍‌ଘାଟିତ

**ଅସ୍ତରଙ୍ଗ,୧୯।୨ (ପ୍ରଦୀପ୍ତ କୁମାର ଦୀକ୍ଷିତ):** ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ଗଙ୍ଗାଦେବୀ ମୁହାଣ ନିକଟରେ ଅତ୍ୟାଧୁନିକ ଆକର୍ଷଣୀୟ ମ୍ୟାନ୍‌ଗ୍ରୋଭ ରିଟ୍ରିଟ୍‌କୁ ସୋମବାର କ୍ରୀଡ଼ା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ବେହେରା କହିଥିଲେ ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏବଂ ଐତିହାସିକ ପୃଷ୍ଠଭୂମିରେ ସମୃଦ୍ଧ ଅସ୍ତରଙ୍ଗ ଅଞ୍ଚଳ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିଛି। ମ୍ୟାନ୍‌ଗ୍ରୋଭ ରିଟ୍ରିଟ୍ ଯୋଗୁ ଏଠାକୁ ଦେଶବିଦେଶର ପର୍ଯ୍ୟଟକଙ୍କ ସୁଅ ଛୁଟିବ। ଫଳରେ ଓଡ଼ିଶାର ପର୍ଯ୍ୟଟନ ଭିତ୍ତିଭୂମି ଅଧିକ ସୁଦୃଢ ହେବା ସହ ପୁରୀ ଜିଲାର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ସଞ୍ଜୀବ କୁମାର, ପୁରୀ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ପି. ରାମସ୍ୱାମୀ, ସହକାରୀ ବନସଂରକ୍ଷକ ଉତ୍ତମ କୁମାର ଗଡ଼ନାୟକ, ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର, ଅତିରିକ୍ତ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ମଞ୍ଚାସୀନ ଉପସ୍ଥିତ ଥିଲେ। ସେହିପରି ୧ ନମ୍ବର ଜୋନ ଜିଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଏମ୍‌ପି ପ୍ରତିନିଧି ଚମ୍ପକ ବାରିକ, ବନପାଳ ବଳରାମ ସାହୁ, ସବିର ସାହୁ, ବିରଜା ମହାପାତ୍ର ଏବଂ ବନରକ୍ଷୀ ସୋନାଲି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ କଲମଛାଡ଼ ଆନ୍ଦୋଳନ




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ରାଜସ୍ୱ କ୍ଷେତ୍ର ଅଧିକାରୀ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୧୯।୨(ପ୍ରଭାତ ପାଣିଗ୍ରାହୀ)**

**୬ଦଫା ଦାବିନେଇ ଜିଲାପାଳଙ୍କୁ ଦାବିପତ୍ର**

ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ୬ଦଫା ଦାବିରେ ଜିଲାର ସମସ୍ତ ୧୦ଟି ତହସିଲର ରାଜସ୍ୱ ସୁପରଭାଇଜାର, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ କଲମଛାଡ ଆନ୍ଦୋଳନ କରିଛନ୍ତି। ଏନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି କଲମ ଛାଡ଼ ଆନ୍ଦୋଳନ ଜାରି ରହିବ ବୋଲି ଜିଲା ସମ୍ପାଦକ ଆଲୋକ ଜେନା ଜଣାଇଛନ୍ତି। ଦାବି ଗୁଡିକ ହେଲା, ଓଡ଼ିଆରଏସ ନିୟମ ୧୯୮୩ରେ ଆବଶ୍ୟକ ସଂଶୋଧନ ମାଧ୍ୟମରେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ବେତନ ଓଆରଏସପିର ସ୍ତର-ବି ଏବଂ ୯୦ ଭାଗ ରାଜସ୍ୱ ନିରୀକ୍ଷକ ପୋଷ୍ଟ ପଦୋନ୍ନତି, ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ବେତନ ବର୍ଦ୍ଧିତ ସ୍କେଲରେ ଦିଆଯାଉ। ରାଜସ୍ୱ ନିରୀକ୍ଷକ ମଣ୍ଡଳ ପାଇଁ ଗ୍ରୁପ-ଡି ପୋଷ୍ଟ ପୂରଣ ଆଦି ଦାବି ରହିଛି।

### ଇସ୍କନ ମନ୍ଦିର ସାମ୍ନାରୁ ଯୁବତୀଙ୍କ ମୋବାଇଲ ଝାମ୍ପିନେଲେ

**ସିସିଟିଭି ଫୁଟେଜ୍ ଭାଇରାଲ୍**

**ଭୁବନେଶ୍ୱର,୧୯।୨(ସତ୍ୟଜିତ୍ ରାଉତ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ଇସ୍କନ ମନ୍ଦିର ସାମ୍ନାରେ ଜଣେ ଯୁବତୀଙ୍କଠାରୁ ଲୁଟେରାମାନେ ଏକ ମୋବାଇଲ ଫୋନ୍ ଝାମ୍ପି ନେଇଛନ୍ତି। ଏହି ଘଟଣାର ସିସିଟିଭି ଫୁଟେଜ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଲୁଟ୍‌ର ଶିକାର ଶୁଭସ୍ମିତା ଦାସଙ୍କ ଏତଲାକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି। ରବିବାର ଅପରାହ୍ନରେ ଶୁଭସ୍ମିତା ତାଙ୍କ ସାଙ୍ଗଙ୍କ ସହ ସିଆର୍‌ପି ଛକ ପାର୍ଶ୍ୱରୁ ଚାଲିଚାଲି ଆସୁଥିବାବେଳେ ଏକ ସ୍କୁଟିରେ ୩ଜଣ ଲୁଟେରା ସେମାନଙ୍କୁ ପିଛା କରିଥିଲେ। ସୁଯୋଗ ଦେଖି ଇସ୍କନ ମନ୍ଦିର ସମ୍ମୁଖରୁ ସ୍କୁଟି ପଛରେ ବସିଥିବା ଲୁଟେରା ଜଣକ ଶୁଭସ୍ମିତାଙ୍କ ହାତରୁ ମୋବାଇଲ ଛଡାଇ ନେଇ ଦ୍ରୁତଗତିରେ ଜୟଦେବ ବିହାର ଆଡେ ପଳାଇଥିଲେ।

### ଲୁଟ ମାମଲା, ୨ ଗିରଫ

**ଭୁବନେଶ୍ୱର,୧୯।୨(ସୂର୍ଯ୍ୟକାନ୍ତ ବେହେରା)**

ପୂର୍ବ ବିବାଦକୁ କେନ୍ଦ୍ର କରି ଜଣେ ଶ୍ରମିକଙ୍କୁ ଏକ କାଠ ଫାଳିଆରେ ଆକ୍ରମଣ କରିବା ସହ ତାଙ୍କଠାରୁ ଟଙ୍କା ଓ ସୁନା ମୁଦି ନେଇଯିବା ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପୁରୁଣା ଷ୍ଟେଶନ ବଜାରର ଏଲ. ପ୍ରଭାସ ଓ ଉଦୟ ଦାସ। ଉଭୟଙ୍କଠାରୁ ଅପରାଧରେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ଆଉଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। କେ. ଲକ୍ଷ୍ମୀନାରାୟଣଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଜନଶୁଣାଣି ଶିବିରରେ ୧୮୭ ଅଭିଯୋଗ



ଜନଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

**ଗମ୍ଭାରୀମୁଣ୍ଡା,୧୯।୨(ଦିଲୀପ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ପରିସରରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୧୮୭ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୧୭୮ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗ ରହିଥିଲା। ତତ୍କାଳ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଜଣେ ହିତାଧିକାରୀଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଜନଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ବାଦଲ ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ବିଡିଓ ଶୀତଲ ଅଗ୍ରୱାଲ, ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ତହସିଲଦାର ଟି. ପଦ୍ମନାଭ ଦୋରା, ଜିଲାପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା, ଏନ୍‌ଏସି କାର୍ଯନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ବାଣପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ସିଡିପିଓ, ବିଭିନ୍ନ ପଦସ୍ଥ ଅଧିକାରୀ, ୧୭ଟି ପଞ୍ଚାୟତର ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଅଗ୍ନିକ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର,୧୯।୨(ସତ୍ୟଜିତ୍ ରାଉତ)**

ରାଜ୍ୟର ୫ ହଜାର ଅଗ୍ନିକ କର୍ମଚାରୀ ଦୁଇଦଫା ଦାବି ନେଇ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଏନେଇ ସୋମବାର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଗୁଲନ ଭାଇ ସେବା ସଦନଠାରେ ଓଡିଶା ଅଗ୍ନିକ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯିବା ସହ ସରକାରଙ୍କୁ ଚେତାବନୀ ଦିଆଯାଇଛି। ସଂଘର ଦୁଇଟି ଦାବି ମଧ୍ୟରୁ ପ୍ରଥମ ହେଲା ଅଗ୍ନିଶମ ସେବା ସଂସ୍ଥାର ଅଗ୍ନିକ, ଅଗ୍ନିକ ଗାଡିଚାଳକ ଓ ହାବିଲଦାର (ମୁଖ୍ୟ ଅଗ୍ନିକ, ଡ୍ରାଇଭର ହାବିଲଦାଲ)ଙ୍କୁ ପୂର୍ବପରି ଓଡ଼ିଶା ପୋଲିସ ସିପାହୀ ଓ ହାବିଲଦାରଙ୍କ ଦରମା ଏବଂ ଭତ୍ତା ସହ ସମାନ କରିବା। ଦ୍ୱିତୀୟ ଦାବି ହେଲା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ କରିବା। ସଂଘ ପକ୍ଷରୁ କୁହାଯାଇଛି ଯେ, ଦୁଇ ଦାବି ପୂରଣ ପାଇଁ କର୍ମଚାରୀମାନେ ଡିସେମ୍ବର ୧୧ରୁ କଳାବ୍ୟାଚ୍ ପରିଧାନ କରି କାର୍ଯ୍ୟ ସମ୍ପାଦନା କରିଥିଲେ। ଜାନୁଆରୀ ୨୨ରୁ କର୍ମଚାରୀମାନେ ପରିବାର ସହ ବେଳାଏ ଉପବାସ ରହି ସରକାରୀ କାର୍ଯ୍ୟ କରିଥିଲେ। ହେଲେ ଦାବି ପୂରଣ ନେଇ ପ୍ରଶାସନିକସ୍ତର କିମ୍ବା ସରକାରୀସ୍ତରରୁ ଆଶ୍ୱାସନା ମିଳିଲା ନାହିଁ। ତେଣୁ କର୍ମଚାରୀମାନେ କୌଣସି ସରକାରୀ କାର୍ଯ୍ୟରେ ଯୋଗ ଦେବେନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ମିଳନୀରେ, ମୁଖ୍ୟ ଅଗ୍ନିକ ଅକ୍ଷୟ ପ୍ରଧାନ, ଜୟ ପ୍ରକାଶ ସେଠୀ, ନୀଳମାଧ ସୁବୁଦ୍ଧି ଏବଂ ଶତାଧିକ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ।



ଜଟଣୀ ତହସିଲ ଅଧୀନରେ କାର୍ଯ୍ୟରତ ଆର୍‌ଆଇ,ଏଆର୍‌ଆଇ ପକ୍ଷରୁ ସୋମବାର ୬ଦଫା ଦାବି ପୂରଣ ପାଇଁ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ତ୍ରିନାଥ ଚରଣ

**ଖୋର୍ଦ୍ଧା,୧୯।୨ (ପ୍ରଭାତ ପାଣିଗ୍ରାହୀ)**

ବିଶିଷ୍ଟ କଳାକାର, ସଙ୍ଗୀତଜ୍ଞ ତ୍ରିନାଥ ଚରଣ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦର ତ୍ରୟୋଦଶ ବାର୍ଷିକ ଉତ୍ସବ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜେଲରୋଡ୍ ସ୍ଥିତ ଶ୍ୟାମ ମାଧବ ବାସନ୍ତୀ ପାଠାଗାର ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଡା. ମଧୁସୂଦନ ସେନାପତି ଉଦ୍‌ଘାଟନ କରିଥିଲେ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଡ. ମୃତ୍ୟୁଞ୍ଜୟ ରଥ, ଡ.ପ୍ରମୋଦ ଚନ୍ଦ୍ର ଦାଶ, ଦୟାନିଧି ସାହୁ, ଡା.ଦେବବ୍ରତ ସାହୁ, ଯୋଗଗୁରୁ ସୀତାକାନ୍ତ ପଣ୍ଡା, ସଙ୍ଗୀତଜ୍ଞ ରଙ୍ଗନାଥ ସେଠୀ, କଣ୍ଠଶିଳ୍ପୀ ବନ୍ଦନା ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ଶିବସୁନ୍ଦର ପଟ୍ଟନାୟକ ଯୋଗଦେଇ ତ୍ରିନାଥ ଚରଣ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରୁ କଳାକାର ଜୀବନ ଆରମ୍ଭ କରିଥିବା ତ୍ରିନାଥ ଚରଣଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସମ୍ପାଦିକା ଇତିଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖପତ୍ର 'ସାଧବାଣୀ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଦିବ୍ୟଲୋଚନ ଭାରିମଲ୍ଲ, ଡ.ଶରତ କୁମାର ଚଉଁରୀ, ଜୟକୃଷ୍ଣ ବେହେରା, ମାଳବିକା ଦାସ, ରାମଚନ୍ଦ୍ର ଦାସ, ଶ୍ରୀକାନ୍ତ ନାୟକ, ବିମଳା ସିଂହ, ରଶ୍ମିତା ନାୟକ, ରାଜ କିଶୋର, କାହ୍ନୁ ଚରଣ ମିଶ୍ର, ନୃସିଂହ ପ୍ରସାଦ ନାୟକ, ନୀଳାଦ୍ରିନାଥ ଜଗଦ୍ଦେବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଗୋବିନ୍ଦ ଚନ୍ଦ୍ର ମହାରଣା ଓ ମାଧବ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ୨୭ଜଣ କବି କବୟିତ୍ରୀ କବିତା ପାଠ କରିଥିଲେ। ବରିଷ୍ଠ ଆଇନଜୀବୀ ବ୍ରଜକିଶୋର ସାହୁ, ଜ୍ୟୋତିରଞ୍ଜନ ସାହୁ ଓ ଦିଲୀପ କୁମାର କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନେ ଅନୁଷ୍ଠାନର ମୁଖପତ୍ର 'ସାଧବାଣୀ' ଉନ୍ମୋଚନ କରୁଛନ୍ତି।

# ଶିବାଜୀ ମହାରାଜା ରାଷ୍ଟ୍ରୀୟତାର ପ୍ରତୀକ

**ଯୁବପିଢ଼ି ଶିବାଜୀଙ୍କୁ ଅନୁସରଣ କରନ୍ତୁ**

**ଖୋର୍ଦ୍ଧା,୧୯।୨ (ପ୍ରଭାତ ପାଣିଗ୍ରାହୀ)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଶିବାଜୀ ମହାରାଜା ଜଣେ ସାହସୀ, ଯୁଦ୍ଧକଳା, ଗରିଲା ଯୁଦ୍ଧ କଳାରେ ନିପୁଣ ଥିଲେ। ତାଙ୍କ ମାତା ଜିଜାବାଇ ଜଣେ ବୀରଙ୍ଗନା ଥିଲେ। ସେ ଶିବାଜୀଙ୍କୁ ପିଲାବେଳୁ ଦେଶଭକ୍ତି, ରାଷ୍ଟ୍ରୀୟତାର ଶିକ୍ଷା ଦେଉଥିଲେ। ପରବର୍ତ୍ତୀ ସମୟରେ ଏହା ତାଙ୍କ ଜୀବନରେ ଗଭୀର ରେଖାପାତ କରିଥିଲା। ସମୟକ୍ରମେ ଯୁଦ୍ଧ ରଣକୌଶଳ ଶିକ୍ଷା ଗ୍ରହଣ କରି ଶିବାଜୀ ସମ୍ପୂର୍ଣ୍ଣଭାବେ ଜଣେ ରାଷ୍ଟ୍ରଭକ୍ତ, ମାତୃଭୂମି ପ୍ରତି ସମର୍ପିତ ଯୋଦ୍ଧା ଭାବେ ମୋଗଲ ଶାସନକୁ ପ୍ରତିହତ ପାଇଁ ସେ ମରାଠା ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ମୋଗଲ ବିରୋଧ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରି ଜୀବନର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ଲଢେଇ କରିଥିଲେ। ଶିବାଜୀଙ୍କ ଯୁଦ୍ଧ କୌଶଳ ଆଗରେ ମୋଗଲ ସାମ୍ରାଜ୍ୟ ଥରହର ହୋଇଉଠିଥିଲା ବୋଲି ଶିବାଜୀ ମହାରାଜାଙ୍କ ଜୟନ୍ତୀ ଅବସରରେ ଖୋର୍ଦ୍ଧା ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ଉତ୍ସବରେ ମତପ୍ରକାଶ ପାଇଛି। ପଲ୍ଲାହାଟ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡିଶା ହାଇକୋର୍ଟର ବିଶିଷ୍ଟ ଅଧିବକ୍ତା ସୁରେଶ ପଣ୍ଡା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ବରିଷ୍ଠ ଅଧିବକ୍ତା ପ୍ରଭାତ କୁମାର ଦାଶ, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସଂଘଚାଳକ ନିରଞ୍ଜନ ସାହୁ ଯୋଗଦେଇଥିଲେ। ଅଧିବକ୍ତା ଦାଶ ଯୁବକମାନଙ୍କୁ ସତ୍ୟ, ଧୈର୍ଯ୍ୟ, କର୍ମ, ଧର୍ମନିଷ୍ଠ, ଦେଶଭକ୍ତ ହେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ପଣ୍ଡା ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ କହିଥିଲେ। ରାଷ୍ଟ୍ର ନିର୍ମାଣରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ସାହୁ କହିଥିଲେ, ଶିବାଜୀ ମହାରାଜା ଜଣେ ଆଜନ୍ମ ରାଷ୍ଟ୍ରଭକ୍ତ ଥିଲେ। ଦେଶମାତୃକାର ସେବାରେ ତାଙ୍କର ତ୍ୟାଗ ନିଷ୍ଠା ଅତୁଳନୀୟ। ସେ ଜାତୀୟତା, ରାଷ୍ଟ୍ରୀୟତା, ଦେଶଭକ୍ତିର ପ୍ରତୀକ ଥିଲେ ବୋଲି କହିଥିଲେ। ହିନ୍ଦୁ ଜାଗରଣ ମଞ୍ଚ ଖୋର୍ଦ୍ଧା ଜିଲାର ସଂଯୋଜକ ଆଶିଷ ବିଦ୍ୟୁରେନ୍ଦ୍ର ଛୋଟରାୟ ହିନ୍ଦୁ ଜାଗରଣ ମଞ୍ଚର ବାର୍ଷିକ ବିବରଣୀ ପାଠ କରିଥଲେ। ହିନ୍ଦୁ ସମାଜକୁ ସଙ୍ଗଠିତ ଏବଂ ନିଶାମୁକ୍ତ କରିବାକୁ ଆହ୍ୱାନ କରିଥଲେ। ଆଗାମୀ ଦିନରେ ହିନ୍ଦୁ ଜାଗରଣ ମଞ୍ଚ ଖୋର୍ଦ୍ଧାରେ କିଭଳି ରକ୍ତର ଅଭାବ ନ ରହିବ ସେଥିପାଇଁ 'ରକ୍ତଦାତା ଜୀବନଦାତା' କାର୍ଯ୍ୟକ୍ରମ ହାତକୁ ନେବ ବୋଲି ଘୋଷଣା କରିଥିଲେ। ଏଥିରେ ଶତାଧିକ କର୍ମୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ମାଙ୍କଡ଼ା ବୋଝେଇ ଟ୍ରାକ୍ଟର ଜବତ



ନିରାକାରପୁର,୧୯।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ବଢ଼ିଚାଲିଛି। ପ୍ରଶାସନ ଓ ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମିବାର ନାଁ ଧରୁନି। ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ଜଙ୍କିଆ ଥାନା ପୋଲିସ ସୋମବାର ସିକୋ ଚଣ୍ଡୀମନ୍ଦିର ରାସ୍ତାରୁ ବେଆଇନଭାବେ ଚାଲାଣ ହେଉଥିବା ମାଙ୍କଡ଼ା ବୋଝେଇ ଟ୍ରାକ୍ଟର(ଓଡି-୦୨-୮୭୯)କୁ ଜବତ କରିଛି। ହେଲେ କୌଶଳକ୍ରମେ ଟ୍ରାକ୍ଟର ଚାଳକ ଖସି ପଳାଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୭୯/୨୪)ରୁଜୁକରିତଦନ୍ତ ଚଳାଇଛି।

### ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଟାଙ୍ଗୀ,୧୯।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଜଗନ୍ନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶିଖା ପାଠଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ସମ୍ମାନିତ ଅତିଥି ବାଲିପାଟପୁର ରିଫ୍ୟୁଜି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମାନସୀ କୁମାର ପରିଡ଼ା, ଭୂଷଣ୍ଡପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀପ୍ରିୟା ବେହେରା ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସପନ ସରଦାର ଓ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କ ବହୁବିଧ ଗୁଣ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ବିଧୁ ଭୂଷଣ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଯୁଧିଷ୍ଠିର ଜଗଦ୍ଦେବ ଧନ୍ୟବାଦ ଦେଇଥିଲେ।

### ସିଡିଏମ୍‌ଓ ଭାବେ ରାଜଶ୍ରୀ ପଟ୍ଟନାୟକଙ୍କ ଯୋଗଦାନ

ଖୋର୍ଦ୍ଧା,୧୯।୨(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଓ ଆଣ୍ଡ ପିଏଚ)ଭାବେ ଡା. ରାଜଶ୍ରୀ ପଟ୍ଟନାୟକ ସୋମବାର ଯୋଗଦେଇଛନ୍ତି। ସେ ସିଡିଓ ଆଣ୍ଡ ପିଏଚ ଦାୟିତ୍ୱରେ ରହିଥିବା ଡା. ରଘୁନାଥ ନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ଏଠାରେ ଅବସ୍ଥାପିତ ଥିବା ଡା.ଆର୍ତ୍ତବନ୍ଧୁ ନାୟକଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ( ନର୍ସିଂ)ଭାବେ ବଦଳି ହେବା ପରେ ଏହି ସ୍ଥାନ ଖାଲି ପଡିଥିଲା। ଦାୟିତ୍ୱ ଗ୍ରହଣ ପରେ ଡା.ପଟ୍ଟନାୟକ କହିଛନ୍ତି, ଜିଲାରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ଭିତ୍ତିଭୂମିର ବିକାଶ ଓ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପ୍ରାଥମିକତା ରହିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁଦୃଢ଼ ଭିତ୍ତିଭୂମି ସହିତ ଉନ୍ନତ ରୋଗୀ ସେବା ଉପରେ ଗୁରୁତ୍ୱ ଦିଆଯିବ। ସମସ୍ତ ପିଏଚ୍‌ସି ଏବଂ ସିଏଚ୍‌ସି ସ୍ତରରେ ଯେପରି ଲୋକଙ୍କୁ ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

### ବିଶ୍ୱଶାନ୍ତି ଚଣ୍ଡୀ ଓ ଗୀତା ମହାଯଜ୍ଞ

ଗମ୍ଭାରୀମୁଣ୍ଡା,୧୯।୨(ଦିଲୀପ ସ୍ୱାଇଁ)

ନାରୁଣୀ ସଲପଡିହ ନିକଟ ଶୁଳିଆ ଜଙ୍ଗଲରେ ବିଜେ ବନଦୁର୍ଗା ମା' ପାଣ୍ଡବାଶୁଣୀଙ୍କ ପୀଠରେ ଗତ ଶ୍ରୀପଞ୍ଚମୀ ତିଥିରୁ ଚାଲିଥିବା ୫୪ତମ ବିଶ୍ୱଶାନ୍ତି ଚଣ୍ଡୀ ଓ ଗୀତା ମହାଯଜ୍ଞର ସୋମବାର ପୂର୍ଣ୍ଣାହୁତି ହୋଇଯାଇଛି। ମୋରାମୋରୀ ଓ ସଲପଡିହ ଗ୍ରାମବାସୀଙ୍କ ଦ୍ୱାରା ଏବଂ ମନ୍ଦିର ଓ ଯଜ୍ଞ ପରିଚାଳନା କମିଟି ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଅବସରରେ ପ୍ରତି ସନ୍ଧ୍ୟାରେ ଆମନ୍ତ୍ରିତ ଅତିଥି ପ୍ରବଚକଙ୍କ ଦ୍ୱାରା ଭାଗବତ ପୁରାଣ ବ୍ୟାଖ୍ୟାନ ଓ ଭଜନ ମଣ୍ଡଳୀ ଦ୍ୱାରା ଭଜନ ପରିବେଷଣ ହୋଇଥିଲା।

# କଲ୍ୟାଣମଣ୍ଡପ ଆବର୍ଜନାକୁ ନେଇ ଉତ୍ତେଜନା

**ଗେଟ୍‌ରେ ତାଲା ପକାଇ ରାସ୍ତା ଅବରୋଧ କଲେ ବାସିନ୍ଦା**



ଖୋର୍ଦ୍ଧା,୧୯।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତଗତ ୧୧ନଂ. ୱାର୍ଡ ବିଡିଏ କଲ୍ୟାଣ ମଣ୍ଡପରେ ହେଉଥିବା ଭୋଜିର ଅଳିଆ ଆବର୍ଜନା, ଅଇଣ୍ଠା ଖଲି, ବଳକା ଖାଦ୍ୟ ମଣ୍ଡପ ପଛପଟ ରାସ୍ତାକଡରେ ପକାଇବାକୁ କେନ୍ଦ୍ରକରି ସୋମବାର ଉତ୍ତେଜନା ପ୍ରକାଶ ପାଇଛି। ଏହାର ସ୍ଥାୟୀ ସମାଧାନ ଦାବିରେ ସ୍ଥାନୀୟ ବାସିନ୍ଦା ମଣ୍ଡପ ପଛପଟ ଗେଟରେ ତାଲା ପକାଇ ରାସ୍ତା ଅବରୋଧ କରିଥିଲେ। ଖବରପାଇ ପରିମଳ ଓ ସ୍ୱଚ୍ଛତା ଅଧିକାରୀ ଦେବାଶିଷ ବରାଳ ପହଞ୍ଚି ସମାଧାନ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ପରେ ପୌର ପରିଷଦ ପକ୍ଷରୁ ଟ୍ରାକ୍ଟର ଯୋଗେ ଗଦା ହୋଇଥିବା ଅଳିଆ ଆବର୍ଜନା ଉଠାଯାଇଥିଲା।

ଅଭିଯୋଗ ମୁତାବକ, ବିଡିଏ କଲୋନୀ ମଧ୍ୟରେ ପୌର ପରିଷଦ ଅଧୀନରେ ଏହି କଲ୍ୟାଣ ମଣ୍ଡପ ରହିଛି। ବିଭିନ୍ନ ସଭା ସମିତି ଏବଂ ବିବାହ ଭୋଜି ଆୟୋଜନ କରାଯାଇଥାଏ। ତେବେ ଭୋଜି ଆୟୋଜନ ପରେ ସେଠାରୁ ବାହାରୁଥିବା ଅଳିଆ ଆବର୍ଜନା, ଅଇଣ୍ଠା ଖଲିପତ୍ର, ପ୍ଲାଷ୍ଟିକ ଗ୍ଲାସ, ବୋତଲ ମଣ୍ଡପ ପଛପଟ ରାସ୍ତା କଡରେ ଫିଙ୍ଗି ଦିଆଯାଉଛି। ଦୈନିକ ମଣ୍ଡପରୁ ବାହାରୁଥିବା ଆବର୍ଜନା ଗଦା ହୋଇ ରହିବା ଦ୍ୱାରା ଏହା ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ପୌର ପ୍ରଶାସନ ନିକଟରେ ଅଭିଯୋଗ କରି ବିଫଳ ହେବା ପରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ବୋଲି ସାମାଜିକ କର୍ମୀ ଶୋଭନ ଘୋଷ କହିଛନ୍ତି। ସେ ଆହୁରି କହିଛନ୍ତି, ସ୍ଥାନୀୟ କାଉନ୍‌ସିଲର, ୱାର୍ଡ ସୁପରଭାଇଜର, ସ୍ୱଚ୍ଛ ସାଥୀ ଏପରିକି ପୌର ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ, ଆଗାମୀ ଦିନରେ ମଣ୍ଡପରେ ତାଲା ପକାଇ ଦିଆଯିବ। ଅଞ୍ଚଳର ବରିଷ୍ଠ ନାଗରିକ ଦେବପ୍ରସାଦ ମଜୁମଦାର କହିଛନ୍ତି, ଏହାର ସ୍ଥାୟୀ ପ୍ରତିକାର ଜରୁରୀ। ଆବର୍ଜନା ପଡି ରହି ଦୁର୍ଗନ୍ଧ ହେଉଛି। ଏହି ରାସ୍ତା ଦେଇ ଯାତାୟାତ କରିହେଉନି। ସେହିଭଳି ସ୍ଥାନୀୟ ବାସିନ୍ଦା ନିରୋଦ ନାୟକ କହିଛନ୍ତି, ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଛି। ପ୍ଲାଷ୍ଟିକ ପଲିଥିନରେ ଖାଦ୍ୟ ପଡିବା ଯୋଗୁ ଗୋରୁ ଏହାକୁ ଖାଇ ଅସୁସ୍ଥ ହେଉଛନ୍ତି। ଏଥିପ୍ରତି ପୌର ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ସ୍ଥାନୀୟ କାଉନ୍‌ସିଲର ସୃଷ୍ଟି ମାଝି କହିଛନ୍ତି, ଏହି ସମସ୍ୟା ସହ ଅବଗତ ରହିଛି। ଏହାର ସମାଧାନ ପାଇଁ ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରାଯିବ। ପୌର ନିର୍ବାହୀ ରିଜୱାନା କଅକବ କହିଛନ୍ତି, ଏହି ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ପରିମଳ ଅଧିକାରୀ ଦେବାଶିଷ ବରାଳ କହିଛନ୍ତି, ମଣ୍ଡପ ଭଡାରେ ନେଉଥିବା ଲୋକେ ଆୟୋଜନ ପରେ ଅଳିଆ ଆବର୍ଜନା ଏଠାରେ ପକାଇ ଦେଉଛନ୍ତି, ଫଳରେ ଏଭଳି ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ଲୋକଙ୍କଠାରୁ ଅଭିଯୋଗ ପାଇଛି। ଏ ସମ୍ପର୍କରେ ପୌର ନିର୍ବାହୀଙ୍କ ସହ ଆଲୋଚନା କରାଯାଇଛି। ମଣ୍ଡପ ଭଡାରେ ନେଉଥିବା ବ୍ୟକ୍ତିବିଶେଷଙ୍କଠାରୁ ଅଳିଆ ଆବର୍ଜନା ସୁପରିଚାଳନା ପାଇଁ ୟୁଜର୍ସ ଫି ଆଦାୟ କରାଯିବ। ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ।

# ନିମେଇଁପୁରରେ ହାତୀ ଉପଦ୍ରବ



ହାତୀ ଭାଙ୍ଗିଦେଇଥିବା ପାଚେରି।

ନିରାକାରପୁର,୧୯।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲାରେ ହାତୀ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ହାତୀପଲ ଗାଁ ମୁହାଁ ହୋଇ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ପାଚେରି ଓ ଘର ଭାଙ୍ଗୁଥିବା ନଜିର ରହିଛି। ରବିବାର ରାତିରେ ଦୁଇଟି ହାତୀ ଛଣଗିରି ପଞ୍ଚାୟତର ନିମେଇଁପୁର ଗ୍ରାମର ଦାଶରଥି ସୁନ୍ଦରାୟଙ୍କ ପାଚେରି ଭାଙ୍ଗିବା ସହ କଦଳୀ ଗଛ ଓ ଅନ୍ୟାନ୍ୟ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ସେହିପରି ହାତୀ ଉକ୍ତ ଗ୍ରାମରେ କେତେଜଣ ବ୍ୟକ୍ତିଙ୍କ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି। ହାତୀପଲ ଉକ୍ତ ଅଞ୍ଚଳ ଛାଡି ଯାଉ ନ ଥିବାରୁ ଅଧିବାସୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ତୁରନ୍ତ ହାତୀପଲ ଘଉଡ଼ାଇବା ନେଇ ସ୍ଥାନୀୟବାସିନ୍ଦା ବନ ବିଭାଗକୁ ନିବେଦନ କରିଛନ୍ତି। ସ୍ଥାନୀୟ ମୁଣ୍ଡାଆମ୍ବ ଓ ଗୟାବନ୍ଧରେ ୨ଟି ହାତୀ ଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି।

# କୃଷି କାର୍ଯ୍ୟାଳୟ ଘେରିଲେ ଚାଷୀ



ବୋଲଗଡ଼ କୃଷି କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।

**ମୁଗ ବିହନ ମିଳୁ ନ ଥିବା ଅଭିଯୋଗ**

ବୋଲଗଡ଼,୧୯।୨(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକରେ ମୁଗ ବିହନ ହଡ଼ପ ଅଭିଯୋଗରେ ସୋମବାର ଶତାଧିକ ଚାଷୀ ବୋଲଗଡ଼ କୃଷି କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦେଇଥିଲେ। ନବନିର୍ମାଣ କୃଷକ ସଙ୍ଗଠନ ଖୋର୍ଦ୍ଧା ଜିଲା ସଭାପତି ସୁରେସ ଚନ୍ଦ୍ର ମାନସିଂହଙ୍କ ନେତୃତ୍ୱରେ ସଙ୍ଗଠନର ବ୍ଲକ ସଂଯୋଜକ କାହ୍ନୁ ଚରଣ ବେହେରା, ସହ ସଂଯୋଜକ ସୁଶାନ୍ତ କୁମାର ବେହେରା, ଶ୍ରମିକ ନେତା ଅକ୍ଷୟ ରାଉତରାୟ, ସୋମନାଥ ମହାପାତ୍ର, କୈଳାସ ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, କମି ନାୟକ, ମଦ୍ଦୀ ସାହୁ ପ୍ରମୁଖ ଚାଷୀ ଯୋଗଦେଇ କୃଷି ବିଭାଗ ଓ ବିହନ ବାଣ୍ଟିବା ଦାୟିତ୍ୱରେ ଥିବା ଏନଜିଓ ମିଶି ମୁଗ ବିହନ ହରିଲୁଟ କରିଥିବା ନେଇ ନାରାବାଜି ଦେଇଥିଲେ। ସୂଚନା ଅନୁଯାୟୀ, ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଚାଷୀମାନଙ୍କୁ ମାଗଣାରେ ମୁଗ ବିହନ ସରକାର ଯୋଗାଇ ଦେଇଥିଲେ। ହେଲେ ଏହାକୁ ଚାଷୀମାନଙ୍କୁ ବାଣ୍ଟିବା ପାଇଁ ଏକ ଘରୋଇ ସଂସ୍ଥା ଦାୟିତ୍ୱ ନେଇଥିଲା। କିନ୍ତୁ ଉକ୍ତ ସଂସ୍ଥା ଚାଷୀମାନଙ୍କୁ ବିହନ ଦେଉ ନ ଥିବା ବେଳେ ଓଲଟି ଚାଷୀମାନଙ୍କୁ ଗାଳିଗୁଲଜ ସହ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବୋଲଗଡ ଅଞ୍ଚଳର ଶତାଧିକ ଚାଷୀ ମିଳିତ ହୋଇ କୃଷି କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣାରେ ବସିଥିଲେ। ପରେ ସମ୍ପୃକ୍ତ ଘରୋଇ ସଂସ୍ଥା ଅଧିକାରୀ ଭୁଲ ସ୍ୱୀକାର କରିବା ସହିତ ପରବର୍ତ୍ତୀ ସମୟରେ ବିହନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଆର୍‌ଆଇଙ୍କ କଲମଛାଡ଼ ଆନ୍ଦୋଳନ

ଟାଙ୍ଗୀ,୧୯।୨(ରଘୁନାଥ ସାହୁ)

ରାଜ୍ୟ ରାଜସ୍ୱକ୍ଷେତ୍ର ଅଧିକାରୀ ସଂଘର ଆହ୍ୱାନକ୍ରମେ ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ରେଭିନ୍ୟୁ ଇନ୍ସପେକ୍ଟର (ଆର୍‌ଆଇ) କଲମଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି। ବିଭିନ୍ନ ଦାବି ନେଇ ସଂଘ ଦୀର୍ଘଦିନ ଧରି ସରକାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନାହିଁ। ସରକାରଙ୍କ ବୈମାତୃକ ମନୋଭାବ ପାଇଁ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ୯ ଆର୍‌ଆଇ ସର୍କଲ ରହିଛି। ସୋମବାର ଜଣେ ସୁପରଭାଇଜର, ୭ଜଣ ଆର୍‌ଆଇ ଓ ୩ ଜଣ ସହକାରୀ ଆର୍‌ଆଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବି ମଧ୍ୟରେ କ୍ୟାଡର ପୁନର୍ଗଠନ, ଆର୍‌ଆଇ ଅଫିସରେ କର୍ମଚାରୀ ନିଯୁକ୍ତି, ଯୋଗ୍ୟତା ଭିତ୍ତିରେ ଗ୍ରେଡେଶନ, କୃଷିଭିତ୍ତିକ କାର୍ଯ୍ୟକ୍ରମକୁ କୃଷି ବିଭାଗକୁ ହସ୍ତାନ୍ତର ପ୍ରମୁଖ ରହିଛି। ସୁପରଭାଇଜର ଟୁଟୁ ସ୍ୱାଇଁ, ଆର୍‌ଆଇ କୈଳାସ ଚନ୍ଦ୍ର ଦଳାଇ, ପୂର୍ଣ୍ଣିମା ଦଳାଇ, ଅଙ୍କିତା ବାଲା, କୃଷ୍ଣଚନ୍ଦ୍ର ଦେହୁରି, ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ବନମାଳୀ ସାହୁ, ଯୋଗେଶ କୁମାର ନାୟକ, ସହକାରୀ ଆର୍‌ଆଇ ଗୋବିନ୍ଦ ଟୁଡୁ, ପ୍ରୀତି ପ୍ରିୟଦର୍ଶିନୀ, ସରୋଜ ନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ




ଅତିଥିଙ୍କଠାରୁ ଜଣେ ପ୍ରତିଭାଧାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବୋଲଗଡ଼,୧୯।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକର ପିଚୁକୁଳି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସ୍ଥାନୀୟ ଦୋଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜୟନ୍ତୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ସମବାୟ ସଭାପତି ଅଭିଷେକ ସିଂହସାମନ୍ତ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ଶରତ ମଲ୍ଲିକ ଯୋଗଦେଇ ରାଜ୍ୟ ସରକାର ମହିଳାମାନଙ୍କୁ ସମସ୍ତ ସୁବିଧା ଯୋଗାଇବାରେ ସାରାଦେଶରେ ଆଗୁଆ ବୋଲି କହିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସଞ୍ଜୟ ଗୁମାନସିଂହ, ପିଚୁକୁଳି ସମବାୟ ସମିତି ସଭାପତି ପବିତ୍ର ମୋହନ ମାଝୀ, ଗୌତମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତ ଅଞ୍ଚଳର ୨ ଶହ ଜଣ ସ୍ୱତନ୍ତ୍ର ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ମହିଳା ଗୋଷ୍ଠୀଙ୍କ ପକ୍ଷରୁ ବିଭିନ୍ନ ପ୍ରଦର୍ଶନ ଷ୍ଟଲ ସହ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ ହୋଇଥିଲା।

**ସଞ୍ଜୀବ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଫାଇନାଲରେ ଗୋଡ଼ା



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ନିରାକାରପୁର,୧୯।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଲେଣ୍ଡୁ ପଞ୍ଚାୟତ ଘୋଡ଼ାଶାଳ ଖେଳପଡିଆରେ ଲେଣ୍ଡୁ କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ସଞ୍ଜୀବ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ନିରାକାରପୁର କ୍ଲବ ଓ ଗୋଡ଼ା କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଗୋଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୧.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୮ରନ ସଂଗ୍ରହ କରିଥିଲା। ଜବାବରେ ନିରାକାରପୁର କ୍ଲବ ୧୨ ଓଭରରେ ୭ ଉଇକେଟ ବିନିମୟରେ ୭୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଗୋଡ଼ା ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ପ୍ରଦୀପ୍ତ ବିଶ୍ୱାଳ ଓ ବିକାଶ ରଞ୍ଜନ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ରୋଶନ ମଙ୍ଗରାଜ, ଚିନୁ ପ୍ରଧାନ, ବବୁଲ ଖୁଣ୍ଟିଆ, ଓମ୍ ବିଶ୍ୱାଳ, ଶକ୍ତି ମହାନ୍ତି, ପପୁ ଛୋଟରାୟ, ବାବୁ ରାଉତରାୟ, ଶାନୁ ବିଶ୍ୱାଳ, ପ୍ରମୋଦ ଭୁଜବଳ, ଶୋନୁ ହରିଚନ୍ଦନ ରାୟ, ରାଜୁ ସ୍ୱାଇଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

**ଆଜିଠୁ ମାଟ୍ରିକ ପରୀକ୍ଷା**

# ଜିଲାରେ ୨୮,୨୦୯ ଛାତ୍ରୀଛାତ୍ର ପରୀକ୍ଷା ଦେବେ

ଖୋର୍ଦ୍ଧା,୧୯।୨ (ପ୍ରଭାତ ପାଣିଗ୍ରାହୀ)

ମଙ୍ଗଳବାର ମାଟ୍ରିକ ପରୀକ୍ଷା। ଏନେଇ ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଶୃଙ୍ଖଳିତ ଓ ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ମାର୍ଚ୍ଚ ୪ତାରିଖ ଯାଏ ପରୀକ୍ଷା ହେବାକୁ ଥିବା ବେଳେ ପ୍ରଥମ ଥର ଲାଗି ଦେଢ଼ ଘଣ୍ଟା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରକୁ ଆସିବାକୁ ନିୟମ ହୋଇଛି। ସକାଳ ୭ଟା ୩୦ରେ ଛାତ୍ରୀଛାତ୍ର ପରୀକ୍ଷା ହଲରେ ପ୍ରବେଶ କରିବେ। ୮ଟା ୩୦ରେ ପ୍ରଶ୍ନପତ୍ର ବଣ୍ଟାଯିବ। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ଣ ସାଢେ ୧୧ଟାରେ ସରିବ।

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଚଳିତବର୍ଷ ଖୋର୍ଦ୍ଧା ଜିଲାର ୩୩୬ ବିଦ୍ୟାଳୟର ୨୮ହଜାର ୨୦୯ ପରୀକ୍ଷାର୍ଥୀ ୧୩୪ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପ୍ରଶ୍ନପତ୍ର ସୁରକ୍ଷିତ ରଖିବା ପାଇଁ ୧୨ଟି ନୋଡାଲ ସେଣ୍ଟର କରାଯାଇଛି। ୧୩୪ଟି ପରୀକ୍ଷାକେନ୍ଦ୍ର ମଧ୍ୟରୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି)ରେ ୬୨ ଏବଂ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୭୨ପରୀକ୍ଷା କେନ୍ଦ୍ର ରହିଛି । ରାଜ୍ୟ ମୁକ୍ତ ବିଦ୍ୟାଳୟର ୨୪୦ଜଣ ପରୀକ୍ଷାର୍ଥୀଙ୍କ ଲାଗି ଗୋଟିଏ ସେଣ୍ଟର କରାଯାଇଛି। ମାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଏବଂ ସ୍ୱଚ୍ଛତା ନେଇ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ସୂଚନା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରକୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମୋବାଇଲ ନେବାକୁ ବାରଣ କରାଯାଇଛି। ଏହାକୁ ଅବମାନନା କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। କପି ରୋକିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥର ପରୀକ୍ଷା କେନ୍ଦ୍ର ବିଶେଷ ବ୍ୟବସ୍ଥା ହେଉଛି। ପରୀକ୍ଷାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ୟାମେରା ଜଗିବ। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ଲାଇଭ ଷ୍ଟ୍ରିମିଙ୍ଗ ବ୍ୟବସ୍ଥା ହୋଇଛି। ଏହାର କମାଣ୍ଡ କଣ୍ଟ୍ରୋଲ ରୁମ ବୋର୍ଡ ଅଫିସରୁ ହେବ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ଉପରେ ସିସିଟିଭି ନଜର ରଖିବ ବୋଲି ସୂଚନା ମିଳିଛି।

# ଗାଦିଶ୍ୱରଙ୍କ ପୀଠରେ ନୂତନ ବିଗ୍ରହ ସ୍ଥାପନ



କୃଷ୍ଣପ୍ରସାଦ,୧୯।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ଅଞ୍ଚଳର ଦଳବେହେରା ସାହିସ୍ଥିତ ଗାଦିଶ୍ୱର ଦେବଙ୍କ ପୀଠରେ ସୋମବାର ନୂତନ ବିଗ୍ରହ ସ୍ଥାପନ କରାଯାଇଛି। ଏଥିନିମନ୍ତେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ କରାଯାଇଥିଲା। ମନ୍ଦିର ପରିଚାଳକ ପ୍ରଦୀପ କୁମାର ଜେନା ଓ ରେଣୁପ୍ରଭା ଦେବୀ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପୂଜକ ବିରଞ୍ଚି ନାରାୟଣ କେଶରୀଙ୍କ ନେତୃତ୍ୱରେ ପଣ୍ଡିତ ହରିହର ଦେବତା ଏବଂ ପଣ୍ଡିତ କମଳ ଚନ୍ଦ୍ର ଦେବତା ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ। ନୂତନ ବିଗ୍ରହ ସ୍ଥାପନ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗାଦିଶ୍ୱର ଦେବ ନାଟ୍ୟ ସଂସଦର ମ୍ୟାନେଜର ସୁବାସ ଚନ୍ଦ୍ର ସ୍ୱାଇଁ, ପାଟଭଗତା କୈବଲ୍ୟ ସାମଲ, ପାଟ ଦଣ୍ଡୁଆ ପ୍ରକାଶ କୁମାର ପ୍ରଧାନ, କାଳିଶି ବିଭୂତି କୁମାର ଗୌଡ଼ୁ, ତେର ଭାଗତିଆ ଧନେଶ୍ୱର ଗୌଡ଼ୁ, ଫକୀର ଗୁରୁ, ବୁଲୁ ବେହେରା, ଦୀପନ ନାୟକ, ଗାଣ୍ଠୁ ପ୍ରଧାନ, ମାନସ ନାୟକ, ପଦ୍ମ ଚରଣ ନାୟକ, ଲୋକନାଥ ନାୟକ, ଦଣ୍ଡପାଣି ନାୟକଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ୨୪ ଦଫା ଦାବିରେ ରାସ୍ତାରୋକୋ

ନିରାକାରପୁର,୧୯।୨(ମାନସ ଚନ୍ଦ୍ର ପଟ୍ଟନାୟକ)



ନିରାକାରପୁର ପଞ୍ଚାୟତ ସମ୍ମୁଖ ନୂଆ ଜଗନ୍ନାଥ ସଡ଼କ ଅନଶନକାରୀ ଅବରୋଧ କରିଛନ୍ତି।

୨୪ ଦଫା ଦାବିରେ ଟାଙ୍ଗୀ ବ୍ଲକର ନିର୍ବାଚିତ ଜନପ୍ରତିନିଧି ଓ ବରିଷ୍ଠ ନାଗରିକ ସ୍ଥାନୀୟ ଯୁବସଙ୍ଗଠକ ଶୁଭମ ଦାଶଙ୍କ ନେତୃତ୍ୱରେ ଗତ ୧୫ ତାରିଖଠାରୁ ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆମରଣ ଅନଶନରେ ବସିଥିଲେ। ତେବେ ଅନଶନକୁ ୫ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କେହି ଆଲୋଚନା କରିବାକୁ ଆସି ନ ଥିଲେ। ଏହାର ପ୍ରତିବାଦରେ ସୋମବାର ରାତି ୮ଟାରେ ଅନଶନକାରୀମାନେ ୨ଘଣ୍ଟା ପର୍ଯ୍ୟନ୍ତ ପଞ୍ଚାୟତ ସମ୍ମୁଖ ନୂଆଜଗନ୍ନାଥ ସଡ଼କରେ ଟାୟାରଜାଳି ରାସ୍ତାରୋକା କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ଖୋର୍ଦ୍ଧା ଅତିରିକ୍ତ ଆରକ୍ଷୀ ନିରୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଟାଙ୍ଗୀ ତହସିଲଦାର ମିତାଲି ପାତ୍ର, ବିଡିଓ ରେଶ୍ମା ଟେଟେ, ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦାବିଗୁଡିକ ପୂରଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ପରେ ସମସ୍ତ ଅନଶନକାରୀଙ୍କ ସମେତ ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ, ବିଜେଡି ଜିଲା ଉପସଭାପତି ବିପିନ କୁମାର ଜୟସିଂହ, ରାମେଶ୍ୱର ପୂର୍ବତନ ସରପଞ୍ଚ ସମେତ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଦାବିଗୁଡିକ ସମାଧାନ ନିମନ୍ତେ ମଙ୍ଗଳବାର ଏକ ୫ଜଣିଆ ଟିମ ଜିଲା ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ସ୍ଥାୟୀ ସମାଧାନ କରାଯିବାର ପ୍ରତିଶ୍ରୁତି ପରେ ଅନଶନକାରୀମାନେ ଅନଶନରୁ ହଟିଥିଲେ। ଏହି ବୈଠକରେ ନାୟାବ ସରପଞ୍ଚ ସ୍ୱପେଶ୍ୱର ରାଉତରାୟ, ୱାର୍ଡ ସଭ୍ୟ ଉଗ୍ରେସନ ରାଉତରାୟ, ପାର୍ଥସାରଥୀ ଛୋଟରାୟ, ପାଣ୍ଡବ ମହାରଣା, ନବକିଶୋର ମହାରଣା, ବିନୋଦିନୀ ପ୍ରଧାନ, ଟିକିନା ପାଇକରାୟ, ସୁକାନ୍ତି ବେହେରା, ମୋନାଲିସା ରାଉତରାୟ, ପ୍ରୀତିପଦ୍ମ ପାଣ୍ଡିତରାୟଙ୍କ ସମେତ ବିଜୁ ଛାତ୍ର ଜନତା ଦଳର ଆବାହକ କାର୍ତ୍ତିକ ସାମନ୍ତରାୟ, ବିଜୁ ଛାତ୍ର ଜନତା ଦଳର ଉପସଭାପତି ଚିତ୍ତରଞ୍ଜନ ମହାରଣା, ପ୍ରମୁଖ ଉପସ୍ଥିତ ଥିଲେ। ଘଟଣା ସ୍ଥଳରେ ନିରାକାରପୁର ଥାନା ପୋଲିସ ସହଯୋଗ କରିଥିଲେ।



ଖଣ୍ଡଗିରି କୁମ୍ଭମେଳାରେ ଲୋକଙ୍କ ଗହଳି।



'ଖଣ୍ଡଗିରି– ଉଦୟଗିରି ମହୋତ୍ସବ'ର ସୋମବାର ଉଦ୍‌ଯାପନ ସନ୍ଧ୍ୟାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅତିଥିଙ୍କ ସହ ପୁରସ୍କୃତ କଳାକାର।

ଖଣ୍ଡଗିରି କୁମ୍ଭମେଳା



ଯାତ୍ରା ମହାସମରର ସୋମବାରଦ୍ୱିତୀୟ ରଜନୀରେ ମହତାବ ମଣ୍ଡପରେ ଅପେରା ସାଇ ସମ୍ରାଟର ନାଟକ 'ଦେବଦାସୀ ହେବି ତୋରି ପାଇଁ' ପରିବେଷଣ ପୂର୍ବରୁ ମେଲୋଡି କାର୍ଯ୍ୟକ୍ରମ।

# ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ଶିବ ତାଣ୍ଡବ ନୃତ୍ୟ

**ସରିଲା 'ଖଣ୍ଡଗିରି– ଉଦୟଗିରି ମହୋତ୍ସବ'**

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

ଖଣ୍ଡଗିରି ପାଣ୍ଠିକା ଠାରେ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣ ପକ୍ଷରୁ ଆୟୋଜିତ ଖଣ୍ଡଗିରି ଉଦୟଗିରି ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଉତ୍ସବରେ ପ୍ରାରମ୍ଭରୁ ସାଇକଳା ସଂସଦ ଓଡ଼ିଶୀ ନୃତ୍ୟାଙ୍ଗନାର ଗୁରୁ ପୁଷ୍ପାଞ୍ଜଳି ନାୟକଙ୍କ ଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ଆର୍‌ଡିଏକ୍ସ ଡାନ୍ସ ଗ୍ରୁପର କଳାକାରଙ୍କ ଦ୍ୱାରା ଶିବ ତାଣ୍ଡବ



ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରେ ସୁର ସାଗର ମ୍ୟୁଜିକାଲ ଗ୍ରୁପ ଦ୍ୱାରା କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନଙ୍କ 'ଜଗତେ ପାଇବୁନି ଏମିତି ଠାକୁର' ଗୀତରେ ଭାବ ବିହ୍ୱଳିତ ହୋଇଥିଲେ ଦର୍ଶକ। ଏହାରପରେ 'ଦିଲ୍ ହେଲା କୁଟ୍‌କୁଟା', 'ଛାଡିକି ପାରିବି ତତେ' ଭଳି ଅନେକ ଗୀତରେ ଦର୍ଶକଙ୍କୁ ଝୁମେଇ ଦେଇଥିଲେ ସତ୍ୟଜିତ୍। ସେହିପରି ଦେବୀ ପ୍ରସାଦ, ଭାଗ୍ୟଶ୍ରୀ ମହାନ୍ତି, ଦୀପକ କୁମାର ପ୍ରମୁଖ କଣ୍ଠଶିଳ୍ପୀଙ୍କ ସଂଗୀତ ଦର୍ଶକଙ୍କୁ ବିଭୋର କରିଥିଲା। ଉତ୍ସବରେ ସାମ୍ବାଦିକ ଦେବେନ୍ଦ୍ର ସୁଆର, ଚୌଧୁରି ଅମିତାଭ ଦାସ, ଉପସ୍ଥାପିକା ଅଙ୍କିତା ମହାନ୍ତି ଏବଂ ସମସ୍ତ କଳାକାରଙ୍କୁ ମନ୍ତ୍ରୀ ପଣ୍ଡା ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ମନୋଜ କୁମାର ବେହେରା, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ,





ମହାମାୟା ସ୍ୱାଇଁ, ଛବି ଦାସ, କିରଣାଳା ମାଝୀ, ଶକିବା ମୁଷାରତ, ଦୀପକ ମିଶ୍ର, ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନନ୍ଦନକାନନକୁ ଆସିବ ୫ ଶମ୍ବର

ବାରଙ୍ଗ, ୧୯।୨ (ଲିଙ୍ଗରାଜ ରାଉତ): କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ଦ୍ୱିତୀୟ ପର୍ଯ୍ୟାୟର ପ୍ରାଣୀ ଅଦଳବଦଳ ପକ୍ରିୟା କାର୍ଯ୍ୟକାରୀ ହୋଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଚିଡ଼ିଆଖାନାରୁ ଏକ ଦଳ ନନ୍ଦନକାନନରୁ ସୋମବାର ସନ୍ଧ୍ୟାରେ ୪ ମାଈ ଓ ୪ ଅଣ୍ଡିରା ମୋଟ ୮ କୁଜି ହରିଣ ନେଇଛନ୍ତି। ଏହା ବଦଳରେ ସେଠାରୁ ୨ ଅଣ୍ଡିରା ଓ ୩ ମାଈ ମୋଟ ୫ଟି ଶମ୍ବର ନନ୍ଦନକାନନକୁ ଆସିବ। ଆସନ୍ତା ୨୩ ତାରିଖ ମଧ୍ୟରେ ଏହି ଅଦଳବଦଳ ପ୍ରକ୍ରିୟା କାର୍ଯ୍ୟ ସରିବା ନେଇ ଉପ ନିର୍ଦ୍ଦେଶକ ସନଥ ନାରାୟଣ ସୂଚନା ଦେଇଛନ୍ତି।

## ସର୍ବଭାରତୀୟ ଡାକ ସାଂସ୍କୃତିକ ପ୍ରତିଯୋଗିତାରେ କମାଲ୍ ଦେଖାଇଲେ ସମୀକ୍ଷା



ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)– ଆସାମର ଗୌହାଟିଠାରେ ସୋମବାର ୩୬ତମ ଅଖିଳ ଭାରତୀୟ ଡାକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତନାଟ୍ୟମ୍ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଓଡ଼ିଶାର ସମୀକ୍ଷା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗତତାରେ ସେ ଓଡ଼ିଶା ଡାକ ସର୍କଲକୁ ପ୍ରତିନିଧିତ୍ୱ କରିଥିଲେ। ବରିଷ୍ଠ ବିଭାଗରେ ମୋଟ ୬ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସମୀକ୍ଷା ପୂର୍ବ ଭାରତରୁ ଏକମାତ୍ର ପ୍ରତିଯୋଗୀ ଥିଲେ। ଅନ୍ୟ ୫ଜଣ ଦକ୍ଷିଣ ଭାରତରୁ ଆସିଥିଲେ। ପୂର୍ବରୁ ସେ ସର୍ବଭାରତୀୟସ୍ତରରେ ଓଡ଼ିଶୀ ପ୍ରତିଯୋଗୀ ଭାବେ କନିଷ୍ଠ ଓ ବରିଷ୍ଠ ବିଭାଗରେ ମଧ୍ୟ ପ୍ରଥମ ହୋଇ ଓଡ଼ିଶା ଡାକ ସର୍କଲକୁ ପ୍ରତିନିଧିତ୍ୱ କରିଛନ୍ତି। ଚଳିତବର୍ଷ ସେ ଭାରତନାଟ୍ୟମ୍ ନୃତ୍ୟ ଦ୍ୱାରା ବିଚାରକଙ୍କ ସମେତ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ପାରିଥିଲେ। ସମୀକ୍ଷାଙ୍କ ଘର ପୁରୀ ଜିଲା ପିପିଲି ବ୍ଲକ ଅଲାରପୁର ଗ୍ରାମରେ। ତାଙ୍କ ବାପା ରବିନାରାୟଣ ମହାନ୍ତି ବ୍ରହ୍ମପୁର ଡିଭିଜନ୍‌ରେ ପୋଷ୍ଟାଲ ମେଲ୍ ଗାର୍ଡ ଭାବେ କାର୍ଯ୍ୟରତ ଥିବାବେଳେ ମା' ସୁମିତ୍ରା ମହାପାତ୍ର ଜଣେ ଗୃହିଣୀ।

# ସୁଫିୟାନା ସଙ୍ଗୀତରେ ଝୁମିଲେ ଶ୍ରୋତା



ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

**ଆରମ୍ଭ ହେଲା 'ସମର୍ପଣ'**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ୧୨ତମ ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୩ଦିନଧରି ଚାଲିବ। ତେବେ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟ ନେଇ ମଞ୍ଚକୁ ଆସିଥିଲେ ପୁନେର କଳାକାର ଡ. ଶ୍ରୁତି ବୀଣା ବିଶ୍ୱନାଥ। ସେ ଅଉଘା ରଙ୍ଗ ଏକ (ଅନେକ ରଙ୍ଗ ଏକ) ସଙ୍ଗୀତ ପରିବେଷଣ କରିଥିଲେ। ଯାହା ଉପସ୍ଥିତ ଶ୍ରୋତାଙ୍କୁ ଆନମନା କରିଥିଲା। ତାଙ୍କୁ ତବଲାରେ ଦୁଷ୍ମନ୍ତ ପରିଡ଼ା ଓ ହାରମୋନିୟମ୍‌ରେ ଅଜୟ କୁମାର ଦାସ ସହାୟତା କରିଥିଲେ। ପରେ ଇନ୍ଦୋରରୁ ଆସିଥିବା ଦୁଇ ଭଉଣୀ ଡ. ଆଭା ଓ ଡ. ବିଭା ଚୌରାସିଆଙ୍କ ଦ୍ୱାରା ସ୍ୱର୍ଣ୍ଣାଞ୍ଜଳି (ଶଗୁଣ ଓ ନିର୍ଗୁ ଣ) ଭଜନରେ ସନ୍ଧ୍ୟାର କାର୍ଯ୍ୟକ୍ରମ ଶେଷ ହୋଇଥିଲା। ତାଙ୍କୁ ତବଲାରେ ଦୁଷ୍ମନ୍ତ, ବଂଶୀରେ ଜବାହାର ମିଶ୍ର, ହାରମୋନିୟମ୍‌ରେ ଅଜୟ ଏବଂ ପରକ୍ୟୁସନ୍‌ରେ ସୌମ୍ୟଜିତ ପରିଡ଼ା ସହଯୋଗ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାର ଅତିଥି ଭାବେ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. (ପ୍ରଫେସର) ପ୍ରିୟମ୍ବଦା ମହାନ୍ତି ହେଜମାଦି, ଭାରତୀୟ ବିଦ୍ୟାଭବନ ଭୁବନେଶ୍ୱର କେନ୍ଦ୍ରର ମହାପରିଚାଳକ ଏସ.କେ. ତିମୋଟିଆ, ସଙ୍ଗୀତ ପ୍ରେମୀ ରବିନାରାୟଣ ଗୁର, ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ଅରବିନ୍ଦ ବେହେରା ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା ଓ ସଂଚାଳନାରେ ସଙ୍ଗୀତା ଗୋସାଇଁ ସାହାଯ୍ୟ କରିଥିଲେ।

## ଇସ୍କନ ମନ୍ଦିର ସାମ୍ନାରୁ ଯୁବତୀଙ୍କ ମୋବାଇଲ ଝାମ୍ପିନେଲେ

**ସିସିଟିଭି ଫୁଟେଜ୍ ଭାଇରାଲ୍**

ଭୁବନେଶ୍ୱର, ୧୯।୨ (ସତ୍ୟଜିତ୍ ରାଉତ): ନୟାପଲ୍ଲୀ ଥାନା ଅନ୍ତର୍ଗତ ଇସ୍କନ ମନ୍ଦିର ସାମ୍ନାରେ ଜଣେ ଯୁବତୀଙ୍କଠାରୁ ଲୁଟେରାମାନେ ଏକ ମୋବାଇଲ ଫୋନ୍ ଝାମ୍ପି ନେଇଛନ୍ତି। ଏହି ଘଟଣାର ସିସିଟିଭି ଫୁଟେଜ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଲୁଟ୍‌ର ଶିକାର ଶୁଭସ୍ମିତା ଦାସଙ୍କ ଏତଲାକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି। ରବିବାର ଅପରାହ୍ନରେ ଶୁଭସ୍ମିତା ତାଙ୍କ ସାଙ୍ଗଙ୍କ ସହ ସିଆର୍‌ପି ଛକ ପାର୍ଶ୍ୱରୁ ଚାଲିଚାଲି ଆସୁଥିବାବେଳେ ଏକ ସ୍କୁଟିରେ ୩ଜଣ ଲୁଟେରା ସେମାନଙ୍କୁ ପିଛା କରିଥିଲେ। ସୁଯୋଗ ଦେଖି ଇସ୍କନ ମନ୍ଦିର ସମ୍ମୁଖରୁ ସ୍କୁଟି ପଛରେ ବସିଥିବା ଲୁଟେରା ଜଣକ ଶୁଭସ୍ମିତାଙ୍କ ହାତରୁ ମୋବାଇଲ ଛଡାଇ ନେଇ ଦ୍ରୁତଗତିରେ ଜୟଦେବ ବିହାର ଆଡେ ପଳାଇଥିଲେ।

## ବୁଧବାରରୁ ଅଗ୍ନିକ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନେଶ୍ୱର, ୧୯।୨ (ସତ୍ୟଜିତ୍ ରାଉତ)

ରାଜ୍ୟର ୫ ହଜାର ଅଗ୍ନିକ କର୍ମଚାରୀ ଦୁଇଦଫା ଦାବି ନେଇ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଏନେଇ ସୋମବାର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଗୁଲନ ଭାଇ ସେବା ସଦନଠାରେ ଓଡ଼ିଶା ଅଗ୍ନିକ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଂଘର ଦୁଇଟି ଦାବି ମଧ୍ୟରୁ ପ୍ରଥମ ହେଲା ଅଗ୍ନିଶମ ସେବା ସଂସ୍ଥାର ଅଗ୍ନିକ, ଅଗ୍ନିକ ଗାଡିଚାଳକ ଓ ହାବିଲଦାର (ମୁଖ୍ୟ ଅଗ୍ନିକ, ଡ୍ରାଇଭର ହାବିଲଦାର)ଙ୍କୁ ପୂର୍ବପରି ଓଡ଼ିଶା ପୋଲିସ ସିପାହି ଓ ହାବିଲଦାରଙ୍କ ଦରମା ଏବଂ ଭତ୍ତା ସହ ସମାନ କରିବା। ଦ୍ୱିତୀୟ ଦାବି ହେଲା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ କରିବା। ସଂଘ ପକ୍ଷରୁ କୁହାଯାଇଛି ଯେ, ଦାବି ପୂରଣ ପାଇଁ କର୍ମଚାରୀମାନେ ଡିସେମ୍ବର ୧୧ରୁ ଆନ୍ଦୋଳନ ଜାରି ରଖିଥିଲେ ମଧ୍ୟ ସରକାରୀସ୍ତରରୁ କୌଣସି ଆଶ୍ୱାସନା ମିଳିଲା ନାହିଁ। ତେଣୁ କର୍ମଚାରୀମାନେ କୌଣସି ସରକାରୀ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଖବରଦାତା ସମ୍ମିଳନୀରେ ମୁଖ୍ୟ ଅଗ୍ନିକ ଅକ୍ଷୟ ପ୍ରଧାନ, ଜୟ ପ୍ରକାଶ ସେଠୀ, ନୀଳମାଧବ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ମେଲାଣି ନେଲେ ମା' ସରସ୍ୱତୀ

ପୁରୁଣା ଭୁବନେଶ୍ୱର, ୧୯।୨ (ସୁବାସ ଚନ୍ଦ୍ର ପ୍ରଧାନ): ବଡ଼ଗଡ଼ ନୂଆସାହିସ୍ଥିତ ବାପୁଜୀ ଯୁବକ ସଂଘ ପକ୍ଷରୁ ସରସ୍ୱତୀ ପୂଜା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଘୋଡା ନାଚ, ଷଣ୍ଢ ନାଚ, ନାଗା ନାଚ, ବଗବଗୁଲି ନାଚ, ଭୂତଭୂତିଆଣି ନାଚ, ପାରମ୍ପରିକ ସମ୍ବଲପୁରୀ ବାଦ୍ୟ, ପୁରୀ ଢୋଲ ବାଦ୍ୟ, କଳାହାଣ୍ଡି ସିଂଘ ବାଦ୍ୟ, ଘଣ୍ଟ ବାଦ୍ୟ, କଟକର ନଟରାଜ ମ୍ୟୁଜିକାଲ ବ୍ୟାଣ୍ଡ ପାର୍ଟି ସହ ଡିଜେ ଶୋଭାଯାତ୍ରାରେ ଦୟାନଦୀ ପଠା କୃତ୍ରିମ ପୋଖରୀରେ ମା'ଙ୍କୁ ମେଲାଣି ଦିଆଯାଇଥିଲା। ଭସାଣି ଉତ୍ସବରେ ବାପୁଜୀ ଯୁବକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ଗ୍ରାମର ମୁରବୀମାନେ ଉପସ୍ଥିତ ଥିଲେ।

## ଗୋଚର ଜମି ଜବରଦଖଲକୁ ବିରୋଧ

ପୁରୁଣା ଭୁବନେଶ୍ୱର, ୧୯।୨
(ସୁବାସ ଚନ୍ଦ୍ର ପ୍ରଧାନ)

ଗୋଚର ଜମିରେ ବେଆଇନଭାବେ ଜବର ଦଖଲ କରିବା ସହ ନିର୍ମାଣ କାର୍ଯ୍ୟକୁ ୫୯ନଂ. ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ଏକ ଅଭିଯୋଗପତ୍ର ଭୁବନେଶ୍ୱର ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ, ସାମନ୍ତରାପୁରଠାରେ ଗୋଚର ଜମି ରହିଛି। ଏଠାରେ ଜଣେ ମୁଷ୍ଟିମେୟ ବ୍ୟକ୍ତି ପିଲାର ଯୋଗେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏହା ସଲଗ୍ନ ଗୋଚର ଜମିଗୁଡ଼ିକରେ କେତେକ ବ୍ୟବସାୟ ପ୍ରତିଷ୍ଠାନ ଗୃହ ମଧ୍ୟ ନିର୍ମାଣ ସରିଛି। ତୁରନ୍ତ ଏଠାରୁ ଜବରଦଖଲ ହଟାଇବାକୁ ମଞ୍ଚ ଦାବି କରିଛି, ନଚେତ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।



ଗୋଚର ଜମି ଜବରଦଖଲ କରାଯାଇ ସ୍ଥାୟୀ ନିର୍ମାଣ କରାଯାଉଛି।

# କିଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳଗତ ଚାମ୍ପିୟନ

- ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ
- କ୍ରୀଡ଼ାବିତ୍‌ମାନେ ପରିଶ୍ରମ କରିବା ସହ ସବୁ ପରିସ୍ଥିତିକୁ ସାମ୍ନା କରି ଆଗକୁ ବଢ଼ନ୍ତୁ : ଦୂତି

ଭୁବନେଶ୍ୱର, ୧୯।୨ (ଅସମାପିକା ସାହୁ)

ଉଚ୍ଚ ଶିକ୍ଷା ବିଭାଗ ଏବଂ ଓଡ଼ିଶା ଉଚ୍ଚ ଶିକ୍ଷା ପରିଷଦର ଆର୍ଥିକ ଅନୁଦାନରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଓଡ଼ିଶା ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ସୋମବାର ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହିଳା ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଓ ପୁରୁଷ ବର୍ଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳଗତ ଚାମ୍ପିୟନ ହୋଇଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳଗତ ରନର୍ସଅପ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଅଲିମ୍ପିକ କ୍ରୀଡ଼ାବିତ ଦୂତି ଚାନ୍ଦ,



କୃତୀ ପ୍ରତିଯୋଗୀଙ୍କ ସହ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଅଲିମ୍ପିକ କ୍ରୀଡ଼ାବିତ ଦୂତି ଚାନ୍ଦ ଓ ଅନ୍ୟ ଅତିଥି।

କୁଳସଚିବ ଡ. କାହ୍ନୁଚରଣ ଧୀର, କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ବିଜୟ କୁମାର ସୁନ୍ଦରାୟ ପ୍ରମୁଖ ଯୋଗଦେଇ ୧୩ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୩୦ହଜାର, ଦ୍ୱିତୀୟଙ୍କୁ ୧୫ ହଜାର ଓ ତୃତୀୟଙ୍କୁ ୧୦ହଜାର ଟଙ୍କା ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଲିମ୍ପିକ କ୍ରୀଡ଼ାବିତ ଦୂତି ଚାନ୍ଦ କହିଲେ, ଖେଳ ହିଁ ଜୀବନରେ ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ତେଣୁ ପାଠ ପଢ଼ିବା ସହ ଖେଳକୁ ମଧ୍ୟ ସମାନ ପରିମାଣରେ ଗୁରୁତ୍ୱ ଦେଇ ଏଥିପାଇଁ ଅଭ୍ୟାସ ଜାରି ରଖିବା ଉଚିତ। କ୍ରୀଡ଼ାବିତ ହେବା ସହଜ ନୁହେଁ, ଏଥିପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଆମେ ଯଦି ପରିଶ୍ରମ କରିବା ନିଶ୍ଚୟ ସଫଳତା ମିଳିବ। ସଫଳତା ପାଇବା ପରେ ସମସ୍ତେ ଅଭିନନ୍ଦନ ଜଣାଇବେ, କିନ୍ତୁ ଅସୁବିଧା ସମୟରେ ସହଯୋଗର ହାତ ବଢ଼ାଇବା ଦରକାର। କାରଣ କ୍ରୀଡ଼ାବିତମାନେ ଟ୍ରାକ ବାହାରେ ମଧ୍ୟ ବହୁତ ସଂଘର୍ଷ ଓ ପରିଶ୍ରମ କରନ୍ତି ବୋଲି ସେ ପ୍ରକାଶ କହିଛନ୍ତି। ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ଦୂତି କହିଛନ୍ତି, କ୍ରୀଡ଼ାବିତମାନେ ସାହସ ସହ ଧୈର୍ଯ୍ୟ ରଖିବା ଦରକାର। ଭାଙ୍ଗି ପଡ଼ିଲେ ସବୁବେଳେ ପଛକୁ ଫେରିବାକୁ ପଡ଼ିବ। ସାହାସର ସହ ଆଗକୁ ଗଲେ ସଫଳ ନିଶ୍ଚୟ ହେବ। ହାରିଲା ପରେ ଅନେକ ଲୋକ ବିଭିନ୍ନ ମନ୍ତବ୍ୟ ଦେବେ, ଯାହା ସହ୍ୟ କରି ହେବ ନାହିଁ, କିନ୍ତୁ ତାହାକୁ ସାମ୍ନା କରି ଆଗକୁ ବଢ଼ିଲେ ସଫଳତା ନିଶ୍ଚୟ ପାଇବ ବୋଲି ଦୂତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟରେ ୫ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୨୦ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ମା' ଚର୍ଚ୍ଚିକାଙ୍କ ପୀଠରେ ୩ ରଥ ନିର୍ମାଣ ପାଇଁ ନିଷ୍ପତ୍ତି

ବାଙ୍କୀ,୧୯।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ଆସନ୍ତା ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାରନ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୀଠ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆସନ୍ତା ରଥଯାତ୍ରାରେ ୩ ରଥ ନିର୍ମାଣ କରାଯାଇ ସେଥିରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କୁ ବିଜେ କରାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଏବେ ଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସ୍ଥିର କରାଯାଇଛି। ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସମ୍ପାଦକ ଯୁଗଳକିଶୋର ଭୂତ ଆସନ୍ତା ରଥଯାତ୍ରା ପରିଚାଳନା ନିମନ୍ତେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ରଣା, ଉପସଭାପତି ବୃନ୍ଦାବନ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆସନ୍ତା ରଥଯାତ୍ରାକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବୈଠକରେ ଗତବର୍ଷର ଆୟବ୍ୟୟ ଉପସ୍ଥାପନା କରାଯିବା ପରେ ସଭ୍ୟମାନେ ଅନୁମୋଦନ କରିଥିଲେ। ଏଥିରେ ପ୍ରଶାନ୍ତ ମହାପାତ୍ର, ମନ୍ମଥ ମିଶ୍ର, ପ୍ରଦୀପ ପୃଷ୍ଟି, ପ୍ରହ୍ଲାଦ ପୃଷ୍ଟି, ଶଶାଙ୍କ ଶେଖର ସ୍ୱାଇଁ, ଋଷି ରଣା, ପୂଜାରୀ ଗନ୍ଧର୍ବ ପଣ୍ଡା, ବୃନ୍ଦାବନ ପ୍ରଧାନ, କାଶିନାଥ ସେଠୀ, ବଳଭଦ୍ର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ, ଶଶିଭୂଷଣ ଦାସଙ୍କ ସ୍ମୃତିସଭା

କଟକ,୧୯।୨(ଶିଳ୍ପା ପ୍ରିୟଦର୍ଶିନୀ)

ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ ଓ ଶଶିଭୂଷଣ ଦାସଙ୍କ ସ୍ମୃତିସଭା କଟକସ୍ଥିତ ସ୍ୱରାଜ ଆଶ୍ରମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମତା ମଞ୍ଚ ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଏମ୍‌ସି ମେୟର ସୁବାସ ସିଂ, ଡ. ହେମେନ୍ଦ୍ର ନାରାୟଣ ଦାସ, ଡ. ଜ୍ଞାନଦେବ ମହାରଣା, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ମନୋରଞ୍ଜନ ମହାନ୍ତି, ଗାନ୍ଧୀ ବିଚାର ପ୍ରବକ୍ତା ପ୍ରହ୍ଲାଦ ସିଂହ, ଇସ୍‌କଫ ସାଧାରଣ ସମ୍ପାଦକ ବିଶ୍ୱାବସୁ ବିଜୟ କୁମାର ପଢିହାରୀ, ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ, ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡ. ବିଶ୍ୱଜିତ୍, ସାମାଜିକ କର୍ମୀ ଅକ୍ଷୟ ଦାସ, ଡ. ରବି ରଞ୍ଜନ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉଭୟ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଆଜୀବନ ସ୍ମରଣୀୟ ହୋଇରହିବ। ଗୌରାଙ୍ଗ ଚରଣ ଦାସ ଗାନ୍ଧୀଙ୍କ ଆହ୍ୱାନରେ ଅଗ୍ରଣୀ ସୈନିକ ଭାବେ ଲବଣ ସତ୍ୟାଗ୍ରହ ଓ ଭାରତ ଛାଡ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଛନ୍ତି। ଗଡ଼ଜାତ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ନିର୍ଯାତନାର ଶିକାର ହୋଇଛନ୍ତି। ସମାଜବାଦୀ ଆନ୍ଦୋଳନ, କୃଷକ ଆନ୍ଦୋଳନର ପ୍ରମୁଖ ନେତା ଭାବେ ଚାଷୀ ମୂଲିଆଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଛନ୍ତି। ସ୍ୱାଧୀନତା ସଂଗ୍ରାମର ମୂଲ୍ୟବୋଧକୁ ବଜାୟ ରଖିଲେ ତାହା ହିଁ ଗୌରାଙ୍ଗ ଓ ଶଶିଭୂଷଣଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ଇନ୍ଦୁମତୀ ସାହୁ, ମାଳତୀ ପାତ୍ର ଗାନ୍ଧୀ ଭଜନ ଗାନ କରିଥିଲେ।

# ମୁଗ, ବିରି ବିହନ ବଣ୍ଟନରେ ଅନିୟମିତତା ଆଶଙ୍କା

ନିଶ୍ଚିନ୍ତକୋଇଲି,୧୯।୨
(ଅଶୋକ କୁମାର ମହାପାତ୍ର)

- ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ବିହନ ଯୋଗାଣ ହୋଇଥିଲା
- ପ୍ରତି ପଞ୍ଚାୟତରେ ହାରାହାରି ୫୦ ହେକ୍ଟର ଚାଷ ପାଇଁ ବ୍ୟବସ୍ଥା
- ବିଭାଗୀୟ ତଦନ୍ତ ଦାବି

ସରକାର କୃଷି ଓ କୃଷକର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକାର କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିନିମନ୍ତେ ସରକାର ଚାଷୀଙ୍କୁ ମାଗଣାରେ ସାର, ବିହନ, କୀଟନାଶକ ଆଦି ଯୋଗାଇ ଦେଉଥିବାବେଳେ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ପ୍ରଦାନ କରୁଛନ୍ତି। ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ମାତ୍ର ନିଶ୍ଚିନ୍ତକୋଇଲି କୃଷି ବିଭାଗ କାର୍ଯ୍ୟାଳୟର କେତେଜଣ ଅସାଧୁ କର୍ମଚାରୀ ଓ ପଞ୍ଚାୟତସ୍ତରୀୟ ନେତାଙ୍କ ଯୋଗୁ ସରକାରଙ୍କ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ପଞ୍ଚାୟତରେ ଏହାର ଉଦାହରଣ ଦେଖିବାକୁ ମିଳିଛି।

ସରକାରଙ୍କ ତରଫରୁ ଏହି ପଞ୍ଚାୟତର ହଳଧରପୁର ଓ ସୁକରପଡା ଗ୍ରାମର ଚାଷୀଙ୍କ ମଧ୍ୟରେ ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମୁଗ, ବିରି, ବିହନକୁ ବଣ୍ଟନ କରିବାକୁ ଯୋଗାଇଦିଆଯାଇଥିଲା। ସ୍ଥାନୀୟ କୃଷକ ସାଥିଙ୍କ ଜରିଆରେ ଏହି ବିହନ ବଣ୍ଟାଯିବାର ନିୟମ ରହିଛି। କିନ୍ତୁ ସ୍ଥାନୀୟ ଅଞ୍ଚଳର ମୁନଫାଖୋର ପଞ୍ଚାୟତସ୍ତରୀୟ ନେତା ଓ କୃଷିବିଭାଗର କେତେଜଣ କର୍ମଚାରୀ ଏହି ବିହନକୁ ନାମକୁ ମାତ୍ର ଚାଷୀଙ୍କୁ ବଣ୍ଟନ କରି ଅବଶିଷ୍ଟ ଚଳୁ କରିଦେବା ନିମନ୍ତେ ମସୁଧା କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ଲକର ୧୭ ପଞ୍ଚାୟତରେ ୧୮୦ କୁଇଣ୍ଟାଲ ମୁଗ ଓ ବିରି ଯୋଗାଇ ଦିଆଯାଇଛି। ପ୍ରତି ପଞ୍ଚାୟତରେ ହାରାହାରି ୫୦ ହେକ୍ଟର ଚାଷ ପାଇଁ ଚାଷୀ ଚୟନ କରାଯାଇ ବିହନ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ନିଶ୍ଚିନ୍ତକୋଇଲି କୃଷି ବିଭାଗ ତରଫରୁ ବହୁ ଦିନ ହେବ ଏହି ବିହନ ଯୋଗାଇ ଦିଆଯାଇଥିଲା ମଧ୍ୟ ତାହା ଏପର୍ଯ୍ୟନ୍ତ ବଣ୍ଟନ କରା ନ ଯାଇ କେଉଁଠାରେ ରଖାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ସୁରେନ୍ଦ୍ରନାଥ ଘୋଡା କୁହନ୍ତି, ସରକାର ଏକ ଏନ୍‌ଜିଓ ମାଧ୍ୟମରେ ମୁଗ, ବିରି ଓ ବିହନ ବଣ୍ଟନ କରୁଛନ୍ତି। ସରପଞ୍ଚଙ୍କ ସହାୟତାରେ ଏହି ବିହନ ବଣ୍ଟନ କରାଯାଉଛି। ତେବେ ଅନିୟମିତତା ନେଇ କୌଣସି ଅଭିଯୋଗ ଆସିନାହିଁ। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ତଥ୍ୟର ପର୍ଦ୍ଦାଫାଶ ହେବା ସହ ଚାଷୀମାନେ ଏହି ବିହନ ପାଇପାରନ୍ତେ ବୋଲି ସିପିଆଇ ନେତା ତ୍ରୈଲୋକ୍ୟ ନାଥ ଦାବି କରିଛନ୍ତି।

# ଶୀତକାଳୀନ ଶିବିର ଉଦ୍‌ଘାଟିତ



ଶୀତକାଳୀନ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୯।୨(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ୭ ଦିନିଆ ସ୍ୱତନ୍ତ୍ର ଶୀତକାଳୀନ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଗାୟତ୍ରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କମଳା ନେହେରୁ ମହିଳା ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗର ପ୍ରାଧ୍ୟାପକ ତଥା ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ. ସୁଶାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇ ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ, ଛାତ୍ର ଜୀବନ ଗଠନରେ ଏହାର ଭୂମିକା, ସମାଜ ଗଠନରେ ସ୍ୱେଚ୍ଛାସେବୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ ସଦସ୍ୟା ସରସ୍ୱତୀ ମାଝୀ ଅତିଥି ପରିଚୟ ଓ ସ୍ୱେଚ୍ଛାସେବୀ ଜୟଶ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସଦସ୍ୟା ଡ. ସମ୍ପୂର୍ଣ୍ଣା ପଟେଲ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦ ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

# ସିଏମ୍‌ସିର ଅଭିଯୋଗ ସମାଧାନ ସଭା

କଟକ,୧୯।୨ (କାର୍ତ୍ତିକ ସାହୁ)


ଅଭିଯୋଗ ସମାଧାନ ସଭାରେ ସିଏମ୍‌ସି କମିଶନରଙ୍କ ସମେତ ଅନ୍ୟମାନେ।

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସ୍ଥାନୀୟ ବିକାଶ ଭବନ କାର୍ଯ୍ୟାଳୟରେ ଅଭିଯୋଗ ସମାଧାନ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲୋକଙ୍କ ପକ୍ଷରୁ ଆଗତ ମୋଟ୍ ୨୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରେ ସିଟି ଇଞ୍ଜିନିୟରିଂ ବିଭାଗର ୧୦, ଏନ୍‌ଫୋର୍ସମେଣ୍ଟ ୩, ସ୍ୱାସ୍ଥ୍ୟ ସମ୍ପର୍କିତ ଗୋଟିଏ, ପରିମଳ ସମ୍ପର୍କିତ ଗୋଟିଏ, ବସ୍ତି ଉନ୍ନୟନ ସମ୍ପର୍କିତ ୩, ଲାଇସେନ୍ସ ଉପରେ ୩, ଜମିଜମା ସଂକ୍ରାନ୍ତୀୟ ଗୋଟିଏ, ଏଷ୍ଟାବ୍ଲିଶମେଣ୍ଟ ୫, ଯୁଗ୍ମ କମିଶନରଙ୍କ ଗୋଟିଏ ଓ ସିଡିଏ ସେକ୍ରେଟାରୀଙ୍କର ଗୋଟିଏ ଅଭିଯୋଗର ସମାଧାନ କରାଯାଇଥିଲା ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଭାରେ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନା ଟୁଡୁ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ଯୁଗ୍ମ କମିଶନର ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଡେପୁଟି କମିଶନର ଶ୍ୱେତ ସ୍ନିଗ୍ଧା, ଡେପୁଟି କମିଶନର ସୁକାନ୍ତ କୁମାର ବେଉରା, ଡେପୁଟି କମିଶନର (ପରିମଳ) ସୁବ୍ରତ ବେହେରା, ସହକାରୀ କମିଶନର ତ୍ରିନାଥ ବେହେରା ଓ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଗୁରୁ-ଶିଷ୍ୟ ପରମ୍ପରା ଅତୁଟ

ରଘୁନାଥପୁର,୧୯।୨(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେତୁଆ ବୃନ୍ଦାବନ ଚନ୍ଦ୍ର ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସ୍ୱର୍ଗତ ବୃନ୍ଦାବନ ସ୍ୱାଇଁଙ୍କ ୮୯ ତମ ଜୟନ୍ତୀରେ ଏକ ସ୍ମରଣିକା 'ବୃନ୍ଦାବନ ବୃନ୍ଦାବନ' ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ରଘୁନାଥଜୀଉ ପୀଠରେ ଏହି ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ପକ୍ଷରୁ ଏନେଇ ସଭା ଆୟୋଜନ କରାଯାଇଥିଲା।ଏଥିରେ ପୁରାତନ ଛାତ୍ର ତଥା ରାଜ୍ୟପାଳ ପୁରସ୍କାର ପୂର୍ବତନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ ଡ.ପିତାମ୍ବର ରାଉତ ମୁଖ୍ୟ ଅତିଥି ଓ ସାହିତ୍ୟିକ. ଡ ସୁରେନ୍ଦ୍ରନାଥ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବର୍ତ୍ତନଶୀଳ ସମାଜରେ ଗୁରୁ-ଶିଷ୍ୟର ପରମ୍ପରା ଅତୁଟ ବୋଲି କହିଥିଲେ। ଏହି ଅବସରରେ ସେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ଅନ୍ୟତମ ଅତିଥି ଭାବେ ନିଜର ବକ୍ତବ୍ୟ ରଖିଥିଲେ। ଏହାପରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ସୁଭାସଚନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଭଗବାନ ବିଶ୍ୱାଳ ଅତିଥି ପରିଚୟ ଓ ଶିକ୍ଷାବିତ୍ ସୁଶ୍ରୀ ଗୀତା ରଥ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଣକୃଷ୍ଣ ନାୟକ, ନଗେନ୍ଦ୍ର ପ୍ରସାଦ ସ୍ୱାଇଁ, ନିରଞ୍ଜନ ପାତ୍ର, ରଘୁନାଥ ସ୍ୱାଇଁ, ବିଜନ ମହାପାତ୍ର, ସୁରେନ୍ଦ୍ରନାଥ ସାହୁ, ବିଶ୍ୱନାଥ ବାରିକ,ଦିଲୀପ କୁମାର ରଥ, ରମେଶ ଚନ୍ଦ୍ର ସେଠୀ, ଉପେନ୍ଦ୍ରନାଥ ରଥ, ମହେନ୍ଦ୍ରନାଥ ସ୍ୱାଇଁ,ବିରେନ୍ଦ୍ର ସ୍ୱାଇଁ,ସୀତାଂଶୁ ଆଚାର୍ଯ୍ୟ, ରବିନାରାୟଣ ରଥଙ୍କ ସହ ବହୁ ପୁରାତନ ଛାତ୍ର ଉପସ୍ଥିତ ରହି ପ୍ରିୟ ବୃନ୍ଦାବନ ସାରଙ୍କ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ବ୍ରଜକିଶୋର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ହାଇୱା ଧକ୍କାରେ ଭାଉଜ ମୃତ, ଦିଅର ଆହତ

ଟିଗିରିଆ,୧୯।୨(ଜାଫର ଖାଁ)

ଟିଗିରିଆ ଥାନା ପାଞ୍ଚଗାଁଠାରେ ସୋମବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ହାଇୱା ଧକ୍କାରେ ଭାଉଜଙ୍କ ମୃତ୍ୟୁ ଘଟିଥିବାବେଳେ ଦିଅର ଆହତ ହୋଇଛନ୍ତି। ଖବର ଅନୁଯାୟୀ, ବଡ଼ମ୍ବା ଥାନା ନୂଆ ମଙ୍ଗରାଜପୁର ଗ୍ରାମର କାହ୍ନୁଚରଣ ସାହୁ ବାଇକରେ ଭାଉଜ ଉର୍ମିଳା ସାହୁ (୩୩ )ଙ୍କୁ ନେଇ କଟକ ଯାଉଥିଲେ। ଟିଗିରିଆ ଥାନା ପାଞ୍ଚଗାଁଠାରେ ଭାରସାମ୍ୟ ହରାଇ ଉର୍ମିଳା ତଳେ ପଡ଼ିଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ହାଇୱା ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଉର୍ମିଳାଙ୍କ ମୃତ୍ୟୁ ଘଟିଛି। ଖବରପାଇ ଟିଗିରିଆ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ଆଠଗଡ ଉପଖଣ୍ଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ହାଇୱା ଚାଳକଙ୍କୁ ଥାନାରେ ଅଟରଖି ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ତାଙ୍କ ଙ୍କ ସ୍ୱାମୀ ସର୍ବେଶ୍ୱର ସାହୁଙ୍କ ଅଭିଯୋଗ ଆଧାରରେ ମାମଲା (ନଂ. ୪୭/୨୪) ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରକାଶ କରିଛନ୍ତି।

# ୧୫ ପରୀକ୍ଷା କେନ୍ଦ୍ରରେ ୨୪୭୨ ପରୀକ୍ଷାର୍ଥୀ

ନିଶ୍ଚିନ୍ତକୋଇଲି,୧୯।୨
(ଅଶୋକ କୁମାର ମହାପାତ୍ର)

**ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ଶେଷ**

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ ମଙ୍ଗଳବାର ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏଠାରେ ୧୫ଟି ପରୀକ୍ଷାକେନ୍ଦ୍ରରେ ୨୪୭୨ଜଣ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଚଳିତଥର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷାରେ ସ୍ୱଚ୍ଛତା ପାଇଁ ସକାଳ ୭ଟା ୩୦ରେ ପିଲାମାନେ ପରୀକ୍ଷାକେନ୍ଦ୍ରରେ ପ୍ରବେଶ କରିବେ ଓ ୮ଟା ୪୫ରେ ପିଲାମାନଙ୍କୁ ଉତ୍ତର ଖାତା ଦିଆଯିବ। ୯ଟାରେ ପିଲାଙ୍କୁ ପ୍ରଶ୍ନପତ୍ର ଦିଆଯିବ। ଏହାପରେ ସେମାନେ ଉତ୍ତର ଲେଖିବା ଆରମ୍ଭ କରିବେ ବୋଲି ନିର୍ଦ୍ଦେଶନାମା ରହିଛି। ପ୍ରଶ୍ନପତ୍ର ପ୍ରଘଟ ଉପରେ ରୋକ୍ ଲଗାଇବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। ଏଥିସହ ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଚଳିତବର୍ଷ ନିୟମିତ(ରେଗୁଲାର)ଙ୍କ ପାଇଁ ୧୫ଟି କେନ୍ଦ୍ର ଏବଂ ଓପନ ସ୍କୁଲ ପରୀକ୍ଷାର୍ଥୀଙ୍କଲାଗି ଗୋଟିଏ କେନ୍ଦ୍ର କରାଯାଇଛି। ନିଶ୍ଚିନ୍ତକୋଇଲି ଅହମ୍ମଦବକ୍ସ ସରକାରୀ ଉଚ୍ଚବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏଠାରୁ ସମସ୍ତ ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ଓ ଉତ୍ତରଖାତା ପ୍ରେରଣ କରାଯିବ। କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୮ ଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି। ପୂର୍ବାହ୍ନ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଗଣିତ ବିଷୟରେ ୧୫ ମିନିଟ ଅଧିକ ସମୟ ଦିଆଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ ପରୀକ୍ଷାକେନ୍ଦ୍ର ସିସିଟିଭି ସ୍କାନରେ ଥିବାବେଳେ କପି ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅହମ୍ମଦ ବକ୍ସ କେନ୍ଦ୍ରରେ ୧୯୭ ଜଣ, ନରୁଆ ମଙ୍ଗଳପୁର କେନ୍ଦ୍ରରେ ୧୫୨, ଜଗନ୍ନାଥ ବିଦ୍ୟାପୀଠରେ ୧୭୬, କେନ୍ଦୁପାଟଣାରେ ୧୬୪, ଅସୁରେଶ୍ୱରରେ ୧୩୯, ରାମକୃଷ୍ଣପୁର-ଓସ୍ତପୁରରେ ୧୭୦, ଜୁବୁଲି ବିଦ୍ୟାପୀଠ ବନ୍ଧକାଟିଆରେ ସର୍ବାଧିକ ୨୩୬, ବାପୁଜୀ ସ୍ମାରକୀ ଉତ୍ତରକୂଳ କେନ୍ଦ୍ରରେ ୧୬୭, ଖଣ୍ଡାୟତ ପଟିକିରାରେ ୧୯୧, କୁଳସୁକରପଡ଼ାରେ ୧୦୩, ବଳରାମପୁର ନୋଡାଲରେ ୧୫୧, ଚିତ୍ରୋତ୍ପଳା ନୋଡାଲରେ ୧୨୩, ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ୧୭୬, କଳିଙ୍ଗ ମଡେଲ ଉଚ୍ଚ ବିଦ୍ୟାଳୟରେ ୨୧୭ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା ଥିବାବେଳେ କାଶୀପୁର ମୁକ୍ତେଶ୍ୱର ନୋଡାଲ ବିଦ୍ୟାଳୟରେ ଓପନ ସ୍କୁଲ କେନ୍ଦ୍ରରେ ୯୮ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ତେବେ ପରୀକ୍ଷା ସମୟରେ କପି ରୋକିବା ପାଇଁ ସାମୂହିକ ଚେକିଂ ସହ ବ୍ଲକସ୍ତରରେ ଅବଜରଭର ଓ ସ୍କ୍ୱାଡ୍‌ବ୍ୟବସ୍ଥା କରାଯାଇଥିବା ବ୍ଲକ ଶିକ୍ଷା ଅଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ସୂଚନା ଦେଇଛନ୍ତି।

# ଅଗ୍ନିକ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର,୧୯।୨(ସତ୍ୟଜିତ୍ ରାଉତ):

**ଦାବି ପୂରଣ ପାଇଁ ପରିବାର ସହ ବେଳାଏ ଉପବାସ ରହିଥିଲେ**

ରାଜ୍ୟର ୫ ହଜାର ଅଗ୍ନିକ କର୍ମଚାରୀ ଦୁଇଦଫା ଦାବି ନେଇ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଏନେଇ ସୋମବାର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଗୁଲନ ଭାଇ ସେବା ସଦନଠାରେ ଓଡ଼ିଶା ଅଗ୍ନିକ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯିବା ସହ ସରକାରଙ୍କୁ ଚେତାବନୀ ଦିଆଯାଇଛି। ସଂଘର ଦୁଇଟି ଦାବି ମଧ୍ୟରୁ ପ୍ରଥମ ହେଲା ଅଗ୍ନିଶମ ସେବା ସଂସ୍ଥାର ଅଗ୍ନିକ, ଅଗ୍ନିକ ଗାଡିଚାଳକ ଓ ହାବିଲଦାର (ମୁଖ୍ୟ ଅଗ୍ନିକ, ଡ୍ରାଇଭର ହାବିଲଦାର)ଙ୍କୁ ପୂର୍ବପରି ଓଡ଼ିଶା ପୋଲିସ ସିପାହି ଓ ହାବିଲଦାରଙ୍କ ଦରମା ଏବଂ ଭତ୍ତା ସହ ସମାନ କରିବା। ଦ୍ୱିତୀୟ ଦାବି ହେଲା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ କରିବା। ସଂଘ ପକ୍ଷରୁ କୁହାଯାଇଛି ଯେ, ଦୁଇ ଦାବି ପୂରଣ ପାଇଁ କର୍ମଚାରୀମାନେ ଡିସେମ୍ବର ୧୧ରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ ସମ୍ପାଦନା କରିଥିଲେ। ଜାନୁଆରୀ ୨୨ରୁ କର୍ମଚାରୀମାନେ ପରିବାର ସହ ବେଳାଏ ଉପବାସ ରହି ସରକାରୀ କାର୍ଯ୍ୟ କରିଥିଲେ। ହେଲେ ଦାବି ପୂରଣ ନେଇ ପ୍ରଶାସନିକସ୍ତର କିମ୍ବା ସରକାରୀସ୍ତରରୁ ଆଶ୍ୱାସନା ମିଳିଲା ନାହିଁ। ତେଣୁ କର୍ମଚାରୀମାନେ କୌଣସି ସରକାରୀ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଖବରଦାତା ସମ୍ମିଳନୀରେ ମୁଖ୍ୟ ଅଗ୍ନିକ ଅକ୍ଷୟ ପ୍ରଧାନ, ଜୟ ପ୍ରକାଶ ସେଠୀ, ନୀଳମାଧବ ସୁବୁଦ୍ଧି ଏବଂ ଶତାଧିକ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ।

# ଗଙ୍ଗାଧର ସ୍ମାରକୀ କ୍ରିକେଟ୍ : ସେମିରେ ବାଙ୍କୀ

ଟିଗିରିଆ,୧୯।୨(ଜାଫର ଖାଁ)


ସାଗର ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଉଛି।

ଟିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡାସ୍ଥିତ ଖେଳପଡିଆରେ ଲିଟିଲ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ପ୍ରଥମ ଗଙ୍ଗାଧର ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ମ୍ବା କ୍ରିକେଟ କ୍ଲବକୁ ୫୨ ରନରେ ପରାସ୍ତ କରି ବାଙ୍କୀ କ୍ରିକେଟ ଆସୋସିଏଶନ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବାଙ୍କୀ ଦଳ ପ୍ରଥମେ ୨୦ ଓଭରରେ ୭ ଉଇକେଟ୍ ହରାଇ ୩୦୭ ରନ କରିଥିଲେ। ବାଙ୍କୀ ଦଳର ସାଗର ବେହେରା ୪୫ ବଲରେ ସର୍ବାଧିକ ୧୦୫ ରନ କରିଥିଲେ। ବୋଲିଂରେ ବଡ଼ମ୍ବାର ମୁନା ପୁହାଣ ୪ ଓଭର ବୋଲିଂ କରି ୩ ଉଇକେଟ୍ ନେଇଥିଲେ। ଜବାବ୍‌ରେ ବଡ଼ମ୍ବା ଦଳ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୨୫୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ତରଫରୁ ମୁନା ପୁହାଣ ୩୨ ବଲରେ ସର୍ବାଧିକ ୯୧ ରନ କରିଥିଲେ। ବୋଲିଂରେ ବାଙ୍କୀ ଦଳର ସାଗର ବେହେରା ୪ ଓଭର ବୋଲିଂ କରି ୪ ଉଇକେଟ୍ ନେଇଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରି ବାଙ୍କୀ ଦଳର ସାଗର ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ସୁବାସ ଚନ୍ଦ୍ର ରଣା ତାଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ସଲିପ ସାମନ୍ତରାୟ ଓ ଦୁର୍ଯ୍ୟୋଧନ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଜାକୋବିନ ଚୌଦ୍ୱାର ଓ ସ୍ମାଇଲ କ୍ରିକେଟ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ।

# ଭାଜପାର ଗାଁକୁ ଚାଲ ଅଭିଯାନ

ଆଠଗଡ଼,୧୯।୨(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଭାଜପା ତରଫରୁ ୧ନଂ. ଜୋନ ସମସରପୁର ମଣ୍ଡଳ ଅନ୍ତର୍ଗତ ଯୋରନ୍ଦା ପଞ୍ଚାୟତରେ ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀମାନେ ଯୋରନ୍ଦା ପଞ୍ଚାୟତର ପ୍ରତି ଗାଁ ଓ ଘର ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷର ଶାସନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଆଠଗଡ଼ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାୟ ଏହାର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସମସରପୁର ମଣ୍ଡଳର ସଭାପତି ତପନ ଲେଙ୍କା, ଜିଲା ଉପସଭାପତି ବିଚିତ୍ରାନନ୍ଦ ଜେନା, କଟକ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ଜିଲା ସମ୍ପାଦିକା ହେମମଞ୍ଜରୀ ଭଞ୍ଜଦେଓ, ବିଧାନସଭା ସଂଯୋଜକ ବିକ୍ରମ ଦାସ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିବେକ ବେଉରା, ମିଥୁନ ମଲ୍ଲିକ, ସମୀର କିଶୋରୀ ପ୍ରଧାନ, ଶଶିଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ


ଧାରଣାରେ ଯୋଗଦେଇଥିବା କର୍ମଚାରୀମାନେ।

ବଡ଼ମ୍ବା,୧୯।୨(ମାୟାଧର ମଲ୍ଲିକ)

ବିଭିନ୍ନ ଦାବି ନେଇ ବଡ଼ମ୍ବା ତହସିଲରେ କାର୍ଯ୍ୟରତ ରାଜସ୍ୱ କ୍ଷେତ୍ର କର୍ମଚାରୀମାନେ ସୋମବାର କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ସେମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ସେମାନେ କହିଛନ୍ତି। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ଓଡିଆରଏସ୍ ନିୟମ ୧୯୮୩ର ସଂଶୋଧନ ମାଧ୍ୟମରେ କ୍ୟାଡର ପୁନର୍ଗଠନ କରିବା, ଓଏଏସ୍‌ରେ ପଦୋନ୍ନତି ପାଇଁ ୨୫ ପ୍ରତିଶତ ସଂରକ୍ଷିତ ରଖାଯିବା, ରାଜସ୍ୱ ସୁପରଭାଇଜର ପଦର ନାମକରଣ ଅତିରିକ୍ତ ତହସିଲଦାର ପଦକୁ ପରିବର୍ତ୍ତନ କରାଯିବା,୧।୧।୨୦୦୬ରୁ ଆରଆଇ, ଏଆରଆଇ, ଓଆର୍‌ଏସ୍ ବେତନ ବର୍ଦ୍ଧିତ ସ୍କେଲ ଧାର୍ଯ୍ୟ ସମେତ କାର୍ଯ୍ୟ ସୂଚୀରେ ଆବଶ୍ୟକ ପରିବର୍ତ୍ତନ ପରେ କୃଷି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ଉକ୍ତ ବିଭାଗକୁ ସ୍ଥାନାନ୍ତର ଆଦି ଅନ୍ତର୍ଭୁକ୍ତ। ଏହି ଆନ୍ଦୋଳନରେ ଆରଆଇ ଅହିଭୂଷଣ ସାହୁ, ସୁକାନ୍ତ କୁମାର ସେଠୀ, ଇତିସ୍ମିତା ପ୍ରଧାନ, ମନୋଜ କୁମାର ସାହୁ, ସରୋଜ କୁମାର ପାତ୍ର, ସଞ୍ଜୟ କୁମାର ବେହେରା (ଜିଲ୍ଲା ଉପ ସଭାପତି), ରାକେଶ ପଟ୍ଟନାୟକ (କୋଷାଧ୍ୟକ୍ଷ), ବିଶ୍ୱନାଥ ଦେହୁରୀ, ସୌମ୍ୟରଞ୍ଜନ ସାହୁ, ଆରଏସ୍ ସ୍ୱାଗତିକା ପ୍ରିୟଦର୍ଶିନୀ, ଏଆରଆଇ ଉମେଶ ଚନ୍ଦ୍ର ସାହୁ (ସମ୍ପାଦକ) ଓ ଅନୁରାଧା ସାହୁ ପ୍ରମୁଖ ସାମିଲ ହୋଇଛନ୍ତି।

# କାର୍ଯ୍ୟକାରୀ ହେଉନି ମାଗଣା ମହାପ୍ରସାଦ ବଣ୍ଟନ ବ୍ୟବସ୍ଥା

ପୁରୀ, ୧୯।୨ (ଅଜିତ୍ ମହାନ୍ତି)

ଅନେକ ବାଦ ବିବାଦ ପରେ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି କ୍ରମେ ଅର୍ପଣ ରଥରେ ସଂଗୃହୀତ ହୋଇଥିବା ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ ସୁଆର ମହାସୁଆର ସେବକମାନେ ଉକ୍ତ ଚାଉଳରୁ କାନିକା ଓ ଖେଚୁଡ଼ି ପ୍ରସ୍ତୁତ କରି ଭକ୍ତଙ୍କୁ ବିତରଣ କରୁଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ମାଗଣାରେ ମହାପ୍ରସାଦ ପାଇ ଅତ୍ୟନ୍ତ ଖୁସି ହେଉଛନ୍ତି। ତେବେ ଅର୍ପଣ ଚାଉଳ ସରିଯିବା ପରେ ମାଗଣା ମହାପ୍ରସାଦ ବଣ୍ଟନ ବନ୍ଦ ହୋଇଯାଇପାରେ। ପୂର୍ବରୁ ବିଭିନ୍ନ ମଠରେ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ପ୍ରଦାନ କରାଯାଉଥିଲା। ଯାହା ବର୍ତ୍ତମାନ ବନ୍ଦ ହୋଇଯାଇଛି। ଫଳରେ ଭକ୍ତମାନେ ଅନେକ ସମୟରେ ଅର୍ଥାଭାବରୁ ମହାପ୍ରସାଦ ପାଇବାରୁ ବଞ୍ଚିତ ହେଉଛନ୍ତି। ଭକ୍ତମାନେ ଯେପରି ମାଗଣାରେ ମହାପ୍ରସାଦ ପାଇପାରିବେ ସେଥିପାଇଁ ୨୦୧୮-୧୯ରେ ଶ୍ରୀମନ୍ଦିର ବଜେଟରେ ଦେଢ଼ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ତେବେ ଶ୍ରୀମନ୍ଦିର ପ୍ରଶାସନ ଆନ୍ତରିକତା ଅଭାବରୁ ଏପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିପାରିନାହିଁ। ଫଳରେ ଭକ୍ତମାନେ ମାଗଣା ମହାପ୍ରସାଦ ପାଇପାରୁନାହାନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। କାହା ସ୍ୱାର୍ଥରେ ଜାଣିଶୁଣି ଏହି ବ୍ୟବସ୍ଥାକୁ ଅଣଦେଖା କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଆଗରୁ ଭକ୍ତଙ୍କ ହାତରେ କାଣିଚାଏ ମହାପ୍ରସାଦ ଦିଆଯାଉ ଥିବାବେଳେ ୨୦୧୯ରେ ଖଲିଦନାରେ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ତେଣୁ ଖଲିଦନା କିଣାଯାଇଥିଲା। ଭକ୍ତଙ୍କୁ ମାଗଣା ମହାପ୍ରସାଦ ଯୋଗାଇଦେବା ପାଇଁ କିଛିବର୍ଷ ତଳେ ବାଲେଶ୍ୱର ଜିଲାର ଜଣେ ଶିକ୍ଷାବିତ ୨୦ ଲକ୍ଷ ଟଙ୍କା ଦାନ ଦେଇଥିଲେ। ଏହି ଅର୍ଥରାଶିକୁ ବ୍ୟାଙ୍କରେ ଡିପୋଜିଟ କରାଯାଇ ତା'ର ସୁଧ ଅର୍ଥରେ ମହାପ୍ରସାଦ ଦେବା ପାଇଁ ସେ ନିବେଦନ କରିଥିଲେ। ତେବେ ଅଦ୍ୟାବଧି ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଆନ୍ତରିକତା ଦେଖାଉନାହିଁ। ସେହିପରି କିଛି ବର୍ଷ ପୂର୍ବେ ଶ୍ରୀମନ୍ଦିରରେ ମାଗଣା ମହାପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ତରଫରୁ ଦୁଇଟି ବଡ଼ ଆଟିକାରେ ମହାପ୍ରସାଦ ବାଇଶ ପାହାଚ ନିକଟରେ ବଣ୍ଟନ କରାଯାଉଥିଲା। କିନ୍ତୁ ସମୟକ୍ରମେ ତାହା ବନ୍ଦ ହୋଇଯାଇଛି। ତାହାକୁ ପୁନର୍ବାର ଆରମ୍ଭ କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏନେଇ ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ବିଭିନ୍ନ ଧର୍ମପୀଠ ଓ ମନ୍ଦିରରେ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟାଯାଉଛି। ଚାରିଧାମ ମଧ୍ୟରୁ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମ ହେଉଛି ମହାପ୍ରଭୁଙ୍କ ଭୋଜନ କ୍ଷେତ୍ର ଭାବେ ବିବେଚିତ। ପିଲାବେଳେ ଦେଖିବାକୁ ପାଇଥିଲି, ବିଭିନ୍ନ ମଠରେ ଭକ୍ତଙ୍କୁ ମହାପ୍ରସାଦ ବିତରଣ କରାଯାଉଥିଲା। ମାତ୍ର କିଛି ବର୍ଷ ଦେଖିବାକୁ ମିଳୁଛି ଯେ, ଭକ୍ତଙ୍କୁ ଆଉ ମହାପ୍ରସାଦ ବଣ୍ଟନ କରାଯାଉନାହିଁ। ତେବେ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯିବା ଉଚିତ। ଏ ନେଇ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ମହାସୁଆର ମତ ଦେଇଛନ୍ତି। ସେହିପରି ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି, ପୂର୍ବରୁ ଅନେକ ମଠରେ ଗରିବ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯାଉଥିଲା। ମାତ୍ର ତାହା ଏବେ ବନ୍ଦ ହୋଇଯାଇଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ସରକାର ଏଥିରେ ହସ୍ତକ୍ଷେପ କରି ପରମ୍ପରା ରକ୍ଷା କରିବା ଉଚିତ୍। ଏନେଇ ସେ ପ୍ରଶାସନ ସହ ଆଲୋଚନା କରିବେ ବୋଲି ଦାସ ମହାପାତ୍ର କହିଛନ୍ତି। ବର୍ଷ ସାରା ମାଗଣାରେ ମହାପ୍ରସାଦ ବଣ୍ଟନ କରାଗଲେ ଭକ୍ତମାନେ ଉପକୃତ ହୁଅନ୍ତେ ବୋଲି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ବିହାରରୁ ଆସିଥିବା ଆଶୁତୋଷ କୁମାର ମତବ୍ୟକ୍ତ କରିଛନ୍ତି। ତେବେ ମାଗଣା ମହାପ୍ରସାଦ ବଣ୍ଟନ ନିଷ୍ପତ୍ତି କେବେ କାର୍ଯ୍ୟକାରୀ ହେବ ତାହାକୁ ଭକ୍ତମାନେ ବ୍ୟଗ୍ରତାର ସହ ଚାହିଁବସିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

**ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ**
- ୫ ବର୍ଷ ହେଲା ନିଷ୍ପତ୍ତିରେ ଅଟକିଛି
- ଶ୍ରୀମନ୍ଦିର ବଜେଟରେ ବ୍ୟୟବରାଦ ହୋଇଥିଲା



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୯।୨।୨୦୨୪

| | |
|---|---|
| ୫,୧୯,୪୭୬ ଟଙ୍କା | |
| ସୁନା | ୧୨.୯୦୦ ଗ୍ରାମ୍ |
| ରୁପା | ୭୦.୬୫୦ ଗ୍ରାମ୍ |

## ନୀଳାଚଳ କୃଷକ ମହାସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପୁରୀ, ୧୯।୨ (ଅଜିତ୍ ମହାନ୍ତି)

କୃଷି ବିରୋଧି ଆଇନ ରଦ୍ଦ କରିବା ସହିତ କୃଷକଙ୍କ ନ୍ୟାର୍ଯ୍ୟ ଦାବିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରି ନୀଳାଚଳ କୃଷକ ମହାସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ଦିଆଯାଇଛି। କୃଷି ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ, ସବୁ ବର୍ଗର ଚାଷୀଙ୍କୁ ଋଣ ଛାଡ଼, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବାର୍ଷିକ ୨୦୦ ଦିନର କାର୍ଯ୍ୟ ଓ ଦୈନିକ ୬୦୦ ଟଙ୍କା ମଜୁରି ପ୍ରଦାନ, କୃଷକଙ୍କ ସ୍ୱାର୍ଥ ନିମନ୍ତେ ଆନ୍ଦୋଳନ ସମୟରେ କର୍ମକର୍ତ୍ତାଙ୍କ ବିରୋଧରେ ପଞ୍ଜୀକୃତ ହେଉଥିବା ମାମଲାଗୁଡ଼ିକୁ ପ୍ରତ୍ୟାହାର, ୬୦ବର୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମାସକୁ ୧୦ ହଜାର ଟଙ୍କା ପେନସନ, ପ୍ରତ୍ୟେକ ବ୍ଲକ୍‌ରେ ଶୀତଳ ଭଣ୍ଡାର, ଜଳସେଚନ, ଜଳ ନିଷ୍କାସନ ଓ ଜଳ ସଂରକ୍ଷଣର ସ୍ଥାୟୀ ପ୍ରତିକାର ପାଇଁ ଦୀର୍ଘ ମିଆଦି ବ୍ୟବସ୍ଥା ପ୍ରଭୃତି ଦାବି ରହିଛି। ସର୍ବଭାରତୀୟ ସ୍ତରରେ ହେଉଥିବା କୃଷକ ଆନ୍ଦୋଳନକୁ ମହାସଂଘ ସମର୍ଥନ ଜଣାଇବା ସହ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ କରାଯିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

**ସଂକ୍ଷେପରେ**

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ, ୧୯।୨ (ଅଜିତ୍ ମହାନ୍ତି):

ଶ୍ରୀମନ୍ଦିରରେ ରବିବାର ଶ୍ରୀବିଗ୍ରହମାନଙ୍କର ବଡ଼ ମହାସ୍ନାନ ହୋଇଥିବାବେଳେ ସୋମବାର ପୁଣିଥରେ ବଡ଼ ମହାସ୍ନାନ ହୋଇଛି। ସନ୍ଧ୍ୟା ଆଳତି ନୀତି ସମୟରେ ଭିତରକାଠ ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ନୀତି ସମେତ ଭକ୍ତଙ୍କ ଦର୍ଶନ ଓ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ମହାସ୍ନାନ କରାଯାଇଥିଲା। ସନ୍ଧ୍ୟା ୭ଟା ୪୫ରେ ଧୁଆଧୋଇ ହୋଇ ଚୂନପାଣି ପଡ଼ିଥିଲା। ୮ଟାରେ ସିଂହାସନ ଧୁଆ, ୮ଟା ୩୦ରେ ମହାସ୍ନାନ ପୂଜା ଆରମ୍ଭ ହୋଇ ୮ଟା ୪୦ରେ ଶେଷ ହୋଇଥିଲା। ୯ଟାରେ ମଇଲମ ହୋଇ ୯ଟା ୨୫ରେ ବେଶ କରାଯାଇଥିଲା। ରାତି ୯ଟା ୩୦ରେ ସନ୍ଧ୍ୟା ଆଳତି ସରିଥିଲା। ବଡ଼ମହାସ୍ନାନ ପରେ ଅନ୍ୟାନ୍ୟ ନୀତି ହୋଇ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା। ତେବେ ଏଥିପାଇଁ ଅନ୍ୟାନ୍ୟ ନୀତିରେ ପ୍ରାୟ ୨ଘଣ୍ଟା ବିଳମ୍ବ ଘଟିଥିଲା।

## ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ପିପିଲି, ୧୯।୨ (ଦୁର୍ଗାମାଧବ ମିଶ୍ର):

ପିପିଲି ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମୋଟ ୧୩୩ଟି ଅଭିଯୋଗ ଶୁଣିବା ସହ ଉପସ୍ଥିତ ଅଧିକାରୀଙ୍କ ସହିତ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ବିଶେଷକରି ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ, ଗାଈ ଗୁହାଳ ଯୋଜନା, ରାଶନ କାର୍ଡ ଆଦି ସମସ୍ୟା ନେଇ ଅଭିଯୋଗ ଦାଖଲ ହୋଇଥିଲା। ଏହି ଜନ ଶୁଣାଣି ଶିବିରରେ ପ୍ରକଳ୍ପ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମହାଲି, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ତହସିଲଦାର ପୁନମ ମହାପାତ୍ର, ବ୍ଲକ ବିଡିଓ ସରୋଜ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଦୁଇ ତିନିଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବା ଜିଲାପାଳ କହିଛନ୍ତି।

# ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ



'ଶବ୍ଦ' ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ନାଟକ 'କୁନୁଆଁ'ର ଏକ ଦୃଶ୍ୟ ।

ପୁରୀ, ୧୯।୨ (ଅଜିତ ମହାନ୍ତି)

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ଅନୁଷ୍ଠାନ ଆମର' ପକ୍ଷରୁ ଆୟୋଜିତ ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଓଡ଼ିଶା ମୋ ପରିବାର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଷ୍ଟାଲିନ୍ ପରିଜା, ପୁରୀ ବାର୍ ଆସୋସିଏଶନ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ସମାଜସେବୀ ରାଜେଶ କୁମାର ମିଶ୍ର ଓ ପୀତବାସ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଞ୍ଚ ନାଟକର ଆବଶ୍ୟକତା ଏବଂ ସମାଜ ଉପରେ ନାଟକର ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଭରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ୟାମପ୍ରକାଶ ସେନାପତି ଏବଂ ସମୀର ଶତପଥୀ ମଞ୍ଚ ସଞ୍ଚାଳନ କରିଥିଲେ। ଉଦ୍‌ଘାଟନୀ ଦିବସରେ ସମ୍ବଲପୁରର 'ଶବ୍ଦ' ଅନୁଷ୍ଠାନ ପକ୍ଷରୁ ବିରୂପାକ୍ଷ ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'କୁନୁଆଁ' ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ମଞ୍ଚସ୍ଥ ନାଟକର ନାଟ୍ୟକାରଙ୍କୁ ସମ୍ମାନିତ କରାଯିବା ସହ ଉପସ୍ଥାପନ ଖର୍ଚ୍ଚ ବାବଦକୁ ୭ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଦୟାନିଧି ତ୍ରିପାଠୀ, ରବିନାରାୟଣ ତ୍ରିପାଠୀ ଏବଂ ଲକ୍ଷ୍ମୀଧର ପୂଜାପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗଦେଇଛନ୍ତି। ଆସନ୍ତା ୨୮ ତାରିଖରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯିବ।

# 'ନିର୍ବାଚନରେ ଅବହେଳା ବରଦାସ୍ତ କରାଯିବ ନାହିଁ'

ପୁରୀ, ୧୯।୨ (ଅଜିତ ମହାନ୍ତି):

ଚଳିତ ନିର୍ବାଚନକୁ ଶୂନ୍ୟ ସହନଶୀଳ ଭାବେ ପରିଚାଳନା ସହ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ପୁରୀ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିଜୟ କୁମାର ଦାଶ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଗଠିତ ବିବିଧ ଟିମ୍‌ର ସଦସ୍ୟମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦାଶ ନିର୍ବାଚନକୁ ପ୍ରଭାବିତ କରୁଥିବା କୌଣସି କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଟିମ୍‌ଗୁଡ଼ିକର ଦାୟିତ୍ୱ ବୋଲି କହିଥିଲେ। ନିର୍ବାଚନ ସମୟରେ ସମସ୍ତ କର୍ମଚାରୀ ନିର୍ବାଚନ କମିଶନଙ୍କ ଅଧୀନରେ କାର୍ଯ୍ୟରତ ଥାଆନ୍ତି। ତେଣୁ ନିଷ୍ଠା ଓ କମିଶନଙ୍କ ମାର୍ଗଦର୍ଶିକା ଅନୁସାରେ ଆମେ କାର୍ଯ୍ୟ କରିବା। ମାର୍ଗଦର୍ଶିକାକୁ ଭଲ ଭାବେ ପଢ଼ିବା ଓ ପରସ୍ପର ଟିମ୍ ସହ ସମନ୍ୱୟ ରଖି ସୁଚାରୁରୂପେ ଓ ଶୃଙ୍ଖଳିତ ଭାବେ ନିର୍ବାଚନକୁ ପରିଚାଳନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

ଶିବିରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଉପଜିଲାପାଳ ଗୋପୀନାଥ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନର ଜିଏସ୍‌ଟି ଯୁଗ୍ମ କମିଶନର ଡ. ପଦ୍ମଲୋଚନ ରାଉତ, ଜିଲା ଟ୍ରେଜେରି ଅଧିକାରୀ ମନ୍ମଥ କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପିପିଲି ସବ୍‌ଟ୍ରେଜେରି ଅଫିସର ମମତା ସେଠୀ ସମସ୍ତ ଟିମ୍‌ର ଦାୟିତ୍ୱ, କର୍ତ୍ତବ୍ୟ ଓ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ଦଳ ଏବଂ ପ୍ରାର୍ଥୀମାନଙ୍କ ବିବିଧ ଖର୍ଚ୍ଚର ତଦାରଖ ଓ ଲିପିବଦ୍ଧ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) ରାକେଶ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## କାୟାକଳ୍ପ ଟିମ୍‌ଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଅସ୍ତରଙ୍ଗ, (ପ୍ରଦୀପ୍ତ ଦୀକ୍ଷିତ)/ଚାରିଛକ, (ଶିଶିର ସ୍ୱାଇଁ) ୧୯।୨:

୩ ଜଣିଆ କାୟାକଳ୍ପ ଟିମ୍ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ଗସ୍ତ କରିଛନ୍ତି। ଟିମ୍‌ରେ ଡା. ସନ୍ଦୀପନୀ ପତି, ଡା. ଆଶାଲତା ପତି ଓ ସୋମ୍ୟାଶ୍ରୀ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ବିଭାଗ, ଅନ୍ତଃବିଭାଗ, ମାତୃଶିଶୁ ହସ୍ପିଟାଲ, ପାଥୋଲାବ, ନିରାମୟ, ପରିମଳ ବ୍ୟବସ୍ଥା ଆଦି ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସଞ୍ଜୟ ପ୍ରଧାନ, ବିପିଏମ୍ ଦେବାଶିଷ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ। କାୟାକଳ୍ପ ଟିମ୍ ୩ ଜଣ ସଦସ୍ୟ ପୃଥକ ପୃଥକ ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗ ଯାଞ୍ଚ କରିଥିଲେ। ନିରାମୟ କେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଔଷଧ ଉପଲବ୍ଧ ଅଛି କି ନାହିଁ, ପାଥୋଲାବ ପରୀକ୍ଷା ଠିକ୍ ଭାବେ ଚାଲିଛି କି ନାହିଁ ଆଦି ଚିକିନିଖି ଯାଞ୍ଚ କରିଥିଲେ। ଟିମ୍ ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିକାରୀଙ୍କ ନିକଟରେ ଉପସ୍ଥାପିତ ହେବ। ସେହିପରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ପରିଦର୍ଶନରେ ଆସିଥିଲେ। ଡା. ସନ୍ଦୀପନୀ ପତିଙ୍କ ନେତୃତ୍ୱରେ ଟିମ୍‌ରେ ଡା. ଆଶାଲତା ପତି, ସୌମ୍ୟାଶ୍ରୀ ମହାପାତ୍ର, ଟି ନାରାୟଣ ରାଓ, କସ୍ତୁରୀ ପ୍ରିୟମ୍ବଦା ପ୍ରମୁଖ ସାମିଲ ଥିଲେ। ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗର କୋଠରି, ଅସ୍ତ୍ରୋପଚାର ଗୃହ, ରୋଗୀ ଶଯ୍ୟା, ପରିମଳ ବ୍ୟବସ୍ଥା, ମେଡିକାଲ ପରିସର ମଧ୍ୟରେ ଥିବା ବଗିଚା ବୁଲି ଦେଖିଥିଲେ। ପରିଦର୍ଶନ ସମୟରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରଶାନ୍ତ ସାମନ୍ତରାୟ, ଡା. ସରୋଜ ଲକ୍ଷ୍ମୀ ଦାଶ, ଡା. ସୌମ୍ୟରଞ୍ଜନ ବିଶ୍ୱାଳ, ଡା. ମହେଶ ମହାପାତ୍ର, ଡା. ଅଭିନନ୍ଦନ ମହାପାତ୍ର, ଶିବ ନାରାୟଣ ନନ୍ଦ, ଆଶୁତୋଷ ମିଶ୍ର, ତପନ ସାହୁ, ବିଶ୍ୱରଞ୍ଜନ ସେନ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାୟାକଳ୍ପ ଟିମ୍ ସଦସ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗକୁ ଅନୁଧ୍ୟାନ କରି ଖୁସି ହୋଇଥିଲେ।

# ବିକାଶରେ ସମଗ୍ର ଦେଶରେ ରୋଲ ମଡେଲ ହୋଇପାରିଛି ଓଡ଼ିଶା



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା, ୧୯।୨ (ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ବ୍ଲକ ଅଧୀନ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୫ନଂ., ୬ନଂ., ୭ନଂ., ୮ନଂ. ୱାର୍ଡର ସଚେତନ ଶିବିର ଟାଉନ ହଲ ପଡ଼ିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଆଜି ବିକାଶରେ ସମଗ୍ର ଦେଶରେ ରୋଲ ମଡେଲ ହୋଇ ପାରିଛି। ସବୁ କ୍ଷେତ୍ରରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସମୀର ରଞ୍ଜନ ଦାଶ ମତବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାର ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀଗୁଡ଼ିକର ରୂପାନ୍ତରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ପଞ୍ଚାୟତରେ ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଗ୍ରାମାଞ୍ଚଳରୁ ସହରକୁ ସୁଗମ ପରିବହନର ବିକାଶକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଥିବା ସମ୍ମାନିତ ଅତିଥି ଭାବେ ଗରପାଳ ସସ୍ମିତା ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ସନ୍ତୋଷ ଦାଶ, ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଯୁବ ବିଜେଡି ସଭାପତି ସତ୍ୟଜିତ୍ ଆଚାର୍ଯ୍ୟ, ପୂର୍ବତନ ନଗରପାଳ ସନକ ପ୍ରଧାନ, କାଉନସିଲର ଧରୁର୍ଦ୍ଧର ଦାସ, ରାଜକିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ କାଉନସିଲର ଅରୁଣ ଦାଶ ଓ ସାଇ ପ୍ରିତମ ପଟ୍ଟନାୟକ ଶିବିରକୁ ପରିଚାଳନା କରିଥିଲେ।



ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା ଦାବିରେ ଆମ୍ ଆଦ୍‌ମୀ ପାର୍ଟି ପୁରୀ ଜିଲା ଶାଖା ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି । (ଫଟୋ-ଯଜ୍ଞେଶ୍ୱର)

# ପ୍ରତି ପଞ୍ଚାୟତରେ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି

ଅସ୍ତରଙ୍ଗ, ୧୯।୨ (ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକ ଅଧୀନ ପାଟଳଦା ପଞ୍ଚାୟତରେ ସୋମବାର ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଯଶୋବନ୍ତ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଚମ୍ପକ ବାରିକ୍, ୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ସମିତି ସଭ୍ୟା ମନ୍ଦାକିନୀ ଛାଟୋଇ, ବିଡିଓ ସୁଶ୍ରୀ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣକାରୀ ଯୋଜନା ଉପରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବା ସହ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଧର୍ମାନୁଷ୍ଠାନ ଉନ୍ନତି, ମହିଳା ଦଳ ଆଦିକୁ ନେଇ ସରକାର ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରତି ପଞ୍ଚାୟତରେ ମହିଳାମାନେ ସ୍ୱାବଲମ୍ବୀ ହୋଇଛନ୍ତି ବୋଲି ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ସାମିଲ ହୋଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଅବଗତ ହୋଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥିମାନେ ।

# 'ସାହିତ୍ୟର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଲେଖନୀ ଚାଳନା ହେଉ'

**୨୮ତମ କୋଣାର୍କ ସାହିତ୍ୟ ଉତ୍ସବ**

କୋଣାର୍କ, ୧୯।୨ (ଜ୍ୟୋତିରାଜ ମହାନ୍ତି):



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ମାନସ ସନ୍ତାନ ଅର୍କ ବିହାର, କୋଣାର୍କ ପରିସରରେ ୩୮ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଅବସରରେ ୨୮ତମ କୋଣାର୍କ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଣାର୍କ ନାଟ୍ୟମଣ୍ଡପ ଉପଦେଷ୍ଟା ତଥା ସାହିତ୍ୟିକ ଉମେଶ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସାହିତ୍ୟିକ କ୍ଷୀରୋଦ ରାୟ ମହାପାତ୍ର, ଗାଳ୍ପିକ ଡ. ଅଜୟ କୁମାର ସ୍ୱାଇଁ, ଶ୍ରୀ ସାହିତ୍ୟର ସମ୍ପାଦକ ଶ୍ରୀକୃଷ୍ଣ ନାୟକ, ବାନରସେନା ପତ୍ରିକା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ ସ୍ୱର୍ଣ୍ଣଲତା ତ୍ରିପାଠୀ, କୋଣାର୍କ ସାହିତ୍ୟ ସଂସଦର ସଭାପତି ତଥା ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଏବଂ ଶୋଭନୀୟ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ ମନୋରମା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମୟରେ ସମାଜରେ ସମାନତା, ବିକାଶ ସହ ସାହିତ୍ୟର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ସାହିତ୍ୟିକମାନେ ଲେଖନୀ ଚାଳନା କରି ଭାଷା ସାହିତ୍ୟ ଓ ସଂସ୍କୃତିର ଶ୍ରୀ ବୃଦ୍ଧି କରିବା ଦିଗରେ କାର୍ଯ୍ୟ ଅବ୍ୟାହତ ରଖିବା ଜରୁରୀ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଣାର୍କ ଶୋଭନୀୟ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚେତନାଧର୍ମୀ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୦ରୁ ଊର୍ଦ୍ଧ୍ୱ ସାହିତ୍ୟିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ବାରିକ, ସାହିତ୍ୟ ସଙ୍ଗଠକ ଭାଗୀରଥୀ ସ୍ୱାଇଁ ଏବଂ ସଂସ୍କୃତି ଗବେଷକ ସୁବାସ ଚନ୍ଦ୍ର ବରାଳଙ୍କୁ ୨୮ତମ କୋଣାର୍କ ସାହିତ୍ୟ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ କୋଣାର୍କ ନାଟ୍ୟମଣ୍ଡପର ବରିଷ୍ଠ ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ, ସୁଲୋଚନା ପ୍ରଧାନ, ନାଟ୍ୟ ମଣ୍ଡପର ସମ୍ପାଦକ ଶିବାଶିଷ ପ୍ରଧାନ, ପ୍ରସନ୍ନ ବେଉରିଆଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଚଳିତବର୍ଷ କୋଣାର୍କ ସାହିତ୍ୟ ଉତ୍ସବକୁ ଦୁଇଦିନ ଆୟୋଜନ କରାଯିବ ବୋଲି ନାଟ୍ୟ ମଣ୍ଡପ ଉପଦେଷ୍ଟା ସ୍ୱାଇଁ କହିଥିଲେ।

ଝାଡ଼ଖଣ୍ଡରେ କଂଗ୍ରେସ ୭, ଜେଏମ୍ଏମ୍ ୭ ଆସନରେ ଲଢ଼ିବେ

ଝାଡ଼ଖଣ୍ଡରେ ଲୋକ ସଭା ନିର୍ବାଚନ ପାଇଁ ଇଣ୍ଡିଆ ମେଣ୍ଟର ଦୁଇ ସହଯୋଗୀ ଦଳ କଂଗ୍ରେସ ଏବଂ ଜେଏମ୍ଏମ୍ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଉଭୟ ଦଳ ୭ଟି ଲେଖାଏ ଆସନରେ ଲଢ଼ିବାକୁ ରାଜି ହୋଇଥିବା ଜଣାପଡ଼ିଛି।



## ବ୍ରିଟିଶ ଜାହାଜ ଉପରେ ହୁଟି ଆତଙ୍କବାଦୀଙ୍କ ଆକ୍ରମଣ

**ଅଲ୍‌ମୁଖା, ୧୯।୨:** ୟେମେନ ଉପକୂଳବର୍ତ୍ତୀ ଲୋହିତ ସାଗରର ବବ୍ ଅଲ୍ ମନ୍ଦାବ ଷ୍ଟ୍ରେଟ୍ ନିକଟରେ ଏକ ବ୍ରିଟିଶ ମାଲବାହୀ ଜାହାଜକୁ ହୁଟି ଆତଙ୍କବାଦୀ ଆକ୍ରମଣ କରିଛନ୍ତି । ଏନେଇ ବ୍ରିଟିଶ ସାମୁଦ୍ରିକ ସୁରକ୍ଷା ସଂସ୍ଥା 'ଆମ୍ବ୍ରେ' ପକ୍ଷରୁ ସୂଚନା ଦିଆଯାଇଛି। ବିସ୍ଫୋରଣ ପରେ ଜାହାଜ କର୍ମଚାରୀମାନେ ସୁରକ୍ଷିତ ଥିବା ସୂଚନା ମିଳିଛି। ଜାହାଜଟି ସଂଯୁକ୍ତ ଆରବ ଏମିରେଟଅସ(ୟୁଏଇ)ରୁ ବୁଲ୍‌ଗେରିଆ ଅଭିମୁଖେ ଯାଉଥିଲା। ଅଲ୍‌ମୁଖାଠାରୁ ୩୫ ନଟିକାଲ ମାଇଲ୍ ଦକ୍ଷିଣରେ ଜାହାଜ ଉପରେ ଆକ୍ରମଣ ହୋଇଥିବା ଆମ୍ବ୍ରେ କହିଛି।

## ପାସ୍‌ପୋର୍ଟ ର୍‍ୟାଙ୍କିଙ୍ଗରେ ତଳକୁ ଖସିଲା ଭାରତ

**ନୂଆଦିଲ୍ଲୀ,୧୯।୨:** ଚଳିତ ବର୍ଷ ପାଇଁ ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କରେ ଭାରତ ପୂର୍ବବର୍ଷ ତୁଳନାରେ ଗୋଟିଏ ସ୍ଥାନ ତଳକୁ ଖସି ୮୫ରେ ପହଞ୍ଚିଛି। ଗତବର୍ଷ ଏହା ୮୪ତମ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ପ୍ରଭାବଶାଳୀ ପାସ୍‌ପୋର୍ଟ ର୍‍ୟାଙ୍କିଙ୍ଗ୍‌ରେ ଫ୍ରାନ୍ସ ଶୀର୍ଷରେ ରହିଛି। ଏହାର ପାସ୍‌ପୋର୍ଟ ୧୯୪ଟି ଦେଶରେ ଭିଜାମୁକ୍ତ ପ୍ରବେଶ ଅନୁମତି ଦେଉଛି। ଫ୍ରାନ୍ସ ପଛକୁ ଜର୍ମାନୀ, ଇଟାଲୀ, ଜାପାନ, ସିଙ୍ଗାପୁର ଏବଂ ସ୍ପେନ୍ ରହିଛି। ପାସ୍‌ପୋର୍ଟଗୁଡ଼ିକର ସାମର୍ଥ୍ୟକୁ ବିଚାର କରି ଏହି ର୍‍ୟାଙ୍କିଙ୍ଗ ପ୍ରସ୍ତୁତ କରାଯାଇଛି। ଗତବର୍ଷ ପାସ୍‌ପୋର୍ଟଧାରୀ ଭାରତୀୟମାନଙ୍କୁ ବିନା ଭିଜାରେ ୬୦ଟି ଦେଶକୁ ଯିବାର ସୁଯୋଗ ମିଳୁଥିବାବେଳେ ଏଥର ୬୨ଟି ଦେଶ ଏହି ସୁବିଧା ଦେଉଛନ୍ତି। ଏହା ସତ୍ତ୍ୱେ ଭାରତର ର୍‍ୟାଙ୍କିଙ୍ଗ କମିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଷଷ୍ଠ ଥର ପାଇଁ ହାଜର ହେଲେନି କେଜ୍‌ରିୱାଲ

**ନୂଆଦିଲ୍ଲୀ,୧୯।୨(ପି.ଟି.):** ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର ଷଷ୍ଠ ଥର ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ଜେରା ପାଇଁ ହାଜର ହୋଇ ନାହାନ୍ତି। ଇଡିର ସମନ ବେଆଇନ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) କହିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବାରମ୍ବାର ସମନ ଜାରି କରିବା ପରିବର୍ତ୍ତେ ଅଦାଲତଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବା ଆବଶ୍ୟକ ବୋଲି ଦଳ କହିଛି। ଅନ୍ୟପକ୍ଷରେ କ୍ରମାଗତ ୬ ଥର କେଜ୍‌ରିୱାଲ ସମନକୁ ଏଡ଼ାଇଯାଇଥିବାରୁ ଏହା ବିରୋଧରେ ଇଡି ମାମଲା ରୁଜୁ କରିଛି।

## ଚନ୍ଦା କୋଚର, ସ୍ୱାମୀଙ୍କୁ ଗିରଫ ସିବିଆଇ କ୍ଷମତାର ଦୁରୁପଯୋଗ: ହାଇକୋର୍ଟ

**ମୁମ୍ବାଇ,୧୯।୨:** ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଏମ୍‌ଡି ଚନ୍ଦା କୋଚର ଓ ତାଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ୨୦୨୨ ଡିସେମ୍ବରରେ ଗିରଫ କରାଯିବା ସିବିଆଇ କ୍ଷମତାର ଦୁରୁପଯୋଗ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି। ଆଇନର ଉପଯୁକ୍ତ ବ୍ୟବହାର କରା ନ ଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଡିଓକନ୍-ଆଇସିଆଇସିଆଇ ବ୍ୟାଙ୍କ ଋଣ ଜାଲିଆତି ମାମଲାରେ କୋଚର ଦମ୍ପତିଙ୍କୁ ୨୦୨୨ ଡିସେମ୍ବର ୨୩ରେ ଗିରଫ କରାଯାଇଥିଲା। ଗିରଫକୁ ସମର୍ଥନ କଲା ଭଳି ଦସ୍ତାବିଜ୍ ଦେଖାଇବାରେ ସିବିଆଇ ବିଫଳ ହୋଇଛି। ଆବଶ୍ୟକ କାଗଜପତ୍ର ଅଭାବରେ ଉକ୍ତ ଗିରଫଦାରି ବେଆଇନ ବୋଲି ଅଦାଳତ କହିଛନ୍ତି।



ଉତ୍ତରପ୍ରଦେଶର ପ୍ରତାପଗଡ଼ରେ ସୋମବାର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଅବସରରେ ସମର୍ଥକମାନଙ୍କ ଗହଣରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ନାଭାଲ୍‌ନିଙ୍କ ମୃତଦେହରେ କ୍ଷତଚିହ୍ନ



ମସ୍କୋ,୧୯।୨

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ଦୃଢ଼ ସମାଲୋଚକ ତଥା ବିରୋଧୀ ଦଳ ନେତା ଏଲେକ୍ସି ନାଭାଲ୍‌ନିଙ୍କ ମୃତଦେହ ଏକ ଶବାଗାରରୁ ମିଳିଛି। ମୃତଦେହରେ କ୍ଷତଚିହ୍ନ ରହିଥିବା ହସ୍ପିଟାଲର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି ଗଣମାଧ୍ୟମକୁ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଯେଉଁମାନଙ୍କର ଜେଲରେ ମୃତ୍ୟୁ ଘଟେ, ସେମାନଙ୍କ ମରଶରୀରକୁ ସିଧା ଫରେନ୍ ମେଡିସିନ୍ ବ୍ୟୁରୋକୁ ନିଆଯାଇଥାଏ। କିନ୍ତୁ କୌଣସି କାରଣ ପାଇଁ ନାଭାଲ୍‌ନିଙ୍କ ମୃତଦେହକୁ ହସ୍ପିଟାଲ ନିଆଯାଇଥିଲା। କ୍ଷତଚିହ୍ନରୁ ଯାହା ଜଣାପଡୁଛି, ତାଙ୍କୁ ଜୋର ଜବରଦସ୍ତ ଅଟକାଇ ରଖାଯାଇଥିଲା।

ରୁଷିଆର ଆର୍କଟିକ୍ ପେନାଲ କଲୋନି ଜେଲ୍‌ରେ ଶୁକ୍ରବାର ଅପରାହ୍ନ ୨ଟା ୧୭ରେ ନାଭାଲ୍‌ନିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିବା ପରେ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ୪୭ ବର୍ଷୀୟ ରାଜନୈତିକ ବନ୍ଦୀଙ୍କ ଆକସ୍ମିକ ବିୟୋଗକୁ ଦେଶବାସୀ ଗ୍ରହଣ କରି ନ ପାରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୋଲିସ ୪୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ନାଭାଲ୍‌ନିଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଦଳୀୟ ଲୋକମାନେ ଅଭିଯୋଗ କରିଛନ୍ତି।

## ରିଟର୍ନିଂ ଅଫିସରଙ୍କ ବିରୋଧରେ ମକଦ୍ଦମା ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୯।୨(ପି.ଟି.)



### ଚଣ୍ଡିଗଡ଼ ମେୟର ନିର୍ବାଚନ ଜାଲିଆତି

### ବାଲଟ ପେପର, ଭିଡିଓ ରେକର୍ଡିଂ ମାଗିଲେ ସୁପ୍ରିମକୋର୍ଟ

ଚଣ୍ଡିଗଡ଼ ମେୟର ନିର୍ବାଚନରେ ଘୋଡ଼ାବେପାରକୁ ନେଇ ସୁପ୍ରିମକୋର୍ଟ ରିଟର୍ନିଂ ଅଫିସରଙ୍କୁ ଭର୍ତ୍ସନା କରିବା ସହ ତାଙ୍କ ବିରୋଧରେ ମୋକଦ୍ଦମା ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବାଲଟ ପେପର ଏବଂ ଭୋଟଗଣତି ଦିନର ସମ୍ପୂର୍ଣ୍ଣ ଭିଡିଓ ରେକର୍ଡିଂ ମଙ୍ଗଳବାର ଦାଖଲ କରିବାକୁ ଅଦାଲତ କହିଛନ୍ତି। ଉପରୋକ୍ତ ରେକର୍ଡଗୁଡ଼ିକୁ ନିରାପଦର ସହ ଦିଲ୍ଲୀ ଆଣିବାରେ ସହାୟତା କରିବା ପାଇଁ ଜଣେ ନ୍ୟାୟିକ ଅଧିକାରୀଙ୍କୁ ନିୟୋଜିତ କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମେୟର ନିର୍ବାଚନ ପରିଚାଳନା କରିଥିବା ରିଟର୍ନିଂ ଅଫିସର ଅନିଲ ମସିହ ନିଶ୍ଚୟ ବାଲଟ ପେପରଗୁଡ଼ିକୁ ବିକୃତ କରିଛନ୍ତି। ତାଙ୍କ ବିରୋଧରେ ତଦନ୍ତ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ। ରିଟର୍ନିଂ ଅଫିସରଙ୍କ କାର୍ଯ୍ୟକଳାପ ଗଣତନ୍ତ୍ରର ହତ୍ୟା ଏବଂ ପରିହାସ ଭଳି ବୋଲି ଖଣ୍ଡପୀଠ ଟିପ୍ପଣୀ କରିଥିଲେ। କେତେକ ବାଲଟ୍ ପେପରରେ ଟାମ୍ପରିଂକୁ ନେଇ ଅଦାଲତ ମସିହଙ୍କୁ ପ୍ରଶ୍ନ କରିଥିଲେ। ପୂର୍ବରୁ ବିକୃତ ହୋଇଥିବା ୮ଟି ବାଲଟରେ ସେ X ଚିହ୍ନ ଲଗାଇଥିଲେ ବୋଲି କହିଥିଲେ। ଆମ୍ ଆଦ୍‌ମୀ ପାର୍ଟିର କାଉନସିଲରମାନେ ଗୃହରେ ହଟ୍ଟଗୋଳ କରିବା ସହ ବାଲଟ ପେପର ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ସେ ସିସିଟିଭି କ୍ୟାମେରାକୁ ଚାହିଁଥିଲେ ବୋଲି ମସିହ କହିଛନ୍ତି। ସୂଚନାଯୋଗ୍ୟ, ଜାନୁଆରୀ ୩୦ରେ ଅନୁଷ୍ଠିତ ମେୟର ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି ଏବଂ କଂଗ୍ରେସର ମିଳିତ ପ୍ରାର୍ଥୀ କୁଲଦୀପ କୁମାରଙ୍କୁ ହରାଇ ଭାଜପାର ମନୋଜ ସୋନ୍‌କରଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। କଂଗ୍ରେସ ଏବଂ ଏଏପିର କାଉନସିଲର ଅଧିକ ଥିବା ସତ୍ତ୍ୱେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ୮ଟି ଭୋଟ୍‌କୁ ନାକଚ କରାଯାଇଥିବା କୁଲଦୀପ ଅଭିଯୋଗ କରିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସିବିଆଇ ତଦନ୍ତ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୧୯।୨

### ସନ୍ଦେଶଖାଲି ମାମଲା

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ତୃଣମୂଳ କଂଗ୍ରେସ ନେତାଙ୍କ ଦ୍ୱାରା ମହିଳାମାନଙ୍କୁ ଯୌନ ନିର୍ଯାତନା ଓ ସମ୍ପତ୍ତି ହଡ଼ପ ମାମଲାର ସିବିଆଇ କିମ୍ବା ଏସ୍ଆଇଟି ତଦନ୍ତ ପାଇଁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)କୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। କାଲକାଟା ହାଇକୋର୍ଟ ନିଜଆଡୁ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଥିବା ଜଷ୍ଟିସ ବି.ଭି. ନାଗରତ୍ନା ଏବଂ ଅଗଷ୍ଟିନ୍ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ତେଣୁ ଦୁଇଟି ଅଦାଲତରେ ଏକସଙ୍ଗେ ଶୁଣାଣି ହୋଇପାରିବ ନାହିଁ। ପ୍ରଥମେ ହାଇକୋର୍ଟ କ'ଣ ନିଷ୍ପତ୍ତି ନେଉଛନ୍ତି ଦେଖାଯାଉ ବୋଲି ଖଣ୍ଡପୀଠ କହିଛନ୍ତି। ଆଇନଜୀବୀ ଅଲଖ ଆଲୋକ ଶ୍ରୀବାସ୍ତବ ସୁପ୍ରିମକୋର୍ଟରେ ପିଆଇଏଲ୍ ଦାଏର କରିଥିଲେ। ଉତ୍ତର ୨୪ ପ୍ରଗଣା ଜିଲାର ସନ୍ଦେଶଖାଲିରେ ମହିଳା ଯୌନ ନିର୍ଯାତନା ଓ ସମ୍ପତ୍ତି ହଡ଼ପରେ ସ୍ଥାନୀୟ ଟିଏମ୍‌ସି ନେତା ଶାହଜାହାନ ଶେଖ୍ ଓ ତାଙ୍କ ସମର୍ଥକମାନେ ସମ୍ପୃକ୍ତ ଥିବା ନେଇ ଜୋର୍‌ଦାର ଆନ୍ଦୋଳନ ଜାରି ରହିଛି। ଏହାକୁ ନେଇ ରାଜନୈତିକ ବିବାଦ ଲାଗିରହିଥିବାବେଳେ ସୋମବାର ଜାତୀୟ ମହିଳା କମିଶନ ଉକ୍ତ ଅଞ୍ଚଳ ଗସ୍ତ କରିଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସ୍ତଫା ଦେଇ ବିନା ପଦବୀରେ ଏଠାକୁ ଆସିଲେ ମହିଳାମାନଙ୍କ ଯନ୍ତ୍ରଣା ବୁଝିପାରିବେ ବୋଲି ମହିଳା କମିଶନ ଅଧ୍ୟକ୍ଷା ରେଖା ଶର୍ମା କହିଛନ୍ତି।

## କଲ୍‌କିଧାମ ମନ୍ଦିରର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଲ୍‌କୀଧାମ ମନ୍ଦିରର ଶିଳାନ୍ୟାସ କରୁଛନ୍ତି।

ସମ୍ବଲ, ୧୯।୨

### ୧୪ ହଜାର ପ୍ରକଳ୍ପର ଶୁଭାରମ୍ଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଉତ୍ତରପ୍ରଦେଶର ସମ୍ବଲ ଗସ୍ତ କରି କଲ୍‌କିଧାମ ମନ୍ଦିରର ଶିଳାନ୍ୟାସ କରିଛନ୍ତି। ବୈଦିକ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ପ୍ରଧାନମନ୍ତ୍ରୀ ଏହି ମନ୍ଦିରର ଭୂମି ପୂଜନ କରିଥିଲେ। କଲ୍‌କି ଧାମ ନିର୍ମାଣ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ ହେଉଥିବା ଏହି ମନ୍ଦିରର ଭୂମି ପୂଜନରେ ପ୍ରଧାନମନ୍ତ୍ରୀଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଟ୍ରଷ୍ଟର ଅଧ୍ୟକ୍ଷ ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ ମଧ୍ୟ ଉପସ୍ଥିତ ଥିଲେ। ଦେଶର ୧୧ ହଜାରରୁ ଅଧିକ ସାଧୁସନ୍ଥ ଏହି ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ସାଧୁସନ୍ଥଙ୍କ ଆସ୍ଥା ଓ ଜନସାଧାରଣଙ୍କ ଭକ୍ତି ମଧ୍ୟରେ ଏହି ପବିତ୍ର ସ୍ଥାନର ଆଧାରଶିଳା ରଖାଯାଉଥିବା ପ୍ରଧାନମନ୍ତ୍ରୀ ମୋଦି ପ୍ରକାଶ କରିଥିଲେ। ସେହିପରି ଆଗାମୀ ଦିନରେ କଲ୍‌କି ଧାମ ମନ୍ଦିର ଭାରତୀୟ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇପାରିବ ବୋଲି ସେ କହିଥିଲେ। ଏହା ପରେ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରାୟ ୧୪ ହଜାର ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି।

## ବରିଷ୍ଠଙ୍କ ପାଇଁ ଟିକସ ସଂସ୍କାର ପ୍ରସ୍ତାବ

ନୂଆଦିଲ୍ଲୀ,୧୯।୨

### ନୀତି ଆୟୋଗ ରିପୋର୍ଟ

ଦେଶର ବରିଷ୍ଠ ନାଗରିକମାନଙ୍କ ପାଇଁ ଟିକସ ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ସଞ୍ଚୟ ଯୋଜନାକୁ ବାଧ୍ୟତାମୂଳକ କରିବା ଏବଂ ଗୃହନିର୍ମାଣ ଯୋଜନା ପାଇଁ ନୀତି ଆୟୋଗ ପ୍ରସ୍ତାବ ଦେଇଛି। ୨୦୫୦ ବେଳକୁ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୧୯.୫ ପ୍ରତିଶତରେ ପହଞ୍ଚିବ। ସେମାନଙ୍କ ସ୍ୱତନ୍ତ୍ର ଯତ୍ନ ପାଇଁ ଏକ ଜାତୀୟ ପୋର୍ଟାଲ ବ୍ୟବସ୍ଥା କରାଯିବାକୁ ନୀତି ଆୟୋଗ କହିଛି। ଭାରତରେ ବରିଷ୍ଠ ନାଗରିକଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୀମିତ ହୋଇଥିବାରୁ ସେମାନେ ନିଜର ସଞ୍ଚୟରୁ ଆୟ ଉପରେ ନିର୍ଭର କରିଥାନ୍ତି। ସୁଧ ହାର ହ୍ରାସ ଯୋଗୁ ସେମାନଙ୍କ ଆୟ କମୁଛି। ବରିଷ୍ଠ ନାଗରିକଙ୍କ ପାଇଁ ଉପଯୁକ୍ତ ସୁଧହାର ଧାର୍ଯ୍ୟ ହେବା ଆବଶ୍ୟକ। ଆର୍ଥିକ ବୋଝରୁ ବରିଷ୍ଠଙ୍କୁ ସୁରକ୍ଷା ଦେବାକୁ ହେଲେ ସେମାନଙ୍କ ପାଇଁ ଆବଶ୍ୟକ ସମଗ୍ରୀଗୁଡ଼ିକ ଉପରେ ଟିକସ ଏବଂ ଜିଏସ୍‌ଟିରେ ସଂସ୍କାର ଆଣିବାକୁ ହେବ ବୋଲି ନୀତି ଆୟୋଗ ରିପୋର୍ଟରେ କୁହାଯାଇଛି।

## ପାକିସ୍ତାନ ଜିଡିପିକୁ ଟପିଲା ଟାଟା ଗ୍ରୁପ୍‌ର ବଜାର ପୁଞ୍ଜି

ନୂଆଦିଲ୍ଲୀ,୧୯।୨

ଟାଟା ଗ୍ରୁପ୍‌ର କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଏବେ ପାକିସ୍ତାନର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଟପିଯାଇଛି। ସଦ୍ୟତମ ତଥ୍ୟ ଅନୁଯାୟୀ ଟାଟା ଗ୍ରୁପ୍‌ର ମୋଟ ବଜାର ପୁଞ୍ଜି ୩୬୫ ବିଲିୟନ ଡଲାରରୁ ଅଧିକ (୩୦.୩ ଲକ୍ଷ କୋଟି ଟଙ୍କା)। ଏବେ ପାକିସ୍ତାନର ଜିଡିପି ୩୪୧ ବିଲିୟନ ଡଲାର ରହିଥିବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ରିପୋର୍ଟରୁ ଜଣାପଡ଼ିଛି। କେବଳ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସ୍ (ଟିସିଏସ୍)ର ମୋଟ ବଜାର ପୁଞ୍ଜି ୧୭୮ ବିଲିୟନ ଡଲାର, ଯାହା ପାକିସ୍ତାନ ଜିଡିପିର ଅଧାରୁ ଅଧିକ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପରେ ଏହା ଭାରତର ସର୍ବବୃହତ୍ କମ୍ପାନୀ।

ଅନ୍ୟପକ୍ଷରେ ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ପାକିସ୍ତାନର ଜିଡିପି ୩୭୬ ବିଲିୟନ ଡଲାର, ଯାହା ଟାଟା ଗ୍ରୁପ୍‌ର ମୋଟ ବଜାର ପୁଞ୍ଜିଠାରୁ ସାମାନ୍ୟ ଅଧିକ। ଚଳିତ ମାସ ଆରମ୍ଭରେ ଟାଟା ଗ୍ରୁପ୍‌ର ମୋଟ ବଜାର ପୁଞ୍ଜି ୩୦ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିଲା, ଯାହାକି ଏହି ସଫଳତା ହାସଲ କରିବାରେ ପ୍ରଥମ ଭାରତୀୟ ଗ୍ରୁପ୍ ଅଫ୍ କମ୍ପାନିଜ୍। ଟିସିଏସ୍, ଟାଟା ମୋଟର, ଟାଟା ପାୱାର ଏବଂ ଇଣ୍ଡିଆନ୍ ହୋଟେଲ୍ସର ଅଂଶଧନ କାରବାର ବୃଦ୍ଧି ଯୋଗୁ ଟାଟା ଗ୍ରୁପ୍‌ର ବଜାର ପୁଞ୍ଜି ବଢ଼ିଛି। ଗତବର୍ଷ ଏହାର ବଜାର ପୁଞ୍ଜି ୬.୧୩ ଲକ୍ଷ କୋଟି ଟଙ୍କା ରହିଥିଲା। ସେପଟେ ପାକିସ୍ତାନ ଗତ କିଛିବର୍ଷ ହେଲା ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଏହାର ଋଣ ଭାର ବଢ଼ିଚାଲିଥିବାବେଳେ ବିଦେଶ ପୁଞ୍ଜି ବିନିମୟ ଭଣ୍ଡାର ହ୍ରାସ ପାଇଛି। ଏଥିସହିତ ଦୀର୍ଘବର୍ଷ ଧରି ରାଜନୈତିକ ଅସ୍ଥିରତା ଜାରି ରହିଥିବାରୁ ପାକିସ୍ତାନର ଅର୍ଥନୀତି ଅଧିକ ଖରାପ ହେବାରେ ଲାଗିଛି। ୨୦୧୧ରୁ ଇତିମଧ୍ୟରେ ପାକିସ୍ତାନର ବାହ୍ୟ ଋଣ ଭାର ପାଖାପାଖି ୨ ଗୁଣା ହୋଇଥିବାବେଳେ ଘରୋଇ ଋଣ ୬ ଗୁଣ ବୃଦ୍ଧି ପାଇଛି।

ଫୁର୍‌ସତ୍

## ସାମାଜିକ ସୁରକ୍ଷା ଅପରିହାର୍ଯ୍ୟ

### ବିଶ୍ୱ ସାମାଜିକ ନ୍ୟାୟ ଦିବସ



**ବି**ଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି, ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର ପାଇଁ ଏବଂ ସମାଜରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ ଅପରିହାର୍ଯ୍ୟ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୨୦ରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କରାଯାଇଥାଏ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଏଥିପାଇଁ ୨୬ ନଭେମ୍ବର,୨୦୦୭ରେ ଜାତିସଂଘ ସାଧାରଣ ପରିଷଦ ୨୦ ଫେବୃୟାରୀକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନକରିବାକୁ ଘୋଷଣା କରିବା ପରେ ୨୦୦୯ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା।

ଉକ୍ତ ଦିବସ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତାକୁ ସ୍ୱୀକୃତି ଦେଇଥାଏ। ସାମାଜିକ ନ୍ୟାୟ ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ଦାରିଦ୍ର୍ୟ, ଲିଙ୍ଗଗତ, ଶାରୀରିକ ଭେଦଭାବ, ନିରକ୍ଷରତା, ଧାର୍ମିକ ଭେଦଭାବ ଦୂରକରିବା ପାଇଁ ବିଭିନ୍ନ ସମ୍ପ୍ରଦାୟକୁ ଅନ୍ତର୍ଜାତୀୟ ସ୍ତରରେ ଏକତ୍ରିତ କରିବା। ଏହି ଅବସରରେ ବିଶ୍ୱବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

ଏକ ନିଷ୍ପକ୍ଷ ଜଗତୀକରଣ ପାଇଁ ସାମାଜିକ ନ୍ୟାୟ ଉପରେ କରାଯାଇଥିବା ଘୋଷଣାନାମାକୁ ଆନ୍ତର୍ଜାତିକ ଶ୍ରମ ସଂଘ( ଆଇଏଲ୍ଓ) ଗ୍ରହଣ କରିବା ଦ୍ୱାରା ସାମାଜିକ ନ୍ୟାୟ ପ୍ରତି ଜାତିସଂଘର ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି। ଏହି ଘୋଷଣାନାମା ୧୦ ଜୁନ୍, ୨୦୦୮ରେ କରାଯାଇଥିଲା। ସମସ୍ତଙ୍କ ପାଇଁ ନିଯୁକ୍ତି, ସାମାଜିକ ସୁରକ୍ଷା, ସାମାଜିକ ବକ୍ତବ୍ୟ ଏବଂ ମୌଳିକ ନୀତି ଓ ଅଧିକାର ଉପରେ ଏହା ଗୁରୁତ୍ୱ ଦିଏ। ପୂର୍ବରୁ ଆଇଏଲ୍ଓ ଦ୍ୱାରା ୧୯୪୪ ଏବଂ ୧୯୯୮ରେ ଦୁଇଟି ଘୋଷଣା କରାଯାଇଥିଲେ ମଧ୍ୟ ୨୦୦୮ ଘୋଷଣାନାମା ଜଗତୀକରଣ ଯୁଗରେ ଏକ ନୂଆ ପଥ ଦେଖାଇଛି। ଏକ ଜଟିଳ ରାଜନୈତିକ ଅଭିଯାନ ଦ୍ୱାରା ଏହା ସମ୍ଭବ ହୋଇଥିଲା ଓ ଏଥିପାଇଁ ଏକ ବିସ୍ତୃତ ସହମତି ପ୍ରକାଶ ପାଇଥିଲା।

## ରିତେଶ୍‌ଙ୍କ ଆଗାମୀ ପ୍ରୋଜେକ୍ଟ 'ରାଜା ଶିବାଜୀ'



ମୁମ୍ବାଇ

ଜଣାଶୁଣା ବଲିଉଡ୍ ଅଭିନେତା ରିତେଶ ଦେଶମୁଖ୍ ପ୍ରାୟ ସବୁବେଳେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ରହିଥାନ୍ତି। ତେବେ ବର୍ତ୍ତମାନ ଅଭିନେତା ଜଣକ ନିଜ ନୂଆ ପ୍ରୋଜେକ୍ଟ ଯୋଗୁ ଚର୍ଚ୍ଚାରେ ରହିଛନ୍ତି। ରିତେଶ୍ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ତାଙ୍କ ନୂତନ ପ୍ରୋଜେକ୍ଟ ସମ୍ପର୍କରେ ସୂଚନା ଦେଇଛନ୍ତି, ଯାହା କିମ୍ବଦନ୍ତୀ ଛତ୍ରପତି ଶିବାଜୀ ମହାରାଜାଙ୍କ ଜୀବନୀ ଉପରେ ଆଧାରିତ ରହିଛି। ଛତ୍ରପତି ଶିବାଜୀ ମହାରାଜାଙ୍କ ଜନ୍ମବାର୍ଷିକୀ ଅବସରରେ ରିତେଶ ଏହି ଘୋଷଣା କରିଛନ୍ତି। ଏହା ସହ ରିତେଶ୍ ଫିଲ୍ମର ନାମ 'ରାଜା ଶିବାଜୀ' ହୋଇଥିବା ଘୋଷଣା କରିବା ସହ ସେ ଏହାର ନିର୍ଦ୍ଦେଶନା ଦେଉଥିବା ସୂଚାଇଛନ୍ତି। ଛତ୍ରପତି ଶିବାଜୀଙ୍କ ଝଲକ ରିତେଶଙ୍କ ଦ୍ୱାରା ଶେୟାର କରାଯାଇଥିବା ଏହି ପୋଷ୍ଟରେ ଦେଖିବାକୁ ମିଳିଛି। ରିତେଶଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ଜେନେଲିଆ ଡି'ସୁଜା ଦେଶମୁଖ୍‌ଙ୍କ ସହ ଜ୍ୟୋତି ଦେଶପାଣ୍ଡେ ଏହି ଫିଲ୍ମର ପ୍ରଡକ୍ସନ ଦାୟିତ୍ୱରେ ରହିଛନ୍ତି। ଏହା ପୂର୍ବରୁ ରିତେଶ ମରାଠୀ ଚଳଚ୍ଚିତ୍ର 'ଭେଦ' ର ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ୨୦୨୨ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ସ୍ତ୍ରୀ ଜେନେଲିଆ ଡି'ସୁଜା ଦେଶମୁଖ୍ ରିତେଶଙ୍କ ସହ ନଜର ଆସିଥିଲେ। ରିପୋର୍ଟ ଅନୁଯାୟୀ, ରିତେଶଙ୍କ ଏହି ଫିଲ୍ମ କେବଳ ହିନ୍ଦୀରେ ନୁହେଁ, ମରାଠୀ ଭାଷାରେ ମଧ୍ୟ ମୁକ୍ତିଲାଭ କରିବ। ତେବେ ଫିଲ୍ମର ଷ୍ଟାର କାଷ୍ଟକୁ ନେଇ ଏପର୍ଯ୍ୟନ୍ତ କୌଣସି ସୂଚନା ପ୍ରକାଶ ପାଇନାହିଁ। ରିତେଶଙ୍କ ଏହି ନୂତନ ପ୍ରୋଜେକ୍ଟ ପାଇଁ ତାଙ୍କ ପ୍ରଶଂସକମାନେ ଉତ୍ସାହିତ ରହିଛନ୍ତି।

# ତୀର୍ଥଯାତ୍ରାରେ ଗଲେ ୮ ଜିଲାର ୯୭୦ ବରିଷ୍ଠ ନାଗରିକ

■ ଆଭାସି ଜରିଆରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
■ ସମ୍ବଲପୁରରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ପରିବହନ ମନ୍ତ୍ରୀ

ସମ୍ବଲପୁର,୧୯।୨(ପ୍ରମୋଦ ବହିଦାର)

ପଶ୍ଚିମ ଓଡ଼ିଶାର ୮ ଜିଲାରୁ ମୋଟ ୯୭୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ନେଇ ସମ୍ବଲପୁରରୁ ସୋମବାର ଆଜମେର-ପୁଷ୍କର ଅଭିମୁଖେ ବାହାରିଛି ତୃତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଟ୍ରେନ୍‌। ସମ୍ବଲପୁର, ସୁବର୍ଣ୍ଣପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼ ଓ ଅନୁଗୋଳ ଜିଲାର ମହିଳା ଓ ପୁରୁଷ ବରିଷ୍ଠ ନାଗରିକଙ୍କୁ ନେଇ ସମ୍ବଲପୁର ରେଳଷ୍ଟେଶନରୁ ବାହାରିଥିବା ଏହି ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ପୂର୍ବାହ୍ନ ୧୧ଟା ସମୟରେ ଉଦ୍‌ଘାଟନ କରିଥିଲେ। ରେଳ ଷ୍ଟେଶନରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ।


ଟ୍ରେନ୍‌ର ଶୁଭାରମ୍ଭ କରିବା ଅବସରରେ ମନ୍ତ୍ରୀ ଟୁକୁନୀ ସାହୁଙ୍କ ସହ ଅତିଥିମାନେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ତୀର୍ଥସ୍ଥାନ ପରିଭ୍ରମଣର ଦିବ୍ୟ ଅନୁଭୂତି ଲାଭ ପାଇଁ ଶୁଭକାମନା ଜଣାଇଥିଲେ। ଏହି ଯାତ୍ରା ସମୟରେ ରେଳ ଷ୍ଟେଶନରେ ସମ୍ବଲପୁରୀ ନୃତ୍ୟ, ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଜା ସହ ହୁଳହୁଳି ଓ ହରିବୋଲ ଧ୍ୱନିର ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ସୂଚନାଯୋଗ୍ୟ ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ସମ୍ବଲପୁର ଜିଲାରୁ ୧୧୨, ସୁବର୍ଣ୍ଣପୁର ୭୫, ବରଗଡ଼ ୧୫୯, ବଲାଙ୍ଗୀର ୧୭୭, ଝାରସୁଗୁଡ଼ା ୭୨, ସୁନ୍ଦରଗଡ଼୨୨୫, ଦେବଗଡ଼ ୩୩ ଓ ଅନୁଗୋଳ ଜିଲାରୁ ୧୩୭ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ କରିଛନ୍ତି। ଆସନ୍ତା ୨୪ ତାରିଖରେ ତୀର୍ଥଯାତ୍ରୀ ଦଳ ସମ୍ବଲପୁର ଫେରି ଆସିବା କାର୍ଯ୍ୟକ୍ରମ ରହିଛି। ୫ ରାତି ଓ ୬ ଦିନର ଏହି ତୀର୍ଥଯାତ୍ରା ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୀର୍ଥଯାତ୍ରୀମାନଙ୍କ ନିଃଶୁଳ୍କ ଯାତ୍ରା ସହ ସେମାନଙ୍କ ରହଣି, ଖାଇବା ତଥା ଅନ୍ୟାନ୍ୟ ଆବଶ୍ୟକତା ପୂରଣ ଦିଗରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଇଛି। ତୀର୍ଥଯାତ୍ରୀଙ୍କ ଯତ୍ନ ପାଇଁ ୩୦ ଜଣ ଏସ୍କର୍ଟ ଅଧିକାରୀ ସହଯାତ୍ରୀ ଭାବେ ଟ୍ରେନ୍‌ରେ ଯାତ୍ରା କରୁଛନ୍ତି। ଆଇଆର୍‌ସିଟିସି ପକ୍ଷରୁ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭର୍ତ୍ତି ଗୋଟିଏ ଲେଖାଏ କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଛି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାର ପରାମର୍ଶଦାତା ଦୁର୍ଗା ପ୍ରସାଦ ସାମନ୍ତରାୟ, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀକାନ୍ତ ପୃଷ୍ଟି, ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ଗଡ଼ନାୟକ ଓ ଅଜାମ୍ବର ମହାନ୍ତି, ସଦର ତହସିଲଦାର ମନୋଜ କୁମାର କୁଜୁର, ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଉପଦେଷ୍ଟା ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଦ ଘରୁ ମା’, ପୁଅଙ୍କ ମୃତଦେହ ଜବତ

ପାତ୍ରପୁର,୧୯।୨ (ଉମାଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ଚୁଡ଼ିଆଲାଞ୍ଜି ଗ୍ରାମରେ ସୋମବାର ପୋଲିସ ବନ୍ଦ ଘରୁ ମା’ ସହ ୭ବର୍ଷର ପୁଅର ମୃତଦେହ ଜବତ କରିଛି। ମୃତକମାନେ ହେଲେ ଚୁଡ଼ିଆଲାଞ୍ଜି ଗ୍ରାମର ଦାଲି ମୋହନ ରାଓଙ୍କ ସ୍ତ୍ରୀ ଦାଲି ନିଲାବେଣୀ(୨୫) ଓ ତାଙ୍କ ପୁଅ ରିତିକ (୭)।

ନିଲାବେଣୀଙ୍କ ସ୍ୱାମୀ ବାହାର ରାଜ୍ୟର ଏକ ଘରୋଇ କମ୍ପାନୀକୁ ଦାଦନ ଖଟିବାକୁ ଯାଇଥିଲେ। ତାଙ୍କ ବଡ଼ପୁଅ ଡି.ବିନୋଦ ଆନ୍ଧ୍ରରେ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ସେ ଶାଶୁଙ୍କ ସହ ସାନପୁଅ ରିତିକକୁ ନେଇ ଘରେ ରହୁଥିଲେ। ସବୁଦିନ ପରି ନିଲାବେଣୀ ରବିବାର ରାତିରେ ପୁଅ ରିତିକକୁ ନେଇ ଘରେ ଶୋଇଥିଲେ। ସୋମବାର ସକାଳେ ବହୁ ସମୟ ଧରି ନିଲାବେଣୀଙ୍କ ଘରର କବାଟ ବନ୍ଦ ରହିଥିଲା। ଶାଶୁଙ୍କ ସନ୍ଦେହ ହେବାରୁ ସେ କବାଟ ଖୋଲି ଦେଖିଥିଲା ବେଳକୁ ମା’ପୁଅର ମୃତଦେହ ଶେଯରେ ପଡ଼ିଥିଲା। ଜରଡ଼ା ଥାନା ପୋଲିସ ପହଞ୍ଚି ମା’ ପୁଅଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ମୁହଁରେ ରକ୍ତ ଲାଗିଥିବାରୁ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଏବଂ ଚିକିଟି ଏସ୍‌ଡିପିଓ ସୁଜିତ ନାୟକ ପହଞ୍ଚି ତଦନ୍ତ କରିଥିବା ବେଳେ ଚିକିଟି ତହସିଲଦାର ବଳଦେବ ବେହେରାଙ୍କ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତ୍ୟୁର କାରଣ ଜଣାପଡ଼ି ନାହିଁ।

# ଥାନାଧିକାରିଣୀଙ୍କୁ ମାଡ଼ମାରି ୧୫ ଜେଲ ଗଲେ

**୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ**

ଭୋଗରାଇ,୧୯।୨(ପ୍ରଦୀପ ଦାସ)

ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ମେରାଇନ ଥାନା ଅଧିକାରିଣୀ ଆକ୍ରୋଶର ଶିକାର ହୋଇଛନ୍ତି। ଆକ୍ରମଣକାରୀଙ୍କ ମଧ୍ୟରୁ ପୋଲିସ ୧୫ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। କୋର୍ଟରେ ସେମାନଙ୍କର ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚାପା ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନଯାୟୀ, ରବିବାର ମଧ୍ୟରାତ୍ରରେ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପାଟ୍ରୋଲିଂରେ ଯାଇଥିବା ବେଳେ ଜୁଆ ଖେଳାଳି ଓ ମଦ ବେପାରୀ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏହାପରେ ଏକ ଦୋକାନ ଘରେ ପୂରାଇ ୧ ଘଣ୍ଟା ବନ୍ଦ କରି ରଖିବା ସହ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହା ସହ ଖାକିଡ୍ରେସକୁ ଚିରି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଡ୍ରାଇଭର ସୁଧାଂଶୁ ମହାନ୍ତି ଥାନାଧିକାରିଣୀଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ତାଳସାରୀ ମେରାଇନ ଥାନାର ଅନ୍ୟ ଜଣେ ଏଏସ୍‌ଆଇ ପିଆ ମୁର୍ମୁ ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଭୋଗରାଇ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ, କମର୍ଦ୍ଦା ଥାନାଧିକାରୀ ପ୍ରମଦା ନାୟକ ଓ ଚନ୍ଦନେଶ୍ୱର ଫାଣ୍ଡି ଏଏସ୍‌ଆଇଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ମେରାଇନ ଥାନାଧିକାରୀଙ୍କୁ ଉଦ୍ଧାର କରିଥିଲେ। ପରେ ରାତି ଅଧିଆ ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୋଲିସ ଛାନଭିନ ଆରମ୍ଭ କରିଥିଲା। ସୋମବାର ସକାଳୁ ଉଦୟପୁର ଗାଁରୁ ପୋଲିସ ୨୦ ଜଣଙ୍କୁ ଉଠାଇ ଆଣିବା ସହ ମାମଲା(ନଂ. ୨୦/୨୪) ରୁଜୁ କରି ୧୫ଜଣଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିଲା।

ମୁଖ୍ୟ ଅଭିଯୁକ୍ତ ଈଶ୍ୱର ବେହେରା ଓ ତାଙ୍କ ପରିବାର ଲୋକେ ଗାଁ ଛାଡ଼ି ଅନ୍ୟ ସ୍ଥାନରେ ଆତ୍ମଗୋପନ କରିଛନ୍ତି। ଅନ୍ୟପକ୍ଷରେ ଆକ୍ରମଣ ଘଟଣାରେ ସମ୍ପୃକ୍ତ ନ ଥିବା ସାଧାରଣ ଲୋକଙ୍କୁ ଘରୁ ରାତିଅଧିଆ ପୋଲିସ ଉଠାଇ ନେଇ ତାଳସାରୀ ମେରାଇନ ଥାନାରେ ପ୍ରବଳ ମାଡ଼ ମାରିଥିବା ଗ୍ରାମବାସୀ ପାଲଟା ଅଭିଯୋଗ କରିଛନ୍ତି।

# ଝିଅମାନେ ଅନ୍ୟ ଜାତିରେ ବିବାହ କରିଥିବାରୁ କାନ୍ଧ ମିଳିଲାନି

**ଟ୍ରଲିରେ ମଶାଣିକୁ ଗଲା ବୃଦ୍ଧାଙ୍କ ମୃତଦେହ**

କୁଚିଣ୍ଡା,୧୯।୨(ବିରଞ୍ଚି ଦର୍ଜୀ)

ସ୍ୱାଧୀନତାର ୭୭ବର୍ଷ ପରେ ବି ମଣିଷ ଅନ୍ଧବିଶ୍ୱାସରୁ ନିଜକୁ ମୁକ୍ତକାଇପାରି ନାହିଁ। ଝିଅମାନେ ଅନ୍ୟ ଜାତିରେ ବିବାହ କରିଥିବାରୁ ମା’ଙ୍କ ମୃତଦେହକୁ ଜାତିଭାଇ ଛୁଇଁଲେ ନାହିଁ କି କାନ୍ଧଦେବାକୁ ଆସିଲେନି। ଶେଷରେ ଟ୍ରଲି ରିକ୍ସାରେ ମୃତଦେହ ମଶାଣିକୁ ଗଲା। ସୋମବାର ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ସମ୍ବଲପୁର ଜିଲା କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୫ ବଡ଼ପଡ଼ାଠାରେ।


ଟ୍ରଲିରେ ମୃତଦେହ ମଶାଣିକୁ ନିଆଯାଉଛି।

କୁଚିଣ୍ଡା ଉପଖଣ୍ଡ ମୁଖ୍ୟାଳୟ ନିକଟରେ ଆଦିବାସୀ ଅଧ୍ୟୁଷିତ ବଡ଼ପଡ଼ା ଗ୍ରାମ ରହିଛି। ଏଠାରେ ବହୁଳ ଭାବେ ଆଦିବାସୀ କିଷାନ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ବୃଦ୍ଧା ଗୋମତି ଛତ୍ରିଆ (୭୦) ଏହି ବଡ଼ପଡ଼ାରେ ରୁହନ୍ତି। ଗତ କିଛିବର୍ଷ ପୂର୍ବେ ସ୍ୱାମୀ ତାଙ୍କୁ ଛାଡି ଆରପାରିକୁ ଚାଲିଗଲେ। ତାଙ୍କର ପୁଅ ନ ଥିବାବେଳେ କେବଳ ୭ଝିଅ ଅଛନ୍ତି। ସେଥିମଧ୍ୟରୁ ୩ଝିଅ ନିଜ ସମ୍ପ୍ରଦାୟ ଛାଡି ଅନ୍ୟ ଜାତିରେ କୁଆଡେ ବିବାହ କରିଥିବା ଏବଂ ଗୋମତି ଝିଅମାନଙ୍କ ଘରକୁ ଯାଇ ଖିଆପିଆ କରୁଥିବା ନେଇ ସମାଜ ଚଳଣିରୁ ଜାତି ଭାଇମାନେ ଦୂରେଇ ଯାଇଥିଲେ। ଏପରିସ୍ଥିତିରେ ହଠାତ୍ ସୋମବାର ଅପରାହ୍ନରେ ଗୋମତିଙ୍କ ମୃତ୍ୟୁ ହୋଇଥିଲା। ଝିଅମାନେ ଜାତିଭାଇଙ୍କ ପାଖରେ ମୃତଦେହ କାନ୍ଧ ଦେବାକୁ କାକୁତିମିନତି ହୋଇଥିଲେ। ମାତ୍ର ସେମାନେ କାନ୍ଧ ଦେବାକୁ ରୋକଠୋକ ମନା କରିଦେଇଥିଲେ। କାନ୍ଧ ପାଇଁ କେହି ନ ଆସିବାରୁ ଶେଷରେ ବୃଦ୍ଧାଙ୍କ ପୁତୁରା ସୁଶାନ୍ତ ଛତ୍ରିଆ ଓ ଜ୍ୱାଇଁ ଏକ ଟ୍ରଲି ରିକ୍ସା ଯୋଗାଡ କରି ମୃତଦେହ ମଶାଣିକୁ ନେଇ ଅନ୍ତିମ ସଂସ୍କାର କରିଥିଲେ। ପ୍ରଶାସନର ନାକ ତଳେ ଦେଖାଦେଇଥିବା ଏଭଳି କୁତ୍ସିତ ପରମ୍ପରା ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମୃତାଙ୍କ ପୁତୁରା କିମ୍ବା ଝିଅ ଜ୍ୱାଇଁମାନେ ଏ ନେଇ ପୋଲିସ କିମ୍ବା ପ୍ରଶାସନକୁ ଅବଗତ କରି ନ ଥିବା ଜଣାଯାଇଛି।

# ସଜେଇ ହେଉଛି ମହିମାପୀଠ

■ ୨୨ରୁ ବିଶ୍ୱ ପ୍ରସିଦ୍ଧ ମାଘମେଳା
■ ସାଧୁସନ୍ଥଙ୍କ ଆଗମନରେ ଯୋରନ୍ଦା ଉତ୍ସବ ମୁଖର
■ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ଜୋର୍‌ଦାର

ଢେଙ୍କାନାଳ,୧୯।୨(ରତନ ନାୟାର)

ବିଶ୍ୱପ୍ରସିଦ୍ଧ ମହିମାଧର୍ମର ପୀଠ ଢେଙ୍କାନାଳ ଜିଲାର ଯୋରନ୍ଦାଠାରେ ପ୍ରସିଦ୍ଧ ମାଘମେଳା ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରର ବହୁ ସଂଖ୍ୟକ ମହିମା ସାଧୁ ସନ୍ନ୍ୟାସୀ ଆସି ଯୋରନ୍ଦାରେ ପହଞ୍ଚି ସାରିଲେଣି। ଏହାକୁ ନେଇ ଯୋରନ୍ଦା ଉତ୍ସବ ମୁଖର ହୋଇଉଠିଲାଣି। ମାଘମେଳା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

ଚଳିତବର୍ଷ ମାଘ ମେଳା ଆସନ୍ତା ୨୨, ୨୩ ଓ ୨୪ ତାରିଖ ୩ ଦିନ ଧରି ଅନୁଷ୍ଠିତ ହେବ। ୨୨ ଓ ୨୩ ତାରିଖ ଦୁଇଦିନ ଧରି ବିଶ୍ୱ କଲ୍ୟାଣ ପାଇଁ ଘୃତାହୁତି କରାଯାଇ ଖଡ଼ଦୀପ ପ୍ରଜ୍ୱଳନ ହେବ। ଚଳିତବର୍ଷ ଏହି ପ୍ରସିଦ୍ଧ ମେଳାରେ ବ୍ୟାପକ ଜନ ସମାଗମ ହେବାର ଆଶଙ୍କା କରାଯାଉଥିବାରୁ ଭଲ ବ୍ୟବସାୟ ଆଶାରେ ଉଠା ଦୋକାନୀମାନେ ଯୋରନ୍ଦାରେ ନିଜ ନିଜର ପସରା ମେଲାଇବା ଆରମ୍ଭ କଲେଣି। ବିଶ୍ୱ ପ୍ରସିଦ୍ଧ ମାଘମେଳାକୁ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଦେଖି ପରମ୍ପରା ଓ ଭାଇଚାରା ମଧ୍ୟରେ ମେଳା ଆୟୋଜନ କରିବା ପାଇଁ ପ୍ରସ୍ତୁତି ଚାଲିଛି । ଇତିମଧ୍ୟରେ ୨ଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ଉପଜିଲାପାଳ ସନପ କୁମାର ନନ୍ଦଙ୍କ ସମେତ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଯୋରନ୍ଦାଠାରେ ପହଞ୍ଚି ମେଳାର ସୁପରିଚାଳନା ପାଇଁ ଅନୁଧ୍ୟାନ ଓ ଆଲୋଚନା କରିଥିଲେ। ଚଳିତବର୍ଷ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଉଛି। ସେହିପରି ପ୍ରଥମ କରି ଉପଖଣ୍ଡସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଏଥିପାଇଁ ମଧ୍ୟ ପ୍ରସ୍ତୁତି ଜୋର୍ ଧରିଛି ବୋଲି ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସୂଚନା ଦେଇଛନ୍ତି। ଚଳିତବର୍ଷ ମେଳାରେ ୯ ପ୍ଲାଟୁନ ପୋଲିସ ମୁତୟନ ହେବେ ବୋଲି ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଛନ୍ତି, ଶାନ୍ତିଶୃଙ୍ଖଳାର ସହ ପ୍ରସିଦ୍ଧ ମାଘମେଳାର ସୁପରିଚାଳନା ପାଇଁ ୨ଥର ପ୍ରସ୍ତୁତି ବୈଠକ ସରିଛି। ଚଳିତବର୍ଷ ଅଧିକ ଜନ ସମାଗମ ହେବାର ସମ୍ଭାବନା ରହିଛି। ଶାନ୍ତିଶୃଙ୍ଖଳାର ସହ ମେଳା ଶେଷ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରୁଛୁ।


## ସର୍ବସାଧାରଣ ନୋଟିସ
## ପଞ୍ଚାୟତ ସମିତି କାର୍ଯ୍ୟାଳୟ

ପତ୍ର ସଂଖ୍ୟା: ୭୬୮ ତା: ୧୫।୦୨।୨୦୨୪

**ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି**

ଏତଦ୍ୱାରା ବଡ଼ୟା ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ବଡ଼ୟା ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଅନ୍ତର୍ଗତ ଜନଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ତା୨୯।୦୨।୨୦୨୪ ପୂର୍ବାହ୍ନ ୧୧ଘଟିକା ସମୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହେବ।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଅଣକୁଶଳୀ ଶ୍ରମଜୀବୀଙ୍କର ପରିବାର ସଦସ୍ୟ, ଯୋଜନା ସହ ସମ୍ପୃକ୍ତ ଥିବା ସଙ୍ଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚିତ ପ୍ରତିନିଧି ବୃନ୍ଦ ଅଂଶଗ୍ରହଣ କରିପାରିବେ। ଏହି ଜନଶୁଣାଣିରେ ଉପରୋକ୍ତ ଯୋଜନାର ୨୦୨୩-୨୪ ଆର୍ଥିକ ବର୍ଷର ଏପ୍ରିଲଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ଅର୍ଥର ପରିମାଣ, ପଞ୍ଜୀକୃତ ହୋଇଥିବା ପରିବାରର ସଂଖ୍ୟା, କାର୍ଯ୍ୟପତ୍ର ଯୋଗାଣ ହୋଇଥିବା ସଂଖ୍ୟା, କାମ ପାଇଁ ଦାବି କରିଥିବା ପରିବାରର ସଂଖ୍ୟା, କାର୍ଯ୍ୟ ଯୋଗାଇ ଦିଆଯାଇଥିବା ପରିବାରର ସଂଖ୍ୟା, ୧୦୦ ଦିନ କାର୍ଯ୍ୟ ସମାପ୍ତ କରିଥିବା ପରିବାର ସଂଖ୍ୟା, ଶ୍ରମ ଯୋଗାଣ ସୃଷ୍ଟି ହୋଇଥିବା ଦିନର ସଂଖ୍ୟା, ସାମାଜିକ ସମୀକ୍ଷାରେ ମିଳିଥିବା ଆପତ୍ତି ଅଭିଯୋଗର ସଂଖ୍ୟା, ବ୍ଲକରେ ପଞ୍ଜୀକୃତ ଅଭିଯୋଗର ସଂଖ୍ୟା, ଫଇସଲା ହୋଇଥିବା ଅଭିଯୋଗ ଇତ୍ୟାଦିର ସମୀକ୍ଷା ବ୍ଲକସ୍ତରୀୟ ଜନଶୁଣାଣି ଦ୍ୱାରା କରାଯିବ।

ଏଣୁ ଆପଣମାନଙ୍କୁ ଅନୁରୋଧ, ଆପଣମାନେ ଏହି ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣିରେ ବହୁ ସଂଖ୍ୟାରେ ଯୋଗଦେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ।

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା
କାର୍ଯ୍ୟକ୍ରମ ଅଧିକାରୀ, ବଡ଼ୟା



## ପୂର୍ବ ତଟ ରେଳପଥ
### ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ : (1) ଦଶପଲ୍ଲା - 2 ଚକିଆ (ପରିଚାଳନା କ୍ଷେତ୍ର ଖୋର୍ଦ୍ଧା ରୋଡ଼ ଶେଷ) ଏବଂ (2) ପୁରୀ - 2 ଚକିଆ (ପରିଚାଳନା କ୍ଷେତ୍ର)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.28.02.2024 ରିଖ 1100 ଘଟିକା।

ନିଲାମ ଶେଷ ତାରିଖ ଓ ସମୟ : ତା.28.02.2024 ରିଖ 1130 ଘଟିକା (କ୍ରମ ସଂ. 1 ପାଇଁ), 1140 ଘଟିକା (କ୍ରମ ସଂ. 2 ପାଇଁ)।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ୍‌ରମାନଙ୍କୁ ୱେବ୍‌ସାଇଟ୍ http://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1102/O/23-24



## कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, राँची (ग्रामीण)

**शुद्धि पत्र**

PR 317895 Road (23-24)_D में प्रकाशित निविदा सूचना सं0 RCD/ranchi(gramin)-62/2023-24 को निम्न रुप से संशोधित की जाती है।

| क्रं0 | पूर्व में प्रकाशित | संशोधित |
|---|---|---|
| 1. | वेबसाईट पर निविदा प्रकाशन की तिथि एवं समय 20.02.2024, 10.30 बजे पूर्वाह्न | वेबसाईट पर निविदा प्रकाशन की तिथि एवं समय 05.03.2024, 10.30 बजे पूर्वाह्न |
| 2. | निविदा प्राप्ति की अंतिम तिथि एवं समय 27.02.2024, 12.00 बजे दोपहर तक | निविदा प्राप्ति की अंतिम तिथि एवं समय 11.03.2024, 12.00 बजे दोपहर तक |

शेष शर्तें यथावत रहेंगे।

कार्यपालक अभियंता
पथ निर्माण विभाग,
पथ प्रमंडल, राँची(ग्रामीण)

PR 319509 Road(23-24).D



## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ : ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଫୋନ୍ : ୦୬୭୪-୨୬୨୦୪୨୩

### ଗାଡି ବିକ୍ରୟ ନିମନ୍ତେ

| ଶାଖାର ନାମ / ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି | ସମ୍ପୃକ୍ତ ଅଧିକାରୀଙ୍କ ବିବରଣୀ |
|---|---|---|---|
| କଟକ ସିଟି ଶାଖା / ଦିନ କୃଷ୍ଣ ଦାଶ | Maruti Suzuki Eeco 5 STR AC, ପଞ୍ଜିକୃତ ନଂ.: ଓଡି ୦୫ ଏଭି ୫୯୬୮ | ଟ.୨,୦୦,୦୦୦/- / ଟ.୨୦,୦୦୦/- | ଶ୍ରୀ ଲକ୍ଷ୍ମୀକାନ୍ତ ଜେନା, ମୋ.: ୯୮୬୧୬୮୫୮୬୫ |

ନିୟମ ଏବଂ ସର୍ତ୍ତାବଳୀ: ୟୁକୋ ବ୍ୟାଙ୍କ ଦ୍ୱାରା ସିଜ୍ କରାଯାଇଥିବା ଉପରଦର୍ଶିତ ଗାଡି "ଯେଉଁଠାରେ ଯେପରି ଅଛି" ଭିତ୍ତିରେ ବିକ୍ରୟ କରାଯିବ। ସମ୍ପୃକ୍ତ ଶାଖା ପରିସରରେ ଗାଡିକୁ ତା.୦୫.୦୩.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ସର୍ବସାଧାରଣ ନିଲାମ କରାଯିବ। ସବିଶେଷ ବିବରଣୀ ନିମନ୍ତେ ଉପରଦର୍ଶିତ ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ (ଉପର ଦର୍ଶିତ ସମସ୍ତ ଅର୍ଥ ରାଶିରେ ଜିଏସ୍‌ଟି ଅନ୍ତର୍ଭୁକ୍ତ)।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୯.୦୨.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



## कार्यपालक अभियन्ता का कार्यालय, ग्रामीण कार्य विभाग, कार्य प्रमण्डल, हजारीबाग

**ई–अति अल्पकालीन पुनर्निविदा आमंत्रण सूचना**

ई–निविदा सं0 :–07/RE(4)/2023-24/RWD/EE/HAZARIBAG दिनांक :– 19.02.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

कार्य की विवरणी :–

| क्र0 सं0 | आईडेन्टी फिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (रुपया में) अंक में | अक्षर में | कार्य समाप्ति की अवधि | कॉल |
|---|---|---|---|---|---|---|---|
| 1 | RWD/HAZ/ STPKG/09/ 2023-24 | बड़कागाँव | एन0टी0पी0सी0 पथ चेपाखुर्द से चेपाकला तक पथ का सुदृढ़ीकरण कार्य (लं0–4.150 कि0मी0) | 15,23,93,600/- | पन्द्रह करोड़ तेईस लाख तिरान्वे हजार छः सौ रुपये मात्र | 15 (पन्द्रह) माह | पंचम |
| | | बड़कागाँव | जुबला से चानो तक पथ का सुदृढ़ीकरण कार्य (लं0–5.900 कि0मी0) | | | | |
| | | बड़कागाँव | हरली शिव मन्दिर से नापोकला पथ होते हुए सतबहिनी पुल तक पथ का सुदृढ़ीकरण कार्य (लं0–5.140 कि0मी0) | | | | |
| | | बड़कागाँव | लुरुगां से इन्दरा तक पथ का सुदृढ़ीकरण कार्य (लं0–6.550 कि0मी0) | | | | |
| | | बड़कागाँव | महुदी मध्य विद्यालय से चुम्बागढ़ा तक पथ का सुदृढ़ीकरण कार्य (लं0–3.600 कि0मी0) | | | | |
| | | बड़कागाँव | बड़कागाँव सूर्य मन्दिर से आराहरा तक पथ का सुदृढ़ीकरण कार्य (लं0–4.100 कि0मी0) | | | | |
| | | बड़कागाँव | डोकाटांड से बरबनिया होते हुए मलडीह तक पथ का सुदृढ़ीकरण कार्य (लं0–4.000 कि0मी0) | | | | |

2. वेबसाईट में निविदा प्रकाशन की तिथि :– 22.02.2024
3. ई–निविदा प्राप्ति की अंतिम तिथि एवं समय :–28.02.2024 अपराहन 5.00 बजे तक ।
4. निविदा खोलने की, तिथि, एवं समय–29.02.2024 अपराहन 5.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग।
6. ई–निविदा प्रकोष्ठ का दूरभाष सं0–06546–265286।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, हजारीबाग

PR 319593 (Rural Work Department) 23-24 (D)


## ପ୍ରଥମ ପୃଷ୍ଠାରୁ

### ‘ଲୋକଙ୍କ ଇଚ୍ଛାରୁ...

କନ୍ଧମାଳରେ ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ବିଧାୟକ ଚକ୍ରମଣି କହଁର ପ୍ରମୁଖ ଯୋଗଦେଇ କହିଛନ୍ତି ଯେ, ଆଜି ରାଜ୍ୟରେ କେବଳ ଗମନାଗମନ ନୁହେଁ, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି – ସବୁ କ୍ଷେତ୍ରରେ ଅଭୁତପୂର୍ବ ପରିବର୍ତ୍ତନ ଆସିଛି। ୫-ଟି କେବଳ ଏକ ମନ୍ତ୍ର ନୁହେଁ, ମ୍ୟାଜିକ ଭାବରେ ଓଡ଼ିଶାର ରୂପାନ୍ତରରେ କାମ କରିଛି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରି କହିଛନ୍ତି ଯେ, ଏକ ନମ୍ବର ସ୍ଥାନରେ ଅଧିଷ୍ଠିତ ହେବାକୁ ହେଲେ, କଠିନ ପରିଶ୍ରମ ଓ ତ୍ୟାଗ ଦରକାର। ମୁଖ୍ୟମନ୍ତ୍ରୀ ହେଉଛନ୍ତି ତା’ର ପ୍ରକୃଷ୍ଟ ଉଦାହରଣ। ଗତ ୨୪ ବର୍ଷ ଧରି ଦେଶର ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଏକ ନମ୍ବର ମୁଖ୍ୟମନ୍ତ୍ରୀ ସ୍ଥାନରେ ରହିଛନ୍ତି। ଏଥିପାଇଁ ତାଙ୍କ ପରିଶ୍ରମ ଓ ତ୍ୟାଗର ତୁଳନା ନାହିଁ। ଏଥିସହିତ ସମ୍ବଲପୁର ଜିଲାବାସୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ସମ୍ବଲପୁରରୁ ପୁରୀ ସପ୍ତାହକୁ ୨ ଦିନ ଯିବାଆସିବା କରୁଥିବା ଜଗନ୍ନାଥ ଏକ୍ସପ୍ରେସ, ଫେବୃଆରୀ ୨୫ ତାରିଖରୁ ସବୁ ଦିନ ଚାଲିବ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ।

### ବିଦେଶରେ ଚାକିରି...

ଆବେଦନକାରୀଙ୍କ ଫର୍ମ ଏବଂ ଆର୍ଥିକ କାରବାରର ସ୍କ୍ରିନସଟ ଜବତ କରାଯାଇଥିବା ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ଚାକିରି ପାଇଁ ମିଳିଥିବା କମ୍ପାନୀର ଅଫର ଲେଟର୍‌ର ସତ୍ୟାସତ୍ୟ ଯାଞ୍ଚ ଚାଲିଥିବା ସେ କହିଛନ୍ତି।

ଗତ ୫ ତାରିଖରେ ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ପେଣ୍ଡରାପଲ୍ଲୀ ଅଞ୍ଚଳର ପ୍ରଭାତ ଦଳେଇ ଗୋସାଣିନୂଆଗାଁ ଥାନାରେ ଏତଲା ଦେଇଥିଲେ ଯେ, ଅଭିଯୁକ୍ତ ମୋହନ ତାଙ୍କ ସହ ମୋଟ ୨୦ଜଣଙ୍କୁ କେନିଆରେ ଚାକିରି କରାଇ ଦେବାସହ ଆବଶ୍ୟକ ଭିଜା ଯୋଗାଇଦେବାକୁ କହି ବ୍ରହ୍ମପୁର ଷ୍ଟେଶନରେ ଥିବା ଏକ ଗେଷ୍ଟ ହାଉସକୁ ଡକାଇଥିଲେ। ସେଠାରେ ମୋହନ ପ୍ରତ୍ୟେକଙ୍କଠାରୁ ୪୮,୫୦୦ ଲେଖାଏ ମୋଟ ୯ଲକ୍ଷ ୭୦ହଜାର ଟଙ୍କା ନେଇଥିଲେ। ଚାକିରି ଆଶାୟୀମାନେ କେନିଆ ଯିବା ପାଇଁ ଟିକେଟ କରାଇ ଦେବାକୁ ପୁଣି ଫୋନ କରିବାରୁ ସେ ଉଠାଇ ନ ଥିଲେ। ପ୍ରଭାତ ଅନ୍ୟ ଏକ ନମ୍ବରରୁ ଫୋନ କରିବାରୁ ମୋହନ ରେଙ୍ଗୀ ଗାଳିଗୁଲଜ କରିଥିଲେ। ଘଟଣା ନେଇ ସେ ଗୋସାଣିନୂଆଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା (ନଂ. ୩୪/୨୪) ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଏସ୍‌ପି କହିଛନ୍ତି।

### ଆଜିଠୁ ମାଟ୍ରିକ୍ ପରୀକ୍ଷା...

ସୂଚନାଯୋଗ୍ୟ, ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ମଙ୍ଗଳବାରରୁ ଆରମ୍ଭ ହେବ। ତେବେ ପରୀକ୍ଷା ପରିଚାଳନାକୁ ନେଇ ବହୁ ଆଶଙ୍କା ଦେଖାଦେଇଥିଲା। କାରଣ ବିଭିନ୍ନ ଦାବି ନେଇ ଗତ ୭ ତାରିଖରୁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଶିକ୍ଷକମାନେ ଧାରଣାରେ ବସିଥିଲେ। ଆଜି ପର୍ଯ୍ୟନ୍ତ ଅନୁଦାନ ପାଇ ନ ଥିବା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଅବସରକାଳୀନ ସୁବିଧା ପ୍ରଦାନ, ୨୨୬ ଓ ୩୧୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ ଆଦି ଦାବି ପୂରଣ ନେଇ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପାଳନ କରୁ ନ ଥିବାରୁ ଶିକ୍ଷକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିଲେ। ଏପରିକି ଦାବି ପୂରଣ ନ ହେଲେ ମାଟ୍ରିକ ପରୀକ୍ଷାରେ ଅସହଯୋଗ କରିବୁ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ତେବେ ଶୃଙ୍ଖଳିତ ତଥା ସ୍ୱାଭାବିକ ପରୀକ୍ଷା ପରିଚାଳନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସୋମବାର ସଂଘ ସହିତ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ସଫଳ ହେବା ପରେ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିବା ସହିତ ପରୀକ୍ଷାରେ ସହଯୋଗ କରିବ ବୋଲି କହିଛି। ଛାତ୍ରୀଛାତ୍ର ଚାପମୁକ୍ତ ହୋଇ ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତୁ ବୋଲି ଓଷ୍ଟା ପକ୍ଷରୁ ନିବେଦନ କରାଯାଇଛି।

### ବିନାନୁମତିରେ ବଦଳିପାରିବନି...

ଅନୁଯାୟୀ ପ୍ରକଳ୍ପରେ ୫୦ ପ୍ରତିଶତ ଅଥବା ୭ ଜଣ କ୍ରେତା ହେବା ପରେ ସଂଘ ଗଠନ କରାଯିବ। ପୂର୍ବରୁ ମାଲିକ ସଂଘ ସାଧାରଣ ଅଞ୍ଚଳ(କମନ ଏରିଆ)ରୁ ମାଲିକାନା ହକ୍ ପାଇ ପାରୁ ନ ଥିଲା। ଏହି ଆଇନ କାର୍ଯ୍ୟକାରୀ ହେବା ପରେ ଉକ୍ତ ଅଞ୍ଚଳର ସମସ୍ତ ମାଲିକାନା ସଂଘଠାରେ ନ୍ୟସ୍ତ ହେବ। ଏଥିସହିତ ଆପାର୍ଟମେଣ୍ଟ ବିକ୍ରି, ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ ଆଦି କ୍ଷେତ୍ରରେ କମନ ଏରିଆ ହସ୍ତାନ୍ତର କରାଯାଇପାରିବ। ମାତ୍ର ଉକ୍ତ ଅଂଶକୁ କୌଣସି ଉଦ୍ଦେଶ୍ୟରେ ଖଣ୍ଡ ଖଣ୍ଡ କରାଯାଇପାରିବ ନାହିଁ। ପ୍ରତ୍ୟେକ ମାଲିକ ଆଇନରେ ଥିବା ଚୁକ୍ତି, ସର୍ତ୍ତ ଓ କଟକଣାକୁ ମାନିବାକୁ ବାଧ୍ୟ ହେବେ। ଯଦି କେହି ଏହାକୁ ଉଲ୍ଲଂଘନ କରିବେ ଆପାର୍ଟମେଣ୍ଟ ମାଲିକ ସଂଘ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ କ୍ଷତିଭରଣା କରିପାରିବେ। ଏଥିସହିତ ନିଜ ଅଧୀନରେ ଥିବା ଆପାର୍ଟମେଣ୍ଟ ଉପରେ ମାଲିକମାନେ ଋଣ କରିପାରିବେ।

ପୂର୍ବରୁ ଆପାର୍ଟମେଣ୍ଟ ବିକ୍ରୟ କରୁଥିବା ପ୍ରମୋଟରଙ୍କ ନାମରେ କମନ ଏରିଆର ରେକର୍ଡ ଅଫ୍ ରାଇଟସ୍ ରହୁଥିଲା। ଏହି ଆଇନ କାର୍ଯ୍ୟକାରୀ ହେବା ପରେ ଉକ୍ତ ଅଞ୍ଚଳ ଆପାର୍ଟମେଣ୍ଟ ଆସୋସିଏଶନ ନାମରେ ରେଜିଷ୍ଟ୍ରେଶନ ଅଧିନିୟମ-୧୯୦୮ ଅନୁଯାୟୀ ରେଜିଷ୍ଟ୍ରି କରାଯିବ। ତେବେ ରିୟଲଇଷ୍ଟେଟ ଅଧିନିୟମ(ବିନିୟମ ଓ ଉନ୍ନୟନ) ଆଇନ-୨୦୧୬ ପରେ ଯଦି କୌଣସି ଆପାର୍ଟମେଣ୍ଟ ବିକ୍ରି ହୋଇଥିବ ଏବଂ କମନ ଏରିଆ ଆସୋସିଏଶନ ନାମରେ ଆର୍‌ଓଆର୍ ହୋଇ ନ ଥିବ ସେ କ୍ଷେତ୍ରରେ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନ- ୨୦୨୩ ବ୍ୟବସ୍ଥା ଅନୁଯାୟୀ ୬ ମାସ ମଧ୍ୟରେ ରେଜିଷ୍ଟ୍ରି କରାଯିବାକୁ ବ୍ୟବସ୍ଥା ହୋଇଛି। ଏହା ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମିତି ନେବା ବାଧ୍ୟତାମୂଳକ କରାଯାଇଛି।

### କେନ୍ଦ୍ରର ପ୍ରସ୍ତାବକୁ...

କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା, କୃଷକ ଓ କୃଷି ଶ୍ରମିକଙ୍କୁ ପେନ୍‌ସନ, କୃଷିଋଣ ଛାଡ଼, ବିଦ୍ୟୁତ୍ ଦେୟ ନ ବଢ଼ାଇବା, ୨୦୨୧ ଲଖିମ୍ପୁର ଖେରି ମାମଲାରେ ପୋଲିସ ମାମଲା ପ୍ରତ୍ୟାହାର କରିନେବା ସହ ନ୍ୟାୟ ପ୍ରଦାନ କରିବା, ଭୂ-ଅଧିଗ୍ରହଣ ଆଇନ, ୨୦୧୩ ପୁନର୍ବାର ଲାଗୁ କରିବା ଏବଂ ୨୦୨୦-୨୧ ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ଚାଷୀ ପରିବାରଗୁଡ଼ିକୁ କ୍ଷତିପୂରଣ ଦେବା ଆଦି ଦାବି ନେଇ କୃଷକ ସଂଗଠନଗୁଡ଼ିକର ଆହ୍ୱାନରେ ଦିଲ୍ଲୀ ଚଲୋ ଅଭିଯାନ ଆରମ୍ଭ ହୋଇଥିଲା। ହରିୟାଣା ପୋଲିସ୍ ଚାଷୀମାନଙ୍କୁ ଆଗକୁ ଯିବାକୁ ନ ଦେବାରୁ ସେମାନେ ପଟିଆଲା ଜିଲାର ଶମ୍ଭୁ ସୀମାରେ ଅଟକି ରହିଛନ୍ତି। କୃଷକ ନେତାମାନଙ୍କ ସହ କେନ୍ଦ୍ର ସରକାରଙ୍କ ୩ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ପରେ ରବିବାର ରାତିରେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଏନ୍‌ସିସିଏଫ୍, ନାଫେଡ୍ ଏବଂ ଭାରତର କଟନ କର୍ପୋରେଶନ ଭଳି ସମବାୟ ସଂସ୍ଥା ଆଇନଗତ ଚୁକ୍ତି ସ୍ୱାକ୍ଷର କରି ଚାଷୀମାନଙ୍କଠାରୁ ଡାଲି, ମକା ଓ କପା ଫସଲ ଆଗାମୀ ୫ ବର୍ଷ ପାଇଁ ଏମ୍‌ଏସ୍‌ପିରେ କିଣିବେ ବୋଲି ସରକାର ପ୍ରସ୍ତାବ ଦେଇଥିବା ବୈଠକ ଶେଷରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଗଣମାଧ୍ୟମକୁ କହିଥିଲେ। କୃଷକ ନେତାମାନେ ଏହା ଉପରେ ସୋମବାର ଓ ମଙ୍ଗଳବାର ଆଲୋଚନା କଲା ପରେ ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି କହିଥିଲେ। ସୋମବାର ବିଭିନ୍ନ କୃଷକ ୟୁନିୟନର ନେତାମାନଙ୍କ ସହ ଆଲୋଚନା ପରେ କେନ୍ଦ୍ରର ଦାବିକୁ ସଂଯୁକ୍ତ କୃଷକ ମୋର୍ଚ୍ଚା ପ୍ରତ୍ୟାଖ୍ୟାନ କରିଦେଇଛି।

# ତାରତମ୍ୟ ଶୂନ୍ୟ ସମାଜ ଗଠନ ଆହ୍ୱାନ

## ଆଜି ବିଶ୍ୱ ସାମାଜିକ ନ୍ୟାୟ ଦିବସ




ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

ଆଜି ବିଶ୍ୱ ସାମାଜିକ ନ୍ୟାୟ ଦିବସ ବା ୱାର୍ଲ୍ଡ ସୋସିଆଲ୍ ଜଷ୍ଟିସ୍ ଡେ'। ସମସ୍ତଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହ ଏକ ତାରତମ୍ୟ ତଥା ଭେଦଭାବଶୂନ୍ୟ ସମାଜ ଗଠନ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୨୦୦୭ ନଭେମ୍ବର ୨୬ରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ପ୍ରତିବର୍ଷ ଫେବୃଆରୀ ୨୦ରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ ଲାଗି ବିଧିବଦ୍ଧ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ଅନୁଯାୟୀ ୨୦୦୯ ଫେବୃଆରୀ ୨୦ରୁ ଏହି ଦିବସ ପାଳନ କରାଯାଇଆସୁଛି। ଦାରିଦ୍ର୍ୟ ଓ ବେକାରି ଦୂରୀକରଣ, ସାମାଜିକ ସଂହତି, ଲିଙ୍ଗଗତ ଭେଦଭାବ ସମସ୍ୟାର ନିରାକରଣ, ସାମାଜିକ ଓ ଅର୍ଥନୈତିକ ସ୍ତରରେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ସହ ନ୍ୟାୟ ପ୍ରଦାନ ପାଇଁ ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ତେବେ ବାସ୍ତବରେ ଏହି ଦିବସ ତାରତମ୍ୟ ଦୂର କରିବାରେ କେତେଦୂର ଫଳପ୍ରଦ ହେଉଛି ସେ ନେଇ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

### ଦଳିତ, ଆଦିବାସୀ ବର୍ଗଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରୁନି

ସମାଜରେ ଆଜି ବି ଦଳିତ, ଆଦିବାସୀ ଆଦି ବର୍ଗଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରୁନାହିଁ। ଏକ ଆଧୁନିକ ତଥା ଉନ୍ନତ ଦେଶରେ ଅନେକ ସ୍ଥାନରେ ଛୁଆଁ ଅଛୁଆଁ ଭେଦଭାବ ରହିବା ସହ ଅର୍ଥନୈତିକ କ୍ଷେତ୍ରରେ ନିମ୍ନସ୍ତରରେ ଥିବା ଲୋକଙ୍କୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି। ଏହା ଏକ ଜନମଙ୍ଗଳ ରାଷ୍ଟ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ସମାଜରେ ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ ମିଳିବା, ଭେଦଭାବରୁ ଦୂରେଇବା, ଆର୍ଥିକସ୍ତର ଭଳି ବିଭିନ୍ନ କ୍ଷେତ୍ରରେ ସମାନ ଅଧିକାର ମିଳିପାରିଲେ ହିଁ ଦେଶରେ



ସମାନତା ଆସିବା ବା 'ରାଇଟ୍ ଟୁ ଇକ୍ୱାଲିଟି' ବାସ୍ତବ ରୂପ ନେବ ବୋଲି କହିପାରିବା। ବର୍ତ୍ତମାନ ଧନୀକ ଶ୍ରେଣୀ ଆହୁରି ଧନୀ ହୋଇ ଚାଲୁଥିବାବେଳେ ଗରିବମାନେ ଆହୁରି ଗରିବ ହୋଇଯାଉଛନ୍ତି। ବିଶେଷକରି ଦେଶ ଗଠନରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ଚାଷୀ, ନିର୍ମାଣ ଶ୍ରମିକ ପ୍ରମୁଖଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ ରଖାଯାଉଛି। ତେଣୁ ଏହି ତାରତମ୍ୟକୁ ଦୂର କରି ସାମାଜିକ ନ୍ୟାୟ ପ୍ରତିଷ୍ଠା କରା ନ ଗଲେ ଦେଶରେ ହିଂସା, ଅଶାନ୍ତି ବଢ଼ିଚାଲିବ।

—ମନୋଜ ଜେନା, ମାନବାଧିକାର କର୍ମୀ

### ବେକାରି ଦୂରୀକରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ

ଲିଙ୍ଗଗତ ଭେଦଭାବ, ଆର୍ଥିକସ୍ତରରେ ଦୁର୍ବଳ, ଜାତିଗତ ଭେଦଭାବଠାରୁ ଦୂରେଇ ରହି ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରାଯିବା ଆବଶ୍ୟକ।



ବର୍ତ୍ତମାନ ବେକାରି ସମସ୍ୟା ଦ୍ରୁତଗତିରେ ବଢିଚାଲିଥିବାବେଳେ ନିଜର ବା ପରିବାରର ଆର୍ଥିକ ଅଭାବକୁ ମେଣ୍ଟାଇବା ପାଇଁ ଅନେକେ ଚୋରି, ହତ୍ୟାଠାରୁ ଆରମ୍ଭ କରି ନିଶାଦ୍ରବ୍ୟ ବେପାର ଭଳି ବିଭିନ୍ନ ଆପରାଧିକ ବାଟରେ ପାଦ ଦେଉଛନ୍ତି। ଅପରାଧୀଙ୍କ ପରିବାରକୁ ସମାଜରେ ଘୃଣାର ସମ୍ମୁଖୀନ ହେବାକୁ ପଡୁଛି। ଏପରିକି କୌଣସି ଘଟଣାରେ ପୀଡ଼ିତ ହେଲେ ମଧ୍ୟ ସେମାନଙ୍କୁ ସମାଜରୁ ନ୍ୟାୟ ବଦଳରେ ତିରସ୍କାର ମିଳୁଛି। ଫଳରେ ସମାଜର ସନ୍ତୁଳନ ବିଗିଡିବାରେ ଲାଗିଛି। ତେଣୁ ଏକ ସୁସ୍ଥ ସମାଜ ଗଠନ ପାଇଁ ବେକାରି ଦୂରୀକରଣ ଉପରେ ଗୁରୁତ୍ୱ ଦିଆଯିବା ନିହାତି ଆବଶ୍ୟକ।

—ସୁଶାନ୍ତ କୁମାର ସାହୁ, ସାମାଜିକ କର୍ମୀ

### ଲିଙ୍ଗଗତ ବୈଷମ୍ୟ ଚିନ୍ତାଜନକ

ନ୍ୟାୟ କହିଲେ ସାଧାରଣତଃ କାଗଜପତ୍ର, ଆଇନ୍‌କାନୁନ୍ କଥା ଭାବନ୍ତି। ସବୁଲୋକ ଆଇନ୍‌କୁ ନେଇ ସଚେତନ ନୁହନ୍ତି। ତେଣୁ ଏଭଳି କ୍ଷେତ୍ରରେ ସାମାଜିକ ନ୍ୟାୟ କ'ଣ ତାହା ସମସ୍ତେ ଅବଗତ ନ ଥିବା କିଛି ବିଚିତ୍ର ନୁହେଁ। ଅପରପକ୍ଷେ ଏବେ ବି ସମାଜରେ ଜାତିଗତ, ଲିଙ୍ଗଗତ ବୈଷମ୍ୟ ପରିଲକ୍ଷିତ ହେଉଛି, ଯାହାକି ଚିନ୍ତାଜନକ। ସମାଜରେ ନାରୀ ପୁରୁଷ ଭିତରେ ପାର୍ଥକ୍ୟ ରହିଛି। ଜଣେ ନାରୀ ଯଦି କୌଣସି କ୍ଷେତ୍ରରେ ଉପରକୁ ଯାଏ, ତେବେ ତାକୁ ମୁହଁରେ ସମ୍ମାନ



ଏବଂ ପଛରେ ସମାଲୋଚନାର ଶିକାର ହେବାକୁ ପଡୁଛି। କହିବାକୁ ଗଲେ ନାରୀଟିଏ କାପାବଲ୍ ହେଲେ କ୍ୟାରେକ୍ଟର ଉପରେ ପ୍ରଶ୍ନ ଉଠୁଛି। ଯଦି ଝିଅ ପୁଅ ସମାନ, ତେବେ ଝିଅଙ୍କ ପାଇଁ ସରକାର ଏତେସବୁ ସୁବିଧା କାହିଁକି କରୁଛନ୍ତି। ଏହାର ଅର୍ଥ ଝିଅମାନଙ୍କୁ ପୁଅଙ୍କ ସହ ସମାନ କରିବାକୁ ଚେଷ୍ଟା କରାଯାଉଛି।

—ଅମିୟବାଳା ପରିଡ଼ା, ଅଧ୍ୟାପିକା, କାକଟପୁର ମହିଳା ମହାବିଦ୍ୟାଳୟ

### ଏବେ ବି ଲୋକେ କିନ୍ନରମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖନ୍ତି

କିନ୍ନର ବା ତୃତୀୟଲିଙ୍ଗିଙ୍କ କ୍ଷେତ୍ରରେ ସମାଜରେ ସମ୍ପୂର୍ଣ୍ଣ ଭାବେ ସମାନତା ଆସିପାରିନାହିଁ। ଏବେ ବି ଲୋକେ କିନ୍ନରଙ୍କୁ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ସେମାନେ ସମସ୍ୟାରେ ଥିଲେ କେହି ତାଙ୍କୁ ସାହାଯ୍ୟର ହାତ ବଢ଼ାନ୍ତି ନାହିଁ। ତେଣୁ ସାମାଜିକ ନ୍ୟାୟ ପାଇବାରେ ଆମେମାନେ ବହୁତ ପଛରେ। ଯଦିଓ କେତେଜଣ କିନ୍ନର



ନିଜ ଚେଷ୍ଟା ବଳରେ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି, ମାତ୍ର ତାହା ଯଥେଷ୍ଟ ନୁହେଁ। ନ୍ୟାଶନାଲ ଲିଗାଲ୍ ଅଥରିଟିର ଲଢେଇ ଫଳରେ ସୁପ୍ରିମକୋର୍ଟ ଆମକୁ ସମାଜରେ ସମ୍ମାନର ସହ ବଞ୍ଚିବାର ଅଧିକାର ଦେଇଛନ୍ତି। ରାୟ ପରେ କିଛିଟା ପରିବର୍ତ୍ତନ ହୋଇଛି, ମାତ୍ର ଆଗକୁ ଆହୁରି ବହୁତ ପରିବର୍ତ୍ତନ ହେବା ଆବଶ୍ୟକ।

—ମେଘନା ସାହୁ, ସମ୍ପାଦିକା, ରାଜ୍ୟ କିନ୍ନର ସଂଗଠନ

### ଥରେ ସମାଜ ଆଖିରେ ଖରାପ ହେଲେ ନ୍ୟାୟ ମିଳିବା କଷ୍ଟକର

ଲୋକଙ୍କୁ ନ୍ୟାୟ ଦେବା ପାଇଁ ଯେତେ ନିୟମକାନୁନ୍ କରାଯାଉଛି, ତାକୁ କାଟିବାର ଉପାୟ ମଧ୍ୟ ରହିଛି। ଅନେକ ସମୟରେ ସାଧାରଣ ନିରୀହ ଲୋକଟିଏ ଆଇନ୍‌ର ଜାଲରେ ଛନ୍ଦି ହୋଇପଡୁଥିବାବେଳେ ଧନୀ ଲୋକଟିଏ ଗଳାବାଟ ଦେଇ ଚାଲିଯାଉଛି। ଫଳରେ ଆଇନ୍‌କାନୁନ୍ ଏବଂ ସମାଜର ବ୍ୟବସ୍ଥା ଉପରୁ ଲୋକଙ୍କ ଆସ୍ଥା ତୁଟିଯାଉଛି। ଥରେ



ସମାଜ ଆଖିରେ ଖରାପ ହୋଇଯାଇଥିବା ଲୋକ ଏବଂ ତାଙ୍କ ପରିବାରକୁ ଯେକୌଣସି କ୍ଷେତ୍ରରେ ସାମାଜିକ ନ୍ୟାୟ ମିଳିବା କଷ୍ଟକର ହୋଇପଡୁଛି। ତେଣୁ ଏହି ଭେଦଭାବକୁ ମଧ୍ୟ ଦୂର କରାଯିବା ଆବଶ୍ୟକ।

—ଜିନୁ କର, ଆଇନ୍‌ଜୀବୀ

# ରୋହନ ଅଟୋରାଇଡର୍ସର ପରିଚାଳନା ନିର୍ଦ୍ଦେଶକ ରାଜୀବ ଦୁବେଙ୍କ ପରଲୋକ

ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)

ରୋହନ ଅଟୋରାଇଡର୍ସର ପରିଚାଳନା ନିର୍ଦ୍ଦେଶକ ରାଜୀବ ଦୁବେଙ୍କ ସୋମବାର ଭୁବନେଶ୍ୱର ଗୌତମନଗରସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ଦୁବେ ୧୯୬୨ ମସିହା ସେପ୍ଟେମ୍ବର ୬ରେ ଜନ୍ମଗ୍ରହଣ କରିଥିଲେ। ବ୍ୟବସାୟିକ କ୍ଷେତ୍ରରେ ଦୁବେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ପିଏନ୍‌ଆର୍ ଇନ୍‌ଫ୍ରାକନ୍, ଡିଆର୍‌ଆର୍ ରିୟଲଟିର ପରିଚାଳନା ନିର୍ଦ୍ଦେଶକ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ସେହିପରି ବାଏମାଇ ଇଭି ଟେକ୍ନୋଲୋଜିର ନିର୍ଦ୍ଦେଶକ



ରହିସାରିଛନ୍ତି। ରାଜୀବ ଦୁବେଙ୍କ ପରିବାର ଦିଲ୍ଲୀରେ ରହୁଥିବାବେଳେ ତାଙ୍କର ୨ ଝିଅ ଏବଂ ଜଣେ ପୁଅ ଅଛନ୍ତି। ଦୁବେଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ଅଶ୍ୱିନୀକୁ ଶ୍ରେଷ୍ଠ କୋଭିଡ୍ ହସ୍ପିଟାଲ ପୁରସ୍କାର

ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)

୫–ଟି କାର୍ଯ୍ୟକ୍ରମ ଅଧୀନରେ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପୁରସ୍କାରର ପ୍ରଥମ ପର୍ଯ୍ୟାୟ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ମେଡ଼ିକାଲ କଲେଜ, ସ୍ୱାସ୍ଥ୍ୟାନୁଷ୍ଠାନ, ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅଶ୍ୱିନୀ ହସ୍ପିଟାଲକୁ ଶ୍ରେଷ୍ଠ କୋଭିଡ୍ ହସ୍ପିଟାଲ ଭାବେ ପୁରସ୍କୃତ କରାଯାଇଛି। ଅଶ୍ୱିନୀ ହସ୍ପିଟାଲର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ସୁବ୍ରତ କୁମାର ଜେନା ପୁରସ୍କାର ଗ୍ରହଣ କରିଥିଲେ।




ହସ୍ପିଟାଲ ପ୍ରତିଷ୍ଠାତା ଡ. ସୁବ୍ରତ କୁମାର ଜେନା ପୁରସ୍କାର ଗ୍ରହଣ କରୁଛନ୍ତି।

ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ ସମୟରେ ଅଶ୍ୱିନୀ ହସ୍ପିଟାଲର ଅତୁଳନୀୟ ଅବଦାନକୁ ଆଖି ଆଗରେ ରଖି ରାଜ୍ୟ ସରକାର ଏହାକୁ ପ୍ରଥମ ଘରୋଇ କୋଭିଡ୍ ହସ୍ପିଟାଲ ଭାବେ ଅନୁମୋଦନ କରିଥିଲେ। ଏହାର ତିନୋଟି ଶାଖାରେ ପ୍ରାୟତଃ ୫ହଜାରରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇ ଉପକୃତ ହୋଇଥିଲେ।

# ଆଜି ଆସୁଛନ୍ତି ଅଶ୍ୱିନୀ

- ଉନ୍ମୋଚନ ହେବ ସ୍ମାରକୀ ଡାକ ଟିକେଟ
- ପୂର୍ବତଟ ରେଳପଥର କାର୍ଯ୍ୟଦକ୍ଷତା ସମୀକ୍ଷା

**ଭୁବନେଶ୍ୱର, ୧୯।୨ (ଅନୁରାଧା ମହାରଣା):** ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ପୁଣି ଓଡିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ସମୟରେ ସେ ରେଳ ବିଭାଗ ସହ ଆଭାସୀ ମାଧ୍ୟମରେ ଡାକ ବିଭାଗର କାର୍ଯ୍ୟକ୍ରମରେ ଯୋଗଦେବେ। ବୁର୍ଲାସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଭୟ ଓଡ଼ିଶାର କିମ୍ବଦନ୍ତୀ କବି ତଥା ପଶ୍ଚିମ ଓଡିଶାର ସାଂସ୍କୃତିକ ଐତିହ୍ୟ ଉପରେ ସ୍ମାରକୀ ଡାକ ଟିକେଟ ଉନ୍ମୋଚନ କରିବେ। ସେହିଭଳି ସମ୍ବଲପୁର, ବରଗଡ, ଦେବଗଡ, ଝାରସୁଗୁଡା ଏବଂ ସୁନ୍ଦରଗଡ ଡିଭିଜନର ୪୨ଟି ଶାଖା ପୋଷ୍ଟ ଅଫିସ ମଧ୍ୟ ଏହି ଅବସରରେ ଉନ୍ମୋଚନ କରାଯିବ। ଅପରାହ୍ନ ୩ଟା ୩୦ରେ ରେଳମନ୍ତ୍ରୀ ପୂର୍ବତଟ ରେଳପଥର ମୁଖ୍ୟାଳୟଠାରେ ରେଳପଥର କାର୍ଯ୍ୟଦକ୍ଷତା ବିଶେଷକରି ପ୍ରକଳ୍ପ, ଟ୍ରାଫିକ ସୁବିଧା ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିବେ। ଏହାପରେ ସେ ଭୁବନେଶ୍ୱରର କେତେକ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବେ।

# ବିପିଏଲ୍ ପିଲାଙ୍କୁ ବିନା ଦେୟରେ ଇଂଲିଶ ମିଡିୟମ ଶିକ୍ଷା

## କିସ୍-ବୌଦ୍ଧ ଶାଖା ଉଦ୍‌ଘାଟିତ

### ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପାଇଁ ଭୂମି ପୂଜନ

ଭୁବନେଶ୍ୱର, (ଅସମାପିକା ସାହୁ)/ ବୌଦ୍ଧ, ୧୯।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଲୁଣିବାହାଲଠାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ(କିସ୍)–ବୌଦ୍ଧ ଇଂଲିଶ ମିଡିୟମ ସ୍କୁଲର ସୋମବାର ଉଦ୍‌ଘାଟନ ହୋଇଯାଇଛି। ଏଥିସହିତ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲର ଭୂମି ପୂଜନ ହୋଇଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ କହିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ଅଚ୍ୟୁତ ସାମନ୍ତ ଆହୁରି ଆଗକୁ ନେଇଛନ୍ତି। ଏବେ କିସ୍-ବୌଦ୍ଧ ଇଂଲିଶ ମିଡିୟମ ସ୍କୁଲ୍ ଓ ହସ୍ପିଟାଲ୍ ପ୍ରତିଷ୍ଠା ହେବା ଦ୍ୱାରା ବୌଦ୍ଧ ଜିଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି କରିବ ବୋଲି ମନ୍ତ୍ରୀ କହିଛନ୍ତି। ସମ୍ମାନିତ ଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣା, ଜିଲା ପରିଷଦ ସଭାପତି ପ୍ରଭାସିନୀ ଦାସ,




ମନ୍ତ୍ରୀ ପ୍ରଦୀପ କୁମାର ଅମାତ କିସ୍–ବୌଦ୍ଧ ଇଂଲିଶ ମିଡିୟମ ସ୍କୁଲର ଉଦ୍‌ଘାଟନ କରୁଛନ୍ତି।

ବୌଦ୍ଧ ଜିଲାପାଳ ଜେ. ସୋନାଲ ଓ ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ପ୍ରମୁଖ ଯୋଗଦେଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣରେ କହିଲେ, ବୌଦ୍ଧ ଜିଲାର ଗରିବ(ବିପିଏଲ୍) ବର୍ଗର ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ କିସ୍–ବୌଦ୍ଧ ପ୍ରତିଷ୍ଠା କରାଯାଇଛି। ଏହି ବିଦ୍ୟାଳୟରେ ବିପିଏଲ୍ ବର୍ଗର ପିଲାମାନେ ବିନା ଦେୟରେ ଇଂଲିଶ ମିଡିୟମ(ସିବିଏସ୍‌ଇ)ରେ ଶିକ୍ଷାଲାଭ କରିବେ। ଏହି ବିଦ୍ୟାଳୟ କିସ୍–ଭୁବନେଶ୍ୱର ଦ୍ୱାରା ପରିଚାଳିତ ହେବ। ଚଳିତ ଶିକ୍ଷାବର୍ଷଠାରୁ ଏହି ବିଦ୍ୟାଳୟରେ ନାମଲେଖା ସହ ପାଠପଢ଼ା ଆରମ୍ଭ ହେବ। ଏଠାରୁ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରୀଛାତ୍ର କିଟ୍‌ରେ ପଢ଼ିବେ ବୋଲି ଡ. ସାମନ୍ତ କହିଥିଲେ। ସେହିପରି ବୌଦ୍ଧ ଜିଲାର ଲୋକଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଲୁଣିବାହାଲଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଅତ୍ୟାଧୁନିକ ହସ୍ପିଟାଲ୍ ନିର୍ମାଣ ହେବାକୁ ଯାଉଛି। କିମ୍ସ ଭୁବନେଶ୍ୱର ଦ୍ୱାରା ଏହି ହସ୍ପିଟାଲ୍ ପରିଚାଳିତ ହେବ। ପରେ ଏହି ହସ୍ପିଟାଲକୁ ୨୦୦ ଶଯ୍ୟା ବିଶିଷ୍ଟ କରାଯିବ। ଏହି ହସ୍ପିଟାଲରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଓ ନିଦାନ ଉପଲବ୍ଧ ହେବ। କିସ୍–ବୌଦ୍ଧରେ ବୌଦ୍ଧ ଜିଲାର ୧୦୦ଜଣ ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ହସ୍ପିଟାଲରେ ମଧ୍ୟ ୧୫୦ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। କନ୍ଧମାଳ ବିଧାୟକ ରଣା କହିଲେ, ମୁଖ୍ୟମନ୍ତ୍ରୀ ୨୦୩୬ ସୁଦ୍ଧା ଶ୍ରେଷ୍ଠ ଓଡ଼ିଶା ଗଠନର ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ଏମ୍‌ପି ସାମନ୍ତ ଦୁଇ ପାଦ ଆଗେଇ ନେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରମାକାନ୍ତ



@ ଦେବପ୍ରସାଦ



@ ପ୍ରଦୀପ



@ ସ୍ୱାଧୀନ



@ ଆଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବିଧାୟକ ରାଜେନ୍ଦ୍ର ସାହୁଙ୍କ ଗାଡ଼ିକୁ ଅଣ୍ଡାମାଡ଼

ବୋଲଗଡ଼,୧୯।୨(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଫାସିଓଦା ପଞ୍ଚାୟତ ଟାଙ୍ଗୀସାହିଠାରେ ସୋମବାର ବିଧାୟକ ରାଜେନ୍ଦ୍ର ସାହୁଙ୍କ ଗାଡ଼ିକୁ ଅଣ୍ଡାମାଡ଼ ହୋଇଛି। ଏନେଇ ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଦଳୀୟ କନ୍ଦଳ ଯୋଗୁ ଅଣ୍ଡା ମାଡ଼ ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ବୋଲଗଡ଼ ଆଇଆଇସି ସ୍ନିଗ୍ଧାମୟୀ ବରାଳ କହିଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟ କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ରଙ୍କ ନେତୃତ୍ୱରେ ସୋମବାର ଏହି ବ୍ଲକ ଅନ୍ତର୍ଗତ ଫାସିଓଦା ଓ ଦଳେଇସାହି ପଞ୍ଚାୟତରେ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ମିଶ୍ର ଓ ବିଧାୟକ ସାହୁଙ୍କୁ ବୋଲଗଡ଼ଠାରୁ ଶତାଧିକ ଯୁବକ ବାଇକ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ନେଇଥିଲେ। ଫାସିଓଦା ପଞ୍ଚାୟତ ଟାଙ୍ଗୀସାହିଠାରେ ବିଧାୟକ ସାହୁ ଗାଡ଼ିରୁ ଓହ୍ଲାଇବା ବେଳେ ଜଣେ ଯୁବକ ଏକ ଅଣ୍ଡା ଫିଙ୍ଗିଥିଲେ, ଯାହାକି ବିଧାୟକଙ୍କ ଗାଡ଼ିରେ ବାଜିଥିଲା। ଏନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସ୍ଥିତି ସ୍ୱାଭାବିକ ହେବା ପରେ ବିଧାୟକ ସାହୁ ଏବଂ ଅନ୍ୟମାନେ ସଭାସ୍ଥଳରେ ପହଞ୍ଚିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ମଞ୍ଚରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବୁଟୁ କୈଳାସ ପାତ୍ର, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ, ବିଜେଡି ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝି, ଜିଲା ପରିଷଦ ସଭ୍ୟା ସୁନନ୍ଦିତ ସାହୁ, ବିଜେଡି ଯୁବନେତା ବ୍ରଜ ବନ୍ଧୁ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ବହୁ ମହିଳା ଯୋଗଦେଇଥିଲେ। ଅନ୍ୟପକ୍ଷରେ ଅଣ୍ଡାମାଡ଼ ସମ୍ପର୍କରେ ବିଧାୟକ ସାହୁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ବିଧାୟକ ପ୍ରାର୍ଥୀ ହେଲେ ବିରୋଧ ଥୟ

**କୁଚିଣ୍ଡା,୧୯।୨(ବିରଞ୍ଚ ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀକୁ ଦେଖିଲେ ୨୦୦୯ରେ ସୀମା ପୁନର୍ନିର୍ଦ୍ଧାରଣ ହେବାଠାରୁ ଏଠାରେ କୌଣସି ନେତା ଦ୍ୱିତୀୟ ଥର ଜିତିପାରି ନାହାନ୍ତି। ତଫସିଲଭୁକ୍ତ ଜନଜାତିଙ୍କ ପାଇଁ ସଂରକ୍ଷିତ ଏହି ଆସନରୁ ୨୦୦୯ରେ କଂଗ୍ରେସର ରାଜେନ୍ଦ୍ର କୁମାର ଛତ୍ରିଆ, ୨୦୧୪ରେ ଭାଜପାର ରବିନାରାୟଣ ନାଏକ ଓ ୨୦୧୯ରେ ବିଜେଡିରୁ କିଶୋର ଚନ୍ଦ୍ର ନାଏକ ବିଧାୟକ ହୋଇଥିଲେ। କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଥିବା କିଶୋର ୨୦୧୯ ନିର୍ବାଚନ ପୂର୍ବରୁ ଭାଜପାରୁ ଆସି ବିଜେଡି ଟିକେଟରେ ଲଢ଼ିଥିଲେ। ସେ ମାତ୍ର ୩,୫୦୮ଖଣ୍ଡ ଭୋଟ ବ୍ୟବଧାନରେ ଭାଜପାର ରବିନାରାୟଣ ନାଏକଙ୍କୁ ପରାଜିତ କରିଥିଲେ। ହେଲେ ବିଧାୟକ ହେବା ପରଠାରୁ ତାଙ୍କୁ ଦଳୀୟ ଅସନ୍ତୋଷର ଶିକାର ହେବାକୁ ପଡୁଛି। ଗତ କିଛିଦିନ ହେବ ଦଳୀୟ ଗୋଷ୍ଠୀ କନ୍ଦଳ ସେଠାରେ ତୀବ୍ର ରୂପ ନେଇଛି। ଆଗାମୀ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ କରାଗଲେ ଖୋଲାଖୋଲି ଭାବେ ତାଙ୍କୁ ବିରୋଧ କରାଯିବ ବୋଲି ଥୋକେ

## କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ


କିଶୋର ଚନ୍ଦ୍ର ନାଏକ


ଭୁବନେଶ୍ୱର କିଷାନ


ରବିନାରାୟଣ ନାଏକ

କହୁଥିବା ଶୁଣିବାକୁ ମିଳୁଛି। କୁହାଯାଉଛି ଠିକା କାମକୁ ନେଇ ଜମନକିରା ବ୍ଲକରେ ଜଣେ ସମିତିସଭ୍ୟଙ୍କୁ ଜେଲ ପଠାଇବା, କୁଲୁଣ୍ଡିଠାରେ ତାଙ୍କୁ ବିରୋଧ କରାଯିବାରୁ କର୍ମୀଙ୍କ ମଧ୍ୟରେ ହାତାହାତି ହେବା, କେଶାଇବାହାଲ ପଞ୍ଚାୟତ ବୈଠକରେ ବିରୋଧ ଏବଂ କୁଚିଣ୍ଡାରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସଭାରେ ଅସନ୍ତୁଷ୍ଟଙ୍କ ପକ୍ଷରୁ ବିରୋଧ କରାଯିବା କିଶୋରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏପରି କି ବିଧାୟକଙ୍କ ଅନୁପସ୍ଥିତିରେ ଅସନ୍ତୁଷ୍ଟ ଗୋଷ୍ଠୀ ରକ୍ତଦାନ ଶିବିର ଆୟୋଜନ କରିବା ସହ ବନ୍ଧୁମିଳନ ନାମରେ ବିଭିନ୍ନ ବ୍ଲକରେ କାର୍ଯ୍ୟକ୍ରମ କରାଯିବା ଦଳୀୟ ଅସନ୍ତୋଷକୁ ପଦାରେ ପକାଇଛି।

ଏବେ ଆଲୋଚନା ହେଉଛି, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ (ଏସ୍‌ଡିଏ)ର ପୂର୍ବତନ ସଭାପତି ତଥା ଓଡ଼ିଶା କେନ୍ଦୁପତ୍ର ସଂଘ ସଭାପତି ଥିବା ବିଜୟ କୁମାର ମହାନ୍ତିଙ୍କ ହାତରେ ଏକ ବଡ଼ ଭୋଟ ବ୍ୟାଙ୍କ ରହିଛି। କେନ୍ଦୁପତ୍ର ସଂଘକୁ ବିଧାୟକ କିଶୋର ଅଣଦେଖା କରୁଥିବାରୁ ଏଠାରୁ ସେ ପୁଣି ପ୍ରାର୍ଥୀ ହେଲେ ତାଙ୍କୁ ବିରୋଧ କରାଯିବ ବୋଲି ବିଜୟ ଖୋଲାଖୋଲି ଭାବେ ଘୋଷଣା କରିଛନ୍ତି। ଏଭଳି ସମୟରେ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ଏବଂ ବର୍ତ୍ତମାନ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିବା ଭୁବନେଶ୍ୱର କିଷାନ ବିଜେଡି ଟିକେଟରେ ନିର୍ବାଚନ ଲଢ଼ିବାକୁ ଉଦ୍ୟମ ଚଳାଇଛନ୍ତି। ଏଥିସହିତ ବିଜେଡିରୁ ଟିକେଟ ଆଶାୟୀଙ୍କ ମଧ୍ୟରେ ମନୋରଞ୍ଜନ ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ଯୁବନେତା ମହେନ୍ଦ୍ର ବାଘ ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ସଭାପତି ଶୋଭାରାମ ପଧାନ ପ୍ରମୁଖଙ୍କ ନାମ ଚର୍ଚ୍ଚାକୁ ଆସିଛି। ବର୍ତ୍ତମାନର ବିଧାୟକଙ୍କୁ ବହୁ ଆଡ଼ୁ ବିରୋଧ କରାଯାଉଥିବାରୁ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ନୂଆ ମୁହଁ ଦେଲେ ନିର୍ବାଚନରେ ବିଜୟ ହେବାର ଅଧିକ ସମ୍ଭାବନା ରହିଛି ବୋଲି ରାଜନୈତିକ ସମୀକ୍ଷକ କହୁଛନ୍ତି।

ଅନ୍ୟପକ୍ଷରେ ଭାଜପା ରାଜ୍ୟ ଉପସଭାପତି ତଥା କୁଚିଣ୍ଡାର ପୂର୍ବତନ ବିଧାୟକ ରବିନାରାୟଣ ନାଏକ କୁଚିଣ୍ଡାରୁ ପ୍ରାର୍ଥୀ ହେବା ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ୨୦୧୯ ନିର୍ବାଚନ ରଣନୀତିରେ ହୋଇଥିବା ତ୍ରୁଟିକୁ ସୁଧାରି ସଙ୍ଗଠନ ସଜାଡ଼ିବାରେ ରବିନାରାୟଣ ଲାଗିପଡ଼ିଛନ୍ତି। ତୃଣମୂଳ ସ୍ତରରେ ତାଙ୍କର ଲୋକ ସମ୍ପର୍କ ଭଲ ରହିଥିବା ନେଇ ଆଲୋଚନା ହେଉଥିବାରୁ ଭାଜପା ସେଠାରେ ଶାସକ ଦଳକୁ କଡ଼ା ଟକ୍କର ଦେଇପାରେ ବୋଲି କଥା ଉଠିଲାଣି। ମନେପକାଇ ଦିଆଯାଇପାରେ ଯେ, ବିଧାୟକ କିଶୋର ଚନ୍ଦ୍ର ନାଏକ ଓ ବିଜେଡି ଟିକେଟ ପାଇବାକୁ ଆଶା ବାନ୍ଧିଥିବା ଭୁବନେଶ୍ୱର କିଷାନ ଉଭୟେ ଭାଜପାରୁ ଆସିଥିଲେ। ଶାସକ ଦଳରୁ ଯିଏବି ଟିକେଟ ପାଆନ୍ତୁ ନା କାହିଁକି ସିଧାସଳଖ ଭାଜପା ପ୍ରାର୍ଥୀ ରବିନାରାୟଣ ନାଏକଙ୍କ ସହ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଛି।

ବିଜେଡି ଓ ଭାଜପା ଭଳି କଂଗ୍ରେସ ସଙ୍ଗଠନ ସେଭଳି ସୁଦୃଢ଼ ନ ଥିଲେ ମଧ୍ୟ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ବ୍ୟକ୍ତିଗତ ଭାବେ ଲୋକଙ୍କ ସହ ପରିଚୟ ଥିବାରୁ ସେ ଏଥର ଉତ୍ତମ ପ୍ରଦର୍ଶନ କରିବେ ବୋଲି ତାଙ୍କ ଶୁଭେଚ୍ଛୁ ଓ ସମର୍ଥକମାନେ କହୁଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ଟିକେଟ ଆଶାୟୀ ରାଜେନ୍ଦ୍ର ନିଜ ହିସାବରେ ସମ୍ପର୍କ ବଢ଼ାଇ ଚାଲିଛନ୍ତି।

# ମାର୍ଚ୍ଚ ୧ ସୁଦ୍ଧା ୭୦ ବିଧାନସଭା ଟିକେଟ ଘୋଷଣା ସମ୍ଭାବନା : ଶରତ

**ଭୁବନେଶ୍ୱର,୧୯।୨(ସୁନିତ୍ ମିଶ୍ର)**

ମାର୍ଚ୍ଚ ପହିଲାରେ କଂଗ୍ରେସ ତା'ର ପ୍ରଥମ ପର୍ଯ୍ୟାୟ ଟିକେଟ୍ ଘୋଷଣା କରିବାକୁ ଲକ୍ଷ୍ୟ ରଖିଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୦ ବିଧାନସଭା ଟିକେଟ ଘୋଷଣା କରାଯିବାର ସମ୍ଭାବନା ରହିଥିବା ସୋମବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଘୋଷଣା କରିଛନ୍ତି।

ସ୍ଥାନୀୟ ଏକ ଘରୋଇ ହୋଟେଲଠାରେ ସୋମବାର ପ୍ରଦେଶ ନିର୍ବାଚନ କମିଟି(ପିଇସି) ବୈଠକ ଅନୁଷ୍ଠିତ ହୋଇଛି। ଆଗୁଆ ଟିକେଟ ପ୍ରଦାନ ପାଇଁ ପିଇସି ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ନିର୍ବାଚନ କମିଟିର ୨୩ ଜଣ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଗମନ ଆପ୍‌ରେ ଆବେଦନ କରିଥିବା ଆଶାୟୀଙ୍କ ବିଷୟରେ ଏଥିରେ ମୁଖ୍ୟତଃ ଆଲୋଚନା ହୋଇଛି, ଯେଉଁଥିରେ ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ ଲାଗି ବିଧାୟକ ଆସନ ଲାଗି ୩ ହଜାର ଏବଂ ଏମ୍‌ପି ପ୍ରାର୍ଥୀ ହେବା ଲାଗି ୭୦୦ ଜଣ ଆଶାୟୀ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରୁ କିପରି ବିଜୟୀ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ବଛାଯିବ ତାହା ସବୁଠୁ ଚ୍ୟାଲେଞ୍ଜ ରହିବ। କଂଗ୍ରେସ ସହ ଯୋଡ଼ି ହୋଇଥିବା ଅନ୍ୟ ବିରୋଧୀ ଦଳଗୁଡ଼ିକୁ କେତେ ଆସନ ଆସନ୍ତା ନିର୍ବାଚନ ପାଇଁ ଛଡ଼ାଯିବ ସେନେଇ ମଧ୍ୟ ଦଳ ପକ୍ଷରୁ କିଛି ସେମିତି ଚୂଡ଼ାନ୍ତ କରାଯାଇ ନାହିଁ। ଯେଉଁମାନେ ଟିକେଟ ପାଇଁ ଆବେଦନ କରିଛନ୍ତି ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ଆଣିବା ଲାଗି କଂଗ୍ରେସ ପକ୍ଷରୁ ଆସିଥିବା ସର୍ଭେ ଟିମ୍‌କୁ ଦାୟିତ୍ୱ ଦିଆଯାଇଥିବା ପିସିସି ସଭାପତି ସୂଚନା ଦେଇଛନ୍ତି।

ଶରତ କହିଛନ୍ତି, ଓଡ଼ିଶାର କେଉଁ ସ୍ଥାନରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଉଛି। ଏଆଇସିସି ମେମ୍ବର ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ପ୍ରସ୍ତୁତ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଦିଲ୍ଲୀ ସ୍କ୍ରିନିଂ କମିଟି ସମ୍ମୁଖରେ ଉପସ୍ଥାପିତ କରାଯିବ। ସେଠାରେ ମେଣ୍ଟରେ ଥିବା ଦଳଗୁଡ଼ିକୁ କେତେ ଆସନ ଛଡ଼ାଯିବ ସେକଥା ମଧ୍ୟ ସ୍ଥିର କରାଯିବ। ଏହାପରେ ତାହା ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି)କୁ ପଠାଯିବ। ତା'ପରେ ଯାଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ପିସିସି ଅଧ୍ୟକ୍ଷତାରେ କମିଟି ବସିଥିଲା। କମିଟି ବୈଠକରେ ଚୂଡ଼ାନ୍ତ ହୋଇଥିବା ଆଶାୟୀଙ୍କ ନାଁ ଏଆଇସିସିକୁ ସୁପାରିସ କରାଯିବ। ଏଆଇସିସି ଚୂଡ଼ାନ୍ତ ନିଷ୍ପତ୍ତି ନେବ।


ପିପିଲି ବ୍ଲକ ମଙ୍ଗଳପୁର ପଞ୍ଚାୟତର ମନୋହରା ଗ୍ରାମରେ ସୋମବାର ଅନୁଷ୍ଠିତ କଂଗ୍ରେସର କର୍ମୀ ସମ୍ମିଳନୀରେ ଦଳୀୟ ମୁଖପାତ୍ର ନିଶିକାନ୍ତ ମିଶ୍ର ଏବଂ ଅନ୍ୟମାନେ।

## କଂଗ୍ରେସ କର୍ମୀ ସମ୍ମିଳନୀ

**ପିପିଲି, ୧୯।୨(ପ୍ରଭାତ ମହାପାତ୍ର)**

ପୁରୀ ଜିଲା ପିପିଲି ବ୍ଲକ ମଙ୍ଗଳପୁର ପଞ୍ଚାୟତର ମନୋହରା ଗ୍ରାମରେ ସୋମବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱରଞ୍ଜନ ମିଶ୍ର ସଭାପତିତ୍ୱ କରିଥିବାବେଳେ ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଯୋଗଦେଇଥିଲେ। ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ କଂଗ୍ରେସ କିପରି କ୍ଷମତାକୁ ଫେରିବ ସେ ନେଇ ମାନସ ମନ୍ଥନ ହୋଇଥିଲା। ପ୍ରଶାନ୍ତ ଜେନା, ଟୁଟୁ ପରିଡ଼ା, ରଞ୍ଜିତ ମହାପାତ୍ର, ରାମଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବାରିକ୍, କାଳନ୍ଦୀ ମହାନ୍ତି, ଶଙ୍କର୍ଷଣ ବିଶ୍ୱାଳ, ସୁରେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ବାରବାଟୀ-କଟକ ଆସନ ପାଇଁ ବିଜେଡିର ୫ ମୁହଁ


ସୁବାସ ସିଂ


ଅରିନ୍ଦମ ରାଏ


ଡ. ରଞ୍ଜନ ବିଶ୍ୱାଳ


ବିଶ୍ୱଜିତ୍ ମହାନ୍ତି


ପ୍ରଫୁଲ୍ଲ ସିଂ

**କଟକ, ୧୯।୨(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ଜୋରଦାର ଆଲୋଚନା ହେଉଥିଲା। ତାଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରାଯାଇଥିବାରୁ କଟକରେ ରାଜନୈତିକ ପାଣିପାଗ ବଦଳିଛି। ଶାସକ ଦଳର ପ୍ରାର୍ଥୀ ହେବା ପାଇଁ ଆଶାୟୀ ତାଲିକାରେ ୫ ଜଣଙ୍କ ନାମ ଆଗକୁ ଆସିଲାଣି। ସେମାନେ ହେଲେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ନିରାମୟ ଉପଦେଷ୍ଟା ଡ଼. ରଞ୍ଜନ ବିଶ୍ୱାଳ, ରାଜ୍ୟ ସାଧାରଣ ସମ୍ପାଦକ ତଥା ଅଭିନେତା ଅରିନ୍ଦମ ରାଏ, ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ମହାନ୍ତି ଏବଂ ବରିଷ୍ଠ ନେତା ପ୍ରଫୁଲ୍ଲ ସିଂ। ଏପରି କି ଦଳ ମହିଳା କାର୍ଡ ମଧ୍ୟ ଖେଳିପାରେ ବୋଲି ସାଧାରଣ ଜନତା ଗୁପୁରୁଟାପୁରୁ ହେଉଛନ୍ତି।

ତେବେ ଉପରଲିଖିତ ୫ ଆଶାୟୀଙ୍କ ମଧ୍ୟରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଛନ୍ତି ସୁବାସ ସିଂ। ସେ ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡରୁ ରାଜ୍ୟ ସଭା ସଦସ୍ୟ ଓ ପରେ ସିଏମ୍‌ସି ମେୟର ହୋଇଛନ୍ତି। ହେଲେ ଦଳ ତାଙ୍କୁ ବଡ଼ ଦାୟିତ୍ୱ ଦେବାକୁ ଯାଇ ଟିକେଟ ଦେବ କି ନାହିଁ, ତାହା ଚର୍ଚ୍ଚାକୁ ଖୋରାକ ଯୋଗାଉଛି। ସୁବାସଙ୍କୁ ଟିକେଟ ଦେଇ ଅନ୍ୟ ଆଶାୟୀଙ୍କୁ ଉପେକ୍ଷା କରାଗଲେ ତାହାର ପ୍ରଭାବ ଦଳ ଉପରେ କ'ଣ ପଡ଼ିବ, ତାହାକୁ କର୍ମୀମାନେ ମଧ୍ୟ ଦେଖୁଛନ୍ତି।

ଦେବାଶିଷ ରାଜ୍ୟ ସଭା ପ୍ରାର୍ଥୀପତ୍ର ଦାଖଲ କରିବା ଓ ବର୍ତ୍ତମାନ ସୁବାସଙ୍କୁ ଟିକେଟ ମିଳିବା ନେଇ ବେଶ୍ ଚର୍ଚ୍ଚା ହେଉଥିବା ନେଇ ବିଜେଡି କଟକ ନଗର ସଭାପତି ମଧୁସୂଦନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଚର୍ଚ୍ଚାର କୌଣସି ଗ୍ୟାରେଣ୍ଟି ନାହିଁ। ଦଳ ଯାହାକୁ ଚୟନ କରିବ ସେ ଟିକେଟ ପାଇବେ। ଦେବାଶିଷଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରାଯାଇଛି ଅର୍ଥ ବାରବାଟୀ-କଟକରୁ ଯିଏ ଯୋଗ୍ୟ, କେବଳ ତାଙ୍କୁ ହିଁ ଦଳ ଟିକେଟ ଦେବ ବୋଲି ସାହୁ କହିଛନ୍ତି।

# ଲଢ଼ିବେନି ଦେବେନ୍ଦ୍ର, ଝିଅ ପାଇଁ ବାଟ ଛାଡ଼ିଲେ

**ଆଳି,୧୯।୨(ବନମାଳୀ ସେନାପତି)**

୨୦୨୪ ସାଧାରଣ ନିର୍ବାଚନକୁ ନେଇ ଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ଉଷ୍ମତା ଦେଖାଦେଲାଣି। ଆଳିର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ଚଳିତ ଥର ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି। ତାଙ୍କ ବଦଳରେ ଏଠାରେ କଂଗ୍ରେସର ମଙ୍ଗ ଧରିବା ସହ ତାଙ୍କ ଝିଅ ଡା. ଦେବସ୍ମିତା ଶର୍ମା ନିର୍ବାଚନ ଲଢ଼ିବେ ବୋଲି ସେ କହିଛନ୍ତି। ଅପରପକ୍ଷେ ଡା. ଦେବସ୍ମିତା ମଧ୍ୟ ନିର୍ବାଚନ ଲଢ଼ିବା ନିମନ୍ତେ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ


ଡା. ଦେବସ୍ମିତା ଶର୍ମା

ଇସ୍ତଫା ଦେଇଛନ୍ତି। ଏ ନେଇ ଦେବେନ୍ଦ୍ର ଶର୍ମା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବୟସାଧିକ ଓ ଶାରୀରିକ ଅସୁସ୍ଥତା କାରଣରୁ ସେ ନିର୍ବାଚନ ଲଢ଼ିବେ ନାହିଁ କିନ୍ତୁ ନିର୍ବାଚନମଣ୍ଡଳୀରେ ସେ ସକ୍ରିୟ ରହିବେ। ରାଜନୀତିକୁ ଯୁବପିଢ଼ିମାନଙ୍କ ଆସିବାର ଆବଶ୍ୟକତା ଥିବାବେଳେ ସେ ତାଙ୍କ ଝିଅଙ୍କୁ ନିର୍ବାଚନ ମଇଦାନକୁ ଆଣିଛନ୍ତି। ଆଳି, ରାଜକନିକାରେ କଂଗ୍ରେସର ସଙ୍ଗଠନ ସୁଦୃଢ଼ ଥିବାବେଳେ ତାଙ୍କ ପରିବାର ପ୍ରତି କଂଗ୍ରେସର ସମର୍ଥନ ରହିଛି। ଏ ନେଇ ଡା. ଦେବସ୍ମିତା ଶର୍ମାଙ୍କୁ ପଚାରିବାରେ ଜେଜେ ଡା. ଦିବାକର ଶର୍ମା ଡାକ୍ତର ହେବା ସହିତ ରାଜନୀତିରେ ପାଦ ଥାପି ବିଧାୟକ ହୋଇଥିଲେ। ତାଙ୍କ ପିତା ଦେବେନ୍ଦ୍ର ଶର୍ମା ମଧ୍ୟ କଂଗ୍ରେସ ଦଳର ବିଧାୟକ ହେବା ସହ ନିର୍ବାଚନମଣ୍ଡଳୀରେ ନିଜର ସଙ୍ଗଠନ ରଖିଛନ୍ତି। ତେଣୁ ସେ ଜେଜେ ଓ ପିତାଙ୍କ ପଦାଙ୍କ ଅନୁସରଣ କରି ଡାକ୍ତର ଭାବେ କଣ୍ଡିଆ ପ୍ରାଥମିକ ଚିକିତ୍ସାଳୟରେ ଚାକିରି କରିଥିଲେ। ଏବେ ସେ କଂଗ୍ରେସ ଦଳରୁ ନିର୍ବାଚନ ଲଢ଼ିବା ନିମନ୍ତେ ଚାକିରିରୁ ଇସ୍ତଫାଦେବା ସହ କଂଗ୍ରେସ ପକ୍ଷରୁ ଟିକେଟ ନିମନ୍ତେ ଆଶାୟୀ ଅଛନ୍ତି। ଡା. ଦେବସ୍ମିତା ପାଠପଢ଼ା ସମୟରୁ କଂଗ୍ରେସ ରାଜନୀତିରେ ଜଡ଼ିତ ଥିଲେ। ୨୦୧୪ ନିର୍ବାଚନରେ ସେ ପିତାଙ୍କ ପାଇଁ ପ୍ରଚାର ମଧ୍ୟ କରିଥିଲେ। ଏପରିକି କଂଗ୍ରେସର ଅନେକ ସମାବେଶରେ ଦେବସ୍ମିତା ଜଡିତ ରହିଥିଲେ। ଝିଅଙ୍କୁ ନିର୍ବାଚନମଣ୍ଡଳୀରେ ପ୍ରୋଜେକ୍ଟ କରିବା ପରେ ଏବେ ସେଠାରେ ରାଜନୀତି ଚର୍ଚ୍ଚା ଜୋର ଧରିଛି।

# ୨୧ରେ ନବୀନ ନିବାସ ଘେରିବ ମହିଳା କଂଗ୍ରେସ

**ଭୁବନେଶ୍ୱର,୧୯।୨(ସୁନିତ୍ ମିଶ୍ର)**

ବିଜେଡି ଶାସନରେ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଓ ମହିଳାଙ୍କ ପ୍ରତି ହିଂସା ଓ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଜିର ଦିନରେ ସାରା ଦେଶରେ ମହିଳାଙ୍କ ଉପରେ ହେଉଥିବା ହିଂସାତ୍ମକ ଆଚରଣରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ୨୪ ବର୍ଷର ସରକାରରେ ରାଜ୍ୟର ମହିଳାମାନେ ଚରମ ଅବହେଳାର ଶିକାର ହୋଇଛନ୍ତି ଏବଂ ଏହାର ପ୍ରତିକାର ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଉଦାସୀନ ଅଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି, ମହିଳାଙ୍କ ପ୍ରତି ଦୀର୍ଘ ବର୍ଷ ଧରି ଲଗାତର ଭାବେ ହେଉଥିବା ଅନ୍ୟାୟ ବିରୋଧରେ ବଡ଼ଧରଣର ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି। ୨୧ତାରିଖରେ ସର୍ବଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବାଙ୍କ ଉପସ୍ଥିତିରେ ଏହି ବିଶାଳ ମହିଳା ସମାବେଶର ଆୟୋଜନ କରାଯିବ। ସେଦିନ ରାଜ୍ୟର ମହିଳାମାନଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ନବୀନ ନିବାସ ଘେରାଉ କରାଯିବା ସହ ସରକାରଙ୍କ ଉଦାସୀନତା ବିରୋଧରେ ଓଡ଼ିଶାର ପୁରପଲ୍ଲୀରେ ବଡ଼ଧରଣର ମହିଳା ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ମିନାକ୍ଷୀ ଆହୁରି କହିଛନ୍ତି, ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଥିବାବେଳେ ରାଜ୍ୟ ସରକାର ସେମାନଙ୍କୁ କେବଳ ଭୋଟ୍‌ସର୍ବସ୍ୱ ରାଜନୀତିର ଏକ ଅଂଶବିଶେଷ ଭାବେ ବିବେଚନା କରିଛନ୍ତି। ଓଡ଼ିଶାରେ ବର୍ତ୍ତମାନ ପ୍ରତ୍ୟେକ ଦିନ ୭ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ରକ୍ତହୀନତା ଓ ଅପପୁଷ୍ଟିରେ ମହିଳା ଓ ଶିଶୁମାନଙ୍କ ସଂଖ୍ୟା ୬୪%ରୁ ଅଧିକ। ଏ ରାଜ୍ୟ ସରକାର ମହିଳାଙ୍କୁ କେବଳ ନିଜର ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରିବା ବ୍ୟତୀତ ସେମାନଙ୍କ ସାମଗ୍ରିକ ବିକାଶ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ମିନାକ୍ଷୀ କହିଛନ୍ତି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଓ ଦୈନନ୍ଦିନ ଖାଦ୍ୟ ସାମଗ୍ରୀର ଉତ୍କଟ ଦରବୃଦ୍ଧି ହେତୁ ହାଣ୍ଡିଶାଳ ଉପରେ ହେଉଥିବା କୋରଡ଼ାମାଡ଼କୁ ନେଇ ସାଧାରଣ ଗୃହିଣୀ ତ୍ରସ୍ତ ଅବସ୍ଥାରେ ଅଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

# ନ୍ୟାୟ ଯାତ୍ରାରେ ଯୋଗଦେବାକୁ ଅଖିଳେଶଙ୍କ ଆସନ ଭାଗବଣ୍ଟା ସର୍ତ୍ତ

**ଲକ୍ଷ୍ନୌ,୧୯।୨(ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଯୋଗଦେବା ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଆସନ ଭାଗବଣ୍ଟା ସର୍ତ୍ତ ରଖିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଉତ୍ତରପ୍ରଦେଶର ମୋଟ ୮୦ ଆସନରୁ କଂଗ୍ରେସକୁ ୧୭ଟି ଛାଡ଼ିବାକୁ ଅଖିଳେଶ ଚାହୁଁଛନ୍ତି। ଯଦି କଂଗ୍ରେସ ଉକ୍ତ ପ୍ରସ୍ତାବ ଗ୍ରହଣ କରେ, ତେବେ ଏସ୍‌ପି ଅଧ୍ୟକ୍ଷ ମଙ୍ଗଳବାର ରାଏବରେଲିରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ସାମିଲ ହେବେ ବୋଲି କହିଛନ୍ତି। ତେଣୁ ସବୁକିଛି କଂଗ୍ରେସର ନିଷ୍ପତ୍ତି ଉପରେ ନିର୍ଭର କରୁଛି ବୋଲି ସମାଜବାଦୀ ପାର୍ଟିର ମୁଖ୍ୟ ମୁଖପାତ୍ର ରାଜେନ୍ଦ୍ର ଚୌଧରୀ ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ କଂଗ୍ରେସକୁ କେଉଁସବୁ ଆସନ ଦିଆଯିବ, ତାହା ସେ କହିନାହାନ୍ତି। ଇଣ୍ଡିଆ ମେଣ୍ଟରେ କଂଗ୍ରେସ ଏବଂ ଏସ୍‌ପି ରହିଥିବାବେଳେ ଉତ୍ତରପ୍ରଦେଶରେ ଏସ୍‌ପି ପ୍ରଥମେ କଂଗ୍ରେସକୁ ୧୧ ଆସନ ଛାଡ଼ିବା ଲାଗି ପ୍ରସ୍ତାବ ଦେଇଥିଲା। କଂଗ୍ରେସକୁ ଅନ୍ତତଃ ୨୪ ଆସନ ଛଡ଼ାଯିବା ଆବଶ୍ୟକ ବୋଲି ଏହାର ୟୁପି ସଭାପତି ଅଜୟ ରାୟ କହିଥିଲେ।

# କଂଗ୍ରେସ ଛାଡ଼ିଲେ ନବୀନଚନ୍ଦ୍ର ନାରାୟଣ ଦାସ

## ଜିଲା କଂଗ୍ରେସ ପୂର୍ବତନ ସଭାପତିଙ୍କ ସମେତ ୪ ନେତାଙ୍କ ଇସ୍ତଫା

**ଢେଙ୍କାନାଳ,୧୯।୨(ରତନ ନାୟାର)**


କଂଗ୍ରେସ ଦଳରୁ ଇସ୍ତଫା ପ୍ରଦାନ କରିଥିବା ନେତୃବୃନ୍ଦଙ୍କ ଖବରଦାତା ସମ୍ମିଳନୀ।

ଢେଙ୍କାନାଳ ଜିଲାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ସୋମବାର କଂଗ୍ରେସ ଛାଡ଼ିଛନ୍ତି। ନିଜର ଇସ୍ତଫାପତ୍ରକୁ ସେ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନିକଟକୁ ପଠାଇ ଦେଇଛନ୍ତି। ଉକ୍ତ ଇସ୍ତଫାପତ୍ରର ନକଲ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରିଥିବା ଢେଙ୍କାନାଳ ସହରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନବୀନଚନ୍ଦ୍ର ସୂଚନା ଦେଇଛନ୍ତି। ତାଙ୍କ ସହିତ ଜିଲା କଂଗ୍ରେସର ପୂର୍ବତନ ସଭାପତି ସରୋଜ କୁମାର ପଟ୍ଟନାୟକ, ଟାଉନ କଂଗ୍ରେସ ସଭାପତି ହାଇଦର ମହମ୍ମଦ, ଓଡ଼ାପଡ଼ା ବ୍ଲକ ସଭାପତି ପ୍ରମୋଦ କୁମାର ନାୟକ ଓ ସଦର ବ୍ଲକ ସଭାପତି ଅଖିଳ ମୋହନ ଖୁଣ୍ଟିଆ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି।

ଦଳ ଛାଡ଼ିବା ନେଇ ପୂର୍ବତନ ମନ୍ତ୍ରୀ କହିଛନ୍ତି, ସେ ୧୯୬୯ରୁ କଂଗ୍ରେସରେ ରହି କାର୍ଯ୍ୟ କରି ଆସୁଥିଲେ। ହେଲେ କିଛିମାସ ହେବ ପିସିସି ସଭାପତି ବରିଷ୍ଠ ଓ ଅଭିଜ୍ଞତାସମ୍ପନ୍ନ ନେତାଙ୍କୁ ଉପେକ୍ଷା କରୁଛନ୍ତି। ଦଳ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ କାହାକୁ ନ ପଚାରି ହଠାତ୍ ଜିଲା ସଭାପତିଙ୍କୁ ପରିବର୍ତ୍ତନ କରାଗଲା। ଏହି ଘୋଷଣା ପୂର୍ବଦିନ ତାଙ୍କ ନିକଟକୁ ଯାଇଥିଲି। ସେ ଚାହିଁଥିଲେ ଏ ନେଇ ଆଲୋଚନା କରିପାରିଥାନ୍ତେ। ତେବେ ଇସ୍ତଫା ସମ୍ପର୍କରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓଙ୍କୁ ଜଣାଇ ପାରିନାହିଁ। ସେ ବାହାରେ ଅଛନ୍ତି ଓ ସେଠାରୁ ଫେରିଲେ ତାଙ୍କ ସହିତ ଆଲୋଚନା କରାଯିବ। କୌଣସି ପଦବୀ ପାଇଁ ଆଶାୟୀ ନ ଥିଲେ। ବର୍ତ୍ତମାନ ଅନ୍ୟ କୌଣସି ଦଳକୁ ଯିବା ଯୋଜନା ନାହିଁ। ଭବିଷ୍ୟତରେ କିଛି ନିଷ୍ପତ୍ତି ନେଲେ ଜଣାଇବେ ବୋଲି ନବୀନଚନ୍ଦ୍ର କହିଛନ୍ତି।

ସୂଚନାଯୋଗ୍ୟ, ନବୀନଚନ୍ଦ୍ର ୧୯୯୫ରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ଢେଙ୍କାନାଳ ବିଧାନସଭାରୁ ବିଜୟୀ ହୋଇଥିଲେ। ଏହାପରେ ତତ୍କାଳୀନ କଂଗ୍ରେସ ସରକାରରେ ସେ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୮୭ରୁ ୧୯୯୧ ପର୍ଯ୍ୟନ୍ତ ଢେଙ୍କାନାଳ ପୌରସଂସ୍ଥାର ଅଧ୍ୟକ୍ଷ ରହିଥିଲେ। ଅନୁରୂପ ଭାବେ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଥିବା ସରୋଜ କୁମାର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଜଣାଇବେ ବୋଲି ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ନବନିଯୁକ୍ତ ଜିଲା କଂଗ୍ରେସ ସଭାପତି ସୁନୀଲ କୁମାର ଦାଶ କହିଛନ୍ତି, ପିସିସି ସଭାପତି ଦଳକୁ ସମୃଦ୍ଧ କରିବା ପାଇଁ ଭଲ କାମ କରୁଛନ୍ତି। ସେ ବିଧାୟକଙ୍କ ସଂଖ୍ୟା ୯ରୁ ୯୦ କରିବା ପାଇଁ ଚେଷ୍ଟା କରୁଛନ୍ତି। କିଛିଲୋକ ଏହାକୁ ସହି ପାରୁନାହାନ୍ତି। ପୂର୍ବତନ ମନ୍ତ୍ରୀଙ୍କୁ କଂଗ୍ରେସ ବହୁତ କିଛି ଦେଇଛି। ତଥାପି ସେ କେମିତି ଓ କାହିଁକି ଦଳ ଛାଡ଼ିଲେ ତାହା ଜାଣିପାରୁନାହାନ୍ତି। ଦଳ କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। କ୍ଷମତା ଥାଉ କି ନ ଥାଉ, ଦଳର ଭଲ ପାଇଁ ଆମେ ଶୃଙ୍ଖଳିତ ହୋଇ କାର୍ଯ୍ୟ କରିବା ଉଚିତ ବୋଲି ନୂତନ ଜିଲା ସଭାପତି ସୁନୀଲ କହିଛନ୍ତି।

# ଶୀତକାଳୀନ କ୍ରୀଡ଼ା ପାଇଁ ରଞ୍ଜିତା ପ୍ରସ୍ତୁତ



ଗୁଲମାର୍ଗରେ ଅଭ୍ୟାସ ଅବସରରେ ରଞ୍ଜିତା ବେହେରା।

**ଖେଲୋ ଇଣ୍ଡିଆ**

ଭୁବନେଶ୍ୱର, ୧୯।୨
(ତପନ ସ୍ୱାଇଁ)

ଓଡ଼ିଶାର 'ସ୍ନୋ ଗର୍ଲ'ଭାବେ ପରିଚିତ ରାଉରକେଲାର ରଞ୍ଜିତା ବେହେରା ଏବେ ଆଉ ଏକ ସମ୍ମାନଜନକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଛନ୍ତି। ଜମ୍ମୁ-କଶ୍ମୀରର ଗୁଲମାର୍ଗଠାରେ ଚଳିତ ମାସ ୨୧ରୁ ୨୫ ପର୍ଯ୍ୟନ୍ତ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାର ୪ର୍ଥ ସଂସ୍କରଣ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର ଆଲପାଇନ୍ ସ୍କିଂ ଇଭେଣ୍ଟରେ କ୍ରମାଗତ ତୃତୀୟ ଥର ପାଇଁ ଭାଗ ନେବାକୁ ଯାଉଛନ୍ତି ଓଡ଼ିଶାର ଏହି ସାହସୀ ଯୁବତୀ। ଆଗାମୀ ସଂସ୍କରଣରେ ଗୁଲମାର୍ଗରେ କେବଳ ସ୍ନୋ ମାଉଣ୍ଟେନିୟରିଂ, ଆଲପାଇନ୍ ସ୍କି ଏବଂ ସ୍ନୋ ବୋର୍ଡିଂ ତଥା ନରଡିକ ସ୍କିଂ ପ୍ରତିଯୋଗିତା ହେବ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଏହାକୁ ଶୃଙ୍ଖଳିତଭାବେ ଆୟୋଜନ ପାଇଁ ପ୍ରୟାସରତ। ଏଠାରେ ସୂଚାଇ ଦିଆଯାଇପାରେ ଯେ, ରଞ୍ଜିତା କିଛିଦିନ ତଳେ ୟୁରୋପର ଆଲ୍‌ପସରେ ତାଲିମ ନେଇଥିଲେ। ସେଠାରୁ ଫେରିବା ପରେ ଗୁଲମାର୍ଗରେ ନିଜର ପ୍ରସ୍ତୁତିକୁ ଜାରି ରଖିଛନ୍ତି। ଗତମାସରେ ଅଷ୍ଟ୍ରିଆର ସେଣ୍ଟ ମିଚେଲ୍‌ଠାରେ ଅନୁଷ୍ଠିତ ଆଲ୍‌ପାଇନ୍ ସ୍କି ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ଏବଂ ଭଲ ପଏଣ୍ଟ ପାଇବାକୁ ସକ୍ଷମ ହୋଇଥିଲେ। ସବୁଠାରୁ ବଡ଼ କଥା ହେଲା ଏଥିରେ ୧୫ ଦେଶର ପାଖାପାଖି ୭୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଅନେକ ଅଯୋଗ୍ୟ ଘୋଷିତ ହୋଇଥିଲେ, ମାତ୍ର ରଞ୍ଜିତା ସଫଳତାର ସହ ରେସ୍ ଫିନିଶ୍ କରି ପ୍ରଶଂସା ପାଇଥିଲେ। ଆଗାମୀ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ହିମାଚଳ ପ୍ରଦେଶ, କଶ୍ମୀର, ଉତ୍ତରାଖଣ୍ଡ, ଇଣ୍ଡିଆନ ଆର୍ମି ଏବଂ ଇଣ୍ଡୋ ତିବ୍ବତ ପୋଲିସର ନାମୀ ଏବଂ ଅଭିଜ୍ଞ ଖେଳାଳିମାନେ ଭାଗ ନେଉଛନ୍ତି। ବହୁନାମୀ ପ୍ରତିଯୋଗୀଙ୍କ ଉପସ୍ଥିତି ସତ୍ତ୍ୱେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାକୁ ଲକ୍ଷ୍ୟ ରଖିଛନ୍ତି ରଞ୍ଜିତା।

## ରେସ୍ ଫିନିଶ୍ ପ୍ରଥମ ଲକ୍ଷ୍ୟ: ରଞ୍ଜିତା

''ଆଗାମୀ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ହିମାଚଳ ପ୍ରଦେଶ, ଆର୍ମି ଏବଂ ଇଣ୍ଡୋ ତିବ୍ବତ ପୋଲିସର ନାମୀ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି। ମହିଳା ବିଭାଗରେ ହିମାଚଳ ପ୍ରଦେଶର ପ୍ରତିଯୋଗୀମାନେ ଗତ କିଛିବର୍ଷ ଧରି ପଦକ ହାସଲ କରି ଆସୁଛନ୍ତି। ସବୁଠାରୁ ବଡ଼ କଥା ହେଲା ଅନେକ ଅଭିଜ୍ଞ ପ୍ରତିଯୋଗୀ ମଧ୍ୟ ରେସ୍ ଫିନିଶ କରି ନ ପାରି ଅଯୋଗ୍ୟ ହୋଇଯାଇଥାନ୍ତି। ତେଣୁ ମୁଁ ଏବେ ଅଧିକ କିଛି ଚିନ୍ତା କରୁନି। ଅଯୋଗ୍ୟ ଘୋଷିତ ନ ହୋଇ ବିନା ଚାପରେ ରେସ୍ ଫିନିଶ୍‌କୁ ମୁଁ ପ୍ରାଥମିକତା ଦେଉଛି। ପଦକ ହାସଲ ଉପରେ ନିଶ୍ଚିତ ନଜର ରହିବ'' ବୋଲି ସମ୍ପ୍ରତି ଗୁଲମାର୍ଗରେ ଟ୍ରେନିଂ ନେଇ ନିଜକୁ ପ୍ରସ୍ତୁତ କରୁଥିବା ରଞ୍ଜିତା ପ୍ରକାଶ କରିଛନ୍ତି। ଅଷ୍ଟ୍ରିଆରେ ରଞ୍ଜିତା ଜାନୁଆରୀ ୧୦ରୁ ଫେବୃଆରୀ ୧୧ ପର୍ଯ୍ୟନ୍ତ ଟ୍ରେନିଂ ନେଇଥିଲେ। ସେଠାରେ ସ୍ଲାମରେ ୨ଟି ରେସ୍‌ରେ ଭାଗନେଇ ଫିନିଶ୍ ପଏଣ୍ଟରେ ପହଞ୍ଚି ପାରିଥିଲେ। ''ଅଷ୍ଟ୍ରିଆ ହେଉଛି ସ୍କି'ର ମୁଖ୍ୟ ପଏଣ୍ଟ। ସେଠାରେ ଆମେରିକା, ଇଟାଲି ଆଦି ଦେଶରୁ ପ୍ରତିଯୋଗୀମାନେ ଆସି ଅଭ୍ୟାସ କରିଥାନ୍ତି। ଅଷ୍ଟ୍ରିଆରେ ମୋର ଟ୍ରେନିଂ ବହୁତ ଭଲ ରହିଥିଲା। ଅନେକ ଅଭିଜ୍ଞତା ମଧ୍ୟ ହାସଲ କରିଛି। ଆଗାମୀ ପ୍ରତିଯୋଗିତାରେ ଏହା ମୋତେ ନିଶ୍ଚିତ ସାହାଯ୍ୟ କରିବ। ଓଡ଼ିଶାବାସୀଙ୍କ ଭଲପାଇବା ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ସହାୟତା ମୋତେ ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଛି'' ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି।

# ବାଦଲ ବିଶ୍ୱାଲଙ୍କୁ ୯ ଉଇକେଟ

**ସିକେ ନାଇଡୁ ଟ୍ରଫି**

ବଲାଙ୍ଗୀର,୧୯।୨
(ବୀରେନ୍ଦ୍ର ଝାଙ୍କର)


ବାଦଲ ବିଶ୍ୱାଳ

ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମରେ ଖେଳା ଯାଉଥିବା କର୍ନେଲ ସିକେ ନାଇଡୁ ଟ୍ରଫିରେ ବାଦଲ ବିଶ୍ୱାଳଙ୍କ ବୋଲିଂ ସଫଳତା। ବାଦଲ ଏକାକୀ ୯ ଉଇକେଟ ନେଇଥିବା ବେଳେ ପଞ୍ଜାବ ୩୮୨ ରନ୍‌ରେ ଅଲଆଉଟ ହୋଇଛି। ଦ୍ୱିତୀୟ ଦିନର ଷ୍ଟମ୍ପ ବେଳକୁ ବିନା କ୍ଷତିରେ ୧୧ ରନ୍ କରିଥିବା ଓଡ଼ିଶା ୨୬୬ ରନ୍ ପଛରେ ରହିଛି।

ପ୍ରଥମ ଇନିଂସରେ ଓଡ଼ିଶା ୧୦୫ ରନ୍‌ରେ ସୀମିତ ରହିଥିବା ବେଳେ ପଞ୍ଜାବ ୩୮୨ ରନ୍ କରିଥିଲା। ପଞ୍ଜାବ ପକ୍ଷରୁ ପୁଖରାଜ ମନ୍ ୧୬୯ ରନ୍ କରିଥିଲେ। ତେବେ ଓଡ଼ିଶା ପକ୍ଷରୁ ବାଦଲ ଚମତ୍କାର ବୋଲିଂ କରିଥିଲେ। ଏକାକୀ ସେ ପଞ୍ଜାବର ୯ ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଶେଷ ବ୍ୟାଟର ଭାବେ ପୁଖରାଜ ରନ୍ ଅଉଟ ହେବା କାରଣରୁ ବାଦଲ ପର୍ଫେକ୍ଟ୍‌୧୦ରୁ ବଞ୍ଚିତ ହୋଇଥିଲେ। ପୁଖରାଜ ୨୧୯ ବଲ୍ ଖେଳି ୧୭ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶାହବାଜ ସାନ୍ଧୁ ୭୭ ରନ୍ ସ୍କୋର କରିଥିଲେ। ଦ୍ୱିତୀୟ ଦିନର ଷ୍ଟମ୍ପସ ବେଳକୁ ଓଡ଼ିଶା ବ୍ୟାଟିଂ ଆରମ୍ଭ କରି ବିନା କ୍ଷତିରେ ୧୧ ରନ୍ ସ୍କୋର କରିଛି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୦୫/୧୦
ପଞ୍ଜାବ ପ୍ରଥମ ଇନିଂସ ୧୧୮ ଓଭରରେ ୩୮୨/୧୦ (ପୁଖରାଜ ମନ୍-୧୬୯, ଶାହବାଜ ସାନ୍ଧୁ-୭୭, କ୍ରିସ୍ ଭଗତ-୩୬, ବାଦଲ ବିଶ୍ୱାଳ-୯/୧୧୮)।

# ରଣ୍‌ଜୀ ଟ୍ରଫିରୁ ଅବସର ନେଲେ ୫ ହେଭିଓ୍ୱେଟ୍

ନୂଆଦିଲ୍ଲୀ,୧୯।୨(ପି.ଟି.): ରଣ୍‌ଜୀ ଟ୍ରଫି ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ୫ ଜଣ ହେଭିଓ୍ୱେଟ ଖେଳାଳି ଅବସର ଘୋଷଣା କରିଛନ୍ତି। ଘରୋଇ କ୍ରିକେଟରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିବା ସହ ବେଙ୍ଗଲର ମନୋଜ ତିଓ୍ୱାରୀ, ଝାଡଖଣ୍ଡର ସୌରଭ ତିଓ୍ୱାରୀ, ବରୁଣ ଆରୋନ୍, ମୁମ୍ବାଇର ଧଓ୍ୱଲ କୁଲକର୍ନୀ ଓ ବିଦର୍ଭର ରଣଜୀ ଟ୍ରଫି ବିଜେତା ଅଧିନାୟକ ଫୈଜ ଫଜଲ ଅବସର ଘୋଷଣା କରିଛନ୍ତି। ଜାତୀୟ ଦଳ ପାଇଁ ଖେଳିବାର ସୁଯୋଗ ନ ଥିବା ବେଳେ ଆଇପିଏଲ୍ ଚୁକ୍ତି ମଧ୍ୟ ମିଳି ନ ଥିବାରୁ ଏହି ଖେଳାଳିମାନେ ଅବସର ଘୋଷଣା କରିଛନ୍ତି। ବରୁଣ ଆରୋନ୍, ମନୋଜ ତିଓ୍ୱାରୀ ଓ ଫୈଜ ଫଜଲ ଯେଉଁ ପଡିଆରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ ସମାନ ଗ୍ରାଉଣ୍ଡରେ କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳିଛନ୍ତି। ମନୋଜ ତିଓ୍ୱାରୀ ଦୀର୍ଘ ୧୯ ବର୍ଷ ଧରି ବେଙ୍ଗଲର ପ୍ରତିନିଧିତ୍ୱ କରିଥିବା ବେଳେ ୧୦ ହଜାରରୁ ଅଧିକ ରନ୍ ସ୍କୋର କରିଛନ୍ତି। ଅନ୍ୟପକ୍ଷରେ ସୌରଭ ତିଓ୍ୱାରୀ ୧୭ ବର୍ଷର କ୍ୟାରିୟରରେ ୧୧୫ ମ୍ୟାଚ୍‌ରୁ ୮୦୩୦ ରନ୍ କରିଛନ୍ତି। ସେହିପରି ୧୫୩ କିମି ବେଗରେ ବୋଲିଂ କରି ଚର୍ଚ୍ଚାରେ ରହିଥିବା ବରୁଣ ଆରୋନ ୬୬ ମ୍ୟାଚ୍ ଖେଳି ୧୭୩ ପ୍ରଥମ ଶ୍ରେଣୀ ଉଇକେଟ ନେଇଛନ୍ତି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଅନ୍ତିମ ମ୍ୟାଚ୍ ଖେଳୁଥିବା ଆରୋନ ୫ ଉଇକେଟ ସଫଳତା ସହ କ୍ୟାରିୟର ସମାପ୍ତ କରିଥିଲେ। ୨୦୧୮ରେ ବିଦର୍ଭକୁ ରଣଜୀ ଟ୍ରଫି ଚାମ୍ପିୟନ କରିଥିବା ଫୈଜ୍ ଫଜଲ ଦୀର୍ଘ ୨୧ ବର୍ଷ ଧରି ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି। ୯୧୮୩ ରନ୍ ସ୍କୋର କରିଥିବା ବେଳେ ୨୦୧୮ରେ ତାଙ୍କୁ ଭାରତୀୟ ଦଳକୁ ଡାକରା ମିଳିଥିଲା। ଏକମାତ୍ର ମ୍ୟାଚ୍‌ରେ ୫୫ ରନ୍ ସ୍କୋର କରିଥିଲେ ମଧ୍ୟ ଜାତୀୟ ଦଳରେ ଆଉ ସୁଯୋଗ ମିଳି ନ ଥିଲା। ସେହିପରି ମୁମ୍ବାଇର ସୁଇଁ କିଙ୍ଗ ଧଓ୍ୱଲ କୁଲକର୍ନୀ ୧୭ ବର୍ଷ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ୩୫ ବର୍ଷୀୟ କୁଲକର୍ନୀ ମୁମ୍ବାଇ ପକ୍ଷରୁ ୯୫ ମ୍ୟାଚ୍ ଖେଳି ୨୮୧ ଉଇକେଟ ନେଇଛନ୍ତି।

# କିଟ୍ ଦଳ ଓଭରଅଲ୍ ଚାମ୍ପିୟନ

**ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ**

ଭୁବନେଶ୍ୱର, ୧୯।୨
(ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। କିଟ୍ ଦଳ ୯ ସ୍ୱର୍ଣ୍ଣ, ୫ ରୌପ୍ୟ, ୨ ବ୍ରୋଞ୍ଜ ସହ ଓଭରଅଲ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି, ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରଓ୍ୱାଲ ସମ୍ମାନିତ ଅତିଥି, ଅଲିମ୍ପିଆନ ଦୂତୀ ଚାନ୍ଦ ସ୍ୱତନ୍ତ୍ର ଆମନ୍ତ୍ରଣୀୟ ଅତିଥିଭାବେ ଯୋଗ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ଓ ରେଜିଷ୍ଟ୍ରାର କାହ୍ନୁ ଚରଣ ଧିର ଉପସ୍ଥିତ ଥିଲେ। କିଟ୍ ଆଥଲେଟ୍‌ଙ୍କ ମଧ୍ୟରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ଓ ସୁସ୍ମିତା ଟିଗା ବ୍ୟକ୍ତିଗତ ୨ଟି ଲେଖାଏ ଇଭେଣ୍ଟରେ ଏବଂ ସବିତା ଟପ୍ପୋ, ଦୀପା କିସାନ, ପି. ଅର୍ପିତା ଅର୍ଚ୍ଚନା ସାହୁ ସ୍ୱର୍ଣ୍ଣ ପଦକ ପାଇଥିଲେ। ମହିଳା ୪x୧୦୦ ମିଟରରେ ପ୍ରଜ୍ଞା ପ୍ରଶାନ୍ତି ସାହୁ, ଶତାକ୍ଷି ରାୟ, ସବିତା ଟପ୍ପୋ, ଜମୁନା ଟୁଡୁ ଏବଂ ପୁରୁଷ ୪x୧୦୦ ମିଟରରେ ଲାଲୁ ପ୍ରସାଦ ଭୋଇ, ମହେନ୍ଦ୍ର ସାନ୍ତା, ଦଣ୍ଡପତି ମୃତ୍ୟମ ଜୟରାମ ଓ ଚିରଞ୍ଜୀବ ମହାକୁଡ଼ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।


ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସରେ ଓଭରଅଲ୍ ଚାମ୍ପିୟନ କିଟ୍ ଦଳର ଆଥଲେଟ୍‌ମାନେ ପୁରସ୍କାର ସହ।

# ସଡନ୍‌ଡେଥ୍‌ରେ ଜିତିଲା ଭାରତ

**ପୁରୁଷ ପ୍ରୋ ଲିଗ୍ ହକି**

ରାଉରକେଲା,୧୯।୨
(ଦିନେଶ ମିଶ୍ର)


ସଡନଡେଥ୍‌ରେ ବିଜୟ ପରେ ଉଲ୍ଲସିତ ଭାରତୀୟ ଖେଳାଳି।

ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସ୍ପେନ୍ ବିପକ୍ଷ ମ୍ୟାଚ୍‌କୁ ୮-୭ ସଡନ୍‌ଡେଥ୍‌ରେ ଜିତି ନେଇଛି ଭାରତ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ରେ ରହିଥିଲା। ପରେ ପେନାଲ୍ଟି ଶୁଟଆଉଟର ସାହାରା ନିଆ ଯାଇଥିଲା। ଶୁଟଆଉଟରେ ଉଭୟ ଦଳ ୫ଟି ଲେଖାଏ ଶଟ୍‌ରୁ ସ୍କୋର କରିବାରେ ସମର୍ଥ ହୋଇଥିଲେ। ସଡନ୍ ଡେଥ୍‌ରେ ସ୍ପେନ୍‌ର ତୃତୀୟ ଶଟ୍ ରୋକିବାରେ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେସ ସଫଳ ହୋଇଥିବା ବେଳେ ଭାରତ ମ୍ୟାଚ୍‌କୁ ଜିତି ନେଇଥିଲା। ଏହା ସହିତ ଭାରତ ଶୁଟଆଉଟ ବୋନସ ପଏଣ୍ଟ ହାସଲ କରିଥିଲା। ଭାରତ ପକ୍ଷରୁ ଜରମନପ୍ରୀତ ସିଂ(୧) ଓ ଅଭିଷେକ(୩୫) ମିନିଟ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ସ୍ପେନ୍ ପକ୍ଷରୁ ଜୋସ୍ ବାଷ୍ଟେରା(୩) ଓ ବୋର୍ଜା ଲାସାଲ୍ଲେ(୧୫) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ପ୍ରଥମ ମିନିଟରେ ଭାରତ ପକ୍ଷରୁ ଜରମନ୍‌ପ୍ରୀତ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ୧-୦ରେ ଆଗୁଆ କରିଥିଲେ। ତେବେ ସ୍ପେନ୍‌କୁ ତୃତୀୟ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପ୍ରଥମ କ୍ୱାର୍ଟରର ୧୫ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ବୋର୍ଜା ସ୍ପେନକୁ ୨-୧ରେ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ତୃତୀୟ କ୍ୱାର୍ଟରରେ ଅଭିଷେକ ପେନାଲ୍ଟି କର୍ନରରୁ ଏକ ଗୋଲ ଦେବା ସହ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଅନ୍ତିମ କ୍ୱାର୍ଟର ଗୋଲଶୂନ୍ୟ ରହିବା ସହ ମ୍ୟାଚ୍ ଶୁଟଆଉଟକୁ ଯାଇଥିଲା।

**ନେଦରଲାଣ୍ଡସ ବିଜୟୀ**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ପୁରୁଷ ହକି ପ୍ରୋ ଲିଗ୍ ଆରମ୍ଭ ହୋଇଥିବା ବେଳେ ନେଦରଲାଣ୍ଡସ୍୨-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଆୟର୍ଲାଣ୍ଡ ପକ୍ଷରୁ ୧୨ ମିନିଟ୍‌ରେ ମାଥ୍ୟୁ ନେଲସନ୍ ପ୍ରଥମ ଗୋଲ କରିଥିଲେ। ପ୍ରଥମ କ୍ୱାର୍ଟରରଶେଷ ମିନିଟରେ ଜିପ୍ ଜାନସେନ ଏହି ଗୋଲଟି ପରିଶୋଧ କରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୩ତମ ମିନିଟରେ ଜାନସେନ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ।

# ଆଟକିନ୍‌ସନ୍‌ଙ୍କ ସ୍ଥାନରେ ଚମିରା

ନୂଆଦିଲ୍ଲୀ,୧୯।୨(ପି.ଟି.): ଆଇପିଏଲ୍ ୨୦୨୪ ପୂର୍ବରୁ ସୋମବାର କୋଲକାତା ନାଇଟ ରାଇଡର୍ସ (କେକେଆର) ଗସ୍ ଆଟକିନ୍‌ସନ୍‌ଙ୍କ ବଦଳ ଖେଳାଳି ଘୋଷଣା କରିଛି। ଇଂଲଣ୍ଡ ପେସର ଆଟକିନ୍‌ସନ୍ ଆହତ ହୋଇ ବାଦ ପଡିଥିବା ବେଳେ ତାଙ୍କ ସ୍ଥାନରେ ଶ୍ରୀଲଙ୍କାର ଦୁଷ୍ମନ୍ତ ଚମିରାଙ୍କୁ ସାମିଲ କରାଯାଇଛି। ଚମିରାଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କାରେ କେକେଆର ପକ୍ଷରୁ ସାଇନ୍ କରାଯାଇଛି। ଚମିରା ପୂର୍ବରୁ ୨୦୧୮ରେ ରାଜସ୍ଥାନ ରୟାଲ୍ସ ଓ ୨୦୨୧ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳରେ ସାମିଲ କରାଯାଇଥିଲା। ୨୦୨୨ରେ ଚମିରା ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପାଇଁ ଖେଳିଥିଲେ। ୧୨ ମ୍ୟାଚ୍ ଖେଳି ସେ ୯ ଉଇକେଟ ନେଇଥିଲେ।

**ବାଦ ପଡ଼ିଲେ କାଶଭି ଗୌତମ:** ଓମେନ୍ସ ପ୍ରିମିୟର ଲିଗ୍‌ରେ ସବୁଠାରୁ ମହଙ୍ଗା ଭାରତୀୟ ଖେଳାଳି କାଶଭି ଗୌତମ ଆହତ ହୋଇ ବାଦ ପଡିଛନ୍ତି। ଗୁଜରାଟ ଜାଏଣ୍ଟ୍ସ କାଶଭିଙ୍କୁ ୨ କୋଟି ଟଙ୍କାରେ କିଣିଥିବା ବେଳେ ସେ ଆହତ ହୋଇ ଓମେନ୍ସ ପ୍ରିମିୟର ଲିଗ୍ ଦ୍ୱିତୀୟ ସିଜନରୁ ବାଦ୍ ପଡିଛନ୍ତି। ମୁମ୍ବାଇର ସୟାଲି ସାଥଗାରେଙ୍କୁ ତାଙ୍କର ବଦଳ ଖେଳାଳି ଘୋଷଣା କରାଯାଇଛି। ସୟାଲିଙ୍କ ବେସ୍ ପ୍ରାଇସ୍ ୧୦ ଲକ୍ଷ ଟଙ୍କା ରହିଛି। ଅନ୍ୟପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅଲରାଉଣ୍ଡର କନିକା ଆହୁଜା ମଧ୍ୟ ଆହତ ହୋଇ ବାଦ ପଡିଛନ୍ତି। ତାଙ୍କ ସ୍ଥାନରେ ମହାରାଷ୍ଟ୍ରର ବାମହାତୀ ପେସର ଶ୍ରଦ୍ଧା ପୋଖାରକରଙ୍କୁ ସାମିଲ କରାଯାଇଛି।

# ପରାଜୟ ସହ ଓଡ଼ିଶା ଅଭିଯାନ ଶେଷ

**ରଣ୍‌ଜୀ ଟ୍ରଫି**

ଭୁବନେଶ୍ୱର, ୧୯।୨
(ତପନ ସ୍ୱାଇଁ)

ପ୍ରଦର୍ଶନରେ ସ୍ଥିରତାର ଅଭାବ ଏବଂ ବିଭିନ୍ନ ସମୟରେ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଓଡ଼ିଶା ପାଇଁ ମହଙ୍ଗା ପଡ଼ିଛି। ଚଳିତ ରଣ୍‌ଜୀ ଟ୍ରଫି ସିଜନରେ କ୍ରମାଗତ ଦ୍ୱିତୀୟ ଓ ୪ର୍ଥ ପରାଜୟ ଲଭିଛି ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ। ନୂଆଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ କ୍ରିକେଟ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଦିଲ୍ଲୀଠାରୁ ୭ ଉଇକେଟରେ ହାରିଛି ଓଡ଼ିଶା। ପ୍ରଥମ ଇନିଂସରେ ୪୪୦ ରନ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ଅପ୍ରତ୍ୟାଶିତଭାବେ ୧୩୩ ରନରେ ଅଲ୍‌ଆଉଟ ହୋଇ ପରାଜୟକୁ ଡାକି ଆଣିଥିଲା। ଦିଲ୍ଲୀ ସମ୍ମୁଖରେ ୧୨୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ଏବଂ ଘରୋଇ ଦଳ ଏହାକୁ ୨୦.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଅନୁଜ ରାଓ୍ୱତ ୫ ବଲ୍‌ରୁ ୭, ଗଗନ ଭସ ୪୩ ବଲ୍‌ରୁ ୨୪ ଓ ଅଧିନାୟକ ହିମ୍ମତ ସିଂ ୩୧ ବଲ୍‌ରୁ ୩୨ ରନକରି ଆଉଟ ହୋଇଥିବାବେଳେ ଆଇପିଏଲ୍ ତାରକା ଆୟୁଷ ବଦୋନୀ ୩୩ ବଲ୍‌ରୁ ୪୦ ଓ ୟଶ୍ ଧୁଲ୍ ୧୧ ବଲ୍‌ରୁ ୧୬ ରନରେ ଅପରାଜିତ ରହି ଦିଲ୍ଲୀକୁ ବିଜୟୀ କରିଥିଲେ। ଓଡ଼ିଶା ପକ୍ଷରୁ ଜାମଲା ଭଞ୍ଜନ ମହାପାତ୍ର ୨ଟି ଓ ରାଜେଶ ମହାନ୍ତି ୨ଟି ଉଇକେଟ ନେଇଥିଲେ। ପରାଜୟ ଫଳରେ ଓଡ଼ିଶା ୭ ମ୍ୟାଚରୁ ୧ ବିଜୟ, ୪ ପରାଜୟ ଓ ୨ ଡ୍ର ସହ ୧୨ ପଏଣ୍ଟରେ ସ୍ଥିର ରହି ଗ୍ରୁପ୍ 'ଡି'ରେ ସର୍ବନିମ୍ନ ୮ମ ସ୍ଥାନକୁ ଖସିଛି।

ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟ ପ୍ରଦେଶ ସହ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ସରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ-କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ସେହି ଗ୍ରାଉଣ୍ଡରେ ଖେଳିଥିବା ୪ର୍ଥ ମ୍ୟାଚରେ ପ୍ରତିପକ୍ଷ ହିମାଚଳ ପ୍ରଦେଶକୁ ୨୩୮ ରନରେ ହରାଇ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା ଓଡ଼ିଶା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପୁଡୁଚେରୀ ବିପକ୍ଷ ୫ମ ମ୍ୟାଚକୁ ଦଳ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚରେ ଦଳ ଉତ୍ତରାଖଣ୍ଡଠାରୁ ୧୬୨ ରନରେ ହାରିଯାଇଥିଲା। ଏବେ ଦିଲ୍ଲୀଠାରୁ ୭ ଉଇକେଟରେ ପରାଜୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ରଣନୀତି ଏବଂ ଖେଳାଳି ଚୟନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ତୃତୀୟ ଦିବସ ଶେଷରେ ଦିଲ୍ଲୀ ପ୍ରଥମ ଇନିଂସରେ ୪୫୧ ରନରେ ଅଲ୍‌ଆଉଟ ହୋଇ ଓଡ଼ିଶା ପ୍ରଥମ ଇନିଂସଠାରୁ ୧୧ ରନରେ ଅଗ୍ରଣୀ ହୋଇଥିଲା। ସୋମବାର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ ଡ୍ର ରହିବ ବୋଲି ଆକଳନ କରାଯାଉଥିଲା। ମାତ୍ର ଦ୍ୱିତୀୟ ଇନିଂସରେ ଓଡ଼ିଶା ବ୍ୟାଟରଙ୍କ ବେପରୁଆ ବ୍ୟାଟିଂ ଦଳ ପାଇଁ ବିପଦ ଡାକି ଆଣିଥିଲା। ଅଧିନାୟକ ଶାନ୍ତନୁ ମିଶ୍ରଙ୍କ ସମେତ ସ୍ୱସ୍ତିକ ସାମଲ ଓ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିପାରି ନ ଥିବାବେଳେ ଶୁଭ୍ରାଂଶୁ ସେନାପତି ୪ ଓ ଗୋବିନ୍ଦ ପୋଦ୍ଦାର ୧୭ ରନରେ ଆଉଟ ହେବାରୁ ଦିଲ୍ଲୀ ବିଜୟ ବାସ୍ନା ପାଇଥିଲା। ମିଡିଲ ଅର୍ଡରରେ ବିପ୍ଳବ ସାମନ୍ତରାୟ ଓ ଆଶୀର୍ବାଦ ସ୍ୱାଇଁ ଭଲ ଆରମ୍ଭ କରିଥିଲେ ହେଁ ଯୋଜନାବଦ୍ଧଭାବେ ଦିଲ୍ଲୀ ବୋଲରମାନେ ବୋଲିଂ କରି ତାଙ୍କୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ଆଶୀର୍ବାଦ ସର୍ବାଧିକ ୨୯ ଓ ବିପ୍ଳବ ୨୪ ରନକରି ପ୍ୟାଭିଲିୟନ ଫେରିଥିଲେ। ଶେଷ ଭାଗରେ ଜାମଳା ଭଞ୍ଜନ ମହାପାତ୍ର ୨୫ ରନର ଯୋଗଦାନ ଦେଇଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ପ୍ରଥମ ପଦାର୍ପଣକାରୀ ସୁମିତ ମାଥୁର ୨୬ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ପ୍ରଂଶୁ ବିଜୟରନ ଓ ହିମାଂଶୁ ଚୌହାନ ୨ଟି ଲେଖାଏ ଏବଂ ହିମ୍ମତ ସିଂ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୪୪୦। ଦିଲ୍ଲୀ ପ୍ରଥମ ଇନିଂସ: ୪୫୧। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୩୩/ଅଲ୍‌ଆଉଟ (ଆଶୀର୍ବାଦ ସ୍ୱାଇଁ-୨୯, ସୁମିତ ମାଥୁର-୫/୨୬, ପ୍ରଂଶୁ ବିଜୟରନ-୨/୩୯, ହିମାଂଶୁ ଚୌହାନ-୨/୨୨, ହିମ୍ମତ ସିଂ-୧/୩୩)। ଦିଲ୍ଲୀ ଦ୍ୱିତୀୟ ଇନିଂସ: ୧୨୩/୩ (ଆୟୁଷ ବଦୋନୀ-୪୦*, ହିମ୍ମତ ସିଂ-୩୨, ଜାମଳା ଭଞ୍ଜନ ମହାପାତ୍ର-୨/୪୫, ରାଜେଶ ମହାନ୍ତି-୧/୨୪)।

**୨୦୨୩-୨୪ ସିଜନରେ ଓଡ଼ିଶାର ପ୍ରଦର୍ଶନ**

| ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଫଳାଫଳ |
|---|---|---|
| ବରୋଦା | ଭଦୋଦରା | ୧୪୭ ରନରେ ପରାସ୍ତ |
| ମଧ୍ୟ ପ୍ରଦେଶ | ଇନ୍ଦୋର | ମ୍ୟାଚ ଡ୍ର (ଇନିଂସ ଅଗ୍ରଣୀ) |
| ଜମ୍ମୁ-କଶ୍ମୀର | ଡ୍ରିମ୍ସ | ୨ ଉଇକେଟରେ ପରାସ୍ତ |
| ହିମାଚଳ ପ୍ରଦେଶ | ଡ୍ରିମ୍ସ | ୨୩୮ ରନରେ ବିଜୟୀ |
| ପୁଡୁଚେରୀ | ବାରବାଟୀ | ମ୍ୟାଚ ଡ୍ର (ଇନିଂସ ଅଗ୍ରଣୀ) |
| ଉତ୍ତରାଖଣ୍ଡ | ଡ୍ରିମ୍ସ | ୧୬୨ ରନରେ ପରାସ୍ତ |
| ଦିଲ୍ଲୀ | ଦିଲ୍ଲୀ | ୭ ଉଇକେଟରେ ପରାସ୍ତ |

(ଓଡ଼ିଶା ୭ ମ୍ୟାଚରୁ ୧ ବିଜୟ, ୪ ପରାଜୟ ଓ ୨ ଡ୍ର ସହ ୧୨ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଗ୍ରୁପ୍ 'ଡି'ରେ ସର୍ବନିମ୍ନ ୮ମ ସ୍ଥାନରେ ରହିଛି)।


ଓଡ଼ିଶା ରଣଜୀ ଦଳ।

# ଗୁଲବୀର ସିଂ ଜିତିଲେ ସ୍ୱର୍ଣ୍ଣ

**ତେହେରାନ, ୧୯।୨ (ପି.ଟି.):** ଏସିଆନ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ଗୁଲବୀର ସିଂ ୩୦୦୦ମିଟର ଫାଇନାଲ ରେସ୍ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଅଣଅଲିମ୍ପିକ୍ସ ଆଥଲେଟିକ୍ ମିଟ୍‌ରେ ଗୁଲବୀର ୮ମିନିଟ ୦୭.୩୮ ସେକେଣ୍ଡ ଟାଇମିଂରେ ଫିନିଶ ଲାଇନ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। କିରଗିଜ୍‌ସ୍ତାନର କେନେଶବେକୋଭ ନୂରସୁଲ୍‌ତାନ (୮:୦୮.୮୫) ଓ ଇରାନର ଜଲିଲ ନାସେରୀ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ଚାମ୍ପିୟନଶିପ୍‌ରେ ଭାରତର ଏହା ହେଉଛି ଚତୁର୍ଥ ସ୍ୱର୍ଣ୍ଣ ପଦକ। ଗୁଲ୍‌ବୀରଙ୍କ ପୂର୍ବରୁ ଅଙ୍କିତା ମହିଳା ୩,୦୦୦ ମିଟର ରେସ୍‌ରେ ୯:୨୬.୨୨ ଟାଇମିଂରେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ଅଗ୍ରଣୀ ଶଟ୍‌ପୁଟର ତେଜିନ୍ଦରପାଲ୍ ସିଂ ତୁର୍, ୧୦୦ମିଟର ହର୍ଡଲର ଜ୍ୟୋତି ଆରାଜୀ ଏବଂ ହରମିଲନ ବେନ୍ସ (୧୫୦୦ମିଟର) ଶନିବାର ପ୍ରଥମ ଦିବସରେ ପ୍ରତ୍ୟେକ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଜିତିଥିଲେ। ତୁର୍ ଓ ୟାରାଜୀ ସେମାନଙ୍କ ନିଜ ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ଭାରତ ଏହି ଚାମ୍ପିୟନଶିପ୍‌ରେ ୪ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ଏହାର ଅଭିଯାନ ଶେଷ କରିଛି। କାଜାଖସ୍ତାନର ଅଷ୍ଟାନାଠାରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ଗୋଟିଏ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ଜିତିଥିଲା।

ଫ୍ୟାଶନ୍

# କର୍ପୋରେଟ୍ ଲୁକ୍

**ପାଠପଢ଼ା ଶେଷ ହେବା ପରେ ଚାକିରି ପାଇଁ ଆପଣ ନିଶ୍ଚୟ ଇଣ୍ଟରଭ୍ୟୁ ଦେବାକୁ ଯାଉଥିବେ। ଯଦି ହଁ, ତେବେ ନିଜକୁ ଏପରି କର୍ପୋରେଟ୍ ଲୁକ୍ ଦିଅନ୍ତୁ, ଯାହାଦ୍ୱାରା ନିଜର ଇମ୍ପ୍ରେସନ୍ ଅନ୍ୟ ସାମ୍ନାରେ ଭଲ ହୋଇପାରିବ। ଠିକ୍ ଆଉଟ୍‌ଫିଟ୍ ନିଜ ଭିତରେ ଆତ୍ମବିଶ୍ୱାସ ବଢ଼ାଇଥାଏ। ଜାଣନ୍ତୁ ଏ ସମ୍ପର୍କରେ..**



**ଜିନ୍ସ ଓ ବ୍ଲେଜର:** ଏହି ପ୍ରଫେସନାଲ ଆଉଟ୍‌ଫିଟ୍ ବହୁତ କମନ୍ ଏବଂ ଭଲ କମ୍ବିନେଶନ୍ ବୋଲି ବେଶ୍ ଜଣାଶୁଣା। ଏହା ବିଜ୍‌ନେସ୍ ଲୁକ୍‌ରେ ଆଇଡିଆଲ ହୋଇଥାଏ। ଏହି ଆଉଟ୍‌ଫିଟ୍‌ରେ ଆପଣ ବ୍ଲାକ୍ ହ୍ୱାଇଟ୍ କିମ୍ବା ନ୍ୟୁଟ୍ରାଲ କଲରକୁ ଆରାମ୍‌ରେ କ୍ୟାରି କରିପାରିବେ। ଏହା ସହିତ ଆପଣ ହିଲ୍ସ ମଧ୍ୟ ପିନ୍ଧିପାରିବେ।

**ମିଡି ସ୍କର୍ଟ :** କର୍ପୋରେଟ୍ ୱାର୍ଲଡରେ ମିଡି ସ୍କର୍ଟ୍ ଆପଣଙ୍କ ଲାଗି ଭଲ ଅପ୍‌ଶନ। ଋତୁ ଅନୁଯାୟୀ ନିଜ ସ୍କର୍ଟ୍‌ର ଫାବ୍ରିକ୍ ଚୟନ କରିପାରିବେ। ଆପଣ ସ୍କର୍ଟ୍ ଯେପରି ଆଣ୍ଠୁ ତଳକୁ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏହା ସହିତ ଆପଣ ଶାର୍ଟ ପେୟାର କରିବା ସହ ହିଲ୍ସ କିମ୍ବା ବେଲି କ୍ୟାରି କରିପାରିବେ।

**ଜମ୍ପସୁଟ୍ :** ଜମ୍ପସୁଟ୍ ଆପଣଙ୍କ ଲାଗି ଭଲ ଅପ୍‌ଶନ। ଜମ୍ପସୁଟ୍‌କୁ ଗୋଟିଏ ରଙ୍ଗରେ କ୍ୟାରି କରନ୍ତୁ। ଅଫିସ୍ ପାଇଁ ଯଦି ଜମ୍ପସୁଟ୍ ଚୟନ କରୁଛନ୍ତି ତେବେ କେଉଁ ରଙ୍ଗର ପିନ୍ଧିବେ ତାହା ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆପଣ ବ୍ଲାକ୍, ନେଭି ବ୍ଲୁ କିମ୍ବା ଲାଇନ ଡିଜାଇନ୍‌ର ଜମ୍ପସୁଟ୍ କ୍ୟାରି କରିପାରିବେ। ଏହା ସହିତ ଆପଣ ଲାଇଟ୍ ନେକ୍‌ଲେସ୍ କିମ୍ବା ସ୍ମଲ୍ ଇୟରରିଙ୍ଗ କ୍ୟାରି କରିପାରିବେ।

**ହାଇ ୱେଷ୍ଟେଡ୍ ଟ୍ରାଉଜର୍ସ:** ଏହା ମଧ୍ୟ ଆପଣଙ୍କ ଲାଗି ଭଲ ଅପ୍‌ଶନ। ମିନି ଟପ୍ ସହିତ ହାଇ ୱେଷ୍ଟେଡ୍ ଟ୍ରାଉଜର୍ସ କ୍ୟାରି କରିପାରିବେ। ଏହା ଆପଣଙ୍କ ଲୁକ୍‌କୁ ଆହୁରି ବଢ଼ାଇ ଦେଇଥାଏ।

**କ୍ରପ୍‌ଡ ଟ୍ରାଉଜର୍ସ :** କର୍ପୋରେଟ୍ କଲଚରରେ କ୍ରପ୍‌ଡ ଟ୍ରାଉଜର୍ସ ଏକ ଭଲ ଅପ୍‌ଶନ୍ ହୋଇପାରିବ। ଏଥିଲାଗି ଆପଣ ସଲିଡ୍ କଲର ସିଲେକ୍ଟ କରନ୍ତୁ। ଆପଣ ଏହା ସହିତ ପପ୍ ସ୍ୟାଣ୍ଡେଲ କିମ୍ବା ଲୋଫର୍ସ କ୍ୟାରି କରିପାରିବେ। ସବୁଠାରୁ ବଡ଼ କଥା ହେଲା ଏସବୁ ଡ୍ରେସ୍ ଆପଣଙ୍କୁ କେତେ ମ୍ୟାଚିଙ୍ଗ କରୁଛି ତାହା ଭଲ ଭାବରେ ଦେଖି ନିଅନ୍ତୁ।

## ଉଲ୍ ପୋଷାକର ଯତ୍ନ



ଏବେ ତ ଶୀତ ଦିନ ପ୍ରାୟ ଶେଷ ହୋଇଗଲାଣି। ତେଣୁ ସୁଇଟର, ଜ୍ୟାକେଟ୍ ଆଦି ଜିନିଷକୁ ସଫା କରି ରଖିଦିଅନ୍ତୁ। ଉଲ୍ ପୋଷାକକୁ ଠିକ୍ ଉପାୟରେ ପ୍ୟାକ୍ କରିବା ଜରୁରୀ। ଯାହାଦ୍ୱାରା ଆସନ୍ତା ବର୍ଷ ବ୍ୟବହାର କରିବା ସମୟରେ ତାହା ଯେପରି ଏକଦମ୍ ଫ୍ରେଶ ଲାଗିବ। ସାଧାରଣତଃ ଉଲ୍ ପୋଷାକ ଶୀତଦିନେ ତିନି ଚାରି ମାସ ବ୍ୟବହାର କରାଯାଇଥାଏ। ତା'ପରେ ଅବଶିଷ୍ଟ ମାସଗୁଡ଼ିକରେ ଏଗୁଡ଼ିକୁ ଭଲ ଭାବରେ ସାଇତି ରଖାଯାଏ। ଏଗୁଡ଼ିକୁ କିପରି ସାଇତି ରଖିବେ ସେ ସମ୍ପର୍କରେ କେତୋଟି ଟିପ୍ସ...

**ସଫା କରି ରଖନ୍ତୁ**

ଉଲେନ୍ କ୍ଲଥ୍‌କୁ କେବେ ବି ସଫା ନ କରି ରଖନ୍ତୁ ନାହିଁ। ପ୍ରଥମେ କପଡ଼ାକୁ ଭଲଭାବେ ଧୋଇ ସଫା କରି ଏହାକୁ ଖରାରେ ଭଲ ଭାବରେ ଶୁଖାନ୍ତୁ। ଯଦି ବି ଆପଣ ଡ୍ରାଏ କ୍ଲିନ୍ କରୁଛନ୍ତି ତେବେ ଏହା ନିଶ୍ଚିତ ରୂପରେ ଖରାରେ ଶୁଖାଇଲା ପରେ ତାକୁ ରଖନ୍ତୁ। ଏହି ଉଲେନ୍ କପଡ଼ା ରଖିବା ପୂର୍ବରୁ ଭଲଭାବେ ଚେକ୍ କରି ନିଅନ୍ତୁ ଯେ କପଡ଼ା ଓଦା ନାହିଁ ତ, କିମ୍ବା ସଫା ନ ହୋଇ ରହିଯାଇନି ତ- ଏସବୁ ଚେକ୍ କଲା ପରେ ହିଁ ଏହାକୁ ପ୍ୟାକ୍ କରି ରଖନ୍ତୁ।

**ପେପରରେ ପ୍ୟାକ୍ କରନ୍ତୁ**

କପଡ଼ାକୁ ସିଧା ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପ୍ୟାକ୍ କରିବାଠୁ ଦୂରେଇ ରୁହନ୍ତୁ। ଏହା ବଦଳରେ ଏସବୁକୁ ପ୍ରଥମେ ପେପରରେ ଗୁଡ଼ାଇଲା ପରେ ତାକୁ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ରଖନ୍ତୁ। ଏକ ସାଥିରେ କେତେକ କପଡ଼ା ରଖିବା ସମୟରେ ମଝିରେ ମଝିରେ ପେପର ରଖିବା ପରେ ଅଲଗା ଅଲଗା ହୋଇ ରହିବ। ଏହାଦ୍ୱାରା ଫଙ୍ଗସ ପଡ଼ିବ ନାହିଁ।

**ନାପଥାଲିନ୍ ରଖନ୍ତୁ**

କପଡ଼ାକୁ ବର୍ଷକ ଯାକ ଫ୍ରେଶ ରଖିବାକୁ ହେଲେ ସେଥିରେ ନାପଥାଲିନ୍ ପକାଇ ରଖନ୍ତୁ। ଏହା ରଖିବା ଦ୍ୱାରା କପଡ଼ାରେ କେବେ ବି ବ୍ୟାକ୍ଟେରିଆ ଜନ୍ମ ହୋଇ ନ ଥାନ୍ତି। ଏହାକୁ ଧଳା ସଫା କପଡ଼ାରେ ଗୁଡ଼ାଇ କିମ୍ବା ପେପରରେ ରାପ୍ କରି ରଖିପାରିବେ।



# ଗହଣାର ଯତ୍ନ

**ନିଜକୁ ସଜେଇ ହେବାରେ ଗହଣାର ଭୂମିକା କେତେ ତାହା କହିବା ଅନାବଶ୍ୟକ। ସେଗୁଡ଼ିକ ମଧ୍ୟରେ ସୁନା, ରୁପା ସହ ହୀରା ଗହଣାର ଚାହିଦା ମଧ୍ୟ ରହିଛି । ତେବେ ସେ ସବୁକୁ ବ୍ୟବହାର କରିବା ସହ ତାହାର ଯତ୍ନ ନେବା ଦରକାର। କେବଳ ଗହଣା ଦୋକାନରେ ତାହାକୁ ସଫା କଲେ ହେବ ନାହିଁ, ଏପରି କେତୋଟି ଘରୋଇ ଉପାୟ ରହିଛି, ଯାହାକୁ ଆପଣେଇ ପାରନ୍ତି । ଜାଣନ୍ତୁ ଏ ସମ୍ପର୍କରେ...**

ଏହା ଠିକ୍ ଯେ କିଛି ଗହଣା ପୁରୁଣା ହୋଇଗଲେ ତାହା ପୁରୁଣା ପୁରୁଣା ଲାଗିଥାଏ। କାରଣ ଏସବୁ ଜିନିଷକୁ ପ୍ରତିଦିନ ପିନ୍ଧିବା ଦ୍ୱାରା ଧୂଳି, ମାଟି, ଝାଳ, ଗରମ, ଶୀତ, ବର୍ଷା ଆଦିର ପ୍ରଭାବ ମଧ୍ୟ ପଡ଼ିଥାଏ। ଯଦି ଏହା ଉପରେ ଧ୍ୟାନ ଦିଆ ନ ଯାଏ ତେବେ ଏହା ନିଜର ଚମକ ହଜାଇ ଦେଇଥାଏ। ଯଦି ସଜାଗର ସହିତ ନିଜ ଗହଣାକୁ ସଫାସୁତୁରା କରିବେ ତେବେ ଏହା ପୁଣି ଚମକିଯିବ।

**ରୁପା ଗହଣା**

ରୁପା ଧଳା ରଙ୍ଗର ହୋଇଥାଏ। ଏଥିପାଇଁ ଏହି ଜୁଏଲେରି ଉପରେ ଝାଳ, ଧୂଳି, ମାଟିର ପ୍ରଭାବ ବହୁତ ଜଲ୍‌ଦି ଦେଖାଯାଇଥାଏ। ରୁପା ଗହଣା ସୁନା ତୁଳନାରେ ଖୁବ୍ କମ୍ ସମୟରେ ଏହା ରଙ୍ଗ ହଜାଇ ଦେଇଥାଏ। ଫଳରେ ଏହା ପୁରୁଣା ଲାଗିଥାଏ। ଏମିତିରେ ରଙ୍ଗ ହଜାଇ ଦେଇଥିବା ଏହି ଗହଣାର ଚମକ ବଢ଼ାଇବାକୁ ହେଲେ କେତୋଟି ଟିପ୍ସ ଆପଣାନ୍ତୁ..

- ଦୁଇ ଚାମଚ ବେକିଂ ସୋଡ଼ା ଓ ଅଧା କପ ସିର୍‌କାକୁ ଅତି କମ୍‌ରେ ଦୁଇଘଣ୍ଟା ଲାଗି ସିଲ୍‌ଭର ଜୁଏଲେରିକୁ ବୁଡ଼ାଇ ରଖନ୍ତୁ। ଦୁଇ ଘଣ୍ଟା ପରେ ଏହାକୁ ଥଣ୍ଡା ପାଣିରେ ଭଲଭାବେ ଧୋଇ ଦିଅନ୍ତୁ। ଗହଣା ପୁଣି ଚମକି ଉଠିବ।
- ରୁପା ଗହଣାକୁ ଖଟା ଦହି ସାହାଯ୍ୟରେ ଚମକା ଯାଇପାରିବ। ଖଟା ଦହିରେ ରୁପା ଗହଣାକୁ କିଛି ସମୟ ଲାଗି ବୁଡ଼ାଇ ରଖିଦିଅନ୍ତୁ। ଦେଖିବେ ଏହି ଗହଣାରେ ଲାଗିଥିବା ମଳି ସବୁ ଛାଡ଼ି ସଫା ଦେଖାଯିବ।
- ରୁପା ଗହଣାକୁ ଆଳୁ ସିଝା ହୋଇଥିବା ପାଣିରେ ଯଦି କିଛି ସମୟ ରଖିବା ପରେ ତାହାକୁ ହାଲୁକା ବ୍ରଶ ସାହାଯ୍ୟରେ ସଫା କରନ୍ତୁ ଦେଖିବେ ସବୁ ଅପରିଷ୍କାର ବାହାରି ଯାଇ ଆପଣଙ୍କ ଗହଣା ସଫା ଦେଖାଯିବ।
- ଏହାକୁ ମଧ୍ୟ ଡିଟରଜେଣ୍ଟରେ ସଫା କରାଯାଇପାରିବ। ଏକ ପାତ୍ର ନିଅନ୍ତୁ, ସେଥିରେ କିଛି ଡିଟରଜେଣ୍ଟ ନେଇ ତା' ମଧ୍ୟରେ ଗରମ ପାଣି ପକାଇ ଏହାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଦେଖିବେ ଏହି ଗହଣା କିପରି ଚମକି ଉଠୁଛି।
- ଟୁଥ୍‌ପେଷ୍ଟ ସାହାଯ୍ୟରେ ମଧ୍ୟ ରୁପା ଗହଣାକୁ ସଫା କରାଯାଇପାରିବ। ଜୁଏଲେରିରେ ପେଷ୍ଟ ଲଗାଇ ଏହାକୁ ଗରମ ପାଣିରେ ଅଧଘଣ୍ଟା ରଖନ୍ତୁ। ପରେ ଏହାକୁ ବ୍ରଶ ସାହାଯ୍ୟରେ ସଫା କରନ୍ତୁ।
- ରିଠା ପାଣିରେ ଭିଜାଇ ରୁପା ବାସନକୁ ସଫା କଲେ ତାହା ମଧ୍ୟ ଚମକି ଉଠିଥାଏ।



### ସୁନା ଗହଣା

**ସୁନା ଗହଣାକୁ ସଫା କରିବାକୁ ହେଲେ ଆପଣ ନିମ୍ନୋକ୍ତ ସରଳ ଉପାୟ ଆପଣାଇପାରିବେ..**

- ଏକ ବଡ଼ ପାତ୍ରରେ ଅଧା କପ ସିର୍‌କା ପକାନ୍ତୁ, ସେଥିରେ ଦୁଇ ଚାମଚ ବେକିଂ ସୋଡ଼ା ମିଶାନ୍ତୁ ଏବଂ ଏହି ମିଶ୍ରଣରେ ଆପଣ ସୁନା ଗହଣାକୁ ଦୁଇ ତିନିଘଣ୍ଟା ଲାଗି ବୁଡ଼ାଇ ରଖନ୍ତୁ। ତିନିଘଣ୍ଟା ପରେ ଏହାକୁ କାଢ଼ି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ପୁଣି ଶୁଖିଲା ମୁଲାୟମ୍ କପଡ଼ା ସାହାଯ୍ୟରେ ହାଲୁକା ହାତରେ ଏହାକୁ ଭଲଭାବେ ପୋଛି ସଫା କରନ୍ତୁ।
- ଏହାକୁ ମଧ୍ୟ ଗରମ ପାଣିରେ ରିଠା ପକାଇ ସଫା କରିପାରିବେ। ଯାହାଦ୍ୱାରା ଆପଣଙ୍କ ସୁନା ଗହଣା ଚମକିବ।
- ଗରମ ପାଣିରେ ଭଲ କ୍ୱାଲିଟିର ଡିଟରଜେଣ୍ଟ ଏବଂ ଏକ ଚାମଚ ଆମୋନିଆ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏଥିରେ ସୁନା ଗହଣାକୁ କିଛି ସମୟ ପକାଇ ରଖି ଦିଅନ୍ତୁ। ପୁଣି ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏଥିରୁ ହଜିଯାଇଥିବା ଚମକ ପୁଣି ଫେରି ଆସିବ।
- ସୁନାର ଚମକ ପାଇବାକୁ ହେଲେ ଅଳ୍ପ ପାଣିରେ ଏକ ଚାମଚ ହଳଦୀ ପକାଇ ଏହାକୁ ଫୁଟାଇ ଦିଅନ୍ତୁ। ପୁଣି ଏହି ଫୁଟିଥିବା ପାଣିରେ ଗହଣାକୁ ରାତିସାରା ରଖି ଦିଅନ୍ତୁ। ତା' ପରଦିନ ତାକୁ ସଫ୍ଟ ବ୍ରଶ୍ ସାହାଯ୍ୟରେ ରଗଡ଼ି ସଫା କରନ୍ତୁ। ଦେଖିବେ କିପରି ଗହଣା ଚମକି ଉଠୁଛି।

**ନୂଆ ଭଳି ଦେଖାଯିବ ଗୋଲଡେନ୍ ଜୁଏଲେରି**

**ଡାଇମଣ୍ଡ-ପର୍ଲ ଗହଣା**

ଗରମ ପାଣିରେ ଅଳ୍ପ ଶାମ୍ପୁ ପକାଇ ଏକ ମୁଲାୟମ୍ ବ୍ରଶ୍ ସାହାଯ୍ୟରେ ଏହାକୁ ସଫା କରନ୍ତୁ। କିନ୍ତୁ ଏହି ଘୋଳରେ ବୁଡ଼ାଇ ରଖନ୍ତୁ ନାହିଁ। ସାଦା ପାଣିରେ ଧୁଅନ୍ତୁ। କେବଳ ପାଣିରେ ଧୋଇବା କାରଣରୁ ଏଥିରେ ଦାଗ ପଡ଼ିଯାଏ। ଏହି ଘୋଳରେ ବୁଡ଼ାଇ ରଖିବା ଦ୍ୱାରା ମଧ୍ୟ ଏହାର ଚମକ କମିଯାଏ। ଏହାକୁ ଧ୍ୟାନରେ ରଖି ସେତେବେଳେ ବହୁତ ମୁଲାୟମ୍ କପଡ଼ା ସାହାଯ୍ୟରେ ସଫା କରନ୍ତୁ।

### ଏମାନେ କ'ଣ କରନ୍ତି



**ଗହଣାଗୁଡ଼ିକୁ ନିଜେ ସଫା କରେ : ଶିବାନୀ ବିଶୋଇ,** ସାଇ ବିହାର, ବମିଖାଲ, ଭୁବନେଶ୍ୱର

ମୁଁ ଯେଉଁ ଗହଣା ବ୍ୟବହାର କରେ ସେଗୁଡ଼ିକୁ ନିଜେ ସଫା କରେ। ସବୁଠାରୁ ବଡ଼ କଥା ହେଲା, ସେଗୁଡ଼ିକର ଯତ୍ନ ମଧ୍ୟ ଠିକ୍ ଭାବରେ ନେଇଥାଏ। ଏଗୁଡ଼ିକୁ ମୁଁ ବାହାରେ ସଫା କରିବାକୁ ଆଦୌ ଦିଏନା। ଗହଣା ସଫା କରିବାକୁ ହେଲେ ମୁଁ ହଳଦୀପାଣିରେ ସୁନାକୁ ଗୋଟିଏଦିନ ବୁଡ଼ାଇ ରଖେ ତା' ପରଦିନ ସଫ୍ଟ ବ୍ରଶ୍ ସାହାଯ୍ୟରେ ସଫା କରିଥାଏ।



**ଘରୋଇ ଉପାୟ ଅନୁସରଣ କରେ : ଅରୁପମା ସାହୁ,** ଗୋପାଳସାହି, ରାଣୀହାଟ, କଟକ

ଆମେ ଯେଉଁ ସୁନାଗହଣା ପିନ୍ଧୁ ତାହା ଦୀର୍ଘ ଦିନ ବ୍ୟବହାର ପରେ ମଳିନ ପଡ଼ିଯାଏ। ସେଗଡ଼ିକର ଠିକ୍ ଭାବରେ ଯତ୍ନ ନେବା ନିହାତି ଜରୁରୀ। ନ ହେଲେ ତାହାର ଗ୍ଲେଜ୍ କମିଯିବ ଏବଂ ପିନ୍ଧିଲେ ଆକର୍ଷଣୀୟ ଦେଖାଯିବନି। ତେଣୁ ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସଫା କରିଥାଏ। ମୁଁ ବ୍ୟବହାର କରୁଥିବା ଗହଣାଗୁଡ଼ିକ ମଳିନ ପଡ଼ିଗଲେ ତାହାକୁ ସାଙ୍ଗେ ସାଙ୍ଗେ ସଫା କରିଥାଏ। ମୋ ରୁପା ଗହଣାକୁ ତେନ୍ତୁଳି ରସରେ ସଫା କରିଥାଏ। ତେନ୍ତୁଳିକୁ କିଛି ସମୟ ପାଣିରେ ଭିଜାଇ ଦିଅନ୍ତୁ। ଏହି ତେନ୍ତୁଳି ଯେତେବେଳେ ଭିଜିଯିବ ତାକୁ ଚିପୁଡ଼ି ତା'ର ରସ ବାହାର କରି ଦିଅନ୍ତୁ। ଏହାପରେ ସେଥିରେ ରୁପା ଗହଣାଗୁଡ଼ିକୁ ପକାଇ ଦିଅନ୍ତୁ। କିଛି ସମୟ ରଖିବା ପରେ ତାକୁ ବ୍ରଶ ସାହାଯ୍ୟରେ ସଫା କରନ୍ତୁ ଦେଖିବେ ରୁପା ଗହଣା କିପରି ଚକ୍‌ଚକ୍ କରୁଛି।



ସୌନ୍ଦର୍ଯ୍ୟ

# ସୁନ୍ଦର ଦେଖାଯିବା ଲାଗି..



**କେବଳ ମେକଅପ୍ ନେବା ଦ୍ୱାରା ଜଣେ ସୁନ୍ଦର ଦେଖାଯିବ- ଏଭଳି ଧାରଣା ଭୁଲ୍ । ଏଥିପାଇଁ ସ୍କିନ୍‌ର ବେସିକ୍ କେୟାର ନେବାକୁ ପଡ଼ିଥାଏ । ଯଦି ଆପଣ ସୁନ୍ଦର ଦେଖାଯିବାକୁ ଚାହୁଁଛନ୍ତି ତେବେ ବ୍ୟୁଟି ଡେଲି ପ୍ଲାନର ପ୍ରସ୍ତୁତ କରନ୍ତୁ । ଏମିତି କିଛି ଟିପ୍ସ ନିମ୍ନରେ ଦିଆଯାଉଛି, ଯାହାକୁ ନିଜେ ଆପଣାଇ ପାରିବେ...**

- ଆପଣ ସ୍କିନ୍‌କୁ ସବୁବେଳେ ନାଚୁରାଲ ଉପାୟରେ ଫେସିଆଲ୍ କରନ୍ତୁ।
- କିଛି ନୂଆ ପ୍ରଡକ୍ଟ ଆସିଲାମାତ୍ରେ ତାକୁ ଆପଣାଇ ଆଗରୁ ଲଗାଉଥିବା ସାମଗ୍ରୀକୁ ଛାଡ଼ି ଦିଅନ୍ତୁ ନାହିଁ। ଏପରି କରିବା ଦ୍ୱାରା ସ୍କିନ୍ ଖରାପ୍ ହେବାର ଆଶଙ୍କା ରହିଛି। ଆପଣଙ୍କର ଏହି ଅଭ୍ୟାସ ସ୍କିନ୍ ଉପରେ ଖରାପ୍ ପ୍ରଭାବ ପକାଇପାରେ। କୌଣସି ଏକ ପ୍ରଡକ୍ଟ ବ୍ୟବହାର କରିବା ପୂର୍ବରୁ ତାକୁ କିଛି ଦିନ ବ୍ୟବହାର କରିବା ପରେ ଏହା ଡିସାଇଡ୍ କରନ୍ତୁ ଯେ ଏହି କ୍ରିମକୁ ଲଗାଇବେ ନା ପୂର୍ବରୁ ଯେଉଁ ପ୍ରଡକ୍ଟ ବ୍ୟବହାର କରୁଥିଲେ ତାକୁ କରିବେ ତାହା ଜାଣିଲା ପରେ ତାକୁ ମୁହଁରେ ବ୍ୟବହାର କରନ୍ତୁ।
- ବାହାରକୁ ଯିବା ସମୟରେ ଏସ୍‌ପିଏଫ୍ ସନ୍‌ସ୍କ୍ରିନ୍ ଲୋଶନ୍ ବ୍ୟବହାର କରନ୍ତୁ। ଏହାକୁ ପ୍ରତିଦିନ ଲଗାଇବା ଆବଶ୍ୟକ। କାହିଁକି ନା ବାୟୁମଣ୍ଡଳରେ ଉପସ୍ଥିତ ଅଲଟ୍ରା ଭାଓଲେଟ୍ କିରଣ ତ୍ୱଚାକୁ ଖରାପ କରିଥାଏ। ଏଥିପାଇଁ ତ୍ୱଚାରେ ଅସମୟରେ ଝୁରିଆଁ, ଡ୍ରାଏନେସ୍ ଆଦି ଦେଖାଯାଇଥାଏ। ଏଥିପାଇଁ ଘରୁ ବାହାରକୁ ବାହାରିଲେ ସବୁବେଳେ ସନ୍‌ସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।
- ତ୍ୱଚାକୁ ସୁନ୍ଦର କରିବାକୁ ହେଲେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ଏହାଦ୍ୱାରା ତ୍ୱଚା ହାଇଡ୍ରେଟ୍ ହୋଇଥାଏ। ସୁନ୍ଦର ତ୍ୱଚା ପାଇବାକୁ ହେଲେ ଦିନକୁ ୮-୧୦ ଗ୍ଲାସ ପାଣି ପିଅନ୍ତୁ। ଏହାଦ୍ୱାରା ତ୍ୱଚାରେ ପ୍ରାକୃତିକ ଚମକ ବଢ଼ିଥାଏ।
- ଆମେ ଗୋଟିଏ ଦିନରେ ୧୦,୦୦୦ରୁ ଅଧିକ ପାଦ ଚାଲିଥାଉ। ଏହାର କ୍ଷତି ଆମ ପାଦକୁ ହୋଇଥାଏ। ବଜାରରେ ଏପରି କ୍ରିମ୍ ମିଳୁଛି ଯାହା ପ୍ରଭାବୀ କାମ କରିଥାଏ। ଏହା ଡ୍ରାଏସ୍କିନ୍ ଫଟା ଗୋଇଠିକୁ ସୁରକ୍ଷା ଦେଇଥାଏ। ଯଦି ସମ୍ଭବ ହୁଏ ମାସରେ ଥରେ ପେଡିକିୟୋର କରାଇ ଦିଅନ୍ତୁ।
- ସ୍କିନ୍‌ର ଟାଇଟ୍ ପଣ ବଜାୟ ରଖିବାକୁ ହେଲେ ତାକୁ ମଶ୍ଚରାଇଜ୍ ରଖିବା ବହୁତ ଜରୁରୀ। ଏଥିରୁ ନିଜକୁ ରକ୍ଷା କରିବାକୁ ହେଲେ ପ୍ରତିଦିନ ରାତିରେ ନାଇଟ୍‌କ୍ରିମ୍ ହାଲୁକା ହାତରେ ନେଇ ମୁହଁରେ ମସାଜ୍ କରନ୍ତୁ। ଆପଣ ଯେତେ ଥକି ପଡ଼ି ଥାଆନ୍ତୁ ନା କାହିଁକି ଶୋଇବା ପୂର୍ବରୁ ମେକଅପ୍ କାଢ଼ି ଶୁଅନ୍ତୁ। ମେକଅପ୍ ବ୍ରଶ ଏବଂ ପାନିଆ ସବୁବେଳେ ସଫା ରଖନ୍ତୁ।

ଖାଦ୍ୟରୁଚି

# ସୁଜି ଢୋକଳା



**ଆବଶ୍ୟକ ସାମଗ୍ରୀ:** ୪୦୦ଗ୍ରାମ୍ ସୁଜି, ୨୦୦ଗ୍ରାମ୍ ଦହି, ଲୁଣ ଅଧା ଚାମଚ, ଚିନି ଏକ ଚାମଚ, କଳାସୋରିଷ ଏବଂ ଧଳା ସୋରିଷ, ଶୁଖିଲାଲଙ୍କା, ଦୁଇ ଚାମଚ ତେଲ।

**ପ୍ରସ୍ତୁତି ପ୍ରଣାଳୀ**

ଏବେ ସୁଜି, ଦହି, ଲୁଣ, ଚିନି ଏବଂ ଆବଶ୍ୟକ ମୁତାବକ ତେଲ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣରେ ଇନୋ କିମ୍ବା ବେକିଂ ସୋଡା ପକାଇ ଭଲଭାବେ ମିକ୍ସ କରି ତାକୁ କିଛି ସମୟ ପାଇଁ ଘୋଡ଼ାଇ ରଖନ୍ତୁ। ଏବେ ପ୍ରେସରକୁକର ନେଇ ସେଥିରେ ତେଲ ପକାନ୍ତୁ। ଏହି ତେଲକୁ ଭଲଭାବେ ଚାରିଆଡ଼େ ଲଗାଇ ଦିଅନ୍ତୁ। ଏବେ ଏହି ତେଲ ଉପରେ ବେଟରକୁ ପକାନ୍ତୁ। ଏହାକୁ କିଛି ସମୟ ସିମ୍‌ରେ ବସାଇ ପ୍ରେସର ଢାଙ୍କୁଣିରୁ ସିଟି କାଢ଼ି ଦିଅନ୍ତୁ । ଏହା କିଛି ସମୟ ରହିଲା ପରେ ମଝିରେ ଛୁରି କିମ୍ବା ଚାମଚ୍ ସାହାଯ୍ୟରେ ପରୀକ୍ଷା କରନ୍ତୁ ଏହା ହେଲା କି ନାହିଁ। ଯଦି ଛୁରିରେ ବେଟର ନ ଲାଗିଲା ତେବେ ଆପଣ ଜାଣିବେ ଯେ ଏହା ହୋଇଯାଇଛି। ଢୋକଲା ଛୁଙ୍କ ଦେବାକୁ ହେଲେ ପ୍ରଥମେ ଏକ କଡ଼େଇ ବସାନ୍ତୁ। କଡ଼େଇ ତାତିଲା ପରେ ସେଥିରେ ତେଲ ପକାନ୍ତୁ, ଏବେ ଏହି ତେଲରେ ହେଙ୍ଗୁ ପକାଇଲା ପରେ ସେଥିରେ କଳା ସୋରିଷ ଏବଂ ପରେ ଧଳା ସୋରିଷ ପକାନ୍ତୁ। ପୁଣି ସେଥିରେ ଭୃସଙ୍ଗପତ୍ର ପକାନ୍ତୁ। ଏବେ ସେଥିରେ ଶୁଖିଲା ଲଙ୍କା ପକାନ୍ତୁ। ଏବେ ଆପଣଙ୍କ ଢୋକଲା ପ୍ରସ୍ତୁତ। ଏହାକୁ ଆପଣ ଗ୍ରିନ୍‌ଚଟଣୀ ସହ ଖାଇପାରିବେ।




# ରାଞ୍ଚି ଟେଷ୍ଟରେ ବୁମ୍‌ରାଙ୍କୁ ବିଶ୍ରାମ, ଫେରିବେ ରାହୁଲ

ରାଜକୋଟ,୧୯।୨(ପି.ଟି.)

ରାଞ୍ଚିରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବାକୁ ଥିବା ବେଳେ ଫିଟ୍ ହୋଇଥିବା ଲୋକେଶ ରାହୁଲ ପ୍ରତ୍ୟାବର୍ତ୍ତନ କରିବେ। ଫେବୃଆରୀ ୨୩ ତାରିଖରେ ଚତୁର୍ଥ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଚଳିତ ସିରିଜରେ ସର୍ବାଧିକ ଉଇକେଟ ହାସଲକାରୀ ରହିଥିବା ବୁମ୍‌ରାଙ୍କୁ ବିଶ୍ରାମ ଦେବା ପାଇଁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି। ୩ ଟେଷ୍ଟରେ ୧୭ ଉଇକେଟ ନେଇ ସାରିଥିବା ବୁମ୍‌ରା ଅଦ୍ୟାବଧି ୮୦.୫ ଓଭର ବୋଲିଂ କରିଛନ୍ତି। ୱାର୍କଲୋଡ୍ ମ୍ୟାନେଜମେଣ୍ଟକୁ ଦୃଷ୍ଟିରେ ରଖି ତାଙ୍କୁ ବିଶ୍ରାମ ଦେବାକୁ ସ୍ଥିର କରାଯାଇଛି। ପୂର୍ବରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ମହମ୍ମଦ ସିରାଜଙ୍କୁ ମଧ୍ୟ ବିଶ୍ରାମ ଦେଇଥିଲା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ଅନ୍ୟପକ୍ଷରେ ଜଙ୍ଘରେ ଆଘାତ କାରଣରୁ ବାଦ ପଡିଥିବା ଲୋକେଶ ରାହୁଲ ୯୦ ପ୍ରତିଶତ ଫିଟ ହୋଇ ସାରିଲେଣି। ସେ ମ୍ୟାଚ୍ ଫିଟ୍ ହେବା ପରେ ତାଙ୍କୁ ଦଳରେ ସାମିଲ କରାଯିବ ବୋଲି ଜଣାପଡିଛି। ହାଇଦ୍ରାବାଦ ଟେଷ୍ଟରେ ଟପ୍ ସ୍କୋରର ରହିଥିବା ରାହୁଲ ପରବର୍ତ୍ତୀ ଦୁଇ ଟେଷ୍ଟରୁ ବାଦ ପଡିଥିଲେ।

ଭାରତ ତୀର୍ଥ ସାଥୀ ପ୍ୟାକେଜ୍ ଟୁର୍

ପରିଚାଳକ: ରାମଚନ୍ଦ୍ର ପଣ୍ଡା, ଯାଜପୁର, ମୋ- ୯୪୩୭୭୫୩୫୮୮ / ୯୬୯୨୫୭୪୯୬୨

୧ମ ଯାତ୍ରା ତା୧୨।୦୪।୨୦୨୪ରୁ ୧୭।୦୪।୨୪ରିଖ ବାବା ବୈଦ୍ୟନାଥ ଧାମ, ଦେଓଘର, ନୌଲାଖା ମନ୍ଦିର, ତ୍ରିକୁଟ ପାହାଡ଼, ଏଠାରୁ କଲିକତା ହୋଇ ନଦୀୟା ନବଦ୍ୱୀପ ଧାମ ଦର୍ଶନ କରି ତା୧୭।୦୪।୨୪ରିଖ ପୁରୀ ପ୍ରତ୍ୟାବର୍ତ୍ତନ। ଟିକେଟ୍‌ର ମୂଲ୍ୟ ତ୍ରିତଳ ଶୟନଯାନ ରେଳଭଡ଼ା, ଦୁଇବେଳା ଖାଦ୍ୟ, ଧର୍ମଶାଳା ରହଣି, ଯାନବାହନ ଖର୍ଚ୍ଚ ସହ ଜଣ ପ୍ରତି ଟ.୭,୫୦୦/- ।

୨ୟ ଯାତ୍ରା ତା୧୫।୪।୨୦୨୪ରିଖ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ (ବିମାନ ଯାତ୍ରା) ୪ ରାତି ୫ ଦିନ ରହଣି, ଟିକେଟ୍‌ର ମୂଲ୍ୟ ବିମାନ ଭଡ଼ା, ଦର୍ଶନୀୟ ସ୍ଥାନ ପାଇଁ ପାଣି ଜାହାଜ ଯାତ୍ରା, ସକାଳ ଜଳଖିଆ ଚାହା, ଦୁଇବେଳା ଆମିଷ ନିରାମିଷ ଖାଦ୍ୟ, ହୋଟେଲ ରହଣି ସହ ଜଣ ପ୍ରତି ଟ.୪୦,୫୦୦/- ।

୩ୟ ଯାତ୍ରା ତା୦୭।୦୫।୨୦୨୪ରିଖ (ପୂର୍ବଭାରତ ଓ ନେପାଳ) – ଦାର୍ଜିଲିଂ, ଗ୍ୟାଙ୍ଗଟକ୍ (ସିକିମ୍), ବାବାଧାମ୍, ଚାଙ୍ଗୁଲେକ୍, ଚମରୀ ଗାଈ, କାଠମାଣ୍ଡୁ, ଜନକପୁର, ବାବା ପଶୁପତିନାଥ, ପୋଖରା, ଗୌହାଟୀ, କାମାକ୍ଷା, ସିଲଂ-ଚେରାପୁଞ୍ଜି ହୋଇ ତା୨୦।୦୫।୨୦୨୪ରିଖରେ ପୁରୀ ଫେରିବେ। ଟିକେଟର ମୂଲ୍ୟ ତ୍ରିତଳ ଶୟନ ଯାନ ରେଳଭଡ଼ା, ଦୁଇବେଳା ଖାଦ୍ୟ, ଲଜିଂ ରହଣି, ଦର୍ଶନୀୟ ସ୍ଥାନ, ଯାନବାହନ ଖର୍ଚ୍ଚ ସହ ଜଣ ପ୍ରତି ଟ.୨୫,୫୦୦/- ।

ଯୋଗାଯୋଗ: ଭୁବନେଶ୍ୱର - ୯୭୭୮୮୯୬୫୪୦, କଟକ - ୯୪୩୭୪୪୯୮୩୮, ଖୋର୍ଦ୍ଧା - ୯୯୩୭୨୭୫୨୫୮, ଚଉଦ୍ୱାର - ୬୩୭୦୨୫୨୮୧୧, ଢେଙ୍କାନାଳ - ୯୩୩୭୧୬୩୫୫୧, ବାଲେଶ୍ୱର - ୯୮୬୧୦୭୫୩୨୮, ସମ୍ବଲପୁର - ୯୭୭୭୪୭୨୪୪୧।

ବି.ଦ୍ର. - ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଉପରଲିଖିତ ପରିଚାଳକଙ୍କୁ ଫୋନ୍ କରନ୍ତୁ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ